# ଧରିତ୍ରୀ
DHARITRI

ବାଲେଶ୍ୱର, ଗୁରୁବାର, ଡିସେମ୍ବର ୧୦/୨୦୨୦ (୧୬ ପୃଷ୍ଠା) | Balasore, Thursday, December 10/2020 | ★★★★

୪୭ଶ ଭାଗ ୧୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-



Presenting

SONET

WILD BY DESIGN

| 1.5*l* CRDi Diesel Engine with 6 Speed Advance AT | Smart Pure Air Purifier with Virus Protection | 26.03 cm (10.25") Advanced HD Touchscreen Navigation | BOSE Premium 7-Speaker Sound System |
|---|---|---|---|
| First-in-segment | First-in-world | First-in-segment | First-in-segment |




Price starting at ₹6.71 Lakh#

Visit: www.kia.com/in  Book Kia Sonet | Call 1800 108 5000 | Contact your nearest Kia Dealership now

The aggressive stance and muscular build of the Sonet are complemented by an array of segment-first features, state-of-the-art connectivity, classy interiors and much more. So, ruling the urban streets comes to it naturally. It's thrilling and it's here.

First-in-segment




**1.5*l* CRDi Diesel Engine with 6 Speed Advance AT** that offers the power of diesel in advanced automatic

First-in-world




**Smart Pure Air Purifier with Virus Protection** ensures you breathe the cleanest of air inside

First-in-segment



**26.03 cm (10.25") Advanced HD Touchscreen Navigation** for amazing connectivity & entertainment

First-in-segment



**BOSE Premium 7-Speaker Sound System with LED Sound Mood Light** for an immersive experience

First-in-segment



**Ventilated Front Seats** cool you down in hot & humid conditions

Best-in-segment




**UVO** with 57 smart, connected features, like OTA map updates & AI Voice Command

**Host of other new features:** New-age Transmission - iMT (Intelligent Manual Transmission) | Largest 392*l* Boot Space** | Front and Rear Parking Sensors | Six Airbags with ESC, HAC, ESS, ACN & VSM | Kia Signature Tiger Nose Grille | Crown Jewel LED Headlamps with Heartbeat LED DRLs | Heartbeat LED Tail Lamps | Electric Sunroof | Sportier Dual Muffler Design | 10.7 cm (4.2") Advanced Color Instrument Cluster | Multi-drive Modes & Traction Control | Wireless Smartphone Charger with Cooling Function | R16-40.64 cm (16") Premium Crystal Cut Alloys | Highline Tyre Pressure Monitor | MT & AT Remote Engine Start | Driving Rear View Monitor | Electric Folding Outside Mirrors | Smart Key with Push Button Start | Red Front Brake Calipers

**Close to you, no matter where you are.**
Kia has a nationwide network of dealerships and service centres to ensure ready spare parts and service availability for complete peace of mind.

| 160 | 265 | 206 | 192 |
|---|---|---|---|
| City Coverage | Consumer Touchpoints | Sales Points | Service Points |

KIA Service Promise to Care
Connected • Adaptive • Responsive • Engage

• Nationwide Kia Care network with easy availability of Genuine Spare Parts • 3 Years Warranty for Unlimited Kms & up to 5th Year optional Extended Warranty • 3 Years 24/7 Roadside Assistance • Kia Link service support app & IoT based workshops with Live Vehicle Tracking for digital experience • Scratch Care program for one-time free repair* • My Convenience, the most unique customised maintenance program*

**For more information contact: 1800 108 5000 | kiacare@kiamotorsindia.in**

@KiaMotorsIN  @KiaMotorsIN  Kia Motors India  @KiaMotorsIN

Scan to discover more

#Ex-showroom all India (except Kerala). *T&C Apply. The product shown is for representation purpose only, actual features, colors and specifications as shown may not be part of standard fitment and may vary. Visit your nearest Kia dealership for more details. **VDA method. Visit your nearest Kia dealership for more details. UVO functionality is dependent on mobile network strength. Smartwatch and mobile phone are not provided with the vehicle. Kia Motors India Pvt. Ltd. reserves the right to make any changes with respect to the trims, colors, specifications and other details of any model as mentioned or to discontinue any model or to modify/discontinue any service without prior notice. Kia urges you to follow traffic rules, these are meant to keep you safe on roads. No liability accepted for errors and printing errors.

INNOCEAN-113/20

KIA
The Power to Surprise

FOR INFORMATION CONTACT: **BHUBANESWAR:** CONSORTIUM MOTORS PRIVATE LIMITED, PH: 7064111999 **SAMBALPUR:** CONSORTIUM MOTORS PRIVATE LIMITED, PH: 7064111999 **ANGUL:** CONSORTIUM MOTORS PRIVATE LIMITED, PH: 7064111999

## ୩ ଆତଙ୍କବାଦୀ ନିହତ

ଜମ୍ମୁ-କଶ୍ମୀରର ପୁଲ୍‌ୱାମା ଟିକେନ ଅଞ୍ଚଳରେ ବୁଧବାର ସୁରକ୍ଷାକର୍ମୀ ଓ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ଏଥିରେ ୩ ଆତଙ୍କବାଦୀ ନିହତ ହୋଇଛନ୍ତି। ଅଧିକ ଆତଙ୍କବାଦୀଙ୍କ ଉପସ୍ଥିତି ନେଇ ପୁଲୱାମା ଜିଲାରେ ସର୍ଚ୍ଚ ଅପରେଶନ ଜାରି ଥିବା ସୂଚନା ଦିଆଯାଇଛି। ସମ୍ପୃକ୍ତ ଅଞ୍ଚଳରେ ଆତଙ୍କବାଦୀଙ୍କ ଉପସ୍ଥିତି ନେଇ ସୂଚନା ମିଳିବା ପରେ ସିକ୍ୟୁରିଟି ଫୋର୍ସ ପକ୍ଷରୁ ସର୍ଚ୍ଚ ଅପରେଶନ ଆରମ୍ଭ ହୋଇଥିଲା।

## କର୍ଣ୍ଣନଙ୍କୁ କରୋନା


ସି. ଏସ୍ କର୍ଣ୍ଣନ

**ଚେନ୍ନାଇ, ୯।୧୨:** ମହିଳା ବିଚାରପତି ଓ ବିଚାରପତିଙ୍କ ସ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆପତ୍ତିଜନକ ମନ୍ତବ୍ୟ ଦେଇ ଗିରଫ ହୋଇଥିବା ମାଡ୍ରାସ ଓ କୋଲକତା ହାଇକୋର୍ଟର ପୂର୍ବତନ ବିଚାରପତି ସି. ଏସ୍ କର୍ଣ୍ଣନ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ଅସୁସ୍ଥତା ଅନୁଭବ କରିବାକୁ ମଙ୍ଗଳବାର ସନ୍ଧ୍ୟାରେ ତାଙ୍କୁ ଷ୍ଟେନଲେ ମେଡିକାଲକୁ ନିଆଯାଇଥିଲା। ସେଠାରେ ଆର୍‌ଟି-ପିସିଆର୍ ଟେଷ୍ଟ କରାଯିବାପରେ ତାଙ୍କ ରିପୋର୍ଟ ପଜିଟିଭ୍ ଆସିଛି। କର୍ଣ୍ଣନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ମେଡିକାଲ କଲେଜର ଡିନ୍ ପି. ବାଲାଜୀ ସୂଚନା ଦେଇଛନ୍ତି। ତେବେ ସପ୍ତାହେ ପୂର୍ବରୁ ତାଙ୍କ କରୋନା ଟେଷ୍ଟ କରାଯାଇଥିଲେ ହେଁ ରିପୋର୍ଟ ନେଗେଟିଭ ଥିବା ବାଲାଜୀ କହିଛନ୍ତି।

## ୧୦୦ ଦିନରେ ୧୦ କୋଟିଙ୍କୁ ଟିକା


ରାଷ୍ଟ୍ରପତି ଜୋ ବାଇଡେନ୍

**ୱାଶିଂଟନ୍, ୯।୧୨:** ଆମେରିକାରେ କୋଭିଡ୍-୧୯ ସଂକ୍ରମଣ ରୋକିବା ପାଇଁ ଜରୁରିକାଳୀନ ଭିତ୍ତିରେ ଟିକାକରଣ କରାଯିବ ବୋଲି କହିଛନ୍ତି ନବନିର୍ବାଚିତ ରାଷ୍ଟ୍ରପତି ଜୋ ବାଇଡେନ୍। ଶାସନକୁ ଆସିବାରେ ୧୦୦ ଦିନ ମଧ୍ୟରେ ୧୦ କୋଟି ଲୋକଙ୍କ ଟିକାକରଣ କରାଯିବ ବୋଲି ବାଇଡେନ ସ୍ଥିର କରିଛନ୍ତି। ଟିକାକରଣ ପରେ ସମସ୍ତ ଶିକ୍ଷାନୁଷ୍ଠାନ ଖୋଲାଯିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ଏପରିକି ବାଇଡେନ୍ ଟ୍ରମ୍ପ ପ୍ରଶାସନକୁ 'ଫାଇଜର' ଓ 'ମଡର୍ନା' ସହ ହୋଇଥିବା ଚୁକ୍ତି ମୁତାବକ ଟିକା କିଣିବାକୁ ପରାମର୍ଶ ଦେଇଥିବା ଜଣାପଡିଛି। ଉନ୍ନତ ସ୍ୱାସ୍ଥ୍ୟସେବା ପ୍ରଦାନ ସହ ଅର୍ଥନୀତିର ପ୍ରଗତି ପାଇଁ ତାଙ୍କ ସରକାର କାମ କରିବ ବୋଲି ଆମେରିକାବାସୀଙ୍କୁ ସେ ଭରସା ଦେଇଛନ୍ତି। ତାଙ୍କ ସରକାର ଆରମ୍ଭ ହେବାର ଶହେ ଦିନ ପର୍ଯ୍ୟନ୍ତ ଲୋକେ ମାସ୍କ ପିନ୍ଧିବାକୁ ସେ କିଛି ଦିନ ପୂର୍ବରୁ ପରାମର୍ଶ ଦେଇଥିଲେ।

## ସଂକ୍ଷେପରେ

### ୧୧ ଦ୍ୱୀପପୁଞ୍ଜରେ ବିଛାଯିବ ଅପ୍ଟିକାଲ ଫାଇବର

**ନୂଆଦିଲ୍ଲୀ,୯।୧୨:** ଦେଶର ସବୁ ସ୍ଥାନରେ ସହଜରେ ଇଣ୍ଟରନେଟ ଆକ୍ସେସ ପାଇଁ ବୁଧବାର କେନ୍ଦ୍ର କ୍ୟାବିନେଟରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସାର୍ବଜନୀନ ୱାଇ-ଫାଇ ଆକ୍‌ସେସ ଇଣ୍ଟରଫେସ ବା ପିଏମ୍ ବାଣୀକୁ ମଞ୍ଜୁରୀ ମିଳିଛି। ଏହି ନିଷ୍ପତ୍ତି ଅନୁଯାୟୀ, ଦେଶର ବିଭିନ୍ନ ସ୍ଥାନରେ ସାର୍ବଜନୀନ ଡାଟା କେନ୍ଦ୍ର ଖୋଲାଯିବ। ଏହି ସେଣ୍ଟର ଖୋଲିବା ପାଇଁ କୌଣସି ଲାଇସେନ୍ସ ବା ଦେୟ ଦେବାକୁ ପଡିବ ନାହିଁ ବୋଲି କେନ୍ଦ୍ରମନ୍ତ୍ରୀ ରବି ଶଙ୍କର ପ୍ରସାଦ କହିଛନ୍ତି। ବିଶେଷ କରି ଉତ୍ତର ପୂର୍ବ ଭାରତରେ ବ୍ରଡବ୍ୟାଣ୍ଡ ସଂଯୋଗ ସହ ୪ଜି ସେବା ଯୋଗାଯିବା ଉପରେ କେନ୍ଦ୍ର ସରକାର ଗୁରୁତ୍ୱ ଦେଇଛନ୍ତି। ଲାକ୍ଷାଦ୍ୱୀପ ସମେତ ୧୧ ଦ୍ୱୀପପୁଞ୍ଜରେ ହାଇସ୍ପିଡ ଇଣ୍ଟରନେଟ ସେବା ସହ ଅପ୍ଟିକାଲ ଫାଇବର ନିଷ୍ପତ୍ତି ହୋଇଛି। କୋଚି ଓ ଲାକ୍ଷାଦ୍ୱୀପ ମଧ୍ୟରେ ଅପ୍ଟିକାଲ କେବଲ ସଂଯୋଗ କରାଯିବ। ଅରୁଣାଚଳ ପ୍ରଦେଶ ଓ ଆସାମର ଦୁଇଟି ଜିଲାରେ ମୋବାଇଲ କଭରେଜ ପାଇଁ କ୍ୟାବିନେଟ ୟୁଏସ୍‌ଓଏଫ୍ ଯୋଜନାକୁ ଅନୁମୋଦନ ଦେଇଛି। ୨,୩୭୪ ଗାଁରେ ଏହି ଯୋଜନାରେ ଲୋକେ ସେବା ପାଇବେ। ଏଥିସହ ଆତ୍ମନିର୍ଭର ଭାରତ ରୋଜଗାର ଯୋଜନାରେ କ୍ୟାବିନେଟ ୨୨ ହଜାର ୮୧ଶହ କୋଟି ଟଙ୍କା ଅନୁମୋଦନ କରିଛି।

### 'କେଜ୍‌ରିୱାଲ ଏବେ ବି ଗୃହବନ୍ଦୀ'



**ନୂଆଦିଲ୍ଲୀ,୯।୧୨:** ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଏବେ ମଧ ଗୃହବନ୍ଦୀ ଅଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ବାସଭବନର ମୁଖ୍ୟ ଗେଟ୍‌କୁ ବନ୍ଦ କରି ତାଙ୍କ ଗତିବିଧି ଉପରେ ଦିଲ୍ଲୀ ପୋଲିସ କଟକଣା ବଳବତ୍ତର ରଖିଛି ବୋଲି ବୁଧବାର ଶାସକ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ପକ୍ଷରୁ ଅଭିଯୋଗ କରାଯାଇଛି। ତେବେ ଏପରି ଅଭିଯୋଗକୁ ଦିଲ୍ଲୀ ପୋଲିସ ଖଣ୍ଡନ କରିଛି। ପ୍ରକାଶ ଯେ, କେଜ୍‌ରିୱାଲ ସୋମବାର ସିଙ୍ଘୁ ସୀମାକୁ ଯାଇ ଆନ୍ଦୋଳନରତ ଚାଷୀଙ୍କୁ ଭେଟିଥିଲେ। ବୁଧବାର ଭାରତ ବନ୍ଦ ବେଳେ ଏହାକୁ ନେଇ ତାଙ୍କୁ ଗୃହବନ୍ଦୀ କରାଯାଇଥିବା ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ ଅଭିଯୋଗ ଆଣିଥିଲେ।

### ଭାଜପା କର୍ମୀଙ୍କୁ ହତ୍ୟା ଅଭିଯୋଗ

**କୁଚବିହାର, ୯।୧୨:** ପଶ୍ଚିମବଙ୍ଗ ରାଜ୍ୟ କୁଚବିହାର ଜିଲାର ଏକ ସ୍କୁଲ ଘରୁ ବୁଧବାର ଜଣେ ଭାଜପା କର୍ମୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ମୃତକଙ୍କ ନାଁ ସ୍ୱପାନ ଦାସ (୩୦) ହୋଇଥିବାବେଳେ ଏକ ସିଲିଂ ଫ୍ୟାନରେ ତାଙ୍କ ମୃତଦେହ ଝୁଲୁଥିଲା ବୋଲି ପୋଲିସ କହିଛି। ତେବେ ପଶ୍ଚିମବଙ୍ଗର ଶାସକ ଦଳ ତୃଣମୂଳ କଂଗ୍ରେସ(ଟିଏମ୍‌ସି) କର୍ମୀ ସ୍ୱପାନଙ୍କୁ ହତ୍ୟା କରିଥିବା ନେଇ ଭାଜପା ଅଭିଯୋଗ କରିଛି। ଅଭିଯୋଗକୁ ଟିଏମ୍‌ସି ପକ୍ଷରୁ ଖଣ୍ଡନ କରାଯାଇଛି। ଯେକୌଣସି ଅପମୃତ୍ୟୁ ମାମଲାକୁ ଟିଏମ୍‌ସି ସହ ଯୋଡି ଭାଜପା ଶସ୍ତା ରାଜନୀତି କରୁଥିବା ଟିଏମ୍‌ସି ପକ୍ଷରୁ କୁହାଯାଇଛି।

### ପ୍ରେମିକାଙ୍କୁ ଗର୍ଭପାତ ଔଷଧ ଦେଇ ହତ୍ୟା

**ବୁଲନ୍ଦସହର, ୯।୧୨:** ଜଣେ ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ରଖିବା ଓ ସେ ଗର୍ଭବତୀ ହେବା ପରେ ତାଙ୍କୁ ଗର୍ଭପାତ ଔଷଧ ଦେଇ ହତ୍ୟା କରିବା ଅଭିଯୋଗରେ ଉତ୍ତରପ୍ରଦେଶ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ପୋଲିସ କହିଛି, ରାହୁଲ ନାମକ ଯୁବକ ବିବାହ ପ୍ରତିଶ୍ରୁତି ଦେଇ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ସେ ୫ ମାସର ଗର୍ଭବତୀ ହୋଇଥିବାବେଳେ ତାଙ୍କୁ ଜୋରଜବରଦସ୍ତ ଗର୍ଭପାତ ମେଡିସିନ ଖୁଆଇ ଦେଇଥିଲେ। ଗୁରୁତର ଅବସ୍ଥାରେ ଯୁବତୀଙ୍କୁ ମିରଟର ଏକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ମଙ୍ଗଳବାର ତାଙ୍କର ମୃତ୍ୟୁ ଘଟିଛି। ମୃତାଙ୍କ ପରିବାର ପକ୍ଷରୁ ଏ ନେଇ ଅଭିଯୋଗ ହୋଇଥିଲା। ରାହୁଲ ଅନ୍ୟତ୍ର ବିବାହ ପାଇଁ ଶୋଭାଯାତ୍ରାରେ ବାହାରୁଥିବାବେଳେ ପୋଲିସ ତାଙ୍କୁ ଉଠାଇନେଇଛି।

# ସରକାର ତୁମେ ମାନିନିଅ

ଘରଠାରୁ ମାଇଲ ମାଇଲ ଦୂରରେ ବିକ୍ଷୋଭରତ ବୃଦ୍ଧ କୃଷକମାନେ ଆନ୍ଦୋଳନରୁ ଓହରିଯିବାକୁ ମନା କରିଦେଇଛନ୍ତି। କେନ୍ଦ୍ର ସରକାର ୩ କୃଷି ଆଇନକୁ ନ ହଟାଇବା ଯାଏ ଶୀତ କାକର ସହି ଦିଲ୍ଲୀ ଓ ଏହାର ସୀମାରେ ଡେରା ପକାଇ ରହିଥିବେ ବୋଲି ସେମାନେ କଠୋର ନିଷ୍ପତ୍ତି ନେଇଛନ୍ତି। ଆନ୍ଦୋଳନକାରୀଙ୍କୁ ସେମାନଙ୍କ ପରିବାର ଲୋକେ କହିଛନ୍ତି, ଯୁଦ୍ଧ ଲଢ଼। ଜିତିବା ପରେ ହିଁ ଘରକୁ ଫେରିବ।


କେନ୍ଦ୍ରର କୃଷି ଆଇନ ପ୍ରତ୍ୟାହାର ଦାବିରେ ଗାଜିପୁର ସୀମାରେ ଆନ୍ଦୋଳନରତ ଭାରତୀୟ କିଷାନ ୟୁନିୟନର ଜଣେ ସଦସ୍ୟ।

**ନୂଆଦିଲ୍ଲୀ,୯।୧୨**

ଯୁଦ୍ଧ ଜିତିବା ପରେ ହିଁ ଘରକୁ ଫେରିବ। ତା' ପୂର୍ବରୁ କଦାପି ନୁହେଁ। ପୁଅର ଏହି କଥା ପଞ୍ଜାବର ୭୧ ବର୍ଷୀୟ କୃଷକ ଗୁର୍‌ଦେବ ସିଂଙ୍କ କାନରେ ବାରମ୍ବାର ଗୁଞ୍ଜରିତ ହେବାରେ ଲାଗିଛି। ନଭେମ୍ବର ୨୬ରେ ପୁଅ ହିଁ ସାହସ ଦେଇଥିଲା ଦିଲ୍ଲୀକୁ ଯାଇ କେନ୍ଦ୍ର ସରକାରଙ୍କ ୩ କୃଷି ଆଇନ ବିରୋଧରେ ସଂଗ୍ରାମ କରିବାକୁ। ନିକଟରେ ଆଣ୍ଠୁ ଅସ୍ତ୍ରୋପଚାର କରାଇଥିବା ଗୁର୍‌ଦେବ ସେଥିଲାଗି କେନ୍ଦ୍ର ଉଦ୍ଦେଶ୍ୟରେ ସ୍ଲୋଗାନ ଦେଉଛନ୍ତି 'ଆମର ଦାବି ପୂରଣ କର'...'ସରକାର ତୁମେ ମାନିନିଅ'।

ପଞ୍ଜାବର ଜଳନ୍ଧର ଜିଲା ସିନୁପୁର ଗ୍ରାମର ସାହସୀ ସର୍ଦ୍ଦାର ଗୁର୍‌ଦେବ ହେଉଛନ୍ତି ସିଙ୍ଘୁର ସୀମାରେ ୧୪ ଦିନ ଧରି ଜିଦ୍‌ରେ ଅଟଳ ରହିଥିବା ଶତାଧିକ ବୟୋଜ୍ୟେଷ୍ଠ କୃଷକମାନଙ୍କ ମଧ୍ୟରୁ ଅନ୍ୟତମ। ଦିନକୁ ଦିନ ଶୀତ ବଢ଼ିବାରେ ଲାଗିଥିବାବେଳେ ଶହ ଶହ ମାଇଲ ଦୂରରେ ଥିବା ପଞ୍ଜାବ ଓ ହରିୟାଣାର ଅନ୍ନଦାତା ଦାବି ପୂରଣ ନ ହେବା ଯାଏ ଘରକୁ ଫେରିବେନି ବୋଲି ଭୀଷ୍ମ ପ୍ରତିଜ୍ଞା କରିଛନ୍ତି। ଗୁର୍‌ଦେବ କହିଛନ୍ତି, ମୋର ଯାହା ମନେପଡୁଛି ଆମ ପରିବାର ପିଢ଼ି ପିଢ଼ି ଧରି ଚାଷ ଉପରେ ନିର୍ଭରଶୀଳ। ମୁଁ ଏଠାକୁ ଆମ ପୂର୍ବପୁରୁଷଙ୍କ ସମ୍ମାନ ଓ ପିଲାଛୁଆଙ୍କ ଭବିଷ୍ୟତ ପାଇଁ ଲଢ଼େଇ କରିବାକୁ ଆସିଛି। ୪ ମାସ ତଳେ ଗୁର୍‌ଦେବଙ୍କ ଦୁଇ ଆଣ୍ଠୁ ଅସ୍ତ୍ରୋପଚାର କରାଯାଇଥିଲା। ସେ ବିନା କୌଣସି ସାହାରାରେ ଚାଲିପାରୁ ନ ଥିବା ସତ୍ତ୍ୱେ ଆନ୍ଦୋଳନ ପାଇଁ ଚଟାଣ ଭଳି ଛିଡ଼ା ହୋଇଛନ୍ତି। କହିଛନ୍ତି, ଆମେ ଯେଉଁ ପ୍ରସଙ୍ଗ ନେଇ ଲଢ଼େଇ କରୁଛୁ ତା' ଆଗରେ ଏହି ଅସୁବିଧା କିଛି ନୁହେଁ। ମୋ ପୁଅ କହିଛି, ବାପା ଯୁଦ୍ଧ ଜିତିବା ପରେ ହିଁ ଫେରିବ। ଏକ ଟ୍ରାକ୍ଟର ଟ୍ରଲିରୁ ତଳକୁ ଓହ୍ଲାଇବା ପାଇଁ ତାଙ୍କୁ ଦୁଇଜଣ ବ୍ୟକ୍ତି ସହାୟତା ଦେଉଥିବାବେଳେ 'ମୁଁ ମଧ ସେହି ଯୋଜନା କରିଛି' ବୋଲି କହିଛନ୍ତି ଗୁର୍‌ଦେବ।

ଗୁର୍‌ଦେବଙ୍କ ଦୁଇଜଣ ବନ୍ଧୁ ନୁରପୁର ଗ୍ରାମର ସଜ୍ଜନ ସିଂ ଓ ପ୍ରିତମ ସିଂଙ୍କୁ ମଧ ୬୦ରୁ ଊର୍ଦ୍ଧ୍ୱ ବୟସ ହେଲାଣି। ସ୍ୱାସ୍ଥ୍ୟ ଖରାପ ଥାଇ ବି ଦୁହେଁ କେନ୍ଦ୍ରର କୃଷି ଆଇନ ପ୍ରତ୍ୟାହାର ଦାବିରେ ଅଡ଼ିବସିଛନ୍ତି। ସଜ୍ଜନଙ୍କ ହାର୍ଟ ଓ କିଡ୍‌ନୀ ଅପରେଶନ କରାଯାଇଛି। ଇତିମଧ୍ୟରେ ତାଙ୍କ ବୋହୂ ଏକ ଝିଅକୁ ଜନ୍ମ ଦେଇଛନ୍ତି। ଏହାସତ୍ତ୍ୱେ ସରକାର ଆମ ଦାବି ନ ମାନିବା ଯାଏ ଘରକୁ ଫେରିବା ପ୍ରଶ୍ନ ଉଠୁନାହିଁ ବୋଲି ସଜ୍ଜନ କହିଛନ୍ତି। ସେହିପରି ଅବସରପ୍ରାପ୍ତ ସେନା ଅଧିକାରୀ ପ୍ରିତମ ହାଇପରଟେନଶନ ରୋଗରେ ପୀଡ଼ିତ। ସେ ବି ଘରକୁ ଫେରିବାକୁ ନାରାଜ।

## କରୋନା ରୋଗୀଙ୍କ କାନ୍ଥରେ ପୋଷ୍ଟର ମନା

**ନୂଆଦିଲ୍ଲୀ,୯।୧୨(ପି.ଟି.)**



### ରାଜ୍ୟଗୁଡ଼ିକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

କୋଭିଡ୍-୧୯ ଭୂତାଣୁ ସଂକ୍ରମିତଙ୍କ କାନ୍ଥ ବାହାରେ କୌଣସି ପୋଷ୍ଟର କିମ୍ବା ଅନ୍ୟ ସଙ୍କେତ ଥିବା ଲିଫ୍‌ଲେଟ୍ ଛପାଯାଇ ପାରିବ ନାହିଁ। କେନ୍ଦ୍ର ସରକାରଙ୍କ ଗାଇଡ୍‌ଲାଇନ୍‌କୁ ନେଇ ସୁପ୍ରିମକୋର୍ଟ କର୍ତ୍ତୃପକ୍ଷମାନଙ୍କ ଉଦ୍ଦେଶ୍ୟରେ ଏପରି ନିର୍ଦ୍ଦେଶନାମା ଜାରି କରିଛନ୍ତି। ତେବେ ବିପର୍ଯ୍ୟୟ ପରିଚାଳନା ଆଇନ ଅଧୀନରେ ଅଧିକାରୀମାନେ ନିର୍ଦ୍ଦିଷ୍ଟ ଭାବେ ନିର୍ଦ୍ଦେଶାବଳୀ ଜାରି କଲେ ଏପରି ପୋଷ୍ଟର ଛପାଯାଇପାରିବ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି।

କରୋନା ସଂକ୍ରମିତଙ୍କ ଘର ବାହାରେ ପୋଷ୍ଟର ନ ଛାପିବା ପାଇଁ ନିର୍ଦ୍ଦେଶ ଦେବା ସକାଶେ ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଏର ହୋଇଥିଲା। କୋଭିଡ୍ ରୋଗୀଙ୍କ କାନ୍ଥରେ ପୋଷ୍ଟର ଛପାଯିବା ନେଇ କୌଣସି ଗାଇଡ୍‌ଲାଇନ୍ ନ ଥିବା ସତ୍ତ୍ୱେ ଛପାଯାଉଥିବାରୁ ଏଥିରୁ ନିବୃତ୍ତ ରହିବା ଉଦ୍ଦେଶ୍ୟରେ କୁଶ କଲରା ଆବେଦନ କରିଥିଲେ। ଜଷ୍ଟିସ୍ ଅଶୋକ ଭୂଷଣଙ୍କ ଅଧ୍ୟକ୍ଷତାରେ ତଥା ଆର୍.ଏସ୍. ରେଡ୍ଡୀ ଏବଂ ଏମ୍.ଆର୍. ଶାହଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ ଗତ ୩ ତାରିଖରେ ଏହାର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଥିଲେ। ଖଣ୍ଡପୀଠ ବୁଧବାର ରାୟ ପ୍ରକାଶ କରି କହିଛନ୍ତି, ଏପରି ପୋଷ୍ଟର ନ ଛାପିବା ଲାଗି କେନ୍ଦ୍ର ସରକାର ଗାଇଡ୍‌ଲାଇନ୍ ଜାରି କରିସାରିଛନ୍ତି। ତେଣୁ ରାଜ୍ୟ ଓ କେନ୍ଦ୍ରଶାସିତ ସରକାରଗୁଡ଼ିକ କୌଣସି କରୋନା ରୋଗୀଙ୍କ କାନ୍ଥରେ ପୋଷ୍ଟର ଛାପିବା ଅନୁଚିତ। ପ୍ରକାଶ ଯେ, ଏଭଳି ପୋଷ୍ଟର ଛପାଯିବାର କୌଣସି ଆବଶ୍ୟକତା ନାହିଁ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଗତ ୩ ତାରିଖରେ ସୁପ୍ରିମକୋର୍ଟରେ ଏକ ସତ୍ୟପାଠ ଦାଖଲ କରାଯାଇଥିଲା।


କୃଷି ଆଇନ ପ୍ରତ୍ୟାହାର ଦାବିରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ସ୍ମାରକପତ୍ର ଦେବା ପରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏବଂ ଏନ୍‌ସିପି ମୁଖ୍ୟ ଶରଦ ପାୱାରଙ୍କ ସହ ପ୍ରତିନିଧି ଦଳର ସଦସ୍ୟ ଗଣମାଧ୍ୟମକୁ ସମ୍ବୋଧନ କରୁଛନ୍ତି।

## 'କୃଷି ଆଇନ ଅଗଣତାନ୍ତ୍ରିକ'

**ନୂଆଦିଲ୍ଲୀ,୯।୧୨(ପି.ଟି)**

### ରାଷ୍ଟ୍ରପତିଙ୍କୁ ଭେଟିଲେ ବିରୋଧୀ

କେନ୍ଦ୍ର ସରକାରଙ୍କ ୩ କୃଷି ଆଇନ ପ୍ରତ୍ୟାହାର ଦାବିରେ ବୁଧବାର ଚାଷୀ ଆନ୍ଦୋଳନ ଚତୁର୍ଦ୍ଦଶ ଦିନରେ ପହଞ୍ଚିଥିବାବେଳେ ବିରୋଧୀ ଦଳ ନେତାମାନେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ଭେଟି ହସ୍ତକ୍ଷେପ ଲୋଡ଼ିଛନ୍ତି। ଏହି ୩ ବିବାଦୀୟ ଆଇନକୁ ସମ୍ପୂର୍ଣ୍ଣ ଭାବେ ହଟାଯାଉ ବୋଲି ସେମାନେ ଦାବି କରିଛନ୍ତି।

ଗତ ସେପ୍ଟେମ୍ବରରେ କେନ୍ଦ୍ର ସରକାର ଆଣିଥିବା ଫାର୍ମର୍ସ ପ୍ରଡ୍ୟୁସ୍ ଟ୍ରେଡ୍ ଆଣ୍ଡ କମର୍ସ (ପ୍ରୋଟେକ୍ସନ ଆଣ୍ଡ ଫାସିଲିଟି) ଆକ୍ଟ, ଫାର୍ମର୍ସ (ଏମ୍ପାୱାରମେଣ୍ଟ ଆଣ୍ଡ ପ୍ରୋଟେକ୍ସନ) ଏଗ୍ରିମେଣ୍ଟ ଅନ୍ ପ୍ରାଇସ୍ ଆସ୍ୟୁରାନ୍ସ ଆଣ୍ଡ ଫାର୍ମ ସର୍ଭିସେସ୍ ଏବଂ ଏସେନ୍ସିଆଲ କମୋଡିଟିଜ୍ (ଆମେଣ୍ଡମେଣ୍ଟ) ଆକ୍ଟ, ୨୦୨୦କୁ ନେଇ ଦେଶବ୍ୟାପୀ ଅଚଳାବସ୍ଥା ଲାଗିରହିଛି। ଏନେଇ ବିରୋଧୀ ଦଳଗୁଡ଼ିକର ୫ ଜଣ ନେତାଙ୍କୁ ନେଇ ଏକ ପ୍ରତିନିଧି ମଣ୍ଡଳୀ ରାଷ୍ଟ୍ରପତିଙ୍କୁ ରାଷ୍ଟ୍ରପତି ଭବନରେ ସାକ୍ଷାତ କରିଛନ୍ତି। ପ୍ରତିନିଧି ଦଳରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ, ଏନ୍‌ସିପି ମୁଖ୍ୟ ଶରଦ ପାୱାର, ସିପିଆଇଏମ୍ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ, ସିପିଆଇ ସାଧାରଣ ସମ୍ପାଦକ ଡି. ରାଜା ଏବଂ ଡିଏମ୍‌କେ ନେତା ଟିକେଏସ୍ ଏଲାନ୍‌ଗୋଭାନ ସାମିଲ ଥିଲେ। ସେମାନେ ରାଷ୍ଟ୍ରପତିଙ୍କୁ ଏକ ସ୍ମାରକପତ୍ର ଦେଇଥିଲେ। ସେଥିରେ ଉଲ୍ଲେଖ କରିଥିଲେ, ରାଷ୍ଟ୍ରପତି ସମ୍ବିଧାନର ରକ୍ଷକ ଭାବେ ଭାରତର ଅନ୍ନଦାତାଙ୍କ ଦାବି ପୂରଣ ନେଇ ସରକାରଙ୍କୁ ବୁଝାନ୍ତୁ। ଏକଜିଦିଆ ହେଲେ ଚଳିବ ନାହିଁ। ନୂଆ କୃଷି ଆଇନ ସଂସଦରେ ଅଗଣତାନ୍ତ୍ରିକ ଭାବେ ଗୃହୀତ ହୋଇଥିଲା। ଏଥିପାଇଁ ଆବଶ୍ୟକ ଆଲୋଚନା କିମ୍ବା ଭୋଟିଂ କରାଯାଇ ନ ଥିଲା। ଏହି ଆଇନ ଯୋଗୁ ଦେଶର ଖାଦ୍ୟ ନିରାପତ୍ତା ବିପନ୍ନ ହୋଇଛି। ଭାରତୀୟ କୃଷି ସଂସ୍କୃତି ଧ୍ୱଂସ ହୋଇଛି। ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ବ୍ୟବସ୍ଥା ଉଚ୍ଛେଦ ହେବା ସହ ଭାରତୀୟ କୃଷି ଓ ବଜାର ଘରୋଇ କର୍ପୋରେଟ ପାଖରେ ବନ୍ଧା ପଡ଼ିଥିବାରୁ ଏହାକୁ ଉଚ୍ଛେଦ କରାଯାଉ।

> ପାର୍ଲାମେଣ୍ଟରେ ଯେପରି ଭାବେ କୃଷି ଆଇନକୁ ଗୃହୀତ କରାଯାଇଛି ତାହା ଦେଶର ଚାଷୀଙ୍କ ପ୍ରତି ଏକ ଅପମାନ। ଏହାକୁ ପ୍ରତ୍ୟାହାର ନ କରିବା ଯାଏ କୃଷକ ଆନ୍ଦୋଳନ ଜାରି ରହିବ।
> **-ରାହୁଲ ଗାନ୍ଧୀ, କଂଗ୍ରେସ ନେତା**

> କୃଷି ଆଇନକୁ ହଟାଇବା ଜରୁରୀ। କାରଣ ଏହାକୁ ଅଣାଯିବା ପୂର୍ବରୁ କୌଣସି ପକ୍ଷ କିମ୍ବା ପାର୍ଲାମେଣ୍ଟର ସିଲେକ୍ଟ କମିଟି ସହ ଆଲୋଚନା କରାଯାଇ ନାହିଁ।
> **-ଶରଦ ପାୱାର, ଏନ୍‌ସିପି ମୁଖ୍ୟ**

## କର୍ନାଟକ ଆଣିଲା ଗୋହତ୍ୟା ନିରୋଧୀ ଆଇନ

**ବେଙ୍ଗାଲୁରୁ,୯।୧୨(ଆଇଏଏନ୍‌ଏସ୍)**

ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ ଓ କକ୍ଷତ୍ୟାଗ ମଧ୍ୟରେ ଭାଜପା ଶାସିତ କର୍ନାଟକ ବିଧାନସଭାରେ ବୁଧବାର ଗୋହତ୍ୟା ନିରୋଧୀ ବିଲ୍ ଗୃହୀତ ହୋଇଛି। ୟେଦୁରପ୍ପା ସରକାରଙ୍କ ପକ୍ଷରୁ ଗୃହରେ କର୍ନାଟକ ଗୋହତ୍ୟା ନିବାରଣ ଓ ଗୋରୁ ସଂରକ୍ଷଣ ବିଲ୍,୨୦୨୦ ଆଗତ କରାଯାଇଥିଲା। ହଜ୍, ୱାକଫ୍ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ପ୍ରଭୁ ଚୌହାନ ଏହି ବିଲ୍‌କୁ ଆଗତ କରିବା ମାତ୍ରେ ବିରୋଧୀ ଦଳ ନେତା ସିଦ୍ଧାରାମାୟା ଏବଂ ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍) ନେତା ଏଚ୍.କେ. କୁମାରସ୍ୱାମୀ ଗୃହର ମଧ୍ୟଭାଗକୁ ଯାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିଧେୟକକୁ ବିଜ୍‌ନେସ୍ ଆଡ୍‌ଭାଇଜରି କମିଟି ଆଗରେ ଆଲୋଚନା ପାଇଁ ଉପସ୍ଥାପନ କରା ନ ଯାଇ ଗୃହକୁ ଅଣାଯାଇଥିବାରୁ ସେମାନେ କକ୍ଷତ୍ୟାଗ କରିଥିଲେ। ସିଦ୍ଧାରାମାୟା ଏହାକୁ ଅସାମ୍ବିଧାନିକ ପଦକ୍ଷେପ ବୋଲି ସମାଲୋଚନା କରିଥିବାବେଳେ ଅଭିଯୋଗକୁ ବାଚସ୍ପତି ବିଶ୍ୱେଶ୍ୱର ହେଗ୍‌ଡେ ଖଣ୍ଡନ କରିଛନ୍ତି।

## ଫାର୍ମା କମ୍ପାନୀ ବୁଲିଲେ ୬୦ ରାଷ୍ଟ୍ରଦୂତ

**ହାଇଦ୍ରାବାଦ, ୯।୧୨**

### କୋଭିଡ୍ ଟିକା ପ୍ରସ୍ତୁତିର ସମୀକ୍ଷା

ଭାରତର ପ୍ରମୁଖ ଫାର୍ମା କମ୍ପାନୀ ହାଇଦ୍ରାବାଦସ୍ଥିତ ଭାରତ ବାୟୋଟେକ୍ ଓ ବାୟୋଲୋଜିକାଲରେ ବୁଧବାର ଟିକା ପ୍ରସ୍ତୁତିର ସମୀକ୍ଷା କରିଛନ୍ତି ୬୦ରୁ ଊର୍ଦ୍ଧ୍ୱ ରାଷ୍ଟ୍ରଦୂତ। ବହିର୍ବ୍ୟାପାର ମନ୍ତ୍ରଣାଳୟର ପ୍ରବକ୍ତା ଅନୁରାଗ ଶ୍ରୀବାସ୍ତବ କହିଛନ୍ତି, ବିଭିନ୍ନ ଦେଶର ପ୍ରମୁଖ ପ୍ରତିନିଧିମାନେ ଏହି ଗସ୍ତବେଳେ ଟିକା ପ୍ରସ୍ତୁତିର ଅଗ୍ରଗତି ବିଷୟରେ ଅବଗତ ହୋଇଛନ୍ତି। ଭାରତ ବାୟୋଟେକ୍‌ର ଚେୟାରମ୍ୟାନ ଡ. କ୍ରିଷ୍ଣା ଏଲ୍ଲା ଟିକା ପ୍ରସ୍ତୁତି ବିଭିନ୍ନ ଦିଗ ଉପରେ ପ୍ରେଜେଣ୍ଟେଶନ ରଖିଥିଲେ। ବିଶ୍ୱରେ ଉତ୍ପାଦିତ ଟିକାର ୩୩ ପ୍ରତିଶତ ହାଇଦ୍ରାବାଦର ଜିନୋମ ଭ୍ୟାଲିରେ ପ୍ରସ୍ତୁତ ହେଉଥିବା ନେଇ ପ୍ରତିନିଧିମାନଙ୍କୁ ଅବଗତ କରାଯାଇଥିଲା। ପ୍ରାୟ ମାସେ ପୂର୍ବରୁ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ୧୯୦ ଦେଶର ପ୍ରମୁଖ ତଥା ପ୍ରତିନିଧିଙ୍କୁ ଭାରତରେ ପ୍ରସ୍ତୁତ ଟିକା ସମ୍ପର୍କରେ ଜଣାଯାଇଥିଲା।


ଭାରତ ବାୟୋଟେକ୍ ପରିସରରେ ପହଞ୍ଚିଥିବା ରାଷ୍ଟ୍ରଦୂତମାନେ।

## ୩ ଡିଗ୍ରୀ ବଢ଼ିପାରେ ବିଶ୍ୱ ତାପମାତ୍ରା

**ନାଇରୋବି, ୯।୧୨**



### ଏମିଶନ ଗ୍ୟାପ୍ ରିପୋର୍ଟରେ ୟୁଏନ୍‌ଇପିର ଆକଳନ

କରୋନା ଯୋଗୁ ବିଶ୍ୱବ୍ୟାପୀ ଲକଡାଉନ ପ୍ରଭାବରେ ବାୟୁମଣ୍ଡଳରେ କାର୍ବନ ଡାଇଅକ୍ସାଇଡ ମାତ୍ରା ହ୍ରାସ ପାଇଥିଲେ ହେଁ ଏବେ ଏହାର ସ୍ତର ବଢୁଛି। ଚଳିତ ଶତାବ୍ଦୀରେ ସମଗ୍ର ବିଶ୍ୱର ତାପମାତ୍ରା ୩ ଡିଗ୍ରୀ ପର୍ଯ୍ୟନ୍ତ ବଢିଯାଇପାରେ ବୋଲି ଜାତିସଂଘ ପରିବେଶ କାର୍ଯ୍ୟକ୍ରମ (ୟୁଏନ୍‌ଇପି)ର ଏମିଶନ ଗ୍ୟାପ ରିପୋର୍ଟରେ ଆଶଙ୍କା ବ୍ୟକ୍ତ କରାଯାଇଛି। ତେବେ ଲକଡାଉନରେ କାର୍ବନ ଡାଇଅକ୍ସାଇଡ ଗ୍ୟାସ ସ୍ତର କମିଥିବା ଯୋଗୁ ୨୦୩୦ ସୁଦ୍ଧା ଆକଳନ କରାଯାଇଥିବା ଏହି ଗ୍ୟାସର ମାତ୍ରା ୨୫ ପ୍ରତିଶତ ହ୍ରାସ ଘଟିପାରେ ବୋଲି ଅନୁମାନ କରାଯାଇଛି।

ବୁଧବାର ପ୍ରକାଶ ପାଇଥିବା ୟୁଏନ୍‌ଇପିର ଆନୁଆଲ ଏମିଶନ ଗ୍ୟାପ ରିପୋର୍ଟ ଅନୁସାରେ, ଚଳିତ ଶତାବ୍ଦୀରେ ବିଶ୍ୱ ପ୍ରାୟ ୩ ଡିଗ୍ରୀ ସେଲସିୟସ୍ ତାପମାତ୍ରା ବୃଦ୍ଧି ଆଡକୁ ମୁହାଁଉଛି। ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ ଦେଶର ସରକାର କୋଭିଡ୍ ମୁକାବିଲା ଭଳି ଦ୍ରୁତ ପଦକ୍ଷେପ ନେବା ଜରୁରୀ। ଆସନ୍ତା ନଭେମ୍ବର ୨୦୨୧ରେ ଗ୍ଲାସ୍‌ଗୋଠାରେ ହେବାକୁ ଥିବା ଜଳବାୟୁ ସମ୍ପର୍କିତ ବୈଠକରେ ସରକାରଙ୍କ ପକ୍ଷରୁ ଯୋଜନା ପ୍ରଣୟନ ସହ ଏହାକୁ କାର୍ଯ୍ୟକାରୀ କରାଯିବାର ଆବଶ୍ୟକତା ରହିଛି। ଜଙ୍ଗଲ ନିଆଁ, ମରୁଡ଼ି ଭଳି ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ଲାଗି ରହିଥିବାରୁ ୨୦୨୦ରେ ତାପମାତ୍ରା ବ୍ୟାପକ ମାତ୍ରାରେ ବଢିଥିବା ୟୁଏନ୍‌ଇପିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆଇଙ୍ଗର ଆଣ୍ଡ୍ରେସନ କହିଛନ୍ତି। ୨୦୧୯ରେ ଗ୍ରୀନହାଉସ୍ ପ୍ରଭାବ ଯୋଗୁ କାର୍ବନ ଡାଇଅକ୍ସାଇଡ୍‌ର ମାତ୍ରା ବଢି ରେକର୍ଡ ମାତ୍ରାରେ ୫୯.୧ ଗିଗାଟନ୍‌ରେ ପହଞ୍ଚିଛି। ପ୍ରଦୂଷଣ ତଥା ତାପମାତ୍ରା ବୃଦ୍ଧି ପାଇଁ ଦାୟୀ କାର୍ବନ ଗ୍ୟାସ ନିର୍ଗତ ତଥା ଗ୍ରୀନ ହାଉସ୍ ଇଫେକ୍ଟ କମ୍ କରିବାରେ ଜି-୨୦ ଦେଶଗୁଡ଼ିକ ମଧ୍ୟରୁ ମାତ୍ର ଏକ ଚତୁର୍ଥାଂଶ ଦେଶ ଗୁରୁତ୍ୱ ଦେଇଛନ୍ତି, ଯାହାକି ପରିବେଶ ତଥା ଜଳବାୟୁ ପାଇଁ ଆଦୌ ଅନୁକୂଳ ନୁହେଁ। ତେଣୁ ଆଗକୁ ବଡ ବିପର୍ଯ୍ୟୟକୁ ରୋକିବା ପାଇଁ ସରକାରଙ୍କ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯିବାର ଆବଶ୍ୟକତା ରହିଛି। ଇନ୍ଧନର ବ୍ୟବହାରକୁ ଯଥାସମ୍ଭବ କମ୍ କରିବା, ଅଧିକ ସଂଖ୍ୟକ କୋଇଲା ପ୍ଲାଣ୍ଟ ନିର୍ମାଣ ନ କରିବା, ପ୍ରକୃତିକୁ ସୁହାଇବା ଭଳି ବିଭିନ୍ନ ଟେକ୍ନୋଲୋଜି ବ୍ୟବହାର କରି ସମସ୍ୟା ସମାଧାନ କରିବା ସହ ଜଙ୍ଗଲ ପୁନରୁଦ୍ଧାର ଦିଗରେ କାର୍ଯ୍ୟ କରିବା ନିହାତି ଜରୁରୀ ହୋଇପଡିଛି ବୋଲି ରିପୋର୍ଟରେ ପ୍ରକାଶ ପାଇଛି।

ଧରିତ୍ରୀ
DHARITRI
ଗୁରୁବାର, ଡିସେମ୍ବର ୧୦/୨୦୨୦ | Thursday, December 10/2020 | ପୃଷ୍ଠା-୧



**ଅବସର ନେଲେ ପାର୍ଥିବ**

ଉଇକେଟକିପର ବ୍ୟାଟ୍ସମ୍ୟାନ ପାର୍ଥିବ ପଟେଲ ବୁଧବାର କ୍ରିକେଟର ସମସ୍ତ ଫର୍ମାଟ୍‌ରୁ ଅବସର ଘୋଷଣା କରିଛନ୍ତି।

୧୩ ୧୨

**ଚର୍ଚ୍ଚାରେ ଆସ୍‌କାଙ୍କ ଯୋଗାସନ**

ଟେଲି ଅଭିନେତ୍ରୀ ଆସ୍‌କା ଗୋରାଡିଆଙ୍କ ଯୋଗାସନ ଫଟୋ ଇନ୍‌ଷ୍ଟାରେ ଭାଇରାଲ ହେବାରେ ଲାଗିଛି।



# ୧୪ରୁ ଜୋରଦାର

## ଦେଶବ୍ୟାପୀ ତୀବ୍ର ହେବ ଆନ୍ଦୋଳନ

- କେନ୍ଦ୍ରର ଲଲିପପ୍ ପ୍ରସ୍ତାବ ଅଗ୍ରାହ୍ୟ
- ଭାଜପା ଅଫିସ ଘେରାଉ କରିବେ ଚାଷୀ

ନୂଆଦିଲ୍ଲୀ,୯।୧୨

କେନ୍ଦ୍ର ସରକାରଙ୍କ ୩ କୃଷି ଆଇନ ପ୍ରତ୍ୟାହାର ଦାବିରେ ୧୪ ଦିନ ଧରି ଚାଲିଥିବା ଆନ୍ଦୋଳନ ବୁଧବାର ଭିନ୍ନ ମୋଡ଼ ନେଇଛି। ସରକାରଙ୍କ ଭୁଆଁବୁଲା ପ୍ରସ୍ତାବ ଆଦୌ ଗ୍ରହଣଯୋଗ୍ୟ ନୁହେଁ। ବିବାଦୀୟ କୃଷି ଆଇନ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରା ନ ଗଲେ ଆନ୍ଦୋଳନରୁ ଓହରିବେ ନାହିଁ ବୋଲି ବୁଧବାର କୃଷକ ସଙ୍ଗଠନଗୁଡ଼ିକ ରୋକ୍‌ଠୋକ୍ ଶୁଣାଇଛନ୍ତି। ଏହାସହ ସେମାନେ ଆନ୍ଦୋଳନକୁ ଆଗକୁ ବଢ଼ାଇବା ନେଇ ସେମାନଙ୍କ ଯୋଜନା ସମ୍ପର୍କରେ ଘୋଷଣା କରିଛନ୍ତି। ସର୍ବସମ୍ମତି କ୍ରମେ ନିଆଯାଇଥିବା ପ୍ରସ୍ତାବ ଅନୁସାରେ ଆସନ୍ତା ୧୨ ତାରିଖରେ ଦିଲ୍ଲୀ-ଜୟପୁର ଓ ଦିଲ୍ଲୀ-ଆଗ୍ରା ଏକ୍ସପ୍ରେସ୍‌ୱେକୁ ଅବରୋଧ କରାଯିବ। ଏହି ଦିନ ସାରା ଦେଶର ଟୋଲ୍ ପ୍ଲାଜାଗୁଡ଼ିକୁ ଦଖଲ କରି ଟୋଲ୍ ଫ୍ରି କରାଯିବ। ଦିଲ୍ଲୀକୁ ସଂଯୋଗ କରୁଥିବା ସମସ୍ତ ରାସ୍ତାକୁ ଅବରୋଧ କରାଯିବ। ୧୪ରେ ସାରା ଦେଶରେ ଆନ୍ଦୋଳନକୁ ତୀବ୍ର କରାଯିବ। ବିଶେଷକରି ଦକ୍ଷିଣ ଭାରତ ଓ ଅନ୍ୟ ରାଜ୍ୟଗୁଡ଼ିକର ଜିଲା ମୁଖ୍ୟାଳୟରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ବିକ୍ଷୋଭ କରାଯିବ। ଶିଳ୍ପପତି ମୁକେଶ ଅମ୍ବାନୀଙ୍କ ରିଲାଏନ୍ସ ଏବଂ ଜିଓର ସମସ୍ତ ସେବା ତଥା ସାମଗ୍ରୀକୁ ବର୍ଜନ କରାଯିବ। ସେହିପରି ଦେଶବ୍ୟାପୀ ଭାଜପା ଅଫିସଗୁଡ଼ିକୁ ଘେରାଉ କରିବାକୁ କୃଷକ ସଙ୍ଗଠନଗୁଡ଼ିକ ବୁଧବାର ଚେତାବନୀ ଦେଇଛନ୍ତି।

କୃଷକ ଆନ୍ଦୋଳନକୁ ନେଇ ଲାଗିରହିଥିବା ଅଚଳାବସ୍ଥା ଦୂର ପାଇଁ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ମଙ୍ଗଳବାର ରାତିରେ ୧୩ ଚାଷୀ ନେତାଙ୍କୁ ଡାକି ବୈଠକ କରିଥିଲେ। ଚାଷୀ ନେତାମାନେ ବିବାଦୀୟ କୃଷି ଆଇନକୁ ପ୍ରତ୍ୟାହାର ଦାବି ଦୋହରାଇଥିବାବେଳେ ଶାହା ଏଥିରେ ରାଜି ହୋଇ ନ ଥିଲେ। ସେହିପରି ଉକ୍ତ ଆଇନରେ କେତେକ ସଂଶୋଧନ ପାଇଁ କେନ୍ଦ୍ର ସହମତ ଥିବା ଶାହା ଆଲୋଚନା ବେଳେ ଅବଗତ କରାଇଥିଲେ। କୃଷକ ନେତାମାନେ ମଧ୍ୟ କେନ୍ଦ୍ରର ଏହି ଲଲିପପ୍ ପ୍ରସ୍ତାବକୁ ଅଗ୍ରାହ୍ୟ କରିଦେଇଥିଲେ। ଫଳରେ ବୁଧବାର ହେବାକୁ ଥିବା ଷଷ୍ଠ ପର୍ଯ୍ୟାୟ ଆଲୋଚନାରେ ଭାଗ ନ ☞ପୃଷ୍ଠା-୨



ସିଙ୍ଘୁ ସୀମାରେ ଖବରଦାତା ସମ୍ମିଳନୀକୁ ସମ୍ବୋଧନ କରୁଛନ୍ତି ଆନ୍ଦୋଳନରତ କୃଷକ ନେତା।

## ସ୍କୁଟିକୁ ୨୬ ହଜାର ଜରିମାନା

### ନାବାଳକ ଚଲାଇବା ମହଙ୍ଗା ପଡ଼ିଲା

ଭୁବନେଶ୍ୱର,୯।୧୨(ବ୍ୟୁରୋ)

ଭୁବନେଶ୍ୱରରେ ଜଣେ ନାବାଳକ ସ୍କୁଟି ଚଲାଇବା ଓ ହେଲ୍‌ମେଟ ନ ପିନ୍ଧିବା ମହଙ୍ଗା ପଡିଛି। ନୂଆ ଟ୍ରାଫିକ ନିୟମ ଅନୁସାରେ ଓଆର୍‌୦୨ଏଜି୦୧୮୩ ନମ୍ବର ବିଶିଷ୍ଟ ସ୍କୁଟି ଉପରେ ୨୬ ହଜାର ଟଙ୍କାର ଜରିମାନା କରିଛି କମିଶନରେଟ ପୋଲିସ। ବୁଧବାର ସକାଳେ ନାବାଳକ ଜଣକ ହେଲ୍‌ମେଟ ନ ପିନ୍ଧି ସ୍କୁଟି ଧରି ଖଣ୍ଡଗିରି ଆଡକୁ ଯାଉଥିଲେ। ତାଙ୍କ ପଛରେ ବସିଥିବା ବ୍ୟକ୍ତି ଜଣକ ମଧ୍ୟ ହେଲ୍‌ମେଟ ପିନ୍ଧି ନ ଥିଲେ। ଖଣ୍ଡଗିରି ଛକ ନିକଟରେ ଗାଡ଼ି ଯାଞ୍ଚ ଚାଲିଥିବାବେଳେ ଉଭୟେ ବିନା ହେଲ୍‌ମେଟରେ ଥିବା ଦେଖି ପୋଲିସ ଧରିଥିଲା। ପରେ କାଗଜପତ୍ର ଯାଞ୍ଚ କରିବାରୁ ଗାଡ଼ି ଚାଳକ ନାବାଳକ ବୋଲି ଜଣାପଡିଥିଲା। ନାବାଳକ ଗାଡ଼ି ଚଳାଉଥିବାରୁ ୨୫ ହଜାର ଟଙ୍କା ଓ ହେଲ୍‌ମେଟ୍ ପିନ୍ଧି ନ ଥିବାରୁ ୧ହଜାର ଟଙ୍କାର ଚାଲାଣ କଟାଯାଇଥିବା ସୂଚନା ଦିଆଯାଇଛି। ନୂଆ ଟ୍ରାଫିକ ନିୟମ ଅନୁସାରେ, ଉକ୍ତ ୨୫ ହଜାର ଟଙ୍କା ନ ଦେଲେ ଗାଡ଼ି ମାଲିକଙ୍କୁ ୩ ବର୍ଷ ଜେଲ୍‌ଦଣ୍ଡ ଭୋଗିବାକୁ ପଡିବ।

**ଆଜିର ସମ୍ପାଦକୀୟ**
ସାମୁଦ୍ରିକ ଖାଦ୍ୟ ଓ ସଂକ୍ରମଣ

## ଏମ୍‌ଏସ୍‌ପି ଦୁଇଗୁଣ କର

### ରାଜ୍ୟ କ୍ୟାବିନେଟ ନିଷ୍ପତ୍ତି

- କେନ୍ଦ୍ରକୁ ଅନୁରୋଧ କରିବେ ଓଡ଼ିଶା ସରକାର
- ଓପିଟିସିଏଲ୍‌ର ୪୦୦ କୋଟି ବୋଝ ବୋହିବେ ସରକାର
- ଫୁଲବାଣୀ, କୋରାପୁଟ ମେଡିକାଲ ଟେଣ୍ଡରକୁ ଅନୁମୋଦନ

ଭୁବନେଶ୍ୱର,୯।୧୨(ବ୍ୟୁରୋ)

କେନ୍ଦ୍ରରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର କାର୍ଯ୍ୟକାରୀ କରିଥିବା ନୂତନ କୃଷି ଆଇନକୁ ବିରୋଧ କରି ସାରା ଦେଶରେ ଚାଷୀ ଆନ୍ଦୋଳନ ଉଗ୍ରରୂପ ଧାରଣ କରିଛି। ଏହି ଆଇନକୁ ପ୍ରତ୍ୟାହାର କରିବା ଦାବିରେ ଚାଷୀମାନେ ଅଡ଼ି ବସିଛନ୍ତି। ବହୁ ଦଫା ଆଲୋଚନା ପରେ ମଧ୍ୟ କେନ୍ଦ୍ର ସରକାର ଚାଷୀଙ୍କୁ ଆନ୍ଦୋଳନରୁ କ୍ଷାନ୍ତ କରିପାରି ନାହାନ୍ତି। ଏପରି ସ୍ଥଳେ ରାଜ୍ୟ ସରକାର ଚାଷୀମାନଙ୍କୁ ପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି। ଏମ୍.ଏସ୍. ସ୍ୱାମୀନାଥନ କମିଟିର ସୁପାରିସକୁ କାର୍ଯ୍ୟକାରୀ କରିବା ସହ ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି)କୁ ଦୁଇଗୁଣା କରିବାକୁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ପୁଣିଥରେ ପ୍ରସ୍ତାବ ଦେବେ। କୃଷି ବିଭାଗ ପକ୍ଷରୁ ଏ ନେଇ ଦିଆଯାଇଥିବା ଏକ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ବୁଧବାର ଅନୁମୋଦନ କରିଛି। ଚାଷୀମାନେ ସେମାନଙ୍କ ଉତ୍ପାଦର ଉପଯୁକ୍ତ ମୂଲ୍ୟ ପାଇବାରୁ ଯେପରି ବଞ୍ଚିତ ନ ହେବେ ସେ ନେଇ ୨୦୧୭ ଏବଂ ୨୦୧୮ରେ ବିଧାନସଭାରେ ସର୍ବସମ୍ମତ ସଙ୍କଳ୍ପ ପାରିତ କରାଯାଇଥିଲା। ସେତେବେଳେ ରାଜ୍ୟ ସରକାର ଏମ୍‌ଏସ୍‌ପି ୨୯୩୦ ଟଙ୍କା କରିବାକୁ ପ୍ରସ୍ତାବ ଦେଇଥିଲେ। ବିଶିଷ୍ଟ କୃଷି ବିଜ୍ଞାନୀ ସ୍ୱାମୀନାଥନଙ୍କ ଅଧ୍ୟକ୍ଷତାରେ ଗଠିତ ଜାତୀୟ କୃଷକ କମିଶନ ସୁପାରିସ ଅନୁଯାୟୀ ଏମ୍‌ଏସ୍‌ପି ହାରାହାରି ଉତ୍ପାଦନ ଖର୍ଚ୍ଚଠାରୁ ଅତିକମ୍‌ରେ ୫୦ ଭାଗ ଅଧିକ କରିବାକୁ ରାଜ୍ୟ ସରକାର ପୁଣି ଥରେ ପ୍ରସ୍ତାବ ଦେବେ।

ବୈଠକ ଶେଷରେ ଗଣମାଧ୍ୟମକୁ ସୂଚନା ଦେଇ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କହିଛନ୍ତି ଯେ, କୃଷିକୁ ଅଧିକ ଲାଭଦାୟକ କରିବା, କୃଷି କ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧି ହାସଲ ☞ପୃଷ୍ଠା-୨

## ୨,୮୫୮ କୋଟିର ଋଣ କରିବ ଓଡ଼ିଶା

### ରାଜ୍ୟଗୁଡ଼ିକୁ ୬ ହଜାର କୋଟିର ଜିଏସ୍‌ଟି କ୍ଷତିପୂରଣ

ନୂଆଦିଲ୍ଲୀ,୯।୧୨

କରୋନା ପରେ ରାଜସ୍ୱ ସଂଗ୍ରହ କ୍ଷତିଗ୍ରସ୍ତ ହୋଇଛି। କେନ୍ଦ୍ର ପକ୍ଷରୁ ମିଳୁଥିବା ଜିଏସ୍‌ଟି କ୍ଷତିପୂରଣ ପାଣ୍ଠି ମଧ୍ୟ ପ୍ରଭାବିତ ହୋଇଛି। ଏହାକୁ ବିଚାର କରି କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ବଜାରରୁ ଋଣ ଉଠାଇବା ଲାଗି ଅନୁମତି ଦେଇଛନ୍ତି। କେନ୍ଦ୍ର ସରକାରଙ୍କ ଅନୁମତି ପରେ ଓଡ଼ିଶା ଖୋଲା ବଜାରରୁ ୨,୮୫୮କୋଟି ଟଙ୍କା ଅତିରିକ୍ତ ଋଣ କରିପାରିବ। ସେହିଭଳି ରାଜ୍ୟ ୧,୫୩୮ କୋଟି ଟଙ୍କା ସ୍ପେଶାଲ ୱିଣ୍ଡୋରୁ ଉଠାଇଥିବା ଅର୍ଥ ମନ୍ତ୍ରଣାଳୟ ରିପୋର୍ଟରୁ ଜଣାପଡିଛି। ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକ ଲାଗି ଏହି ଅର୍ଥ ରାଶିକୁ କେନ୍ଦ୍ର ସରକାର ସ୍ପେଶାଲ ୱିଣ୍ଡୋରୁ ଋଣ କରୁଛନ୍ତି। ଜିଏସ୍‌ଟି ନିଅଣ୍ଟ ଭରଣା କରିବା ଲାଗି ୧.୧୦ ଲକ୍ଷ କୋଟି ଟଙ୍କାର ଅର୍ଥ ରାଶି ଏହି ବାବଦକୁ ଋଣ କରାଯିବ। ଏହି ରାଶି ବ୍ୟତୀତ ରାଜ୍ୟଗୁଡ଼ିକୁ ଅତିରିକ୍ତ ଅର୍ଥ ମଧ୍ୟ ଋଣ କରିବା ଲାଗି ଅନୁମତି ମିଳିଛି। ରାଜ୍ୟଗୁଡ଼ିକ ସେମାନଙ୍କ ମୋଟ ରାଜ୍ୟ ଜିଡିପି (ଏସ୍‌ଜିଡିପି)ର ୦.୫% ଅର୍ଥ ଋଣ କରିପାରିବେ। ତେବେ ବିକଳ୍ପ ୧ ଚୟନ କରିଥିଲେ ଏହି ☞ପୃଷ୍ଠା-୨

## ଟିକା ନେଲେ ପ୍ରଥମ ଓଡ଼ିଆ

ଲଣ୍ଡନ, ୯।୧୨

ବ୍ରିଟେନରେ ସ୍ୱାସ୍ଥ୍ୟକର୍ମୀ ଭାବେ କାର୍ଯ୍ୟରତ ଡ. ଶୈଳେଶ ମିଶ୍ର ପ୍ରଥମ ଓଡ଼ିଆ ଭାବେ କରୋନା ଟିକା ନେଇଛନ୍ତି। ମଙ୍ଗଳବାରଠାରୁ ବ୍ରିଟେନରେ ଫାଇଜର ଟିକାକରଣ ଆରମ୍ଭ ହୋଇଥିବାବେଳେ ଡ. ମିଶ୍ରଙ୍କୁ ଏହି ଟିକା ଦିଆଯାଇଛି। ଟିକା ନେବାପରେ ଭାବବିହ୍ୱଳ ହୋଇ ସେ କହିଛନ୍ତି ଯେ, ତାଙ୍କ ମା' ଭାରତରେ ରହୁଥିବାବେଳେ ସେ ୨/୩ ମାସକୁ ଥରେ ଘରକୁ ଆସନ୍ତି। କିନ୍ତୁ କରୋନା ଯୋଗୁ ସେ ୯ ମାସ ହେଲା ତାଙ୍କ ମା'ଙ୍କୁ ଦେଖା କରିପାରିନାହାନ୍ତି। ତେବେ ଏହି ଟିକା ଫଳପ୍ରଦ ହେବ ବୋଲି ସେ ବେଶ୍ ଆଶାବାଦୀ। ଏଥିସହ କରୋନା ମୁକାବିଲା କରୁଥିବା ସ୍ୱାସ୍ଥ୍ୟକର୍ମୀ, ବୈଜ୍ଞାନିକଙ୍କ ସମେତ ସମସ୍ତ ଆଗଧାଡ଼ିର ଯୋଦ୍ଧାଙ୍କୁ ସେ ସମ୍ମାନ ଜଣାଇଛନ୍ତି।



ଡ. ଶୈଳେଶ ମିଶ୍ର



For a test drive, Call on 1800 315 4444. Select variants available in CSD. Special offers for Defence Personnel, Government, PSU and Corporate Employees. KWID and TRIBER available through CSD. For bulk enquiries, contact corpsales@renault.com

Terms and conditions apply. #Prices mentioned above are for base variant for ex-showroom Bhubaneswar for each model and are exclusive of local taxes. *The benefits up to ₹ 45 000 for KWID include Cash benefit of upto ₹ 20 000, Exchange benefit of up to ₹ 15 000 & Loyalty Benefit of ₹ 10 000 (which includes Exchange benefit on Renault model or Cash discount on buying additional Renault model) on select versions. ##The benefits up to ₹ 50 000 for TRIBER includes Cash benefit of up to ₹ 20 000, Exchange benefit of ₹ 20 000, Loyalty benefit of ₹ 10 000 (which includes Exchange benefit on Renault model or Cash discount on buying additional Renault model) on select versions. ^The benefits up to ₹ 70 000 for DUSTER applicable includes Cash Benefit of up to ₹ 20 000, Exchange benefit of up to ₹ 30 000, Loyalty benefit up to ₹ 20 000 (which includes exchange benefit on Renault model or Cash discount on buying additional Renault model) on select versions. ^^Easy Care Package of 3 years or 50 000 km is eligible only for existing DUSTER owners (any version) buying an additional DUSTER 1.3L Turbo or Exchange existing DUSTER (any version) with DUSTER 1.3L Turbo. Corporate/PSU/Defence Personnel/Government Employee/Professionals benefits applicable for each model are basis eligibility of the customer and based on submission of required proof by the customer. **0% Rate of Interest is calculated on a loan amount of ₹ 1.3 Lakh for KWID for a tenure of 12 months, ₹ 2.31 Lakh for TRIBER for a tenure of 12 months. Rate of interest may vary based on loan amount and tenure. Not valid for any added loan amount and tenure. Finance at the sole discretion of Renault Finance. Offers may vary across variants and cities. The above mentioned offers & benefits are valid till 31st December 2020 and are through Renault dealership. For detailed offers, visit www.renault.co.in/offers. Renault India Pvt. Ltd. reserves the right to change or modify the mentioned schemes and conditions without prior notice. Renault India Pvt. Ltd. shall not be liable for any loss or damage arising from your failure to comply or understand the offer details. In the event of any dispute, all matters shall be governed by all applicable laws of India and Court at Gurugram shall have the exclusive jurisdiction. For detailed terms and conditions, please visit www.renault.co.in

SHOWROOMS: ODISHA: BHUBANESWAR: RENAULT Bhubaneswar North Mob: +91 9643800532, RENAULT Bhubaneswar Mob: +91 8860076082. KEONJHAR: RENAULT Keonjhar Mob: +91 7428439130. ROURKELA: RENAULT Rourkela Mob: + 91 8860875802. SAMBALPUR: RENAULT Sambalpur Mob: +91 8860048351.

L&K | SAATCHI & SAATCHI

**ଆଜିର ମନ୍ତବ୍ୟ**

ଲୋକଙ୍କ ପାଖରେ ସରକାରୀ ଯୋଜନା ପହଞ୍ଚାଇବାକୁ ସେ ପ୍ରୟାସ କରୁଛନ୍ତି। କିନ୍ତୁ ସମସ୍ତଙ୍କୁ ଖୁସି କରାଇପାରିବେ ନାହିଁ।
–ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଜୁଏଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# କ୍ୟାନ୍ସର ହସ୍ପିଟାଲର ୨ ଓପିଡି ସ୍ଥାନାନ୍ତର ହେବ

କଟକ ଅଫିସ, ୯।୧୨

ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ପ୍ରତିଷ୍ଠାନର ଦୁଇଟି ଓପିଡି ସପ୍ତାହକ ମଧ୍ୟରେ ସ୍ଥାନାନ୍ତର କରାଯିବ। ଅନୁଷ୍ଠାନର ନିର୍ଦ୍ଦେଶକ ଡା. ଲଲାଟେନ୍ଦୁ ଷଡଙ୍ଗୀ କହିଛନ୍ତି, ମୁଖ୍ୟ ଓପିଡିରେ ସବୁବେଳେ ଗହଳି ଲାଗି ରହୁଛି । ଅନ୍‌ଲକ୍ ପରଠାରୁ ରାଜ୍ୟ ଓ ରାଜ୍ୟ ବାହାରୁ ଦୈନିକ ଅନେକ ରୋଗୀ ଆସୁଛନ୍ତି। ଅପରପକ୍ଷେ ଶୀତଋତୁରେ ଥଣ୍ଡା ବଢିଲେ କରୋନା ସଂକ୍ରମଣ ବଢିପାରେ। ତେଣୁ ସର୍ଜିକାଲ ଓ ରେଡିଏସନ ଅଙ୍କୋଲୋଜି ଓପିଡି ଲିନାକ୍ ସାମ୍ନାରେ ନୂତନ ଭାବେ ନିର୍ମାଣ ହୋଇଥିବା ଘରକୁ ସ୍ଥାନାନ୍ତର କରାଯିବ। ଫଳରେ ଭିଡ ଓ କରୋନା ସଂକ୍ରମଣର ଭୟକୁ ଏଡାଇ ଦିଆଯାଇପାରିବ।

# ପୁଅର କାଠଫାଳିଆ ମାଡ଼ରେ ବାପା ମୃତ

ଚୌଦ୍ୱାର, ୯।୧୨(ଡି.ଏନ୍.ଏ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ କରଞ୍ଜି ପଞ୍ଚାୟତ ଅଧୀନ ରଗଡିସାହି ଗ୍ରାମରେ ପୁଅର କାଠଫାଳିଆ ମାଡ଼ରେ ବାପାଙ୍କ ମୃତ୍ୟୁ ଘଟିଛି। ମିଳିଥିବା ସୂଚନା ଅନୁଯାୟୀ, ଏହି ଗ୍ରାମର ନବିନା ଦେହୁରୀ ପ୍ରତିଦିନ ମଦ ପିଇ ଘରେ କଳିଝଗଡା କରିବା ସହିତ ବାପା ଆର୍ତ୍ତ ଦେହୁରୀଙ୍କୁ ମାଡ ମାରିଥାନ୍ତି। ସୋମବାର ସନ୍ଧ୍ୟାରେ ନବିନା ନିଶାସକ୍ତ ଅବସ୍ଥାରେ ଘରକୁ ଫେରିବା ପରେ ଆର୍ତ୍ତଙ୍କ ସହ ବଚସା ହୋଇଥିଲା। ଏଥିରେ ନବିନା ଉତ୍‌କ୍ଷିପ୍ତ ହୋଇ ପାଖରେ ପଡିଥିବା ଏକ କାଠଫାଳିଆରେ ଆର୍ତ୍ତଙ୍କ ଗୋଡ ଓ ମୁଣ୍ଡକୁ ପିଟିଥିଲେ। ଗୁରୁତର ଅବସ୍ଥାରେ ଆର୍ତ୍ତଙ୍କୁ ଗ୍ରାମବାସୀ ଉଦ୍ଧାର କରି କଟକ ବଡ ଡାକ୍ତରଖାନା ପଠାଇଥିଲେ। ସେଠାରେ ବୁଧବାର ସକାଳେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି। ତେବେ ଏ ନେଇ ଚୌଦ୍ୱାର ଥାନାରେ ଅଭିଯୋଗ ହୋଇ ନ ଥିବା ଆଇଆଇସି ବିରଞ୍ଚି ନାରାୟଣ ପତି କହିଛନ୍ତି।

## ଦର୍ପଣ ତହସିଲ: ବାଲି ଖାଦାନ ବିଜ୍ଞପ୍ତି

# ଗାଇଡ୍‌ଲାଇନକୁ ଖୋଲା ଚ୍ୟାଲେଞ୍ଜ

ଯାଜପୁର ଅଫିସ, ୯।୧୨

ଯାଜପୁର ଜିଲା ଦର୍ପଣ ତହସିଲରେ ପୁଣି ଲଘୁ ଖଣିଜ ଦ୍ରବ୍ୟ ଚୋରାଚାଲାଣର ନିବାରଣ ଗାଇଡ୍‌ଲାଇନକୁ ଅବମାନନା କରାଯାଇଛି। ପ୍ରାୟ ଅଢେଇ ବର୍ଷ ତଳେ ପ୍ରିଭେନଶନ ଅଫ୍ ଥେଫ୍ଟ ମାଇନରମିନେରାଲ୍ସଆଣ୍ଡଆଭିକ୍ସନଆକ୍ଟିଭିଟିଜ(ପିଟିଏମ୍ଏମ୍ଇଏ) ଯୋଜନା ଏବଂ ଗତ ନଭେମ୍ବରରେ ପ୍ରଣିତ ନୂତନ ଗାଇଡ୍‌ଲାଇନକୁ ନ ମାନି ଏହି ତହସିଲ ଅଧୀନ ୩ଟି ବାଲିଘାଟ ଉତ୍ସର ଦୀର୍ଘମିଆଦୀ ଲିଜ୍ ନିମନ୍ତେ ବିଜ୍ଞାପନ ଦିଆଯାଇଛି। ଆସନ୍ତା ୧୭ ତାରିଖରେ ସିଲ୍ ଟେଣ୍ଡର ବକ୍ସ ଖୋଲାଯାଇ ଚୟନ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ଏହା ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଗାଇଡ୍‌ଲାଇନକୁ ଦର୍ପଣ ତହସିଲ କର୍ତ୍ତୃପକ୍ଷ ଖୋଲା ଚ୍ୟାଲେଞ୍ଜ କରିଛନ୍ତି ବୋଲି ମତପ୍ରକାଶ ପାଇଛି।

ଯାଜପୁର ଜିଲା ବଡଚଣା ବ୍ଲକର ବାଲିଚନ୍ଦ୍ରପୁର, ଚାରିନଙ୍ଗଳ, ମାଣ୍ଡକା, ଗୋପାଳପୁର, ବାଲିପଡିଆ ଏବଂ ବରୀ ବ୍ଲକ ଅମଟପୁର, ବେଣୀପୁର ଓ ମଙ୍ଗଳପୁର ଆଦି ପଞ୍ଚାୟତ ଦେଇ ବିରୂପା ନଦୀ ପ୍ରବାହିତ ହୋଇଛି। ବନ୍ୟା ସମୟରେ ଏହି ନଦୀ ତଟବର୍ତ୍ତୀ ଅଞ୍ଚଳବାସୀ ଅନେକ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ଏଥିପାଇଁ ଜଳ ସମ୍ପଦ ବିଭାଗ ପକ୍ଷରୁ ବାଲିଚନ୍ଦ୍ରପୁର ପଟ୍ଟାମୁଣ୍ଡାଇ ନଦୀବନ୍ଧ ନିର୍ମାଣ କରାଯାଇଛି। ତେବେ ନଦୀବନ୍ଧର ସୁରକ୍ଷା ଏବଂ ଲୋକଙ୍କ ଜନଜୀବନ ଉପରେ ଧ୍ୟାନ ନ ଦେଇ ଦର୍ପଣ ତହସିଲ କର୍ତ୍ତୃପକ୍ଷ ବିରୂପା ନଦୀର ରାମଦାସପୁର ୧ ବାଲିଘାଟ, ଦେକୁରୀ ବିରୂପା ବାଲିଘାଟ ଓ ରାମଦାସପୁର ୨ ବାଲିଘାଟର ୭ ଏକର ଲେଖାଏ ନଦୀରୁ ବାର୍ଷିକ ସର୍ବନିମ୍ନ ୧୯,୯୫୩ ଘନମିଟର ବାଲି ଉତ୍ତୋଳନ ପାଇଁ ଦୀର୍ଘମିଆଦୀ ଲିଜ୍ ପାଇଁ ବିଜ୍ଞପ୍ତି ଦିଆଯାଇଛି। ଏଥିପାଇଁ ଘନମିଟର ପିଛା ରାଜସ୍ୱ ୩୫ ଟଙ୍କା ଏବଂ ଅତିରିକ୍ତ ଦେୟ ୪୫ ଟଙ୍କା ଧାର୍ଯ୍ୟ କରାଯାଇଛି। ତେବେ ଏଠାରେ ରାଜ୍ୟ ସରକାରଙ୍କ ଗାଇଡ୍‌ଲାଇନ ଅନୁସାରେ ବାଲି ଉତ୍ତୋଳନ ପରିମାଣ କିପରି ଧାର୍ଯ୍ୟ କରାଯାଇଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଲଘୁ ଖଣିଜ ଦ୍ରବ୍ୟ ଚୋରାଚାଲାଣର ନିବାରଣ ଏବଂ ରାଜସ୍ୱ ବୃଦ୍ଧି ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ୧୧।୧୧।୨୦୨୦ରେ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପୁଣି ଏକ ଗାଇଡ୍‌ଲାଇନ ପ୍ରସ୍ତୁତ ହୋଇଥିଲା। ଜଙ୍ଗଲ ଓ ପରିବେଶ, ଜଳ ସମ୍ପଦ, ଷ୍ଟିଲ୍ ଆଣ୍ଡ୍ ମାଇନ୍ସ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା, ନିର୍ମାଣ, ବୋର୍ଡ ଅଫ ରେଭିନ୍ୟୁ, ସମସ୍ତ ଆରଡିସି, ଲଘୁଖଣିଜ ନିର୍ଦ୍ଦେଶକଙ୍କ ସହ ମୁଖ୍ୟ ଶାସନ ସଚିବ ଉକ୍ତ ବୈଠକରେ ଉପସ୍ଥିତ ଥିଲେ। ବୈଠକରେ ଜଳ ସମ୍ପଦ ବିଭାଗ ବାଲିଘାଟ ଚିହ୍ନଟ, ରାଜସ୍ୱ ବିଭାଗ ବୃହତ୍ ଲଘୁ ଖଣିଜ ଖାଦାନ ଚିହ୍ନଟ ସହ ବିଧି ଅନୁଯାୟୀ ଲିଜ୍ ପ୍ରଦାନ ଓ ନିଷ୍ପତ୍ତିର ଅଗ୍ରଗତି ଉପରେ ସାପ୍ତାହିକ ବୈଠକ ଆୟୋଜନ, ଜଙ୍ଗଲ ବିଭାଗ ପକ୍ଷରୁ ପରିବେଶ ମଞ୍ଜୁରୀ ଇତ୍ୟାଦି ଉପରେ ନିଷ୍ପତ୍ତି ହୋଇଥିଲା। ଅନୁରୂପ ଭାବେ ୨୦୧୮-୧୯ ବର୍ଷରେ ରାଜ୍ୟ ସରକାର ପିଟିଏମ୍ଏମ୍ଇଏ ଯୋଜନାରେ ବାଲି ଉତ୍ସ ଚିହ୍ନଟ କରିବାକୁ ଜଳ ସମ୍ପଦ ବିଭାଗର ସହନିର୍ବାହୀ ଯନ୍ତ୍ରୀ କିମ୍ବା ନିର୍ବାହୀ ଯନ୍ତ୍ରୀ ଓ ସମ୍ପୃକ୍ତ ତହସିଲଦାର ଯୁଗ୍ମ ଭାବେ ପଦକ୍ଷେପ ଗ୍ରହଣ କରିବେ। ଉପଯୁକ୍ତ ଭାବେ ବାଲି ଉତ୍ସର ସୀମାଙ୍କନ କରି ପିଲର ପୋତିବେ। ଏହାବାଦ ମାଇନିଂ ପ୍ଲାନ ଏବଂ ପରିବେଶ ଅନୁମତି, ମାଇନିଂ ଅପରେଶନ ଏବଂ ବେଆଇନ ବାଲି ଖାଦାନ କାରବାର ଉପରେ ଅଙ୍କୁଶ ଲଗାଇବେ। ଏହି ନିଷ୍ପତ୍ତି ଉପରେ ବିବରଣୀ ସମସ୍ତ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ୧୬।୧୧।୨୦୨୦ରେ ପ୍ରଦାନ କରାଯାଇଥିଲା। ଏହାର ୯ଦିନ ପରେ ଅର୍ଥାତ୍ ୨୫।୧୧।୨୦୨୦ରେ ଦର୍ପଣ ତହସିଲ କର୍ତ୍ତୃପକ୍ଷ କେଉଁ ଆଧାରରେ ଉପରୋକ୍ତ ୩ଟି ବାଲିଘାଟକୁ ନିଲାମ ପାଇଁ ବିଜ୍ଞପ୍ତି ପ୍ରକାଶ କରିଛନ୍ତି ତାହା ତଦନ୍ତ ସାପେକ୍ଷ। ଆଇନଜୀବୀ ଉଦୟନାଥ ସାହୁ କୁହନ୍ତି, ଏଠାରେ ରାଜ୍ୟ ସରକାରଙ୍କ ଗାଇଡ୍‌ଲାଇନକୁ ସମ୍ପୂର୍ଣ୍ଣ ଭାବେ ଅଣଦେଖା କରାଯାଇଛି। ତେଣୁ ବିଜ୍ଞପ୍ତିକୁ ରଦ୍ଦ କରି ଆଇନ ଅନୁସାରେ ପୁଣି ପଦକ୍ଷେପ ଗ୍ରହଣ କରାଯିବା ଉଚିତ। ଏ ସଂକ୍ରାନ୍ତରେ ଜଳ ସମ୍ପଦ ବିଭାଗ ଜାରକା ଡିଭିଜନ ନିର୍ବାହୀ ଯନ୍ତ୍ରୀ ଦେବାଶିଷ ପଟ୍ଟନାୟକଙ୍କୁ ପଚରାଯିବାରୁ ସେ କହିଛନ୍ତି ଯେ, ଆମ ବିଭାଗକୁ ସୂଚିତ କଲେ ଗାଇଡ୍‌ଲାଇନ ଅନୁଯାୟୀ କାର୍ଯ୍ୟ କରିଥାଉ। ତେବେ ଦର୍ପଣ ତହସିଲରୁ ବାଲିଘାଟ ଚିହ୍ନଟ ଓ ପରିମାଣ ନିର୍ଦ୍ଧାରଣ ପାଇଁ କୌଣସି ସୂଚନା ଦିଆଯାଇନାହିଁ। ଏନେଇ ଦର୍ପଣ ତହସିଲଦାର ବରଣେନ୍ଦୁ ମହାନ୍ତିଙ୍କୁ ତାଙ୍କ ମୋବାଇଲ ଫୋନକୁ ଯୋଗାଯୋଗ କରାଯାଇଥିଲେ ହେଁ ସେ କଲ୍ ଗ୍ରହଣ କରି ନ ଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର କାମଗୁଡ଼ିକୁ ପୂରା ଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେବେ । ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବ, କିନ୍ତୁ ସମ୍ପୂର୍ଣ୍ଣଭାବରେ ନୁହେଁ । ଜଳ, ତୈଳ, ବିଦ୍ୟୁତ୍ ବ୍ୟବସାୟରୁ ଲାଭବାନ୍ ହେବେ । ଅଶ୍ୱିନୀ ବିଳାସବ୍ୟସନ ମଧ୍ୟରେ ସମୟ ଅତିବାହିତ ହେବାର ସୂଚନା ରହିଛି ।

**ବୃଷ** ସମ୍ପର୍କୀୟଙ୍କ ସହଯୋଗରୁ ଉପକୃତ ହେବେ କିନ୍ତୁ ପଡ଼ୋଶୀଙ୍କ କଥାକୁ ବିଶ୍ୱାସ କଲେ ଅସୁବିଧାରେ ପଡ଼ିବେ । ବନ୍ଧୁଙ୍କ ଦ୍ୱାରା ନିମନ୍ତ୍ରିତ ହୋଇ ହଠାତ୍ ଯାତ୍ରା କରିବାକୁ ପଡ଼ିପାରେ । କର୍ମକ୍ଷେତ୍ରରେ ସହକର୍ମୀଙ୍କ ବଦାନ୍ୟତାରୁ କାମ ହୋଇଯିବ । ସାଧାରଣ କଥାରେ ବନ୍ଧୁ କ୍ଷୁବ୍ଧ ହୋଇପାରନ୍ତି ।

**ମିଥୁନ** ଆଜି ପ୍ରତ୍ୟେକ କ୍ଷେତ୍ରରେ ସତର୍କରେ ଚଳନ୍ତୁ ନଚେତ୍ ଝମେଲା ବଢ଼ିଯାଇପାରେ । ପରିବାରର ଖର୍ଚ୍ଚ ପରିମାଣ ଦିଗୁଣା ହୋଇପାରେ, ଯାହାକି ଦୁଶ୍ଚିନ୍ତାର କାରଣ ହୋଇପାରେ । ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ । ଭ୍ରାତୃ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ ।

**କର୍କଟ** କର୍ମକ୍ଷେତ୍ରରେ ସହକର୍ମୀ ହଇରାଣରେ ପକାଇବାକୁ ଚେଷ୍ଟା କରିବେ । ବିଭିନ୍ନ କ୍ଷେତ୍ରରୁ ଅଭିଯୋଗ ଆସିପାରେ, ଫଳରେ ଟେନ୍‌ସନ ଲାଗିରହିବ । ଘର କଥାନେଇ ସ୍ତ୍ରୀଙ୍କ ସହ ଆଲୋଚନା କଲେ ଆଶଙ୍କା ଅପରାହ୍ନେ ଦୂର ହୋଇଯିବ । ସଂଗଠନ କ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେଇପାରେ ।

**ସିଂହ** ଅଭାବ ଓ ଧାରକରଜ ହେତୁ ମନ ବେଶି ବିବ୍ରତ ରହିବ କିନ୍ତୁ ପରକଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିବେ । ଇଚ୍ଛା ନ ଥିଲେ ମଧ୍ୟ ଦୂର ସ୍ଥାନକୁ ଯିବା ପାଇଁ ବାଧ୍ୟ ହୋଇପାରନ୍ତି । ଅଶାନ୍ତ ମନ ବନ୍ଧୁଙ୍କ ସହ ଆଳାପ ଆଲୋଚନା ପରେ ପରେ ଶାନ୍ତ ହେବ । ମଘା ନକ୍ଷତ୍ର ସ୍ୱାଧୀନ ଭାବରେ କାର୍ଯ୍ୟ କରିବାର ସୁଯୋଗ ପାଇବେ ।

**କନ୍ୟା** ଶତ୍ରୁମାନେ ଆଗରେ ନ ହେଲେ ମଧ୍ୟ ପଛରେ ନାନାଦି କଥା କହିବେ ।ସ୍ୱାସ୍ଥ୍ୟରେ ସାମାନ୍ୟ ବ୍ୟତିକ୍ରମ ଦେଖାଦେବ କିନ୍ତୁ ବିଶେଷ ଅସୁବିଧା ହେବନି । ସୁନା ଜିନିଷ କିଣାବିକାରେ ଠକାମିରେ ପଡ଼ିପାରନ୍ତି । ଅପରିଚିତ ଲୋକଟି ମିତ୍ରତା ଛଳରେ ପାଖେଇ ଆସିବ ଏବଂ ତାହାଠାରୁ କୌଣସି ଖବର ପାଇ ବିସ୍ମୟ ପ୍ରକାଶକରିବେ ।

**ତୁଳା** ପିଲାର ସ୍ୱାସ୍ଥ୍ୟ ବାରମ୍ବାର ଖରାପ ହେଉଥିବାରୁ ମନ ଭଲ ରହିବ ନାହିଁ । ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି । ମାତ୍ରାଧିକ ଭ୍ରମଣ ଯୋଗୁ ଆଳସ୍ୟ ଅନୁଭବ କରିବେ। ସାୟାହ୍ନରେ ସମସ୍ୟାର ସମାଧାନ ହୋଇଯିବ ଏବଂ ବ୍ୟବସାୟରେ ବିଶେଷ ଉନ୍ନତି ପରିଲକ୍ଷିତ ହେବ ।

**ବିଛା** ସମସ୍ୟାରେ ପଡ଼ି ବିରସ ମନରେ ସ୍ତ୍ରୀଙ୍କ ସହ ମତାନ୍ତର ଘଟିବ । ମାତ୍ର ସାମାଜିକ ସ୍ତରରେ ତଥା ସାହିତ୍ୟ ଓ ରାଜନୀତି କ୍ଷେତ୍ରରେ ବେଶ୍ ଆଦୃତ ହେବେ । ସାଙ୍ଗଠନିକ କାର୍ଯ୍ୟରେ, ସଭା ସମିତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ । ପରିସ୍ଥିତିରେ ପଡ଼ି ବହୁତ ଟଙ୍କା ଖର୍ଚ୍ଚକରି ଦୁଃଖିତ ହେବେ ।

**ଧନୁ** ଏକ ଭିନ୍ନ ପରିସ୍ଥିତିରେ ଭଙ୍ଗା ପଡ଼ିଥିବା ସମ୍ପର୍କ ପୁଣି ବନ୍ଧୁ ଗହଣରେ ଯୋଡ଼ି ହୋଇଯିବ । କ୍ରୀଡ଼ା, ସାହିତ୍ୟ, ସଙ୍ଗୀତ, ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରତିଯୋଗିତାରେ ସଫଳତା ହାସଲ କରିବେ । ପାରିବାରିକ ସମସ୍ୟାର ସରଳ ସମାଧାନ କରିବେ । ଆଶା ପୂରଣ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିବେ ।

**ମକର** ଅଟକି ରହିଥିବା କାମ ବନ୍ଧୁ ସୁବିଧାରେ କରାଇ ଦେଇପାରନ୍ତି । ପରିବହନ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ । ଜମିଜମା କିମ୍ବା ଘରସୀମାକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ । ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ। ଆତ୍ମୀୟଙ୍କ ସ୍ୱାସ୍ଥ୍ୟ ସକାଶେ ମନ ବ୍ୟସ୍ତ ରହିବ ।

**କୁମ୍ଭ** ବନ୍ଧୁମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ସତ୍‌ସଙ୍ଗ ଓ ଭ୍ରମଣ ସୁଯୋଗ ପାଇବେ । ବିବାଦୀୟ ଘଟଣା ଭିନ୍ନ ଆକାର ଧାରଣ କରିବାର ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ । ସାମୟିକ ଭାବରେ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି । କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ ।

**ମୀନ** ପାରିବାରିକ ପ୍ରତିରୋଧ ହେତୁ କାମଗୁଡ଼ିକ ଅଟକି ଯିବାରୁ ଖୁସି ହୋଇପାରିବେନି । କର୍ମକ୍ଷେତ୍ରରେ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ । ଆତ୍ମୀୟଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବାରୁ ସାମୟିକ ମନ ଖୁସି ରହିବ । ଆଲୋଚନା ଅନୁଯାୟୀ ଆଜିର କାମଗୁଡ଼ିକ ସବୁ ଠିକ୍ ଠିକ୍ ହୋଇଯିବ ।

ମାର୍ଗଶିର କୃଷ୍ଣ ଦଶମୀ ଯୁକ୍ତ ଏକାଦଶୀ, ଗୁରୁବାର, ମାଣବସା ଗୁରୁବାର ଦ୍ୱିତୀୟ ପାଳି, ଡିସେମ୍ବର ୧୦ ତାରିଖ, ବିଶ୍ୱ ମାନବାଧିକାର ଦିବସ, ରାଶି ନକ୍ଷତ୍ର-ଦିବା ଘ.୧୦।୫୦ ପର୍ଯ୍ୟନ୍ତ ହସ୍ତା/କନ୍ୟା, ବୃଷ ରାଶିର ଘାତଚନ୍ଦ୍ର, ଦଶମୀ ଓ ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ. ୦୬।୧୪ ଗତେ ଘ.୦୭।୪୧ ମଧ୍ୟେ, ଘ.୦୧।୨୭ ଗତେ ଘ.୦୨।୫୪ ମଧ୍ୟେ, ସନ୍ଧ୍ୟା ଘ.୦୫।୫୭ ଗତେ ଘ.୦୯।୨୮ ମଧ୍ୟେ ଅମୃତବେଳା । ଅପରାହ୍ନ ଘ.୦୧।୦୦ ଗତେ ଘ.୦୨।୨୨ ମଧ୍ୟେ ରାହୁକାଳ ।

# ସ୍ୱାଧୀନତା ସଂଗ୍ରାମୀଙ୍କ ପରଲୋକ

ରାଜନଗର, ୯।୧୨(ଡି.ଏନ.ଏ.)


ଜୟସିଂହ ମହାପାତ୍ର

ସ୍ୱାଧୀନତା ସଂଗ୍ରାମୀ, ଗାନ୍ଧିବାଦୀ ନେତା, ସାମ୍ବାଦିକ, ସାମାଜିକ କର୍ମୀ ଜୟସିଂହ ମହାପାତ୍ରଙ୍କ ବୁଧବାର ଅପରାହ୍ନରେ ୯୫ ବର୍ଷରେ ପରଲୋକ ହୋଇଯାଇଛି। ସପ୍ତାହେ ଧରି ସେ ଅସୁସ୍ଥ ଥିଲେ। ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିବାବେଳେ ତାଙ୍କର ପରଲୋକ ହୋଇଯାଇଛି। ତାଙ୍କ ମରଶରୀରକୁ ଜନ୍ମମାଟି ରାଜନଗର ଗାଁକୁ ଅଣାଯାଇଛି। ତାଙ୍କର ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ରାଜନଗର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ମହାପାତ୍ର ୧୯୫୫ରୁ ୧୯୮୯ ଯାଏ ସଂସ୍କୃତ ଟୋଲରୁ ଶିକ୍ଷକତା କରି ଅବସର ନେଇଥିଲେ। ୧୯୫୨ରେ ପ୍ରଜାତନ୍ତ୍ରର ରାଜନଗର ପ୍ରତିନିଧି ଭାବେ କାର୍ଯ୍ୟ କରିଥିଲେ। ମହିମା ଧର୍ମର ଅନ୍ୟତମ ପରିବ୍ରାଜକ ସନ୍ଥ କ୍ଷେତ୍ରବାସୀ ବାବାଙ୍କ ଜୀବନୀ ରଚନା କରିଥିଲେ। ସେ ରାଜନଗର ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନ, ସାଂସ୍କୃତିକ, ଧାର୍ମିକ ଅନୁଷ୍ଠାନ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ତାଙ୍କ ମୃତ୍ୟୁରେ ରାଜନଗର ବିଧାୟକ ଧ୍ରୁବ ସାହୁ, ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ବ୍ଲକ ବିଜେଡି ସଭାପତି ଅଶୋକ କୁମାର ପ୍ରତିହାରୀ, ରାଜନଗର ସରପଞ୍ଚ ପ୍ରଭାତ ଚନ୍ଦ୍ର ମିଶ୍ର, ସମିତିସଭ୍ୟ ସତ୍ୟବାନ ସେଠୀ, ରାଜନଗର ଅଭିରାମ ସେବାଶ୍ରମର ସେବକ ଅଭୟ ବାବା, ରାଜ୍ୟ କୃଷି ଉପଦେଷ୍ଟା କୃତ୍ତିବାସ ପାତ୍ର ପ୍ରମୁଖ ବିଶିଷ୍ଟ ବ୍ୟକ୍ତି ଗଭୀର ଶୋକବ୍ୟକ୍ତ କରିଛନ୍ତି।


# classifieds

**Everyday 0674-2580101, 2549302**




**SALE**

Ready to move furnished 2BHK, 3BHK flats sale at Patia and Damana square, Bhubaneswar. 7008346486. D-70050

**1500sqft (12nos) per sqft-1700 main road side plot, infront Tata Arena, Ghatikia, Sankarpur, BBSR. 30'road, electricity supply, water available. Gharabari plot - 8114744495, 8328943165.** D-19138

Contact for House Construction (Duplex/ Apartment) and Interior Design from experts. MPlanets- 7008550473. D-19153

**Immediate registration & possession with demarcated boundary wall 30'wide road, plot for sale @650/- per sqft. at Gudiapokhari near Krupajal Engineering College and at Uttara Chhak, Bhubaneswar. 8917528470, 7008328766.** D-19150

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,40,000/-, ଅରଗୁଳ IIT ପାଖରେ 1200sqft. 1,44,000/-, 9776974912, 9348232008. D-70119




Ground floor one roomed independent house, Haladipadia, Laxmisagar, Bhubaneswar, rent- 6,000/- Contact: 9625392682, 9437557580. D-69463




**Newly open Saikrupa Panchakarma and Spa. Contact: 8984068077.** D-19124

Newly open full body massage Ladies and Gents. 9337349409. D-69591

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Rejuvenate and Ayurvedic full body massage by smart therapist. 9348123330. D-70048

Get refreshment body massage by expert therapist contact for 7205084157. D-70046

Swarna SPA newly open positively health benefits with expert therapist. 9556978408. D-70047

Refreshing your mind & body with best therapy at Lotus Spa. 8018234866 D-69589

**LOST**

I, Manoranjan Panda, S/o- Sushil Kumar Panda, R/o-Gobindtola, PO/PS- Dhanupali, Dist. Sambalpur have lost the Original Sale Deed bearing R.S.D. No.1271 dated 07.06.2002 on the way of Dhanupali and by the best effort of search, it could not recover. D-69825

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ପ୍ରଥମ ପୃଷ୍ଠାରୁ...

### ୧୪ରୁ ଜୋରଦାର

ନେବା ପାଇଁ କୃଷକମାନେ ନିଷ୍ପତ୍ତି ନେଇଥିଲେ। ଜାତୀୟ ରାଜଧାନୀ ଦିଲ୍ଲୀ ସମେତ ଏହାର ସୀମାରେ ଡେରା ପକାଇଥିବା ଲକ୍ଷ ଲକ୍ଷ ଚାଷୀଙ୍କ ଆନ୍ଦୋଳନ ବୁଧବାର ଚତୁର୍ଦ୍ଦଶ ଦିନରେ ପହଞ୍ଚିଥିବାବେଳେ କେନ୍ଦ୍ର ସରକାର ଖାଦ୍ୟଶସ୍ୟ କିଣାରେ ପ୍ରଚଳିତ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍‌ପି) ବ୍ୟବସ୍ଥା ବଳବତ୍ତର ରହିବ ବୋଲି କୃଷକ ପ୍ରତିନିଧିଙ୍କୁ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ଏହାସହ ମଣ୍ଡି ବ୍ୟବସ୍ଥା ଦୁର୍ବଳ ନେଇ ଆଶଙ୍କା, ବିବାଦର ସମାଧାନ ଲାଗି ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟ୍ ପରିବର୍ତ୍ତେ କୋର୍ଟକୁ ଯିବା ଏବଂ ବିଦ୍ୟୁତ୍ ସଂଶୋଧନ ବିଲ୍ ଉଚ୍ଛେଦ ସମେତ ୭ ପ୍ରସଙ୍ଗରେ ଆବଶ୍ୟକ ସଂଶୋଧନ ପାଇଁ ମଧ୍ୟ ୧୩ କୃଷକ ସଙ୍ଗଠନକୁ ଦିଆଯାଇଥିବା ଏହି ଚିଠା ପ୍ରସ୍ତାବରେ ସରକାର ସ୍ପଷ୍ଟୀକରଣ ଦେଇଥିଲେ। ରାଜ୍ୟ ସରକାରଗୁଡ଼ିକ ମଣ୍ଡି ବାହାରେ ବ୍ୟବସାୟୀଙ୍କ ନାମ ପଞ୍ଜୀକରଣ ଏବଂ ସେମାନଙ୍କ ଉପରେ ଏଗ୍ରିକଲ୍‌ଚରାଲ ପ୍ରଡ୍ୟୁସ୍ ମାର୍କେଟ କମିଟି (ଏପିଏମ୍‌ସି) ଭଳି ଟିକସ ଓ ସେସ୍ ଲାଗୁ କରିପାରିବେ ବୋଲି ଏଥିରେ କୁହାଯାଇଥିଲା। କୃଷି ମନ୍ତ୍ରଣାଳୟ ଯୁଗ୍ମ ସଚିବ ବିବେକ ଅଗ୍ରୱାଲ ପଠାଇଥିବା ଏହି ପ୍ରସ୍ତାବରେ ସରକାର ଖୋଲା ହୃଦୟରେ ଚାଷୀଙ୍କ ଆପତ୍ତିଗୁଡ଼ିକୁ ବିଚାରକୁ ନିଆଯିବ ବୋଲି କୁହାଯାଇଥିଲା। କିନ୍ତୁ ଏଥିରେ ମୂଳ ପ୍ରସଙ୍ଗ 'କୃଷି ଆଇନ ପ୍ରତ୍ୟାହାର' ସମ୍ପର୍କରେ କିଛି ଉଲ୍ଲେଖ କରାଯାଇ ନ ଥିଲା। ତେଣୁ କେନ୍ଦ୍ର ସରକାର ସେମାନଙ୍କ ନିକଟକୁ ପଠାଇଥିବା ପ୍ରସ୍ତାବକୁ ସଂଯୁକ୍ତ କିଷାନ କମିଟି ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟାଖ୍ୟାନ କରିଛି ବୋଲି କୃଷକ ନେତା ଶିବ କୁମାର କକ୍କା ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସରକାରଙ୍କ ଚିଠା ପ୍ରସ୍ତାବ ନେଇ କୃଷକ ସଙ୍ଗଠନଗୁଡ଼ିକ ସିଙ୍ଘୁ ସୀମାରେ ଆଭ୍ୟନ୍ତରୀଣ ଆଲୋଚନା କରିଥିଲେ। ସରକାର ମୂଳ ପ୍ରସଙ୍ଗରୁ ଓହରିଯାଇ ସେମାନଙ୍କୁ ବିଭ୍ରାନ୍ତ କରିବାକୁ ଉଦ୍ୟମ କରୁଛନ୍ତି ବୋଲି ଆନ୍ଦୋଳନକାରୀମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ଚାଷୀଙ୍କ ମତରେ ନୂଆ ଆଇନ ଯୋଗୁ ବଡ଼ ବଡ଼ ପୁଞ୍ଜିପତି ଓ ବ୍ୟବସାୟୀ ଆସି ସେମାନଙ୍କ ଜମି ମାଡ଼ିବସିବେ। ଶସ୍ୟ ବିକ୍ରି ବେଳେ ସେମାନଙ୍କ ମୂଲଚାଲ କ୍ଷମତା ରହିବ ନାହିଁ। ଫଳରେ ସମ୍ପୂର୍ଣ୍ଣ କୃଷି କ୍ଷେତ୍ର କର୍ପୋରେଟ୍ ହାତକୁ ଚାଲିଯିବ ବୋଲି ସେମାନେ ଆଶଙ୍କା ବ୍ୟକ୍ତ କରି ସରକାରଙ୍କ ପ୍ରସ୍ତାବକୁ ଗୋଟିଏ ସ୍ୱରରେ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି। ଏନେଇ ଭାରତୀୟ କିଷାନ ୟୁନିୟନ୍ ମୁଖପାତ୍ର ରାକେଶ ଟିକାୟତ କହିଛନ୍ତି, ଆମେ କେନ୍ଦ୍ରର ପ୍ରସ୍ତାବକୁ ଗ୍ରହଣ କରିବୁ ନାହିଁ। ଚାଷୀକୁଳ ପଛଘୁଞ୍ଚା ଦେବାର ପ୍ରଶ୍ନ ଉଠୁନାହିଁ। ଯଦି ସରକାର ଅଟଳ ତେବେ ଚାଷୀମାନେ ମଧ୍ୟ ନିଜ ଜିଦ୍‌ରେ ଅଟଳ। ସରକାରଙ୍କୁ କୃଷି ଆଇନ ପ୍ରତ୍ୟାହାର କରିବାକୁ ପଡ଼ିବ। ଏହାର କୌଣସି ମଧ୍ୟମ ପନ୍ଥା ନାହିଁ ବୋଲି ଟିକାଏତ୍ ସ୍ପଷ୍ଟ କରିଛନ୍ତି। ସିଙ୍ଘୁ ସୀମାରେ ଚାଷୀଙ୍କ ସହ ଆଲୋଚନା ପରେ କ୍ରାନ୍ତିକାରୀ କିଷାନ ୟୁନିୟନ ଅଧ୍ୟକ୍ଷ ଦର୍ଶନ ପାଲ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, କେନ୍ଦ୍ରର ଚିଠା ପ୍ରସ୍ତାବରେ କିଛି ନୂଆ ନାହିଁ। ଏହି ପ୍ରସ୍ତାବ ଅନ୍ନଦାତାଙ୍କ ପ୍ରତି ଏକ ଅପମାନ। ଭାଜପା ଶିଳ୍ପପତିମାନଙ୍କୁ ସାହାଯ୍ୟ କରିବା ପାଇଁ ଉଦ୍ୟମ ଚଳାଇଛି। ରିଲାଏନ୍ସ ଏବଂ ଜିଓ ସାମଗ୍ରୀ ତଥା ସେବାକୁ ବର୍ଜନ କରାଯିବ। ୩ କୃଷି ଆଇନକୁ ମୂଳରୁ ଉଚ୍ଛେଦ ସହ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍‌ପି) ସୁନିଶ୍ଚିତ କରିବାକୁ ମଙ୍ଗଳବାର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କୁ କୁହାଯାଇଥିଲା। କିନ୍ତୁ ସରକାର ଏହାକୁ ହଟାଇବା ପାଇଁ ଚାହୁଁ ନାହାନ୍ତି। ତେଣୁ କୃଷକ ଆନ୍ଦୋଳନକୁ ଜାତୀୟ ସ୍ତରରେ ଆହୁରି ତୀବ୍ରତର କରାଯିବ।

### ଏମ୍ଏସ୍‌ପି ଦୁଇଗୁଣ ...

କରିବା ଲକ୍ଷ୍ୟ ନେଇ ରାଜ୍ୟ ସରକାରଙ୍କ ସମସ୍ତ ନୀତି, କାର୍ଯ୍ୟକ୍ରମ ଉଦ୍ଦିଷ୍ଟ। ଅନ୍ୟାନ୍ୟ କ୍ଷେତ୍ରରେ ନିୟୋଜିତ ବ୍ୟକ୍ତିଙ୍କ ଆୟର ଅଭିବୃଦ୍ଧି ଏବଂ ଚାଷଜନିତ ଖର୍ଚ୍ଚର ବୃଦ୍ଧି ସହିତ ତାଳ ମିଳାଇ କୃଷକଙ୍କ ଆୟ ମଧ୍ୟ ବୃଦ୍ଧି ହେବା ଉଚିତ। କୃଷିକାର୍ଯ୍ୟକୁ ଲାଭଦାୟକ କରିବା ଏବଂ କୃଷକମାନଙ୍କୁ ସବୁପ୍ରକାର ବିପଦରୁ ସୁରକ୍ଷା ଦେବା ନିମନ୍ତେ କୃଷିଜାତ ଦ୍ରବ୍ୟଗୁଡିକର ଏମ୍ଏସ୍‌ପି ନିର୍ଦ୍ଧାରଣ ହେବା ଆବଶ୍ୟକ ବୋଲି ଆରୁଖ କହିଛନ୍ତି।

ବୁଧବାର ଅପରାହ୍ନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୨ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ବୋର୍ଡ(ଏଏସ୍‌ଇବି)ର ସମ୍ପତ୍ତିର ମୂଲ୍ୟ ନିର୍ଦ୍ଧାରଣ ପାଇଁ ଗ୍ରୀଡ୍‌କୋ ଓଡ଼ିଶା ସରକାରଙ୍କ ସପକ୍ଷରେ ୨୦୦ କୋଟି ଟଙ୍କାର ଅଂଶଧନ ରୂପାନ୍ତରିତ ବଣ୍ଡ ଏବଂ ୨୦୦ କୋଟି ଟଙ୍କାର ଅଣରୂପାନ୍ତରିତ ବଣ୍ଡ ପ୍ରଦାନ କରିଥିଲା। ୪୦୦ କୋଟି ଟଙ୍କାର ଏହି ବଣ୍ଡଗୁଡିକ ୨୦୦୫ ଜୁନ ୯ରେ ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ୍ (ଓପିଟିସିଏଲ୍)କୁ ନ୍ୟସ୍ତ କରାଯାଇଛି। ପରିବହନ ଶୁଳ୍କ ନିର୍ଣ୍ଣୟରେ ସମ୍ପତ୍ତିର ମୂଲ୍ୟ ନିର୍ଦ୍ଧାରଣ ଓ ବଣ୍ଡର ସୁଧ ବିବେଚନା କରାଯାଇ ନ ଥିବାରୁ ଓପିଟିସିଏଲ ୨୦୦ କୋଟି ଟଙ୍କାର ରୂପାନ୍ତରିତ ବଣ୍ଡ ଏବଂ ୨୦୦ କୋଟି ଟଙ୍କାର ଅଣରୂପାନ୍ତରଣ ବଣ୍ଡକୁ ରୂପାନ୍ତର କରିବାକୁ ଅନୁରୋଧ କରିଛି। ଓପିଟିସିଏଲ ଏହି ବଣ୍ଡକୁ ମୁକ୍ତ କରିବା ସ୍ଥିତିରେ ନାହିଁ। ୨୦୧୦-୧୧ ପର୍ଯ୍ୟନ୍ତ ବଣ୍ଡ କୌଣସି ସୁଧ ବହନ କରିବ ନାହିଁ ବୋଲି ସରକାର ନିଷ୍ପତ୍ତି ନେଇଥିଲେ। ଉକ୍ତ ବଣ୍ଡ ଓ ଏହା ଉପରେ ଥିବା ସୁଧକୁ ଅଂଶଧନରେ ପରିଣତ କରିବା ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି। ଏହା ଓପିଟିସିଏଲରେ ସରକାରଙ୍କ ଇକ୍ୱିଟି ପୁଞ୍ଜି ବିନିଯୋଗ ବୃଦ୍ଧି କରିବ। ଫଳରେ ଓପିଟିସିଏଲର ସୁଧ ଭାର ହ୍ରାସ ପାଇବ।

ରାଜ୍ୟରେ ସ୍ୱାସ୍ଥ୍ୟସେବାକୁ ବ୍ୟାପକ କରାଯିବା ସହ ଡାକ୍ତର ଆବଶ୍ୟକତା ପୂରଣ ପାଇଁ ରାଜ୍ୟ ସରକାର ଆଦିବାସୀ ବହୁଳ ଫୁଲବାଣୀରେ ୧୦୦ ସିଟ୍ ବିଶିଷ୍ଟ ମେଡିକାଲ କଲେଜ ଓ ହସ୍ପିଟାଲ ଏବଂ କୋରାପୁଟ ଜିଲାରେ ୬୫୦ ଶଯ୍ୟା ବିଶିଷ୍ଟ ମେଡିକାଲ କଲେଜ ଓ ହସ୍ପିଟାଲ ସ୍ଥାପନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ଦୁଇଟି ହସ୍ପିଟାଲ ନିର୍ମାଣ ପାଇଁ ୬୮୦ କୋଟି ଟଙ୍କାର ଟେଣ୍ଡରକୁ କ୍ୟାବିନେଟ ଅନୁମୋଦନ କରିଛି। ହସ୍ପିଟାଲ ନିର୍ମାଣ କାର୍ଯ୍ୟ ଆସନ୍ତା ୩୬ ମାସ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ହସ୍ପିଟାଲ ଦ୍ୱାରା ଆଦିବାସୀ ଲୋକମାନେ ଉତ୍ତମ ଚିକିତ୍ସା ସୁବିଧା ପାଇପାରିବେ ବୋଲି ଆରୁଖ କହିଛନ୍ତି।

### ୨,୮୫୮ କୋଟିର ...

ରାଶି ଋଣ କରିବାକୁ ଅନୁମତି ମିଳିବ। ଉଲ୍ଲେଖଯୋଗ୍ୟ ଯେ, ଜିଏସ୍‌ଟି କ୍ଷତିପୂରଣ ଭରଣା ଲାଗି କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ଦୁଇଟି ବିକଳ୍ପ ଦେଇଥିଲେ। ପ୍ରଥମରେ ଆର୍‌ବିଆଇ ସ୍ପେଶାଲ ୱିଣ୍ଡୋରୁ ୯୫ ହଜାର କୋଟି ଏବଂ ଦ୍ୱିତୀୟରେ ବଜାରରୁ ୨.୩୫ ଲକ୍ଷ କୋଟି ଟଙ୍କା ଋଣ ଉଠାଣ ନେଇ ପ୍ରସ୍ତାବ ଦିଆଯାଇଥିଲା। ସେହି ଅନୁଯାୟୀ ରାଜ୍ୟ ଅତିରିକ୍ତ ପୁଞ୍ଜି ସଂଗ୍ରହ କରିବାକୁ ସକ୍ଷମ ହେବେ ବୋଲି ମନ୍ତ୍ରଣାଳୟ କହିଛି। ବର୍ତ୍ତମାନ ସୁଦ୍ଧା ୨୮ ରାଜ୍ୟ ୧.୦୬ ଲକ୍ଷ କୋଟି ଟଙ୍କା ଋଣ କରିବା ଲାଗି ଅନୁମତି ପ୍ରଦାନ କରାଯାଇଛି।

କେନ୍ଦ୍ର ସରକାର ଜିଏସ୍‌ଟି କ୍ଷତିପୂରଣ ରାଶିର ଷଷ୍ଠ କିସ୍ତି ଭାବେ ରାଜ୍ୟଗୁଡ଼ିକୁ ୬ ହଜାର କୋଟି ଟଙ୍କା ପ୍ରଦାନ କରିଛନ୍ତି। ଜିଏସ୍‌ଟି କ୍ଷତିପୂରଣ ନିଅଣ୍ଟିଆ ସ୍ଥିତିକୁ ଭରଣା କରିବା ଲାଗି କେନ୍ଦ୍ର ସରକାର ଏଭଳି ବ୍ୟବସ୍ଥା କରିଛନ୍ତି। ବର୍ତ୍ତମାନ ସୁଦ୍ଧା ଏଭଳି ଭାବେ ରାଜ୍ୟଗୁଡିକୁ ମୋଟ ୩୬ ହଜାର କୋଟି ଟଙ୍କା ପ୍ରଦାନ କରାଯାଇଛି ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଚଳିତ ଥର ପ୍ରଦାନ କରାଯାଇଥିବା ମୋଟ ୬ ହଜାର କୋଟି ଟଙ୍କା ମଧ୍ୟରୁ ୨୩ ରାଜ୍ୟକୁ ୫୫୧୬ କୋଟି ଟଙ୍କା ପ୍ରଦାନ କରାଯାଇଛି। ଦିଲ୍ଲୀ, ଜମ୍ମୁ ଏବଂ କଶ୍ମୀର ଓ ପୁଡୁଚେରୀ ଭଳି ୩ କେନ୍ଦ୍ର ଶାସିତ ଅଞ୍ଚଳକୁ ୪୮୩.୪୦ କୋଟି ଟଙ୍କା ଦିଆଯାଇଛି। ଅରୁଣାଚଳ ପ୍ରଦେଶ, ମଣିପୁର, ମିଜୋରାମ, ନାଗାଲାଣ୍ଡ ଏବଂ ସିକିମ୍ ଜିଏସ୍‌ଟି କ୍ଷତି ସହୁ ନ ଥିବାରୁ ସେଗୁଡ଼ିକୁ କ୍ଷତିପୂରଣ ଦିଆଯାଉନାହିଁ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬,୮୭,୯୨,୪୪୫ | ୧୫,୬୭,୪୬୧ | ୪,୭୭,୦୦,୦୩୪ |
| ଭାରତ | ୯୭,୫୬,୬୧୦ | ୧,୪୧,୬୬୮ | ୯୨,୩୮,୧୮୮ |
| ଓଡ଼ିଶା | ୩,୨୨,୨୯୯ | ୧୭୮୯(+୫୩) | ୩,୧୭,୪୧୨ |

ବୁଧବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ଆଜି ଭଦ୍ରକ ସହର ବନ୍ଦ

**ଭଦ୍ରକ ଅଫିସ,୯।୧୨:** ଭଦ୍ରକ ଜିଲାବାସୀଙ୍କ ବାରମ୍ବାର ଦାବି ସତ୍ତ୍ୱେ ଏଠାରେ ମେଡିକାଲ କଲେଜ ପ୍ରତିଷ୍ଠା ନେଇ ସରକାରଙ୍କ ପକ୍ଷରୁ ଗୁରୁତ୍ୱ ଦିଆଯାଉ ନାହିଁ। ଜିଲାବାସୀଙ୍କର ଏହି ଦାବିକୁ ବହୁଦିନ ଧରି ଅଣଦେଖା କରାଯାଉଛି। ଏଣୁ ଜିଲା କଂଗ୍ରେସ ପକ୍ଷରୁ ଗୁରୁବାର ଭଦ୍ରକ ସହରକୁ ୧୨ ଘଣ୍ଟିଆ ବନ୍ଦ ନିଷ୍ପତ୍ତି ନିଆଯାଇଛି। ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସହର ବନ୍ଦ ରହିବ। ଏ ସମ୍ପର୍କରେ ପୂର୍ବରୁ ମାଇକ୍‌ରେ ପ୍ରଚାର କରାଯିବା ସହ ଖବରଦାତା ସମ୍ମିଳନୀ ମାଧ୍ୟମରେ ସହରବାସୀଙ୍କୁ ସହଯୋଗ କରିବା ପାଇଁ କୁହାଯାଇଛି। ଗୁରୁବାର ଭଦ୍ରକ ସହରର ସମସ୍ତ ଦୋକାନ ବଜାର ଓ ସରକାରୀ ଦପ୍ତର ବନ୍ଦ ରହିବ ବୋଲି ଜିଲା କଂଗ୍ରେସ କମିଟି ସଭାପତି ସୁବ୍ରତ କୁମାର ଦାସ ସୂଚନା ଦେଇଛନ୍ତି। ଜିଲାର ସ୍ୱାସ୍ଥ୍ୟ ବିଭାଗ ଏବେ ପୂରା ଅସୁସ୍ଥ। ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀ ସେବା ଠପ୍। କରୋନା ଆଳରେ ରୋଗୀଙ୍କୁ ଚିକିତ୍ସା ନ କରି ଫେରାଇ ଦେବା ଓ ସାଧାରଣ ରୋଗୀଙ୍କୁ ବି କଟକ ସ୍ଥାନାନ୍ତର କରିବା ନିତିଦିନିଆ ଘଟଣା ପାଲଟି ଯାଇଛି। ଏଭଳି ବିଭିନ୍ନ ସମସ୍ୟାକୁ ନେଇ ଜିଲା କଂଗ୍ରେସ ଆନ୍ଦୋଳନ କରିବ ବୋଲି କୁହାଯାଇଛି।

### ଗାଡ଼ି ମାଡ଼ିଗଲା: ସରପଞ୍ଚଙ୍କ ସ୍ୱାମୀ ମୃତ

**ତିର୍ତ୍ତୋଲ,୯।୧୨(ଡି.ଏନ.ଏ.):** ତିର୍ତ୍ତୋଲ ବ୍ଲକ ମଣିଜଙ୍ଗା ପଞ୍ଚାୟତର ସରପଞ୍ଚ ମମତା ସାହୁଙ୍କ ସ୍ୱାମୀ ରଶ୍ମି ରଞ୍ଜନ ସାହୁଙ୍କ ବୁଧବାର ଗାଡି ଧକ୍କାରେ ମୃତ୍ୟୁ ଘଟିଛି। ଉକ୍ତ ଗାଁର ଜଣେ ଯୁବକ ଏକ ଟାଟା ଏସି ଗାଡ଼ି ଚଲାଇବା ଶିଖୁଥିବା ବେଳେ ନିୟନ୍ତ୍ରଣ ହରାଇ ରଶ୍ମିଙ୍କ ଉପରେ ଚଢ଼ିଯାଇଥିଲା। ରଶ୍ମି ୪ ଜଣ ଲୋକଙ୍କ ସହ ଗାଁ ଦାଣ୍ଡରେ ଠିଆ ହୋଇଥିଲେ। ଏହି ସମୟରେ ସମ୍ପୃକ୍ତ ଯୁବକ ଦ୍ରୁତ ଗତିରେ ଗାଡ଼ି ଆଣି ରଶ୍ମିଙ୍କୁ ଧକ୍କା ଦେଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ମଣିଜଙ୍ଗା ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।



କୋଣାର୍କ

# ୫ ସ୍ଥାନରେ 'ଇକୋ ରିଟ୍ରିଟ୍' ଆରମ୍ଭ


ଭିତରକନିକା



ଦାରିଙ୍ଗବାଡ଼ି

**ଭୁବନେଶ୍ୱର,୯।୧୨(ବ୍ୟୁରୋ)**


ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଇକୋ ରିଟ୍ରିଟ୍‌କୁ ଉଦ୍‌ଘାଟନ କରୁଛନ୍ତି।

ରାଜ୍ୟର ୫ଟି ସ୍ଥାନରେ ଆରମ୍ଭ ହୋଇଛି ବହୁ ପ୍ରତୀକ୍ଷିତ ଗ୍ଲାମ୍ପିଂ ଫେଷ୍ଟିଭାଲ 'ଇକୋ ରିଟ୍ରିଟ୍'। ରାମଚଣ୍ଡୀ ବେଳାଭୂମି ସମେତ ଭିତରକନିକା, ଦାରିଙ୍ଗବାଡ଼ି, ହୀରାକୁଦ ଓ ସାତକୋଶିଆଠାରେ ରାଜ୍ୟ ପର୍ଯ୍ୟଟନ ବିଭାଗର ଏହି ମେଗା ଇଭେଣ୍ଟର ଦ୍ୱିତୀୟ ସଂସ୍କରଣର ଶୁଭାରମ୍ଭ ହୋଇଛି। ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଏହାକୁ ଉଦ୍‌ଘାଟନ କରିବା ସହ ସମସ୍ତ ଅତିଥିଙ୍କୁ ସ୍ୱାଗତ କରିଛନ୍ତି। ପୂର୍ବ ଭାରତରେ ଓଡ଼ିଶା କେବଳ ଏଭଳି ଗ୍ଲାମ୍ପିଂ ଫେଷ୍ଟିଭାଲ ଆୟୋଜନ କରୁଛି। ଓଡ଼ିଶାର ସୌନ୍ଦର୍ଯ୍ୟ ପ୍ରତି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାରେ ଇକୋ ରିଟ୍ରିଟ୍ ୨୦୨୦ ଏକ ହଲ୍‌ମାର୍କ ସାଜିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିରେ ପର୍ଯ୍ୟଟକଙ୍କ ସୁରକ୍ଷାକୁ ରାଜ୍ୟ ସରକାର ପ୍ରାଥମିକତା ଦେଉଛନ୍ତି। କୋଭିଡ୍ ନିୟମାବଳୀକୁ କଡ଼ାକଡ଼ି ପାଳନ କରାଯାଉଛି। ପର୍ଯ୍ୟଟକମାନେ ଏଠାରେ ଖୁସିର ସମୟ ଅତିବାହିତ କରି ଓଡ଼ିଶାକୁ ଆହୁରି ନିକଟରୁ ଉପଭୋଗ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଏହାସହ ପର୍ଯ୍ୟଟନ ବିଭାଗ ସହ ସମସ୍ତ ଆୟୋଜକଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜ୍ଞାପନ କରିଛନ୍ତି।

କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ପ୍ରହ୍ଲାଦ ସିଂ ପଟେଲ ଭିଡିଓ ବାର୍ତ୍ତାରେ ଏଭଳି ଏକ କାର୍ଯ୍ୟକ୍ରମ ଆୟୋଜନ ପାଇଁ ରାଜ୍ୟ ପର୍ଯ୍ୟଟନ ବିଭାଗକୁ ଶୁଭେଚ୍ଛା ଜଣାଇଛନ୍ତି। ଚଳିତବର୍ଷ କରୋନା ମହାମାରୀ ସତ୍ତ୍ୱେ ୫ଟି ସ୍ଥାନରେ ଇକୋ ରିଟ୍ରିଟ୍ ଆୟୋଜନକୁ ପ୍ରଶଂସା କରିବା ସହ ଟେଣ୍ଟ ସହର ନିର୍ମାଣରେ ଦେଶର ଗୁଜରାଟ ସହ ଓଡ଼ିଶା ସ୍ଥାନ ପାଇଥିବା କହିଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଭିଡିଓ ବାର୍ତ୍ତା ମାଧ୍ୟମରେ ସମସ୍ତେ ମିଶି ଓଡ଼ିଶାର ପର୍ଯ୍ୟଟନକୁ ନୂଆ ଉଚ୍ଚତାକୁ ନେବାକୁ ଆହ୍ୱାନ ଦେଇଛନ୍ତି।

୫ଟି ସ୍ଥାନରେ ଆୟୋଜିତ ଇକୋ ରିଟ୍ରିଟ୍‌କୁ ପୃଥକ ଭାବେ ସ୍ଥାନୀୟ ଜିଲାର ଏମ୍‌ପି, ବିଧାୟକ ଏବଂ ଜିଲାପାଳମାନେ ଉଦ୍‌ଘାଟନ କରିଥିଲେ। କୋଣାର୍କ ଇକୋ ରିଟ୍ରିଟ ଉଦ୍‌ଘାଟନୀ ଉତ୍ସବରେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା, ଜଗତ୍‌ସିଂହପୁର ଏମ୍‌ପି ରାଜଶ୍ରୀ ମଲ୍ଲିକ, ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ପର୍ଯ୍ୟଟନ ସଚିବ ବିଶାଲ କୁମାର ଦେବ ଉପସ୍ଥିତ ଥିଲେ। ଭିତରକନିକା ଇକୋ ରିଟ୍ରିଟ୍‌କୁ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଆଳି ବିଧାୟକ ପ୍ରତାପ ଦେବ, କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, ଦାରିଙ୍ଗବାଡ଼ି ଇକୋ ରିଟ୍ରିଟ୍‌କୁ କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତ, ଜି.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ, ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ଜିଲାପାଳ ବୃନ୍ଦା ଡି ଉଦ୍‌ଘାଟନ କରିଥିବାବେଳେ ହୀରାକୁଦ ଇକୋ ରିଟ୍ରିଟ୍‌କୁ ସରକାରୀ ଦଳ ଉପ ମୁଖ୍ୟ ସଚେତକ ରୋହିତ ପୂଜାରୀ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ ନାଉରୀ ନାୟକ ଏବଂ ଓଟିଡିସି ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ଉଦ୍‌ଘାଟନ କରିଥିଲେ। ସାତକୋଶିଆ ଇକୋ ରିଟ୍ରିଟକୁ ବଡ଼ମ୍ବା ବିଧାୟକ ଦେବୀପ୍ରସାଦ ମିଶ୍ର, ଜିଲାପାଳ ଭବାନୀ ଶଙ୍କର ଚଇନି ଉଦ୍‌ଘାଟନ କରିଥିଲେ।

ଫେବୃୟାରୀ ୨୮ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଫେଷ୍ଟିଭାଲ୍‌ରେ ପର୍ଯ୍ୟଟକମାନେ ଲକ୍‌ଜରୀ କଟେଜ୍‌ରେ ରହଣି ସହ ଆଡ୍‌ଭେଞ୍ଚର ସ୍ପୋର୍ଟସ, ୱାଟର୍ ସ୍ପୋର୍ଟସ, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ମନପସନ୍ଦର ଖାଦ୍ୟର ମଜା ନେଇପାରିବେ।




# 'ସୁନ୍ଦରୀ'ର ଉପଯୁକ୍ତ ଯତ୍ନ ନେବାକୁ ଅନୁରୋଧ

## ନବୀନଙ୍କୁ ଚିଠି ଲେଖିଲେ ଶିବରାଜ

- ଓଡ଼ିଶା ଚିଠିର ବିଳମ୍ବରେ ଆସିଲା ଉତ୍ତର
- ପ୍ରସ୍ତୁତି ଚଲାଇଛନ୍ତି ମଧ୍ୟପ୍ରଦେଶ ସରକାର
- ସ୍ଥାନାନ୍ତର ପ୍ରକ୍ରିୟା ସମୟ ଲାଗିପାରେ

**ଭୁବନେଶ୍ୱର, ୯।୧୨(ବ୍ୟୁରୋ)**

ବାଘୁଣୀ 'ସୁନ୍ଦରୀ'କୁ ନେଇ ଉପୁଜିଥିବା ଆଶା ଓ ଆଶଙ୍କାର ଅନ୍ତ ଘଟିବାକୁ ଯାଉଛି। ତାକୁ ଫେରାଇ ନେବାକୁ ଶେଷରେ ମଧ୍ୟପ୍ରଦେଶ ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି। ବିଳମ୍ବରେ ହେଲେ ବି ଏ ସଂକ୍ରାନ୍ତରେ ଓଡ଼ିଶାକୁ ଚିଠି ଲେଖି ଜଣାଇଛନ୍ତି ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ। ସୁନ୍ଦରୀ ବର୍ତ୍ତମାନ ସାତକୋଶିଆ ଅଭୟାରଣ୍ୟରେ ବନ୍ଦୀ ଜୀବନ ବିତାଉଛି। ତା' ପାଇଁ ମଧ୍ୟପ୍ରଦେଶର ୩ ସ୍ଥାନରେ ସଫାରି ନିର୍ମାଣ କରାଯାଇଛି। ଏହାପୂର୍ବରୁ କାହ୍ନା ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଅନ୍ତର୍ଗତ ଘୋରେଲା କେନ୍ଦ୍ରରେ ସାମୟିକ ରହଣି ଲାଗି ସ୍ୱତନ୍ତ୍ର ପ୍ରସ୍ତୁତି ଚାଲିଛି। ତେବେ ସେପର୍ଯ୍ୟନ୍ତ 'ସୁନ୍ଦରୀ'ର ଉପଯୁକ୍ତ ଯତ୍ନ ନେବା ପାଇଁ ଓଡ଼ିଶା ସରକାରଙ୍କୁ ଅନୁରୋଧ କରିଛନ୍ତି ଶିବରାଜ। ଏନେଇ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିବା ସହିତ ଟୁଇଟ୍ ମଧ୍ୟ କରିଛନ୍ତି।

ବାଘୁଣୀର ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଶିବରାଜ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସେ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ (ଏନ୍‌ଟିସିଏ)ର



ଅନୁମତି ପରେ ରାଜ୍ୟର କାହ୍ନା ବ୍ୟାଘ୍ର ସଂରକ୍ଷଣ, ବାନ୍ଧବଗଡ଼ ଜାତୀୟ ଉଦ୍ୟାନ ଏବଂ ପେଞ୍ଚ ଜାତୀୟ ଉଦ୍ୟାନରେ ବ୍ୟାଘ୍ର ସଫାରି ନିର୍ମାଣ କରାଯାଉଛି। ଏହାର କାର୍ଯ୍ୟ ଶେଷହେବା ପର୍ଯ୍ୟନ୍ତ 'ସୁନ୍ଦରୀ'କୁ କାହ୍ନା ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପସ୍ଥିତ ଘୋରେଲା କେନ୍ଦ୍ରରେ ସାମୟିକ ଭାବେ ରଖାଯିବ। ତେବେ ଘୋରେଲା କେନ୍ଦ୍ରରେ ବର୍ତ୍ତମାନ ଅନ୍ୟ ଏକ ବାଘ ତାଲିମ ନେଉଛି। ଏହାକୁ ଉପଯୁକ୍ତ ସ୍ଥାନରେ ଛଡ଼ାଯିବା ପରେ 'ସୁନ୍ଦରୀ'କୁ ଉକ୍ତ ଘୋରେଲା କେନ୍ଦ୍ରକୁ ଅଣାଯିବ। ତେବେ ଏହି ସ୍ଥାନାନ୍ତର ଅଧିକ ସମୟ ନେଇପାରେ। ତେଣୁ ତା' ପାଇଁ ଆବଶ୍ୟକ ପରିବେଶ ବଜାୟ ରଖିବା ସହ ଉପଯୁକ୍ତ ଯତ୍ନ ନେବାକୁ ଶିବରାଜ ଅନୁରୋଧ କରିଛନ୍ତି।

ପ୍ରକାଶ ଯେ, ରାଜ୍ୟରେ ବ୍ୟାଘ୍ର ସଂଖ୍ୟା ବୃଦ୍ଧି କରିବା ପାଇଁ ବ୍ୟାଘ୍ର ସ୍ଥାନାନ୍ତର ପ୍ରକ୍ରିୟା ହୋଇଥିଲା। ଏନ୍‌ଟିସିଏ ଓ ଓଡ଼ିଶା ସରକାରଙ୍କ ଅନୁରୋଧକ୍ରମେ ମଧ୍ୟପ୍ରଦେଶ ସରକାର ଓଡ଼ିଶାକୁ ଦୁଇଟି ବାଘ ଦେଇଥିଲେ। ପରବର୍ତ୍ତୀ ସମୟରେ ଆଉ ୪ଟି ଦେବାର ଥିଲା। ଏବାବଦକୁ କେନ୍ଦ୍ର ସରକାର ଓଡ଼ିଶାକୁ ପ୍ରାୟ ୨୦ କୋଟି ଟଙ୍କା ଦେଇଥିଲେ। କିନ୍ତୁ ମଧ୍ୟପ୍ରଦେଶରୁ ଆସିଥିବା ବାଘ 'ମହାବୀର'ର ମୃତ୍ୟୁ ଘଟିଥିଲା ଓ ବାଘୁଣୀ 'ସୁନ୍ଦରୀ' ମଣିଷ ମାରିବା ଅଭିଯୋଗ ହେବାପରେ ତାକୁ ରାଇଗୁଡ଼ା ଏନ୍‌କ୍ଲୋଜ୍‌ରରେ ରଖାଯାଇଥିଲା। ସ୍ଥାନାନ୍ତର ବାବଦକୁ ଆସିଥିବା ଅର୍ଥ ଖର୍ଚ୍ଚ ଓ 'ସୁନ୍ଦରୀ'ର ଯତ୍ନକୁ ନେଇ ଅଭିଯୋଗ ଆସିବା ପରେ ବିବାଦ ଉପୁଜିଥିଲା। ତେବେ ପ୍ରାୟ ଦୁଇବର୍ଷ ହେବ 'ସୁନ୍ଦରୀ' ଏନ୍‌କ୍ଲୋଜରରେ ସେହିଭଳି ବନ୍ଦୀ ହୋଇ ରହିଛି। ତାକୁ ଆଉ ଜଙ୍ଗଲରେ ଛାଡ଼ି ହେବ ନାହିଁ। ତେଣୁ ସୁନ୍ଦରୀକୁ ଫେରାଇ ନେବା ପାଇଁ ରାଜ୍ୟ ସରକାର ମଧ୍ୟପ୍ରଦେଶ ସରକାରଙ୍କୁ ଅନୁରୋଧ କରିଥିଲେ। କିନ୍ତୁ ମଧ୍ୟପ୍ରଦେଶ ସରକାର ବହୁଦିନ ହେବ ଏ ସଂକ୍ରାନ୍ତରେ ଓଡ଼ିଶା ସରକାରଙ୍କ ଚିଠିର ଉତ୍ତର ନ ଦେବାରୁ ବାଘୁଣୀର ଫେରିବା ନେଇ ଆଶଙ୍କା ଦେଖାଦେଇଥିଲା।

## ୯ ଜିଲାରେ କୁହୁଡ଼ି ସମ୍ଭାବନା

**ଭୁବନେଶ୍ୱର,୯।୧୨(ବ୍ୟୁରୋ):** ଆସନ୍ତା ୩ ଦିନ ଯାଏ ରାଜ୍ୟରେ ପାଗ ଶୁଖିଲା ରହିବ। ତେବେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ କେତେକ ସ୍ଥାନରେ ପ୍ରବଳ କୁହୁଡ଼ି ହେବାର ସମ୍ଭାବନା ରହିଛି। କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ସୋନପୁର, ରାୟଗଡ଼ା,ନୟାଗଡ଼, କଟକ, ଜଗତ୍‌ସିଂହପୁର ଏବଂ ଅନୁଗୋଳ ଜିଲାର କେତେକ ସ୍ଥାନରେ ହାଲୁକାରୁ ମଧ୍ୟମଧରଣର କୁହୁଡ଼ି ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୯.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଦାରିଙ୍ଗବାଡ଼ିରେ ୧୧, ବୌଦ୍ଧରେ ୧୫, କୋରାପୁଟରେ ୧୧.୬, ବଲାଙ୍ଗୀରରେ ୧୪.୩, ତାଳଚେରରେ ୧୪, ସୁନ୍ଦରଗଡ଼ରେ ୧୧, ଝାରସୁଗୁଡ଼ାରେ ୧୨.୬, ଅନୁଗୋଳରେ ତାପମାତ୍ରା ୧୩.୬ ଡିଗ୍ରୀ ରେକର୍ଡ କରାଯାଇଛି।

# ଅର୍ବାନ ଗଭର୍ନାନ୍ସରେ ଓଡ଼ିଶା ୧ ନମ୍ବର

- କେରଳ, ମହାରାଷ୍ଟ୍ରକୁ ପଛରେ ପକାଇଲା
- ଅଧିକ ସଂସ୍କାର ଓ ସଶକ୍ତୀକରଣର ଆବଶ୍ୟକତା ରହିଛି

**ଭୁବନେଶ୍ୱର,୯।୧୨(ବ୍ୟୁରୋ)**

ଅର୍ବାନ ଗଭର୍ନାନ୍ସ ଇଣ୍ଡେକ୍ସ (ସହରାଞ୍ଚଳ ଶାସନ ସୂଚକାଙ୍କ)-୨୦୨୦ରେ ଓଡ଼ିଶା ଶ୍ରେଷ୍ଠ ରାଜ୍ୟ ବିବେଚିତ ହୋଇଛି। ଦେଶର ପ୍ରମୁଖ ରାଜ୍ୟଗୁଡ଼ିକୁ ପଛରେ ପକାଇ ଓଡ଼ିଶା ଏକ ନମ୍ବର ସ୍ଥାନ ହାସଲ କରିଛି। ସ୍ୱେଚ୍ଛାସେବୀ ସଙ୍ଗଠନ ପ୍ରଜା ଫାଉଣ୍ଡେଶନ ପକ୍ଷରୁ ଦିଲ୍ଲୀ ସମେତ ୨୮ ରାଜ୍ୟର ୪୦ ସହରକୁ ନେଇ ୩ବର୍ଷ ଧରି ସର୍ଭେ କରାଯାଇଥିଲା। ସହର ପ୍ରଶାସନର ସଶକ୍ତୀକରଣ, ନାଗରିକ ସଶକ୍ତୀକରଣ ଓ ଆର୍ଥିକ ସଶକ୍ତୀକରଣ ଭଳି ବିଭିନ୍ନ ପ୍ରସଙ୍ଗକୁ ଆଧାରକରି ରାଜ୍ୟଗୁଡିକର ର୍ୟାଙ୍କିଙ୍ଗ୍ ପ୍ରକାଶ ପାଇଛି। ସଶକ୍ତ ସହରାଞ୍ଚଳ ଶାସନ ବ୍ୟବସ୍ଥାରେ ଏସବୁ ମାପକାଠିଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ଏହାସହ ଆଞ୍ଚଳିକ ଅର୍ବାନ ପ୍ଲାନିଂ, ସଡ଼କ ଓ ରାସ୍ତାଘାଟ, ଲ୍ୟାଣ୍ଡ୍ ରେଗୁଲେଶନ, ଅର୍ଥନୈତିକ ଓ ସାମାଜିକ ଅଭିବୃଦ୍ଧି, ପାନୀୟ ଜଳ ବ୍ୟବସ୍ଥା, ଅଗ୍ନିଶମ ବ୍ୟବସ୍ଥା, ସହରାଞ୍ଚଳ ବନୀକରଣ ଭଳି ବିଭିନ୍ନ ପାରାମିଟର ମଧ୍ୟ ଏହି ସର୍ଭେରେ ଅନ୍ତର୍ଭୁକ୍ତ ରହିଥିଲା। ଓଡ଼ିଶା ୧୦୦ ନମ୍ବରରୁ ୫୬.୮୬ ସ୍କୋର୍ ପାଇ ପ୍ରଥମ ସ୍ଥାନରେ ରହିଛି। ୫୫.୧୫ ସ୍କୋର୍ ସହ ମହାରାଷ୍ଟ୍ର ଦ୍ୱିତୀୟ ଓ ୫୫.୧୫ ସହ ଛତିଶଗଡ଼ ତୃତୀୟ ସ୍ଥାନରେ ରହିଛି। ସେହିପରି କେରଳ ୪ର୍ଥ, ମଧ୍ୟପ୍ରଦେଶ ୫ମ, ତାମିଲନାଡୁ ୬ଷ୍ଠ ଓ ଗୁଜରାଟ ୭ମ ସ୍ଥାନରେ ରହିଛି। ଝାଡ଼ଖଣ୍ଡ, ଅରୁଣାଚଳ ପ୍ରଦେଶ, ମେଘାଳୟ, ମଣିପୁର ଓ ନାଗାଲାଣ୍ଡ ଏହି ସର୍ଭେରେ ୨୦ରୁ କମ୍ ସ୍କୋର କରି ତାଲିକାର ଶେଷରେ ରହିଛନ୍ତି। ସାମଗ୍ରିକଭାବେ ଦେଖିଲେ କୌଣସି ରାଜ୍ୟ ୫୭ରୁ ଅଧିକ ସ୍କୋର୍ କରିନାହାନ୍ତି। ତେଣୁ ସହରୀ ଶାସନରେ ଅଧିକ ସଂସ୍କାର ଓ ସଶକ୍ତୀକରଣର ଆବଶ୍ୟକତା ରହିଥିବା ପ୍ରଜା ଫାଉଣ୍ଡେଶନ ପକ୍ଷରୁ କୁହାଯାଇଛି।

ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟରେ ସହରାଞ୍ଚଳ ଶାସନ ବ୍ୟବସ୍ଥାରେ ବିଶେଷ ପରିବର୍ତ୍ତନ ଅଣାଯାଇଥିବା କୁହାଯାଇଛି। ରାଜ୍ୟ ସରକାରଙ୍କ ଦୂରଦୃଷ୍ଟି ସମ୍ପନ୍ନ ଯୋଜନା, '୫-ଟି' ଏବଂ 'ମୋ ସରକାର' ଭଳି କାର୍ଯ୍ୟକ୍ରମ ଏହି ପରିବର୍ତ୍ତନ ଆଣିବାରେ ସହାୟକ ହୋଇପାରିଛି। ସେହିଭଳି ପୌରାଞ୍ଚଳ ଆଇନରେ ସଂଶୋଧନ ଦ୍ୱାରା ଲୋକଙ୍କ ଘରେ ସରକାରୀ ସେବା ପହଞ୍ଚିପାରିଛି। ବିଭିନ୍ନ କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ମତାମତ ସଂଗ୍ରହ କରିବା ଦ୍ୱାରା ଶାସନ ବ୍ୟବସ୍ଥାରେ ସ୍ୱଚ୍ଛତା ଆସିଥିବା ରାଜ୍ୟ ସରକାର କହିଛନ୍ତି। ଆଗାମୀ ଦିନରେ ଓଡ଼ିଶା ସ୍ୱଚ୍ଛ ସହରାଞ୍ଚଳ କାର୍ଯ୍ୟକ୍ରମ, ବସ୍ତି ଉନ୍ନୟନ, ବର୍ଜ୍ୟ ପରିଚାଳନା, ଜୀବନଜୀବିକାର ବିକାଶ, ଇ-ଗଭର୍ନାନ୍ସ ଭଳି ବିଭିନ୍ନ ବିକାଶମୁଖୀ କାର୍ଯ୍ୟକ୍ରମ ଦ୍ୱାରା ଏହି ପରିବର୍ତ୍ତନର ଧାରାକୁ ବଜାୟ ରଖିବ ବୋଲି ଆଶା କରାଯାଉଛି। ଏହି ସଫଳତା ପାଇଁ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ ଟିମ୍‌କୁ ଶୁଭେଚ୍ଛା ଜଣାଇଛନ୍ତି।



ଭଗବାନଙ୍କର ସଂକଳ୍ପ ଓ ଇଚ୍ଛା ଅନୁସରଣ କରି ଭାରତ ଆଧ୍ୟାତ୍ମିକ ପର୍ବତର ଶିଖର ଉପରେ ଦଣ୍ଡାୟମାନ ହୋଇ ଆଲୋକ ବିକିରଣ କରିବ। ବିଶ୍ୱବାସୀଙ୍କୁ ସତ୍ୟର ପଥ ପ୍ରଦର୍ଶନ କରିବ ଏବଂ ବିଶ୍ୱକୁ ଐକ୍ୟ ଦିଗରେ ସଂଗଠିତ କରାଇଦେବ। -ଶ୍ରୀମା

# ସାମୁଦ୍ରିକ ଖାଦ୍ୟ ଓ ସଂକ୍ରମଣ



ମାନେକା ଗାନ୍ଧୀ

ହେଲ୍‌ଥ ଆଣ୍ଡ ଫିଟ୍‌ନେସ ବିଶେଷଜ୍ଞମାନେ ମାଂସପେଶୀ ଗଠନ ଲାଗି ସାମୁଦ୍ରିକ ଖାଦ୍ୟ (ସି'ଫୁଡ୍), ଅଧିକ ପ୍ରୋଟିନ,ଫ୍ୟାଟଲେସ ଇତ୍ୟାଦି ଉପରେ ଗୁରୁତ୍ୱ ଦେଇଥାନ୍ତି। ସାମୁଦ୍ରିକ ଖାଦ୍ୟ ସ୍ୱାସ୍ଥ୍ୟ ଲାଗି କେତେ ବିପଜ୍ଜନକ ତାହା ସେମାନଙ୍କ ମଧ୍ୟରୁ ଅଳ୍ପ କେତେଜଣ ଜାଣିଛନ୍ତି। ଆଡ୍ରିଆଟିକ୍ ସମୁଦ୍ର କୂଳରେ କ୍ରୋଏସିଆର ଏକ ଛୋଟ ସହର ମେଲ୍‌ଷ୍ଟୋନ। ଏହା ଓ୍ୱେଷ୍ଟର ବା ଶାମୁକା ଚାଷ ଲାଗି ବେଶ୍ ଜଣାଶୁଣା। ପ୍ରତିବର୍ଷ ଏଠାରେ ୫ ମିଲିୟନ ଶାମୁକା ବିକ୍ରି କରାଯାଏ। ଏଠାରେ ଏକ ବାର୍ଷିକ ଶାମୁକା ଟେଷ୍ଟିଂ ଫିଷ୍ଟ କରାଯାଏ,ଯେଉଁଠି ଟୁରିଷ୍ଟଙ୍କ ଭିଡ଼ ଜମେ। କିନ୍ତୁ ୨୦୧୯ରେ ଡୁବ୍ରୋଭିନିକ ସ୍ଥିତ ଇନ୍‌ଷ୍ଟିଚ୍ୟୁଟ ଫର୍ ମେରାଇନ ଆଣ୍ଡ୍ କୋଷ୍ଟାଲ ରିସର୍ଚ୍ଚ ଶାମୁକାରେ ନୋରୋଭାଇରସ ପାଇବା ପରେ ଏହି ଫିଷ୍ଟକୁ ବନ୍ଦ ରଖାଯାଇଥିଲା। ସହରରୁ ମଳପାଣି ସମୁଦ୍ରକୁ ଛାଡିବା ଯୋଗୁ ଏହି ଭୂତାଣୁ ଶାମୁକାଠାରେ ମିଳିଥିଲା। ନୋରୋଭାଇରସ ଭାରି ମାରାତ୍ମକ। ବର୍ଷକୁ ଏଥିରେ ୨୦ ମିଲିୟନରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ହେବା ସହ ଶହଶହ ମୃତ୍ୟୁମୁଖରେ ପଡୁଛନ୍ତି। ସଂକ୍ରମଣ ହେଲେ ଅନେକଦିନ ଧରି ବାନ୍ତି, ପତଳାଝାଡ଼ା ହେବା ଲକ୍ଷଣ ପ୍ରକାଶ ପାଏ ଓ ଅବସ୍ଥା ସାଂଘାତିକ ହୋଇଯାଏ। ପୀଡିତଙ୍କୁ ତୁରନ୍ତ ଚିକିତ୍ସା ଦରକାର ହୁଏ। ଇରାକର ଜାତୀୟ ଖାଦ୍ୟ ମାସ୍‌ଗୁଫ। କ୍ରାପ (ରୋହି, ଭାକୁଡ ଆଦି ମାଛ) ମାଛକୁ ନିଆଁରେ ପୋଡି ସେଥିରେ ସସ୍ ଦେଇ ଏହା ପ୍ରସ୍ତୁତ କରାଯାଏ। ଇରାକ୍‌ରେ ପ୍ରତିବର୍ଷ ମାଛଫାର୍ମଗୁଡ଼ିକରୁ ଓ ୟୁଫ୍ରେଟିସ ନଦୀରୁ ୨୯,୦୦୦ ଟନ୍ କ୍ରାପ ଉତ୍ପାଦନ କରାଯାଏ। ୨୦୧୮ରେ ଫାର୍ମଗୁଡ଼ିକରେ ଗୋଟିଏ ରାତିରେ ଲକ୍ଷ ଲକ୍ଷ ମାଛ ମରିଯାଇଥିଲେ। ପଙ୍କ,ପାଣି ଓ ମଲାମାଛର ନମୁନା ସଂଗ୍ରହ କରାଯାଇ ପରୀକ୍ଷାଗାରକୁ ପଠାଯାଇଥିଲା। ପାଣିର କମ୍ ତାପମାତ୍ରା,ଫାର୍ମରେ କ୍ଷମତାଠାରୁ ଅତ୍ୟଧିକ ମାଛ ରଖାଯିବା ତଥା ପ୍ରଦୂଷିତ ନଦୀ ପାଣିରୁ ସୃଷ୍ଟି ଏକ ପ୍ରକାର ଭୂତାଣୁ ଯୋଗୁ ମାଛ ମରିଥିଲେ ବୋଲି ଗବେଷକମାନେ ନିଶ୍ଚିତ ହେବା ପରେ ଏହାକୁ ନ ଖାଇବା ଲାଗି ସରକାର ସତର୍କ କରିଥିଲେ। ଖାଦ୍ୟରୁ ସୃଷ୍ଟି ହେଉଥିବା ରୋଗଗୁଡ଼ିକ ମଧ୍ୟରୁ ଅଧିକ ପ୍ରତିଶତ ସି'ଫୁଡ୍‌ରୁ ହୋଇଥାଏ। ସି'ଫୁଡ୍‌ରୁ ମିଳିଥିବା ବିଭିନ୍ନ ପ୍ରକାର ବ୍ୟାକ୍ଟେରିଆ,ଭୂତାଣୁ ଓ ପରଜୀବୀ, ରାସାୟନିକ ଓ ଧାତବ ତତ୍ତ୍ୱ, ସମୁଦ୍ରଜଳରେ ଥିବା ବିଷାକ୍ତ ଏବଂ ସଂକ୍ରମଣକାରୀ ତତ୍ତ୍ୱ ଯୋଗୁ ଏହି ରୋଗଗୁଡ଼ିକ ହୋଇଥାଏ। ଏମାନଙ୍କ ଦ୍ୱାରା ସାମାନ୍ୟ ଗ୍ୟାଷ୍ଟ୍ରୋଏଣ୍ଟେରିଟିସ୍‌ରୁ ଆରମ୍ଭ କରି ପ୍ରାଣଘାତକ ସମସ୍ୟା ଦେଖାଦେଇପାରେ। ସି'ଫୁଡ୍ ମଧ୍ୟରେ ରହିଛି ମୋଲସ୍କ (ଓ୍ୱେଷ୍ଟର ଓ କ୍ଲାମ୍ସ ଭଳି ସାମୁଦ୍ରିକ ଶାମୁକା ଏବଂ ଗେଣ୍ଡା), ଫିନ୍ ଫିଶ୍ (ସାଲମନ ଓ ଟୁନା), କ୍ରୁଷ୍ଟାସିଆନସ୍ (ଛୋଟ ଓ ବଡ଼ ସାମୁଦ୍ରିକ ଚିଙ୍ଗୁଡି ଓ କଙ୍କଡା) ଓ ମାଛ ଅଣ୍ଡା। ସ୍ୱାଭାବିକ ଭାବେ କେତେକ ସିଫୁଡ୍ ଉତ୍ପାଦ ଅଧିକ ବିପଜ୍ଜନକ ହୋଇଥାଏ। ମଣିଷ ମଳ ଦ୍ୱାରା ଜଳ ଦୂଷିତ ହେଲେ ପାଥୋଜେନ ବା ରୋଗସୃଷ୍ଟିକାରୀ ଅଣୁଜୀବ ଦ୍ୱାରା ଏହା ଦୂଷିତ ହୋଇଥାଏ। ଏହାବାଦ ନେବା ଆଣିବା , ପ୍ରକ୍ରିୟାକରଣ କିମ୍ବା ପ୍ରସ୍ତୁତୀକରଣରେ ମଧ୍ୟ ଏହା ଦୂଷିତ ହୋଇପାରେ। ସି'ଫୁଡ୍‌କୁ ପ୍ରାୟତଃ ଭଲ ଭାବେ ରନ୍ଧାଯାଏ ନାହିଁ। ଏହାଦ୍ୱାରା ସେଥିରୁ ଜୀବାଣୁ ନାଶ ହୋଇ ନ ଥାନ୍ତି। ଅନେକ ସମୟରେ ଏହାକୁ କଞ୍ଚା ଖିଆଯାଏ। ସି'ଫୁଡ୍ ଅନେକ ରୋଗର ମୂଳ ଉତ୍ସ ବୋଲି ପ୍ରତ୍ୟେକ ଦେଶରେ ସରକାରୀ ସଂସ୍ଥାମାନଙ୍କ ଦ୍ୱାରା ସଂଗୃହୀତ ତଥ୍ୟରୁ ଜଣାପଡ଼ିଛି। ୟୁରୋପୀୟ ସଂଘର ଫୁଡ୍ ଆଣ୍ଡ୍ ଭେଟେରିନାରି ଅଫିସ ଖାଦ୍ୟ ପାଇଁ ଏକ ର୍‌ୟାପିଡ୍ ଆଲର୍ଟ ସିଷ୍ଟମ (ଆରଏଏସ୍) ଆରମ୍ଭ କରିଛି। ବିପଦର ଉତ୍ସ ଓ କେଉଁ ଦେଶରୁ ଏହା ଆରମ୍ଭ ହୋଇଛି ତାହା ଜଣାଇ ଦେଇଛି। ୧୯୯୨ରୁ ୧୯୯୭ ନଭେମ୍ବର ମଧ୍ୟରେ ଏହି ସିଷ୍ଟମରୁ ୭୧ଟି ସି'ଫୁଡ୍ ଉପରେ ଆଲର୍ଟ ବା ସତର୍କ ସୂଚନା ଜାରି କରାଯାଇଛି। ଏହା ମୋଟ ସି'ଫୁଡ୍‌ର ୪୨.୫%। ସେବେଠାରୁ ଏହି ସଂଖ୍ୟା ବଢି ଦୁଇଗୁଣ ଓ ତିନିଗୁଣ ହୋଇଯାଇଛି।

ସତର୍କ ସୂଚିତ ସିଫୁଡ୍ କିମ୍ବା ମାଛଗୁଡ଼ିକୁ ୩୩ଟି ଦେଶ ରପ୍ତାନି କରିଥିଲେ। ଏହି ମାଛଗୁଡିକ ମଧ୍ୟରୁ ସବୁଠୁ ବେଶି ରପ୍ତାନି କରାଯାଇଥିଲା ଭାରତରୁ। ଏଣୁ ଭାରତରେ ବିକ୍ରି ହେଉଥିବା ସିଫୁଡ୍‌ର ମାନ କ'ଣ ଏଥିରୁ ଚିନ୍ତା କରିପାରୁଥିବେ। ସେଲ୍‌ଫିଶ ଓ ଫିଶ୍ ପଏଜନିଂରେ ଜାପାନରେ ୩୪ ଜଣ ଲୋକଙ୍କ ମୃତ୍ୟୁ ଘଟିଥିଲା ଓ ୧୯୮୭-୯୬ ମଧ୍ୟରେ ୧୪୭୫ଟି ପଏଜନିଂରେ ୩୩,୨୫୩ଟି କେସ୍ ସାମନାକୁ ଆସିଥିଲା। କାନାଡ଼ାରେ ୨୯ଟି ବିଭିନ୍ନ ପ୍ରଜାତିର ଫିଶ୍ ଓ ସେଲ୍‌ଫିଶ କିମ୍ବା ସିଫୁଡ୍ ଉତ୍ପାଦ ସିଫୁଡ୍ ଜନିତ ରୋଗ ସହ ଜଡିତ। ମୁସେଲ,କ୍ଲାମ୍ସ, ଟୁନା, ବାରାକୁଡା ଏବଂ ମର୍ଲିନ ଦ୍ୱାରା ୫୬% ସଂକ୍ରମଣ ହେଉଛି। ୧୦ଟି ଦେଶ ଏହିସବୁ ମାଛକୁ କାନାଡ଼ାକୁ ରପ୍ତାନି କରିଥିଲେ। ଭାରତ ମଧ୍ୟ ଏମାନଙ୍କ ମଧ୍ୟରେ ରହିଥିଲା।

ଆମେରିକାରେ ୧୯୭୩ ରୁ ୨୦୦୬ ମଧ୍ୟରେ ହଠାତ ଦେଖାଦେଇଥିବା ୫୦୦ରୁ ଊର୍ଦ୍ଧ୍ୱ ସଂକ୍ରମଣରେ ହଜାର ହଜାର ଲୋକ ସଂକ୍ରମିତ ହୋଇଥିଲେ। ଏହା ମଧ୍ୟରୁ ୪୯% ସଂକ୍ରମଣ ମଣିଷ ମଳରେ ଥିବା ସଂକ୍ରମଣକାରୀ ତତ୍ତ୍ୱରୁ ହୋଇଥିଲା । ୪୬ % ସଂକ୍ରମଣ ହୋଇଥିଲା ଖାଦ୍ୟ ପ୍ରକ୍ରିୟାକରଣ ଓ ପ୍ରସ୍ତୁତୀକରଣ ସହ ଜଡିତ ତତ୍ତ୍ୱରୁ । ସି'ଫୁଡ୍ ସଂକ୍ରମଣ ସୃଷ୍ଟିକାରୀ ପାଥୋଜେନଗୁଡିକ ମଧ୍ୟରେ ରହିଛି ଭିବ୍ରିଓ ବ୍ୟାକ୍ଟେରିଆ। ଏହା ଦ୍ୱାରା ଗ୍ୟାଷ୍ଟ୍ରୋଏଣ୍ଟେରେଟିସ ଦେଖାଦିଏ। ପତଳାଝାଡ଼ା, ପେଟକାମୁଡା,ଅରୁଚି, ବାନ୍ତି ଲକ୍ଷଣ ପ୍ରକାଶ ପାଏ। ଯେଉଁମାନଙ୍କ ଲିଭର ଓ ଆଇରନ ସମସ୍ୟା ରହିଥାଏ ସେମାନଙ୍କ ପ୍ରତି ଭି.ଭୁଲନିଫିକୁସ ବିପଦ ବେଶି। ସେପ୍‌ସିସ ଏବଂ ଗୁରୁତର କ୍ଷତ ସଂକ୍ରମଣ ଆଡକୁ ଗତି କରେ। ରକ୍ତପ୍ରବାହ ସଂକ୍ରମଣ ମୃତ୍ୟୁହାର ପ୍ରାୟ ୫୦% ଏବଂ କ୍ଷତ ସଂକ୍ରମଣରେ ମୃତ୍ୟୁହାର ୨୫% ରହେ। ଜାନୁୟାରୀ ୨୦୦୭ରେ ଜାତୀୟ ସ୍ତରରେ ଭିବ୍ରୋସିସ୍ ଏକ ଜଣାଶୁଣା ରୋଗ ଭାବେ ଉଭା ହୋଇଥିଲା। ସାଲମାନେଲା ବ୍ୟାକ୍ଟେରିଅ ଭୟଙ୍କର ଗ୍ୟାଷ୍ଟ୍ରୋଏଣ୍ଟେରେଟିସର ଜନକ। ଏହା ମାଛ, ଚିଙ୍ଗୁଡି, ଶାମୁକା ଏବଂ କାମ୍ବରୁ ଆସିଥାଏ। ମାଛରେ ଥିବା ସିଗେଲ୍ଲା ବ୍ୟାକ୍ଟେରିଆ ମଣିଷ ମଳରୁ ଆସିଥାଏ। ଏହାଯୋଗୁ ଅତି ପତଳା ଝାଡ଼ା, ଝାଡ଼ାରେ ରକ୍ତ ପଡିବା,ପେଟ ଦରଜ ହେବା ଓ ଜ୍ୱର ଆଦି ଲକ୍ଷଣ ଦେଖାଯାଏ। କ୍ଲୋଷ୍ଟ୍ରିଡିୟମ ବୋଟୁଲିନୁମ ସାଂଘାତିକ ପକ୍ଷାଘାତ ଭାବେ ଜଣାଶୁଣା। ତିମି ଓ ସାଲମନରୁ ଏହି ସଂକ୍ରମଣ ହୋଇଥାଏ। ଏହାବାଦ୍ ଷ୍ଟାଫିଲୋକୋକୁସରେସ, କ୍ଲୋଷ୍ଟ୍ରିଡିୟମ ପର୍ଫିନଜେନ ଏବଂ ବାସିଲସ ସିରେଉସ ମଧ୍ୟ ଏଣ୍ଟେରୋଟକ୍ସିନ ବା ଅନ୍ତରେ ବିଷକ୍ରିୟାର କାରଣ ପାଲଟିଥାନ୍ତି। ନୋରୋଭାଇରସ ସଂକ୍ରମଣ ଦ୍ୱାରା ପତଳାଝାଡା,ବାନ୍ତି, ଅରୁଚି, ପେଟ କାମୁଡା, ମୁଣ୍ଡବିନ୍ଧା,ମାଂସପେଶୀ ପୀଡା ଏବଂ କମ୍ ଜ୍ୱର ହେବା ଲକ୍ଷ୍ୟ କରାଯାଏ। ମଳ ମିଶ୍ରିତ ପ୍ରଦୂଷିତ ପାଣିରୁ ଉତ୍ପାଦିତ ସିଫୁଡ୍‌ରୁ ନୋରୋଭାଇରସ ଗ୍ୟାଷ୍ଟ୍ରୋଏଣ୍ଟେରିଟିସ ସଂକ୍ରମଣ ହୋଇଥାଏ। ହେପାଟାଇଟିସ ଏ' ଭୂତାଣୁଜନିତ ସଂକ୍ରମଣ ସିଫୁଡ୍ ସହ ଜଡିତ। ଶାମୁକା ଏବଂ କ୍ଲାମ୍‌ସରୁ ଏହି ସଂକ୍ରମଣ ବ୍ୟାପିଥାଏ ବୋଲି ୧୯୬୦ରୁ ଜଣାପଡିଛି। ୧୯୮୮ରେ ଚାଇନାରେ ସବୁଠୁ ବଡ ସଂକ୍ରମଣ ଦେଖାଯାଇଥିଲା। ମଳ ପ୍ରଦୂଷିତ ଅଞ୍ଚଳରେ ଉତ୍ପାଦନ କରାଯାଇଥିବା କ୍ଲାମ୍‌ସ ଖାଇ ପ୍ରାୟ ୩ ଲକ୍ଷ ଲୋକ ସଂକ୍ରମିତ ହୋଇଥିଲେ। ବିଶ୍ୱରେ ଦେଖାଯାଉଥିବା ଅନ୍ୟ ସାଧାରଣ ସି'ଫୁଡ୍ ଜନିତ ରୋଗ ଏବଂ ସଂକ୍ରମଣକଗୁଡ଼ିକ ମଧ୍ୟରେ ରହିଛି ଡାଇରୋହେଟିକ ସେଲଫିସ ପଏଜନିଂ,ସ୍କୁମ୍ବ୍ରୋଏଡ ହିଷ୍ଟାମାଇନ ପଏଜନିଂ, ପାରାଲେଟିକ ସେଲ୍‌ଫିଶ ପଏଜନିଂ, ଭିବ୍ରୋ କୋଲେରା,ଲିଷ୍ଟେରିଆ ମୋନୋସାଇଟୋଜିନେସ, ଷ୍ଟାଫିଲୋକୋକୋସ, ବାସିଲସ ସିରେଉସ। ଆହୁରି ଅନେକ ସଂକ୍ରମଣ ଏବେ ସୁଦ୍ଧା ଜଣାପଡିନାହିଁ କି ଏହା ଉପରେ ଅନୁଧ୍ୟାନ ମଧ୍ୟ କରାଯାଇନାହିଁ।

ସିଫୁଡ ଉତ୍ପାଦନ ହେଉଥିବା ଅଞ୍ଚଳକୁ ଅଧିକ ମଳ ଛାଡିବା, ମଳ ପ୍ରଦୂଷିତ ପାଣିରେ ମାଛ ଚାଷ କରିବା ଏବଂ ଅତ୍ୟଧିକ ବର୍ଷାରେ ମାଟିରୁ ମଳ ଧୋଇହୋଇ ଆସିବା ଦ୍ୱାରା ଏହା ଦୂଷିତ ହୋଇଥାଏ। ଉତ୍ପାଦନ ପର୍ଯ୍ୟାୟରୁ ଆରମ୍ଭ କରି ପ୍ୟାକେଜିଂ, ପରିବହନ, ଖାଇବା ଯାଏ ସିଫୁଡ ବ୍ୟାକ୍ଟେରିଆ, ଭୂତାଣୁ ଓ ଫଙ୍ଗାଲ ବା କବକ ସଂକ୍ରମଣ ଦ୍ୱାରା ଦୂଷିତ ହୋଇଥାଏ। ପ୍ରକ୍ରିୟାକରଣ,ପ୍ୟାକେଜିଂ ସମୟରେ ଶ୍ରମିକମାନେ ସ୍ୱଚ୍ଛତା ପ୍ରତି ଧ୍ୟାନ ନ ଦେବା, ଖରାପ ଭଣ୍ଡାରଣ ବ୍ୟବସ୍ଥା, ତାପମାତ୍ରାରେ ଅନିୟମିତତା ସହ ସୁରକ୍ଷିତ ରଖିବା ପାଇଁ ବ୍ୟବହାର କରାଯାଉଥିବା ଉପାଦାନ ଦ୍ୱାରା ଏହା ଦୂଷିତ ହୋଇଥାଏ।

ଖାଇବା ସମୟରେ ସି'ଫୁଡ୍‌କୁ ଯେଉଁଭଳି ପ୍ରସ୍ତୁତ କରାଯାଏ ଅନେକ ସମୟରେ ସେଥିରୁ ଜୀବାଣୁ ନଷ୍ଟ ହୋଇନଥାନ୍ତି। ଏପରିକି ବହୁ ସମୟରେ ଏହାକୁ କଞ୍ଚା ଖିଆଯାଇଥାଏ। ଏହା ବାସ୍ତବରେ ଅତି ଭୟଙ୍କର ଖାଦ୍ୟ। ସି'ଫୁଡ୍ ଖାଇବାର ପରିଣତି କ'ଣ ହୁଏ ସେ ସମ୍ପର୍କରେ ଆମେ ଅବଗତ ହେବା ଉଚିତ। ଏହା ପରିବେଶ କିମ୍ବା ପ୍ରଣୀ କଲ୍ୟାଣ ଲାଗି ନୁହେଁ ବରଂ ନିଜ ସ୍ୱାସ୍ଥ୍ୟ ଦୃଷ୍ଟିରୁ ଏହା ଉପରେ ଚିନ୍ତା କରନ୍ତୁ। ଯେଉଁମାନଙ୍କର ଯକୃତ ରୋଗ,ଡାଇବେଟିସ କିମ୍ବା ରୋଗପ୍ରତିରୋଧକ ଶକ୍ତି କମ୍ ରହିଛି ସେମାନେ ସାଂଘାତିକ ସି'ଫୁଡ ସଂକ୍ରମଣର ଶିକାର ହେବାର ଆଶଙ୍କା ରହିଛି। ଏଣୁ ଏଥିପ୍ରତି ସତର୍କ ହେବା ଉଚିତ।

Email: gandhim@nic.in

## ଭବିଷ୍ୟତର ଇନ୍ଧନ



ଡ. ନରେନ୍ଦ୍ର ସେଠୀ

ଅତି ମର୍ଯ୍ୟାଦାପୂର୍ଣ୍ଣ ଅନ୍ତର୍ଜାତୀୟ ବିଜ୍ଞାନ ଗବେଷଣା ପତ୍ରିକା 'ଦି ଲାନ୍ସେଟ୍'ର ଏକ ସଦ୍ୟ ରିପୋର୍ଟ ଅନୁଯାୟୀ ଭାରତରେ କୋଇଲା ଜାଳେଣିଜନିତ ପ୍ରଦୂଷଣରେ ବର୍ଷକୁ ୯୫,୮୨୦ ଲୋକ ମୃତ୍ୟୁମୁଖରେ ପଡୁଛନ୍ତି । ଲଗାତର ବଢୁଥିବା ପ୍ରଦୂଷଣ ଅନେକ ସମସ୍ୟାର କାରଣ ହେଲାଣି। ଏ ସମୟରେ ବୈକଳ୍ପିକ ଇନ୍ଧନ ଭାବରେ ସୌର, ବାୟୁ, ଆଣବିକ ଶକ୍ତି ଉତ୍ସକୁ ଆପଣେଇବାକୁ ପଡ଼ିବ। ତେବେ ନିକଟ ଅତୀତରେ ଏକ ନୂଆ ବିକଳ୍ପ ଶକ୍ତି କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବାର ସୁଯୋଗ ସୃଷ୍ଟି କରିଛି। ତାହା ହେଲା ଉଦ୍‌ଜାନ ବା ହାଇଡ୍ରୋଜେନ। ସାଧରଣତଃ ପେଟ୍ରୋଲ, କୋଇଲା ଇତ୍ୟାଦି ଇନ୍ଧନ ଅନେକ ପ୍ରକାରର ହାନିକାରକ ତତ୍ତ୍ୱ ବାୟୁମଣ୍ଡଳରେ ପ୍ରବେଶ କରାଇଥାଏ। କିନ୍ତୁ ଆଶ୍ଚର୍ଯ୍ୟର କଥା ହେଲା ହାଇଡ୍ରୋଜେନ ଇନ୍ଧନରେ କୌଣସି ପ୍ରଦୂଷିତ କଳାଭଳି ଜିନିଷ ନ ଥାଏ। ଏଥିରୁ ନିର୍ଗତ ଗ୍ୟାସ୍ ଭାବରେ ପାଣି ବା ବାଷ୍ପ ବାହାରିଥାଏ। ୧୮୭୪ରେ ଜୁଏଲ ଭର୍ଣ୍ଣ ନାମକ ଇଂରେଜୀ ବିଜ୍ଞାନୀ ପ୍ରଥମକରି ହାଇଡ୍ରୋଜେନ ବ୍ୟାଟେରି ପ୍ରସ୍ତୁତକରି ଏକ ବିକଳ୍ପ ଶକ୍ତି ଉତ୍ସର ପରିକଳ୍ପନା କରିଥିଲେ। ସେତେବେଳେ ତାହାର ବ୍ୟାପକତା କେହି ବୁଝି ନଥିଲେ ମଧ୍ୟ ଆଜି ମହାକାଶ ଯାନରେ ସେଇ ହାଇଡ୍ରୋଜେନ ବ୍ୟାଟେରି ଶକ୍ତିଉତ୍ସ ଭାବେ କାମ କରେ। ବର୍ତ୍ତମାନ ହାଇଡ୍ରୋଜେନ ବ୍ୟାଟେରି ଚାଳିତ ଉଡାଜାହାଜ, ବସ୍, ଟ୍ରକ, ମୋଟରସାଇକେଲ, ଟ୍ରେନ୍ ଓ ରକେଟ୍ ପ୍ରସ୍ତୁତ ହୋଇ ସଫଳତାର ସହ ପ୍ରଦର୍ଶନ ହୋଇସାରିଲାଣି। ସୂଚନାଯୋଗ୍ୟ ଯେ, ହାଇଡ୍ରୋଜେନ ଶକ୍ତିର ବ୍ୟାପକ ଉପଯୋଗିତା ପାଇଁ ନିକଟରେ ଇଣ୍ଟରନ୍ୟାଶନାଲ ପାର୍ଟନରଶିପ ଅନ୍ ହାଇଡ୍ରୋଜେନ ଇକୋନୋମିର ସଂସ୍ଥାପକ ସଦସ୍ୟ ରାଷ୍ଟ୍ର ଭାବେ ଭାରତ ଯୋଗ ଦେଇଛି। ଭାରତ ୨୦୨୬-୨୭ ବେଳକୁ ଘରୋଇ ଶକ୍ତି କ୍ଷେତ୍ରରେ ଶତକଡ଼ା ୪୩% ଅଣପାରମ୍ପରିକ ଉତ୍ସର ଭାଗୀଦାରିତା ରଖିବା ଭଳି ଲକ୍ଷ୍ୟ ରଖିଛି।

ଜର୍ମାନୀ ଭଳି ବିକଶିତ ରାଷ୍ଟ୍ରରେ ଇସ୍ପାତ ଓ ଉତ୍ପାଦନରେ କୋଇଲା ବଦଳରେ ଉଦ୍‌ଜାନ ଜାଳେଣି ବ୍ୟବହାର ହେଉଛି। ହାଇଡ୍ରୋଜେନ ଇନ୍ଧନ ବ୍ୟବହାର ଜର୍ମାନୀର ଟ୍ରେନ୍ ଓ ବସ୍‌ରେ ମଧ୍ୟ ହେଲାଣି। ସ୍ପେନ୍‌ର ମାଡ୍ରିଦ୍, ଲଣ୍ଡନ ପ୍ରଭୃତି ସହରରେ ହାଇଡ୍ରୋଜେନ ଚାଳିତ ବସ ଚାଲୁଥିବାର ଦେଖାଗଲାଣି। ବିଶ୍ୱର ଆର୍ଥିକ ସଂସ୍ଥାଗୁଡ଼ିକର ଆକଳନ ଅନୁଯାୟୀ ୨୦୫୦ ବେଳକୁ ହାଇଡ୍ରୋଜେନ ଇନ୍ଧନର ବଜାର ଦୁଇଶହ ପଚାଶ ଲକ୍ଷ କୋଟି ଟଙ୍କାରେ ପହଞ୍ଚିବ। ପ୍ରାରମ୍ଭିକ ରୂପରେ ବିଶ୍ୱର ଅନେକ ଅଗ୍ରଣୀ କାର୍ ନିର୍ମାତାମାନେ ହାଇଡ୍ରୋଜେନ ଚାଳିତ କାର୍ ପ୍ରସ୍ତୁତ କରି ପ୍ରଦର୍ଶନ କରିଛନ୍ତି। ଥରେ ଇନ୍ଧନ ନେଲେ ୪୦୦ କି.ମି.ପର୍ଯ୍ୟନ୍ତ ଯାଇ ପାରୁଥିବା ହାଇଡ୍ରୋଜେନ କାର୍ ବିପୁଳ ସମ୍ଭାବନା ସୃଷ୍ଟି କରିଛି । ବ୍ୟାଟେରି ଚାଳିତ କାରକୁ ରିଚାର୍ଜ ହେବା ପାଇଁ ଆଠ ଦଶ ଘଣ୍ଟା ଲାଗୁଥିବା ବେଳେ ହାଇଡ୍ରୋଜେନ ଚାଳିତ କାର୍ ମାତ୍ର ପାଞ୍ଚ ମିନିଟ୍ ଭିତରେ ଇନ୍ଧନ ନେଇଥାଏ।

ଆମ ଦେଶ ଏକ କୃଷି ପ୍ରଧାନ ଦେଶ ଓ କୃଷିଜାତ ଅବଶେଷକୁ ବ୍ୟବହାର କରି ଆମେ ହାଇଡ୍ରୋଜେନ ଉତ୍ପନ୍ନ କରିପାରିବା। କୋଇଲା ଉପରେ ନିର୍ଭରଶୀଳ ଆମର ତାପଜ ବିଦ୍ୟୁତ୍ କେନ୍ଦ୍ର ଓ ଇସ୍ପାତ ଶିଳ୍ପରେ ଉଦ୍‌ଜାନ ଇନ୍ଧନ ବ୍ୟବହାର କରି କାର୍ବନ ଉତ୍ସର୍ଜନକୁ ହ୍ରାସ କରିହେବ। ଦେଶ ଭିତରେ ଅଳ୍ପ ଦୂରତା ପାଇଁ ବିମାନ ସେବାରେ ଏହି ଶସ୍ତା ଇନ୍ଧନ ବ୍ୟବହାର କଲେ ଦେଶର ବିମାନ ଯାତ୍ରାରେ ବୈପ୍ଳବିକ ପରିବର୍ତ୍ତନ ଅଣାଯାଇପାରିବ। ହାଇଡ୍ରୋଜେନ ଭବିଷ୍ୟତର ଇନ୍ଧନ। ଏହି ଇନ୍ଧନ ଗମନାଗମନ ଓ ଶକ୍ତି କ୍ଷେତ୍ରରେ ଅସୁମାରି ବିପ୍ଳବ ଆଣିବ। ପେଟ୍ରୋଲିୟମ, ତୈଳ, କୋଇଲା ଓ ଅନ୍ୟ ଇନ୍ଧନଗୁଡ଼ିକ ଜାଗାରେ ଧୀରେ ଧୀରେ ଉଦ୍‌ଜାନ ଜାଳେଣି ବ୍ୟବହୃତ ହେବ। ଏପରିକି କଳକାରଖାନା ଓ ଘରେ ମଧ୍ୟ ଏହା ମୁଖ୍ୟ ଇନ୍ଧନ ରୂପେ ପଦାର୍ପଣ କରିବ। ସୂଚନାଯୋଗ୍ୟ ଯେ, ଭାରତର ପେଟ୍ରୋଲିୟମ ଆମଦାନୀ ୨୦୨୦ରେ ୧୦୧ ବିଲିୟନ ଆମେରିକୀୟ ଡଲାର ଥିଲା। ତେଣୁ ଆମ ଦେଶକୁ ଅଣପାରମ୍ପରିକ ଶକ୍ତିଉତ୍ସ ପବନ, ସୌର ଓ ଆଣବିକ ଶକ୍ତି ପରି ହାଇଡ୍ରୋଜେନ ଶକ୍ତିକୁ ଠାବ କରିବାକୁ ପଡ଼ିବ। ଏକ ଆର୍ଥିକ ମହାଶକ୍ତି ଓ ଉନ୍ନତ ଜୀବନଶୈଳୀ ପାଇଁ ଭାରତ ହାଇଡ୍ରୋଜେନ ଇନ୍ଧନକୁ ଆପଣେଇବାକୁ ପଡ଼ିବ।

ବୈଜ୍ଞାନିକ, ଭାବା ପରମାଣୁ ଗବେଷଣା କେନ୍ଦ୍ର, ପରିବେଶ ନିରୀକ୍ଷଣ ପରୀକ୍ଷାଗାର, ଝାଡ଼ଖଣ୍ଡ , ମୋ-୯୪୭୧୩୮୦୮୧୦

## ଏଇ ଭାରତରେ

କୋଭିଡ୍ ମହାମାରୀରେ ଲକ୍‌ଡାଉନ ଯୋଗୁ ଲୋକମାନଙ୍କ ଦୁର୍ଦ୍ଦଶା ବଢ଼ିଯାଇଛି। ଏବେ ସୁଦ୍ଧା ସେମାନେ ନିଜକୁ ସଳଖି ପାରିନାହାନ୍ତି। କିନ୍ତୁ ଏହା ମଧ୍ୟ ସ୍ୱୀକାର୍ଯ୍ୟ ଯେ, ଲକ୍‌ଡାଉନ ଅନେକଙ୍କୁ ଜୀବିକାର ଭିନ୍ନ ତରିକା ଦେଖାଇଛି। ଅଭିନବ କୌଶଳ ଆପଣାଇବା ଲାଗି ବାଟ କଢ଼ାଇ ନେଇଛି, ଯାହା ଘଟିଛି ଅମ୍ବାଲି ପ୍ରସନ୍ନାକୁମାରଙ୍କ କ୍ଷେତ୍ରରେ। ଲକ୍‌ଡାଉନ ସମୟରେ ପ୍ଲାଷ୍ଟିକ୍ ବର୍ଜ୍ୟରୁ ସେ ମ୍ୟାଟ୍ ତିଆରି କରୁଛନ୍ତି। କେରଳନିବାସୀ ଅମ୍ବାଲି ବର୍ଜ୍ୟ ପ୍ଲାଷ୍ଟିକର ପୁନଃ ଉପଯୋଗ କରୁଛନ୍ତି। ପ୍ଲାଷ୍ଟିକ୍ କଭର୍‌ଗୁଡ଼ିକରୁ ମ୍ୟାଟ୍ ଓ ଟେବୁଲ କ୍ଲଥ ପ୍ରସ୍ତୁତ କରୁଛନ୍ତି। ଏହି ମ୍ୟାଟ୍‌କୁ ବହୁ ବର୍ଷ ବ୍ୟବହାର କରିହେବ ଓ ସଫା କରାଯାଇପାରିବ। ମ୍ୟାଟ୍‌ର ସୌନ୍ଦର୍ଯ୍ୟ ବଢ଼ାଇବା ଲାଗି ପୁରୁଣା କପଡ଼ା ଉପଯୋଗ କରୁଛନ୍ତି ଅମ୍ବାଲି। ଘରେ ବ୍ୟବହୃତ ପୁରୁଣା ପ୍ଲାଷ୍ଟିକ୍ କଭରରୁ କିଭଳି ମ୍ୟାଟ୍ ଓ ଟେବୁଲ କ୍ଲଥ ତିଆରି କରାଯାଇପାରିବ ତା'ଉପରେ ସେ ଲୋକଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। ଏବେ ସେ ଫଳଝୁଡ଼ିର କଭର୍ କରିବା ଲାଗି ଯୋଜନା କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୦ ଡିସେମ୍ବର ୧୯୯୫

- ଛଅ ବର୍ଷ ବୟସ୍କ ବାଳକ ଜ୍ୟାଇନ୍‌ସେନ୍ ନରବୁ ତିବ୍ବତର ଦ୍ୱିତୀୟ ବରିଷ୍ଠ ଧାର୍ମିକ ନେତା (ପଞ୍ଚେନଲାମା) ଭାବରେ ସିଂହାସନ ଆରୋହଣ କରିଛନ୍ତି।
- ଏକ ଅସ୍ଥାୟୀ ସରକାର ଅଧୀନରେ ଦେଶରେ ନିର୍ବାଚନ କରିବା ପାଇଁ ଦାବିକରି ବିରୋଧୀ ଆୱାମି ଲିଗ୍ ପକ୍ଷରୁ ବାଂଲାଦେଶରେ ତିନିଦିନିଆ ଧର୍ମଘଟ।
- ଭାରତବର୍ଷକୁ ପୋଲିଓମୁକ୍ତ କରିବାର ଲକ୍ଷ୍ୟ ନେଇ ଦେଶବ୍ୟାପୀ ପଲ୍‌ସ ପୋଲିଓ ପ୍ରତିଷେଧକ ଟିକାଦାନ କାର୍ଯ୍ୟକ୍ରମ ଆରମ୍ଭ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 6 | 9 | | | | | 7 | | | A | 5 | C | E | |
| | | 5 | E | | 7 | | | 3 | 0 | 4 | | B | | |
| B | | | 1 | | | | 8 | | | | | | | 4 |
| D | | | | | C | | | 4 | | | | | 9 | |
| | | 1 | 9 | 2 | 5 | 6 | E | A | | D | | | 3 | |
| | 5 | | | | | B | | | | E | | | | 2 |
| 3 | | | | 6 | | | | E | | 7 | 2 | 4 | | |
| 9 | D | | C | | | | | | 4 | | 6 | | | 0 |
| | | A | 7 | | 9 | | 0 | | | 5 | | | 6 | |
| | | | | E | | | C | D | | 3 | | | 5 | |
| | 1 | 2 | 6 | | | | | | | | D | | | E |
| | | 8 | D | 0 | | | 9 | 7 | 6 | | | | 2 | |
| | | | B | | E | | | 0 | | | | | | C |
| 6 | | | | | | | | | 8 | | A | 5 | B | |
| 4 | E | | | | 2 | | | | | 9 | | 6 | 0 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | 3 | 5 | 7 | 9 | D | 6 | A | 0 | B | 1 | E | 4 | 2 | C |
| A | 7 | B | C | 4 | 2 | E | 5 | 1 | 3 | 9 | D | 0 | 6 | 8 |
| 6 | 4 | 1 | B | 0 | 5 | 3 | 9 | D | C | 8 | 2 | E | A | 7 |
| C | 9 | 0 | E | 6 | 1 | 2 | 8 | 4 | A | 7 | 5 | B | 3 | D |
| E | 2 | D | A | 3 | 8 | C | 7 | B | 0 | 6 | 4 | 9 | 1 | 5 |
| 0 | D | 7 | 5 | A | B | 8 | 4 | 2 | 1 | E | 9 | 6 | C | 3 |
| 9 | E | C | 6 | 8 | 4 | 0 | 3 | 7 | 2 | D | A | 5 | B | 1 |
| 5 | 8 | 3 | 2 | 1 | C | D | E | 9 | 7 | B | 6 | A | 4 | 0 |
| B | 6 | A | 3 | 7 | 9 | 5 | 1 | C | 4 | 0 | 8 | 2 | D | E |
| 2 | 1 | 4 | D | E | 0 | B | 6 | A | 5 | C | 3 | 7 | 8 | 9 |
| D | C | 6 | 8 | B | 7 | 1 | 2 | 5 | E | 4 | 0 | 3 | 9 | A |
| 7 | 5 | E | 9 | C | A | 4 | B | 6 | 8 | 3 | 1 | D | 0 | 2 |
| 3 | 0 | 8 | 1 | 2 | 6 | 7 | D | E | 9 | A | B | C | 5 | 4 |
| 4 | A | 2 | 0 | D | 3 | 9 | C | 8 | 6 | 5 | 7 | 1 | E | B |
| 1 | B | 9 | 4 | 5 | E | A | 0 | 3 | D | 2 | C | 8 | 7 | 6 |

ଗତକାଲିର ଉତ୍ତର

# ମାନବ ଅଧିକାର ଓ ବ୍ୟବସ୍ଥା



ସନ୍ଦୀପ କୁମାର ପଟ୍ଟନାୟକ

ଆଜି ବିଶ୍ୱ ମାନବ ଅଧିକାର ଦିବସ। ମିଳିତ ଜାତିସଂଘ ପକ୍ଷରୁ ୧୯୫୦ରୁ ପ୍ରତିବର୍ଷ ଡିସେମ୍ବର ୧୦ରେ ଆନ୍ତର୍ଜାତିକ ମାନବ ଅଧିକାର ଦିବସ ପାଳନ କରାଯାଉଛି। ୧୯୪୮ ଡିସେମ୍ବର ମାସର ଆଜିର ଦିନରେ ଜାତିସଂଘ ସାଧାରଣ ପରିଷଦ ସାର୍ବଜନୀନ ମାନବ ଅଧିକାର ଘୋଷଣାନାମା ପତ୍ରକୁ ଅନୁମୋଦନ କରିଥିଲା। ସେହି ସ୍ମୃତିରେ ପ୍ରତିବର୍ଷ ମାନବ ଅଧିକାର ପ୍ରତି ବିଶ୍ୱର ଧ୍ୟାନ ଆକର୍ଷଣ କରିବା ଉଦ୍ଦେଶ୍ୟରେ ସାରା ବିଶ୍ୱରେ ଏହି ଦିବସ ପାଳନ କରାଯାଏ।

ଚଳିତ ବର୍ଷର ମାନବ ଅଧିକାର ଦିବସର ବିଷୟବସ୍ତୁ କୋଭିଡ୍-୧୯ ମହାମାରୀର ସମସ୍ୟା ସହିତ ଜଡ଼ିତ। ଏହି ମହାମାରୀରେ ଉପୁଜିଥିବା ବିଶ୍ୱସ୍ତରୀୟ ସଙ୍କଟକୁ ଆଧାର କରି ଆଗାମୀ ଦିନରେ କିପରି ପୁନରୁଦ୍ଧାର କରାଯାଇପାରିବ ଓ ସମସ୍ତଙ୍କ ପାଇଁ ସମାନ ସୁଯୋଗ ସୃଷ୍ଟି କରାଯିବ ତା' ଉପରେ ଗୁରୁତ୍ୱ ଦିଆଯିବ। ଏଥିପାଇଁ ବିଶ୍ୱ ସ୍ତରରେ ସମନ୍ୱୟ, ସହଯୋଗ ଏବଂ ଭାଇଚାରାର ଆବଶ୍ୟକତା ରହିଛି। ମିଳିତ ଜାତିସଂଘର ଡାକରା ହେଉଛି 'ମାନବ ଅଧିକାର ପାଇଁ ଛିଡ଼ା ହେବା' ।

ସମ୍ପ୍ରତି ବିଶ୍ୱର ବିଭିନ୍ନ ସ୍ଥାନରେ ମାନବାଧିକାରର ଖୋଲା ଉଲ୍ଲଂଘନ ହେଉଛି। କୋଟି କୋଟି ଶିଶୁ ଅବହେଳାର ଶିକାର ହେଉଛନ୍ତି। ମହିଳା ଓ ମାନବ ଚାଲାଣକାରୀଙ୍କ ନିର୍ଯାତନା ବଢ଼ି ବଢ଼ି ଚାଲିଛି। ମାନବ ଜାତି ଜଳବାୟୁ ପରିବର୍ତ୍ତନ, ଆତଙ୍କବାଦ, ସାମାଜିକ ଓ ଅର୍ଥନୈତିକ ଅସମାନତା ଆଦି ଅନେକ ଆହ୍ୱାନର ସମ୍ମୁଖୀନ ହେଉଛି। ତେଣୁ ଏନେଇ ସଚେତନତା ସୃଷ୍ଟି କରିବା ଆଜିର ଦିବସର ମୂଳ ଉଦ୍ଦେଶ୍ୟ। ଯଦି ଭାରତରେ ମାନବ ଅଧିକାର ବିଷୟରେ ଆଲୋଚନା କରାଯାଏ, ତେବେ ପ୍ରାୟତଃ ଦେଖାଯାଉଛି ଯେ ଆଜି ମଧ୍ୟ ଦଳିତ, ଆଦିବାସୀ, ମହିଳା, ସଂଖ୍ୟାଲଘୁ, ଭିନ୍ନକ୍ଷମ, ତୃତୀୟଲିଙ୍ଗୀ ଇତ୍ୟାଦି ସେମାନଙ୍କର ମାନବ ଅଧିକାରକୁ ସୁରକ୍ଷିତ କରି ସମ୍ମାନର ସହିତ ବଞ୍ଚିବାରେ ସକ୍ଷମ ନୁହନ୍ତି।

ଆମ ସମାଜରେ ସାଧାରଣ ଲୋକମାନଙ୍କ ପାଖରେ ମାନବାଧିକାର ସମ୍ପର୍କରେ ସଚେତନତା ବିଶେଷ ଭାବେ ଦେଖାଯାଏ ନାହିଁ। ଏହାର ଏକ ପ୍ରତ୍ୟକ୍ଷ ଉଦାହରଣ ହେଉଛି ଆମ ଦେଶରେ ଥିବା ମହିଳାମାନଙ୍କ ଉପରେ ଶାରୀରିକ ଏବଂ ମାନସିକ ନିର୍ଯାତନା ଯେପରିକି ଘରୋଇ ହିଂସା, ଶାରୀରିକ ଅତ୍ୟାଚାର ଏବଂ ମାନସିକ ଉତ୍ପୀଡ଼ନ। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ(ଏନ୍‌ସିଆର୍‌ବି) ଅନୁଯାୟୀ, ଭାରତରେ ପ୍ରତିଦିନ ହାରାହାରି ୮୮ ଜଣ ମହିଳାଙ୍କୁ ବଳାତ୍କାର କରାଯାଏ । ୨୦୧୯ରେ ବଳାତ୍କାରର ୩୨,୦୦୦ରୁ ଅଧିକ ଘଟଣା ହୋଇଥିଲା ଏବଂ ପୀଡ଼ିତମାନଙ୍କ ମଧ୍ୟରୁ ୧୫%ରୁ ଅଧିକ ଝିଅଙ୍କ ବୟସ ୧୮ ବର୍ଷରୁ କମ୍ ଥିଲା । ଆଦିବାସୀ ଏବଂ ଜଙ୍ଗଲବାସୀମାନଙ୍କର ପେସା ଆଇନ ଓ ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ ସେମାନଙ୍କର ଜଙ୍ଗଲ ଜମି ଓ ପାରମ୍ପରିକ ଅଧିକାରକୁ ସମ୍ପୂର୍ଣ୍ଣ ସ୍ୱୀକୃତି ଦିଆଯାଇନାହିଁ। ତୃତୀୟଲିଙ୍ଗୀମାନେ ସମାଜରେ ବର୍ଜିତ ଓ ପରିହାସର ପାତ୍ର ହୋଇ ରହିଛନ୍ତି। ସେହିପରି ଭାରତ ସମ୍ବିଧାନର ଧାରା ୧୭ରେ ଛୁଆଁ ଅଛୁଆଁ ଭେଦଭାବକୁ ଦୂର କରିବା ଏକ ମୌଳିକ ଅଧିକାର ଭାବରେ ଗୃହୀତ ଏବଂ ଏହାକୁ ଦଣ୍ଡଯୋଗ୍ୟ ଅପରାଧ ଭାବେ ବିବେଚନା କରାଯାଇଛି, କିନ୍ତୁ ଆଜି ୭୦ ବର୍ଷ ପରେ ମଧ୍ୟ ଦଳିତମାନେ ଜାତି ବ୍ୟବସ୍ଥାରେ ଘୃଣ୍ୟ ଶିକାର ହେଉଛନ୍ତି।

ମାନବ ଅଧିକାର ଉଲ୍ଲଂଘନ ଦୃଷ୍ଟିରୁ ପୋଲିସ ହେପାଜତରେ ଅତ୍ୟାଚାର ବ୍ୟାପକ ଭାବେ ପ୍ରତିଫଳିତ ହୁଏ । ଆମ ରାଜ୍ୟରେ ବୀରମିତ୍ରପୁର ଓ ପୁରୀ ହାଜତ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଏହାକୁ ଗୁରୁତର ସହ ବିଚାର କରିବା କଥା। କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଦ୍ୱାରା ସଂସଦରେ ଦିଆଯାଇଥିବା ତଥ୍ୟ ଅନୁଯାୟୀ ୨୦୧୯-୨୦୨୦ରେ ଭାରତରେ ହାଜତରେ ପ୍ରାୟ ପାଞ୍ଚ ଜଣ ବ୍ୟକ୍ତି ପ୍ରତିଦିନ ମୃତ୍ୟୁବରଣ କରିଥିଲେ । ଏପ୍ରିଲ ୧, ୨୦୧୯ରୁ ମାର୍ଚ୍ଚ ୩୧, ୨୦୨୦ ମଧ୍ୟରେ ପୋଲିସ ହେପାଜତ କିମ୍ବା ଜେଲରେ ହତ୍ୟା କରାଯାଇଥିବା ଲୋକଙ୍କ ମୋଟ ସଂଖ୍ୟା ୧,୬୯୭ ଥିଲା। ଏହା ମଧ୍ୟରୁ ୧,୫୮୪ ଜଣ ନ୍ୟାୟିକ ହେପାଜତରେ ଏବଂ ୧୧୩ ଜଣ ପୋଲିସ ହେପାଜତରେ ମୃତ୍ୟୁବରଣ କରିଥିଲେ। ଏହି ତଥ୍ୟର ବିଶ୍ୱସନୀୟତା ଉପରେ ମଧ୍ୟ ପ୍ରଶ୍ନ ଆସିଛି । ବରିଷ୍ଠ ଓକିଲ ଏବଂ ମାନବ ଅଧିକାର କର୍ମୀ କଲିନ୍ ଗୋନସାଲ୍‌ଭେସ୍‌ଙ୍କ ମତରେ 'ଏହି ହାଜତ ମୃତ୍ୟୁ ପ୍ରକୃତ ମୃତ୍ୟୁର ଏକ ତୃତୀୟାଂଶ। ସେମାନେ (ପୋଲିସ) ଯାହା କରନ୍ତି ତାହା ହେଉଛି ଯେ, ଯେତେବେଳେ ଜଣେ ବ୍ୟକ୍ତି ମରିଯାଏ, ସେମାନେ ତାଙ୍କୁ ଡାକ୍ତରଖାନାକୁ ନେଇଯାଆନ୍ତି ଏବଂ ତା'ପରେ କାଗଜରେ ଦେଖାନ୍ତି ଯେ ସେ ଡାକ୍ତରଖାନା ଭିତରେ ମୃତ୍ୟୁବରଣ କଲେ। ସେମାନେ ରିପୋର୍ଟରେ 'ଡାକ୍ତରଖାନାରେ ମୃତ୍ୟୁ' ବୋଲି ଲେଖନ୍ତି । ଆଜି ମଧ୍ୟ ପୋଲିସ ଉତ୍ତରଦାୟିତ୍ୱର ସମସ୍ୟାକୁ ନେଇ ଗମ୍ଭୀର ପ୍ରଶ୍ନ ରହିଛି।

ସରକାରୀ ତଥ୍ୟରୁ ଜଣାପଡ଼େ ଯେ ସାରା ଦେଶରେ ମୋଟ ୧୩୫୦ଟି କାରାଗାର ଅଛି, ଯେଉଁଥିରେ ୪,୦୩,୭୩୯ଟି ବନ୍ଦୀଙ୍କୁ ରଖିବାର କ୍ଷମତା ରହିଛି। କିନ୍ତୁ ପ୍ରାୟ ସମସ୍ତ ଜେଲରେ ରଖିବା କ୍ଷମତାଠାରୁ ଅଧିକ ବନ୍ଦୀ ଥିବାରୁ ଭିଡ଼ ହୋଇଛି। ୨୦୧୮ ରିପୋର୍ଟ ଅନୁଯାୟୀ ସମସ୍ତ କାରାଗାରରେ ୪,୭୮,୦୦୦ ଜଣ ବନ୍ଦୀ ଅଛନ୍ତି। ଏନ୍‌ସିଆର୍‌ବି ଏହାର ବାର୍ଷିକ ଜେଲ ପରିସଂଖ୍ୟାନ ଇଣ୍ଡିଆ ରିପୋର୍ଟ -୨୦୧୯ରେ ଦର୍ଶେଇଛି ଯେ, ଓଡ଼ିଶାର ସବ୍‌ଜେଲରେ ସର୍ବାଧିକ ଅନ୍ତେବାସୀ ରହିଛନ୍ତି। କିଶୋର ନ୍ୟାୟ (ଶିଶୁର ଯତ୍ନ ଏବଂ ସୁରକ୍ଷା) ଆଇନର ଠିକ୍ କାର୍ଯ୍ୟାନ୍ୱୟନ ନ ହେବାରୁ ପିଲାମାନଙ୍କୁ ପ୍ରାୟତଃ ଥାନା ଏବଂ କାରାଗାରରେ ବେଆଇନ ଭାବେ ଗିରଫ କରାଯାଇ ଅତ୍ୟାଚାର କରାଯାଏ।

ଏକ ସ୍ୱାଧୀନ ଓ ଗଣତାନ୍ତ୍ରିକ ରାଷ୍ଟ୍ରରେ ଭାରତ ଭଳି ଦେଶରେ ପ୍ରକୃତପକ୍ଷେ ଜନସାଧାରଣ ସାମାଜିକ, ଅର୍ଥନୈତିକ ଓ ଅତ୍ୟାଚାରରୁ ମୁକ୍ତ ବୋଲି କେହି କହିପାରିବେ ନାହିଁ! ଏହି ପରିପ୍ରେକ୍ଷୀରେ ବିଶିଷ୍ଟ ସାମ୍ୟବାଦୀ ନେତା ତଥା କେରଳର ପୂର୍ବତନ ମୁଖ୍ୟମନ୍ତ୍ରୀ ଇ. ଏମ୍. ଏସ୍. ନମ୍ବୁଦ୍ରିପଦ ପୋଲିସ ସମ୍ବନ୍ଧରେ ଦେଇଥିବା ମନ୍ତବ୍ୟ ପ୍ରଣିଧାନଯୋଗ୍ୟ। ତାଙ୍କ କହିବା ଅନୁଯାୟୀ ଥାନାରେ ଯେଉଁଦିନ ଅଭିଯୋଗ କରିବାକୁ ଯାଇଥିବା ଜଣେ ସାଧାରଣ ଜନତାକୁ ସେଠାକାର ପୋଲିସ ଅଧିକାରୀ ଏକ ଚଉକି ଦେଇ ବସିବା ପାଇଁ ଅନୁରୋଧ କରିବେ, ସେହି ଦିନ ହିଁ ପ୍ରକୃତପକ୍ଷେ ଗଣତନ୍ତ୍ର ଓ ସ୍ୱାଧୀନତା ମିଳିଛି ବୋଲି ହୃଦବୋଧ ହେବ। ଯାହା ଦେଖାଯାଉଛି,ଆମ ଦେଶରେ ପୋଲିସର ସାଧାରଣ ଜନତାଙ୍କ ପ୍ରତି ଦୃଷ୍ଟିଭଙ୍ଗୀରେ ବିଶେଷ କିଛି ପରିବର୍ତ୍ତନ ହୋଇନାହିଁ । ପୋଲିସ ଅତ୍ୟାଚାରରେ ଅଧିକ କ୍ଷତିଗ୍ରସ୍ତ ହେଉଥିବା ଲୋକମାନେ ହେଉଛନ୍ତି ସାମାଜିକ ଓ ଅର୍ଥନୈତିକ ସ୍ତରରେ ଦୁର୍ବଳ ଥିବା ଜନତା।

ମାନବ ଅଧିକାର ସୁରକ୍ଷା ଆଇନ ଅଧୀନରେ ଜାତୀୟ ମାନବ ଅଧିକାର ଆୟୋଗ ପ୍ରତିଷ୍ଠା କରାଯାଇଥିଲା । ଆୟୋଗ ଏ ପର୍ଯ୍ୟନ୍ତ ଅନେକ କ୍ଷେତ୍ରରେ ନିଜସ୍ୱ ମତ ସହିତ କିଛି ସାହସିକ ପଦକ୍ଷେପ ନେଇଛନ୍ତି ! କିନ୍ତୁ ତାହା ପୀଡ଼ିତମାନଙ୍କୁ ନ୍ୟାୟ ଦେବା ପାଇଁ ଆୟୋଗର ପ୍ରୟାସ ପର୍ଯ୍ୟାପ୍ତ ନୁହେଁ । ମାନବ ଅଧିକାର ସୁରକ୍ଷା ଆଇନ, ୧୯୯୩ ଅନୁଯାୟୀ ରାଜ୍ୟ ସରକାରମାନେ ଦ୍ରୁତ ବିଚାର ପାଇଁ ଉଚ୍ଚ ନ୍ୟାୟାଳୟର ମୁଖ୍ୟ ନ୍ୟାୟାଧୀଶଙ୍କ ସମ୍ମତି ଆଧାରରେ ବିଜ୍ଞପ୍ତି ଜାରିକରି ରାଜ୍ୟର ପ୍ରତ୍ୟେକ ଜିଲାରେ ମାନବାଧିକାର ନ୍ୟାୟାଳୟ ପ୍ରତିଷ୍ଠା କରିବାର ଥିଲେ ମଧ୍ୟ ତାହା ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିନାହିଁ। ଏଭଳି ନ୍ୟାୟାଳୟରେ ସ୍ୱତନ୍ତ୍ର ସରକାରୀ ଓକିଲ ନିଯୁକ୍ତି ଦିଆଯିବାର ବ୍ୟବସ୍ଥା ଥିଲେ ମଧ୍ୟ ତାହା ହୋଇପାରିନାହିଁ। ମାନବ ଅଧିକାର କେବଳ ଏକ ସ୍ଲୋଗାନରେ ସୀମିତ ହେବା ଉଚିତ ନୁହେଁ, ଏହା ମଣିଷର ଏକ ସଂସ୍କାର ହେବା ଆବଶ୍ୟକ। ଲୋକନୀତିର ଏହା ଆଧାରଶିଳା ହେବା ବାଞ୍ଛନୀୟ ।

ଭୁବନେଶ୍ୱର, ମୋ-୦୯୯୩୮୦୬୩୨୭୫,
ଇମେଲ: sandeepkumar.pattnaik@gmail.com

## ପାଠକ ଶ୍ରେଷ୍ଠ ବିଚାରକ

### ବିଶ୍ୱସ୍ତରୀୟ ଶିକ୍ଷାବ୍ୟବସ୍ଥା ହେଉ

ମହାଶୟ,

ଭାରତକୁ ବିଶ୍ୱସ୍ତରୀୟ ଶିକ୍ଷାର ଏକ ହବ୍‌ରେ ପରିଣତ କରିବାକୁ କେନ୍ଦ୍ର ସରକାର ନିଜର ପ୍ରତିବଦ୍ଧତାକୁ ବାରମ୍ବାର ଦୋହରାଉଛନ୍ତି । ତେବେ ଉଚ୍ଚ ଶିକ୍ଷାକ୍ଷେତ୍ରରେ ଭାରତର ଦୟନୀୟ ସ୍ଥିତିକୁ ଦେଖିଲେ ବିସ୍ମିତ ହେବାକୁ ପଡେ । ୨୦୨୦ ବର୍ଷ ପାଇଁ ପ୍ରସ୍ତୁତ ବିଶ୍ୱର ୧୦୦ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟର ତାଲିକାରେ ଭାରତର ଗୋଟିଏ ବି ନାହିଁ । ୨୦୦ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ତାଲିକାରେ ଭାରତର ୩ଟି ସ୍ଥାନ ପାଇଥିବାବେଳେ ଚାଇନାର ୧୯ଟି ସ୍ଥାନ ପାଇଛି । ବିଶ୍ୱର ଶ୍ରେଷ୍ଠ ୧୦ଟି ବିଶ୍ୱବିଦ୍ୟାଳୟ ତାଲିକାରେ ଆମେରିକାର ୫ଟି, ଇଂଲଣ୍ଡର ୪ଟି ଓ ସୁଇଜରଲାଣ୍ଡର ଗୋଟିଏ ରହିଛି । ଆମେରିକା, ଇଂଲଣ୍ଡ, ସୁଇଜରଲାଣ୍ଡ ଓ ଚାଇନା ତୁଳନାରେ ଭାରତର ସ୍ଥିତି କେତେ ଦୁର୍ବଳ ତାହା ଏହି ତଥ୍ୟରୁ ସ୍ପଷ୍ଟ ହୁଏ । ଆବଶ୍ୟକତା ଦୃଷ୍ଟିରୁ ଭାରତକୁ ବିଶ୍ୱସ୍ତରୀୟ ଶିକ୍ଷାର ଏକ କେନ୍ଦ୍ର କରିବା ଜରୁରୀ । ନୂତନ ଶିକ୍ଷାନୀତି ୨୦୨୦ରେ ଏଥିପାଇଁ ବ୍ୟାପକ ସୁଯୋଗ ସୃଷ୍ଟି କରାଯାଇଛି ବୋଲି କୁହାଯାଉଛି । ହେଲେ କେବଳ ଗୋଟିଏ ଶିକ୍ଷାଆଇନ ପ୍ରଣୟନ କରିଦେଲେ ହେବ ନାହିଁ । ଏହାର ସଫଳ କାର୍ଯ୍ୟାନ୍ୱୟନ ପାଇଁ ପର୍ଯ୍ୟାପ୍ତ ବ୍ୟୟବରାଦ, ଭିତ୍ତିଭୂମି ଉନ୍ନୟନ, ଯୋଗ୍ୟ ଓ ଦକ୍ଷ ଶିକ୍ଷକ ନିଯୁକ୍ତି, ଶିକ୍ଷାଦାନର ମାନ ନିରୀକ୍ଷଣ ଓ ସର୍ବୋପରି ଶାସକ ଓ ପ୍ରଶାସକମାନଙ୍କର ଉତ୍ତର ଦାୟିତ୍ୱ ରହିବା ଆବଶ୍ୟକ ।

-ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

## ଚିରନ୍ତନୀ

ଅନ୍ତରେ ଲହୁ ବାହାରେ ରକ୍ତରାଶି,
ରକତର ଶିଶୁ କାହିଁ ଯିବି ମୁଁ ଗୋ ଭାସି !
କି ବାରତା ଆସେ କାହିଁ ସେ ଉଚ୍ଚରେ,
କ୍ଷୀଣତର ହୋଇ ମରମେ ସଞ୍ଚରେ,
କି ପୁଲକ ବ୍ୟଥା ପରାଣେ ଲାଗେ ପରାସି
ରଙ୍ଗାଏ ମୋର ସଞ୍ଚିତ ବ୍ୟଥାରାଶି।

-(ଲୋହିତ ବ୍ୟଥା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# 'କୋଇଲା ରୟାଲ୍‌ଟି ସଂଶୋଧନ କର'

ଭୁବନେଶ୍ୱର,୯।୧୨(ବ୍ୟୁରୋ)

କୋଇଲା ଓ ଅନ୍ୟାନ୍ୟ ଖଣିଜ ପଦାର୍ଥର ରୟାଲଟି ସଂଶୋଧନ ପ୍ରସ୍ତାବ ୨୦୧୭ରୁ କେନ୍ଦ୍ର ସରକାରଙ୍କ ବିଚାରାଧୀନ ରହିଛି। କୋଇଲା ରୟାଲ୍‌ଟି ସଂଶୋଧନ ୨୦୧୭ ସେପ୍ଟେମ୍ବରରୁ ପଡ଼ିରହିଛି। ଯଦିଓ କ୍ଲିନ୍ ଏନର୍ଜି ସେସ୍ ଅନେକ ଥର ବୃଦ୍ଧି କରାଯାଇଛି ତେବେ ତାହା ରାଜ୍ୟ ପାଇଁ କୌଣସି ଫାଇଦା ଦେଉନାହିଁ। ଏ ନେଇ ତୁରନ୍ତ ନିଷ୍ପତ୍ତି ନେଲେ କୋଭିଡ ପରବର୍ତ୍ତୀ ସମୟରେ ରାଜ୍ୟକୁ ଏହା ସହାୟକ ହେବ। ଏହା ସହିତ ରାଜ୍ୟର ରାଜସ୍ୱ ଓ ନିଯୁକ୍ତି ଜଡ଼ିତ ଥିବାରୁ ଏ ନେଇ ତୁରନ୍ତ ନିଷ୍ପତ୍ତି ନେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି।

ମୁଖ୍ୟମନ୍ତ୍ରୀ ବୁଧବାର ଭିଡିଓ କନ୍‌ଫରେନ୍ସ ଜରିଆରେ କେନ୍ଦ୍ର କୋଇଲା, ଖଣି ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ, ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ବରିଷ୍ଠ ଅଧିକାରୀମାନଙ୍କ ସହିତ ନିକଟରେ କରାଯାଇଥିବା ଖଣି ନିଲାମ, ଖଣିଜ ସଂସ୍କାର ଏବଂ ଖଣିଜ ସମ୍ପଦ କ୍ଷେତ୍ରରେ ଥିବା ଅନ୍ୟାନ୍ୟ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶା ସରକାର ସର୍ବଦା ଶିଳ୍ପାନୁଷ୍ଠାନଗୁଡ଼ିକୁ ନିରନ୍ତର ଖଣିଜ ଲୁହାପଥର ଯୋଗାଇବା ସହ କର୍ମଚାରୀମାନଙ୍କର ସୁରକ୍ଷା ଏବଂ ରାଜସ୍ୱ ଆଦାୟ ଭଳି ଖଣିଜ ସଂସ୍କାରକୁ ଗୁରୁତ୍ୱ ଦେଇ ଆସିଛନ୍ତି।



କେନ୍ଦ୍ର ମନ୍ତ୍ରୀଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସରେ ଆଲୋଚନା କରୁଛନ୍ତି। ପାଖରେ ଅଛନ୍ତି ୫-ଟି ସଚିବ ଭି. କେ. ପାଣ୍ଡିଆନ୍।

- କେନ୍ଦ୍ରକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ
- କେନ୍ଦ୍ର କୋଇଲା, ପେଟ୍ରୋଲିୟମ ମନ୍ତ୍ରୀଙ୍କ ସହ ଆଲୋଚନା କଲେ

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଖଣିଗୁଡ଼ିକୁ ସଫଳତାର ସହ ନିଲାମ କରିବାରେ ଓଡ଼ିଶା ପ୍ରଥମ ରାଜ୍ୟ ହୋଇପାରିଛି। ଖଣିଜ ପଦାର୍ଥର ଦର ବୃଦ୍ଧି, ଉତ୍ପାଦନରେ ଅନିଶ୍ଚିତତା ଶିଳ୍ପାନୁଷ୍ଠାନଗୁଡ଼ିକୁ କଞ୍ଚାମାଲ ପହଞ୍ଚିବାରେ ସମସ୍ୟା ସୃଷ୍ଟି ହେଉଥିବା ମୁଖ୍ୟମନ୍ତ୍ରୀ ଆଲୋଚନା ବେଳେ ଉତ୍ଥାପନ କରିଥିଲେ। କୋଭିଡ ସମୟରେ ଉତ୍ପାଦନରେ ବାଧା ସୃଷ୍ଟି ହେବା, ଲୁହାପଥର ଅଭାବ ଜନିତ ମୂଲ୍ୟ ବୃଦ୍ଧି ଯୋଗୁ ସ୍ପଞ୍ଜ ଆଇରନ କାରଖାନା, କ୍ଷୁଦ୍ର ଓ ମଧ୍ୟମ ଧରଣର ଷ୍ଟିଲ୍ ପ୍ଲାଣ୍ଟଗୁଡ଼ିକ ପାଇଁ ସମସ୍ୟା ଦେଖାଦେଉଛି। ଏହାଦ୍ୱାରା ରାଜ୍ୟର ରାଜସ୍ୱ ପ୍ରଭାବିତ ହେବା ସହ ନିଯୁକ୍ତି ମଧ୍ୟ ବାଧାପ୍ରାପ୍ତ ହେଉଛି। ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ କେନ୍ଦ୍ର ଓ ରାଜ୍ୟ ଉଦ୍ୟୋଗଗୁଡ଼ିକ ଶିଳ୍ପାନୁଷ୍ଠାନଗୁଡ଼ିକ ନିକଟରେ ଲୁହାପଥର ପହଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିପାରିବେ। ଏଥିସହିତ ଉଦ୍ୟୋଗଗୁଡ଼ିକ ଦୃଢ଼ ଭାବେ ବଜାରରେ ନିଜର ଉପସ୍ଥିତି ଜାହିର କଲେ ଖଣିଜ ପଦାର୍ଥ ସୁଲଭ ଦରରେ ମିଳିବା ସହ ଯୋଗାଣ ସ୍ୱାଭାବିକ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏମ୍ଏମ୍‌ଡିଆର୍ ଆକ୍ଟର ସେକ୍ସନ ୧୭(ଏ) ଅନୁଯାୟୀ ମିଆଦ ପୂରି ଯାଇଥିବା କେତେକ ଖଣିକୁ ଓଡ଼ିଶା ଖଣି ନିଗମ ଭଳି ରାଜ୍ୟ ସରକାରୀ ଉଦ୍ୟୋଗ ପାଇଁ ସଂରକ୍ଷିତ ରଖିବାକୁ ମୁଖ୍ୟମନ୍ତ୍ରୀ ପ୍ରସ୍ତାବ ଦେଇଛନ୍ତି। ଦେଶର ଖଣିଜ ସମ୍ପଦ ସଂସ୍କାରକୁ ଓଡ଼ିଶା ସମ୍ପୂର୍ଣ୍ଣ ସହଯୋଗ ଯୋଗାଇ ଦେବ, ଯାହାକି ଦେଶର ଅର୍ଥନୀତିକୁ ମଜଭୁତ କରିବାରେ ସହାୟକ ହେବ।

ଏହି ଆଲୋଚନା ବେଳେ ଇସ୍ପାତ ଓ ଖଣିମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ମୁଖ୍ୟ ଶାସନ ସଚିବ, କେନ୍ଦ୍ର କୋଇଲା ସଚିବ, ଉନ୍ନୟନ କମିଶନର, ଓଏମ୍‌ସି ଏମ୍‌ଡି ଓ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଉପସ୍ଥିତ ଥିଲେ।

# ପରୀକୁ ନ୍ୟାୟ ଦେବାରେ ସରକାର ବିଫଳ

ନୟାଗଡ଼ ଅଫିସ,୯।୧୨

- ଭୁବନେଶ୍ୱରରୁ ଯଦୁପୁରକୁ ପଦଯାତ୍ରା କରିବ ଭାଜପା
- 'ପରୀ ନ୍ୟାୟ ରଥ' ପରିକ୍ରମା କରାଇବ କଂଗ୍ରେସ

ଶିଶୁକନ୍ୟା ପରୀକୁ ନ୍ୟାୟ ଦେବାରେ ରାଜ୍ୟ ସରକାରଙ୍କ ବିଫଳତା ପ୍ରତିବାଦରେ ଭାଜପା ଓ କଂଗ୍ରେସ ଆନ୍ଦୋଳନକୁ ଜୋରଦାର କରିଛନ୍ତି। ଭାଜପା ପଦଯାତ୍ରା କରିବାକୁ ନିଷ୍ପତ୍ତି ନେଇଛି। କଂଗ୍ରେସ 'ପରୀ ନ୍ୟାୟ ରଥ' ପରିକ୍ରମା କରାଇ ଲୋକଙ୍କ ପାଖକୁ ଯାଇ ଦସ୍ତଖତ ସଂଗ୍ରହ କରିବ। ଡିସେମ୍ବର ୨୧ରେ ଭୁବନେଶ୍ୱରରୁ ପରୀର ଗାଁ ନୟାଗଡ଼ ସଦର ଥାନା ଅଧୀନ ଯଦୁପୁରକୁ ଭାଜପା ପଦଯାତ୍ରା କରିବ ବୋଲି ଭାଜପା ସାଧାରଣ ସମ୍ପାଦକ ପୃଥ୍ୱିରାଜ ହରିଚନ୍ଦନ ଭୁବନେଶ୍ୱରରେ ବୁଧବାର ସୂଚନା ଦେଇଛନ୍ତି। ହରିଚନ୍ଦନ କହିଛନ୍ତି, ଡିସେମ୍ବର ୧୫ରୁ ୨୦ ତାରିଖ ପର୍ଯ୍ୟନ୍ତ ଓଡ଼ିଶାର ୧୪୭ ନିର୍ବାଚନମଣ୍ଡଳୀରେ ଭାଜପା ପଦଯାତ୍ରା କରିବ। ପରୀକୁ ନ୍ୟାୟ ଦେବା ପାଇଁ ଭାଜପାର ପଦଯାତ୍ରା ନିଶ୍ଚିତ ଭାବେ ରାଜ୍ୟ ସରକାରଙ୍କ ଉପରେ ଚାପ ପକାଇବ। ସେହିପରି ନୟାଗଡ଼ ଜିଲା କଂଗ୍ରେସ ସଭାପତି ରଣଜିତ ଦାଶ କହିଛନ୍ତି, ପରୀକୁ ନ୍ୟାୟ ପ୍ରଦାନରେ ଅହେତୁକ ବିଳମ୍ବ ପାଇଁ ନବୀନ ପଟ୍ଟନାୟକଙ୍କ ଇସ୍ତଫା ଦାବି କରାଯାଇଛି। ସେହିଭଳି ନୟାଗଡ଼ ବିଧାୟକ ତଥା କୃଷିମନ୍ତ୍ରୀ ଅରୁଣ ସାହୁଙ୍କ ଲକ୍ଷ୍ମୀପ୍ରସାଦ ସରପଞ୍ଚଙ୍କ ସହ କଥୋପକଥନର ଭାଇରାଲ ଅଡିଓ ସ୍ୱରରୁ ପରୀ ଅପରାଧୀଙ୍କୁ ଘଣ୍ଟ ଘୋଡାଇବାକୁ ମନ୍ତ୍ରୀ ଚେଷ୍ଟା କରୁଥିବା ସ୍ପଷ୍ଟ ହୋଇଛି। ତେଣୁ ମନ୍ତ୍ରୀଙ୍କ ଗିରଫ ସହ ତାଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ ଅନୁରୂପ ଦାବି କରାଯାଇଛି। ଏଥିପାଇଁ ପରୀ ନ୍ୟାୟ ରଥର ବ୍ୟବସ୍ଥା କରାଯାଇଛି। ୧୩ରୁ ୧୭ ଡିସେମ୍ବର ପର୍ଯ୍ୟନ୍ତ ପରୀ ନ୍ୟାୟ ରଥ ନୟାଗଡ଼ ଜିଲା ପରିକ୍ରମା କରିବ। ଏହି ଆନ୍ଦୋଳନରେ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି ରହିଛି। ନୟାଗଡ଼ ଦକ୍ଷିଣକାଳୀ ମନ୍ଦିରରେ ୧୩ ତାରିଖ ପୂର୍ବାହ୍ନ ୧୦ଟାରେ ପୂଜାର୍ଚ୍ଚନା ପରେ ରଥ ଗଡ଼ିବ। ଏହି ରଥ ପରିକ୍ରମା ସମୟରେ ଦସ୍ତଖତ ସଂଗ୍ରହ କରାଯିବ। ଏହି ପରିପ୍ରେକ୍ଷୀରେ ୫୦ ହଜାର ଜିଲାବାସୀଙ୍କ ସ୍ୱାକ୍ଷର ସଂଗ୍ରହ କରାଯିବ। ପରେ ଏହି ଦସ୍ତଖତକୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ କଂଗ୍ରେସର ଏକ ପ୍ରତିନିଧି ଦଳ ରାଜ୍ୟପାଳଙ୍କୁ ପ୍ରଦାନ କରିବେ ବୋଲି ସେ କହିଛନ୍ତି। କଂଗ୍ରେସ ନେତା ପ୍ରଦୀପ ମାଝିଙ୍କ ସୂଚନା ଅନୁସାରେ କଂଗ୍ରେସ ମଧ୍ୟ ପଛକୁ ହଟିବ ନାହିଁ। କାରଣ ପରୀକୁ ନ୍ୟାୟ ଦେବା ପାଇଁ କଂଗ୍ରେସ ପ୍ରଥମରୁ ଆନ୍ଦୋଳନ କରି ଆସିଛି। ଆଗକୁ ଆନ୍ଦୋଳନ ଜୋରଦାର ହେବ। ଏଥିପାଇଁ ରାଜ୍ୟ ସ୍ତରରେ ବିଚାରବିମର୍ଶ ଚାଲିଛି। ଖୁବ୍‌ଶୀଘ୍ର ରାଜରାସ୍ତାକୁ ଦଳ ଓହ୍ଲାଇବ ବୋଲି କହିଛନ୍ତି।

## ପକ୍ଷ ରଖିଲେ ଜିଲାପାଳ, ଏସ୍‌ପି

ପରୀ ହତ୍ୟା ଘଟଣାରେ ଭିଡିଓ କନ୍‌ଫେରେନ୍ସରେ ନୟାଗଡ଼ ଜିଲାପାଳ ପୋମା ଟୁଡୁ ଓ ଏସ୍‌ପି ପ୍ରତ୍ୟୁଷ ଦିବାକର ବୁଧବାର ରାଷ୍ଟ୍ରୀୟ ଶିଶୁ ସୁରକ୍ଷା ଆୟୋଗଙ୍କ ନିକଟରେ ପକ୍ଷ ରଖିଛନ୍ତି। ପରୀ ହତ୍ୟା ଘଟଣାରେ ଭାଜପାର ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର ରାଷ୍ଟ୍ରୀୟ ଶିଶୁ ସୁରକ୍ଷା ଆୟୋଗଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ନୟାଗଡ଼ ଏସ୍‌ପି ଓ ଜିଲାପାଳଙ୍କୁ ସମନ ହୋଇଥିଲା।

ସୂଚନାଯୋଗ୍ୟ, ଗତ ଜୁଲାଇ ୧୪ରେ ନୟାଗଡ଼ ସଦର ଥାନା ଯଦୁପୁରରେ ଅମ୍ରିତା ସ୍ନେହା ସାହୁ ଓରଫ ପରୀ (୫) ନାମକ ଶିଶୁକନ୍ୟା ନିଖୋଜ ହୋଇଯାଇଥିଲେ। ଏହାର ୧୦ ଦିନ ପରେ ଅର୍ଥାତ୍ ଜୁଲାଇ ୨୩ରେ ପରୀର ଗଳିତ ମୃତଦେହ ଉଦ୍ଧାର ହୋଇଥିଲା। ନିଖୋଜ ସ୍ଥାନଠାରୁ ମାତ୍ର ୫୦ ମିଟର ଦୂରରେ ମୃତଦେହ ପଡିଥିଲା। ମୃତଦେହ ଜବତ ପରେ ପୋଲିସ ହତ୍ୟା ମାମଲା ରୁଜୁ କରି ଚୁପ୍ ରହିଥିଲା। ନଭେମ୍ବର ୨୪ରେ ପରୀର ମା'ବାପା ବିଧାନସଭା ସମ୍ମୁଖରେ ଆତ୍ମାହୁତି ଉଦ୍ୟମ କରିବା ପରେ ପରୀ ହତ୍ୟାକାଣ୍ଡ ରାଜ୍ୟସ୍ତରରେ ଚର୍ଚ୍ଚାକୁ ଆସିଥିଲା। ଏଭଳିସ୍ଥଳେ ରାଷ୍ଟ୍ରୀୟ ଶିଶୁ ସୁରକ୍ଷା ଆୟୋଗରେ ଗତ ନଭେମ୍ବର ୩୦ରେ ଭାଜପାର ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର ଅଭିଯୋଗ କରିଥିଲେ। ଡିସେମ୍ବର ୫ରେ ସମ୍ବିତ ପାତ୍ରଙ୍କ ନେତୃତ୍ୱରେ ଏକ ଦଳ ଯଦୁପର ଆସି ପରୀର ମା'ବାପାଙ୍କୁ ଭେଟିଥିଲେ। ପରେ ପରୀର ମୃତଦେହ ଉଦ୍ଧାର ହୋଇଥିବା ସ୍ଥାନକୁ ବୁଲି ଦେଖିବା ସହ ହତ୍ୟାକାଣ୍ଡ ସମ୍ପର୍କରେ ପଚାରି ବୁଝିଥିଲେ। ସେଦିନଠାରୁ ନୟାଗଡ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଭାଜପାର ରିଲେ ଅନଶନ ଚାଲୁ ରହିଛି।

ଅନ୍ୟପକ୍ଷେ ଯଦୁପୁର ଗାଁରୁ ୬୧ ଜଣଙ୍କର ରକ୍ତ ନମୁନା ସଂଗ୍ରହ କରାଯାଇଛି। ସର୍କିଟ ହାଉସକୁ ପଚରାଉଚୁରା ସହ ରକ୍ତ ନମୁନା ଦେବା ପାଇଁ ଯଦୁପୁର ଗାଁର ୭୮ ଜଣଙ୍କୁ ଏସ୍ଆଇଟି ଡାକିଛି।

# 'ଲୋକାୟୁକ୍ତଙ୍କ ଭିଜିଲାନ୍ସ ତଦନ୍ତ ନିର୍ଦ୍ଦେଶ କଂଗ୍ରେସର ନୈତିକ ବିଜୟ'

ଭୁବନେଶ୍ୱର,୯।୧୨(ବ୍ୟୁରୋ)

**ମାସ୍କ, ପିପିଇ କିଟ୍ କିଣା ଦୁର୍ନୀତି ପ୍ରସଙ୍ଗ**

ରାଜ୍ୟରେ କରୋନା ମହାମାରୀ ସମୟରେ ବହୁଚର୍ଚ୍ଚିତ ମାସ୍କ, ପିପିଇ କିଟ୍ ଓ ଅନ୍ୟାନ୍ୟ କୋଭିଡ୍ ସାମଗ୍ରୀ କିଣାରେ ବହୁ କୋଟି ଟଙ୍କା ଦୁର୍ନୀତିରେ ରାଜ୍ୟ ସରକାରଙ୍କର ସମ୍ପୃକ୍ତିକୁ ନେଇ ପ୍ରଦେଶ କଂଗ୍ରେସ କମିଟି ଲୋକାୟୁକ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଲୋକାୟୁକ୍ତ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇ ଏହି କେଳେଙ୍କାରୀର ଭିଜିଲାନ୍ସ ତଦନ୍ତ ପାଇଁ ସୁପାରିସ କରିବା ଘଟଣା କଂଗ୍ରେସର ଏକ ନୈତିକ ବିଜୟ ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ମତବ୍ୟକ୍ତ କରିଛନ୍ତି।

ବୁଧବାର ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ନିରଞ୍ଜନ କହିଛନ୍ତି, ଆଇନ ଅଦାଲତରେ ନୈତିକ ବିଜୟ ପରେ ଏହି ଦୁର୍ନୀତି ପ୍ରସଙ୍ଗକୁ ଲୋକଙ୍କ ଅଦାଲତକୁ ନେବାକୁ କଂଗ୍ରେସ ନିରନ୍ତର ଉଦ୍ୟମ ଜାରି ରଖିଛି। ଭିଜିଲାନ୍ସ ତଦନ୍ତର ନିରପେକ୍ଷତାକୁ ନେଇ ପୂର୍ବରୁ ବହୁ ପ୍ରଶ୍ନ ସୃଷ୍ଟି ହୋଇଥିଲେ ମଧ୍ୟ ଦୁର୍ନୀତିର ସତ୍ୟାସତ୍ୟ ଲୋକଲୋଚନକୁ ଆସିବ ବୋଲି ଆମେ ଦୃଢ଼ ଆଶାବାଦୀ। ମାସ୍କ, ପିପିଇ କିଟ୍ ଓ କୋଭିଡ୍ ସାମଗ୍ରୀ କିଣାରେ ହୋଇଥିବା ଦୁର୍ନୀତିରେ ଜରୁରିକାଳୀନ କ୍ରୟ କମିଟି, ମନ୍ତ୍ରୀସ୍ତରୀୟ କମିଟି ଓ ଏପରିକି କ୍ୟାବିନେଟ୍ କମିଟିର ଅନୁମୋଦନ ଥିବା ଘଟଣାକୁ ସରକାରୀ ଅଧିକାରୀମାନେ ଲୋକାୟୁକ୍ତଙ୍କ ଆଗରେ ପ୍ରକାଶ କରିବା ଘଟଣା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହୋଇଥିବାରୁ ଭିଜିଲାନ୍ସ ସଂପୃକ୍ତ ବ୍ୟକ୍ତିମାନଙ୍କୁ ତଦନ୍ତ ପରିସରଭୁକ୍ତ କରିବା ଜରୁରୀ। ରାଜ୍ୟ ସରକାରଙ୍କ ଅସଲ ଚେହେରା, ଚରିତ୍ର ଓ ଚାଲ୍‌ର ପର୍ଦ୍ଦାଫାଶ ତଦନ୍ତରୁ ସ୍ପଷ୍ଟ ଜଣାପଡ଼ିବ ବୋଲି ନିରଞ୍ଜନ କହିଛନ୍ତି। ସ୍ୱଚ୍ଛ ସରକାରର ଫମ୍ପା ଡିଣ୍ଡିମ ପିଟୁଥିବା ରାଜ୍ୟ ସରକାର ଓ ବିଜୁ ଜନତା ଦଳ ଲୋକଙ୍କ ଟିକସରୁ ଆଦାୟ ଅର୍ଥକୁ ହରିଲୁଟ୍ କରିଥିବା ମସୁଧାକୁ ଓଡ଼ିଶାବାସୀ କଦାପି ବରଦାସ୍ତ କରିବେ ନାହିଁ ବୋଲି ସେ କହିଛନ୍ତି। ଆସନ୍ତା ଫେବୃୟାରୀ ମଧ୍ୟରେ ଭିଜିଲାନ୍ସ ଲୋକାୟୁକ୍ତଙ୍କୁ ସବିଶେଷ ତଦନ୍ତର ତଥ୍ୟ ପ୍ରଦାନ ପର୍ଯ୍ୟନ୍ତ କଂଗ୍ରେସ ଓଡ଼ିଶାବାସୀଙ୍କ ନିକଟରେ ଉକ୍ତ ପ୍ରସଙ୍ଗକୁ ନେଇ ଜୋରଦାର ଆନ୍ଦୋଳନାତ୍ମକ ପଦକ୍ଷେପ ଜାରି ରଖିବ। ଏହି ଖବରଦାତା ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ପଞ୍ଚାନନ କାନୁନ୍‌ଗୋ ଓ ପୂର୍ବତନ ବିଧାୟକ ଯଜ୍ଞେଶ୍ୱର ବାବୁ ଉପସ୍ଥିତ ଥିଲେ।

# ୨୬.୪୦ ଲକ୍ଷର ବ୍ରାଉନସୁଗାର ଜବତ, ୨ ଗିରଫ

ଖୋର୍ଦ୍ଧା ଅଫିସ,୯।୧୨

**୪୧ ହଜାର ଟଙ୍କା, ୱେଟ୍ ମେସିନ, ବାଇକ୍ ଜବତ**

ଖୋର୍ଦ୍ଧା ଟାଉନ ପୋଲିସ ସାମନ୍ତରାପୁର ସପ୍ତେଶ୍ୱର ସାହି ନିକଟରୁ ବୁଧବାର ୨ଜଣ ବ୍ରାଉନସୁଗାର ବ୍ୟବସାୟୀଙ୍କୁ ଗିରଫ କରିଛି। ସେମାନେ ହେଲେ ବଳିଆ ଓରଫ ସୁଶାନ୍ତ ମାଝି(୩୨) ଏବଂ ସାରଥି ନାୟକ(୩୨)। ଏମାନଙ୍କ ନିକଟରୁ ୨୬୪ ଗ୍ରାମ ବ୍ରାଉନସୁଗାର, ୪୧ ହଜାର ଟଙ୍କା, ଏକ ବାଇକ୍, ଇଲେକ୍ଟ୍ରୋନିକ ଓଜନ ମେଶିନ, ପଲିଥିନ ପ୍ୟାକେଟ, ରଙ୍ଗିନ୍ ପେପର, ରବର ବ୍ୟାଣ୍ଡ ଜବତ ହୋଇଛି। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୨୬,୪୦୦୦୦ ଟଙ୍କା ବୋଲି ଜଣାପଡ଼ିଛି। ଏନେଇ ଥାନାରେ ଦଫା ୨୧(ସି)/୨୯ ଏନଡିପିଏସ ଆକ୍ଟରେ ଏକ ମାମଲା (ନଂ.୪୪୪/୨୦) ରୁଜୁ ହୋଇଛି ବୋଲି ଥାନାଧିକାରୀ ଉମାଶଙ୍କର ସିଂ କହିଛନ୍ତି। ଅଭିଯୁକ୍ତ ଦ୍ୱୟ ଏହି ଅଞ୍ଚଳରେ ଦୀର୍ଘଦିନ ଧରି ବ୍ରାଉନସୁଗାର ବ୍ୟବସାୟ କରୁଥିଲେ। ବାଲେଶ୍ୱରରୁ ବ୍ରାଉନସୁଗାର ଆଣି, ଏଠାରେ ପ୍ୟାକେଟ କରି ବିଭିନ୍ନ ସ୍ଥାନକୁ ପଠାଉଥିଲେ। ବିଶେଷ ସୂତ୍ରରୁ ଖବରପାଇ ପୋଲିସ ଗ୍ରାହକ ବେଶରେ ଉଭୟଙ୍କୁ ସାମନ୍ତରାପୁର ଅଞ୍ଚଳରୁ ଧରିଥିଲା। ଉଭୟଙ୍କ ନାମରେ ବିଭିନ୍ନ ଆପରାଧିକ ମାମଲା ରହିଛି ବୋଲି ପୋଲିସ କହିଛି। ସୂଚନାଥାଉ କି, ଖୋର୍ଦ୍ଧା ଅଞ୍ଚଳରେ ବ୍ରାଉନସୁଗାର ବେପାର ଦିନକୁ ଦିନ ବଢିବାରେ ଲାଗିଛି। ବାଲେଶ୍ୱର, ଜଳେଶ୍ୱରରୁ ଖୋର୍ଦ୍ଧାକୁ ଏହି କାରବାର ଚେର ଲମ୍ବିଛି। ଏସ୍‌ଟିଏଫର ବାରମ୍ବାର ଚଢ଼ାଉ ପରେ ବି କରୋନା ମହାମାରୀ ସମୟରେ ବ୍ରାଉନସୁଗାର କାରବାର ପୁଣି ବୃଦ୍ଧି ପାଇଛି।


**Odisha State Health & Family Welfare Society, Govt. of Odisha**
**Deptt. of Health & Family Welfare, Govt. of Odisha**
**Annex Building of SIH&FW, Nayapalli, Unit-8, Bhubaneswar-751012,**
**District-Khordha (Odisha) Phone/Fax: 0674- 2392480/79**

Advt. No: 25/20 **Walk-in-Interview** Date: 10.12.2020

**No. E-419:-** Walk-in-Interview will be conducted as scheduled below for filling up the following positions under National Health Mission, Odisha on contractual basis with monthly remuneration as noted and subject to renewal as per OSH&FW Society terms and conditions. The above positions are purely temporary and coterminus with the scheme. Lower age limit is 21 years as on dt. 01.11.2020.

| Sl. No. | Name of the Post | Remuneration (in Rs.), Performance Incentive (P.I) & other allowances as admissible | Date of Registration / Interview |
|---|---|---|---|
| 01 | Consultant (For Patient Transportation Cell) | Rs.61,140/-+ PI | 22.12.2020 |
| 02 | Project Manager-108 (Consultant OEMAS Mgt.) | Rs.45,703/- + PI | 23.12.2020 |

Interested candidates can log on to www.nhmodisha.gov.in for details of vacancy, eligibility criteria, Age, Application Form etc. **Candidates fulfilling the eligibility criteria may appear for registration on the date as mentioned against the post. Registration timing will be from 10.30 A. M. to 12 Noon only on Walk-in-Interview dates.** No application will be received after scheduled date & timing of registration.

**Venue:-** Mission Directorate (National Health Mission), Annex Building of SIH&FW, Nayapalli, Unit-8, Bhubaneswar, Dist.- Khordha, Pin – 751012, Odisha.

**Sd./- Mission Director, NHM**
**Member Secretary, OSH&FWS, Odisha**

OIPR-10084/11/0018/2021



**NOTICE INVITING BID**

**Odisha State Medical Corporation Limited (OSMCL)**

In front of Ram Mandir, Convent Square, Unit – III, Bhubaneswar -751 001

Tel. : (0674) 2380950, Website : www.osmcl.nic.in , Email : logistics.osmcl.od@nic.in

**Bid Ref. No.: OSMCL/2021-22/DRUGS-DHS-ACD-GR-III/03 Date: 09/12/2020**

**No. CAD-886:- Online Bids** through **e-Tender portal** (https://tendersodisha.gov.in) are invited from eligible bidders for **Supply of Anti-Cancer Drugs (Group-III)** as per the particulars mentioned below:

| Sl. No. | Particulars | Date and time | |
|---|---|---|---|
| 1. | Date & time of release of bid | **09.12.2020, 3 PM** | |
| 2. | Date & time for submission of queries by E-Mail id- logistics.osmcl.od@nic.in | **13.12.2020, up to 5.00 PM** | |
| 03. | Date & time of Online bid submission | Start Date & Time<br>**16.12.2020, 3 PM** | End Date & Time<br>**05.01.2021, 6.00 PM** |
| 04. | Date & time for submission of Tender Documents, Tender Document Fee and EMD amount as per Section-IV of tender document | Start Date & Time<br>**06.01.2021, 10 AM** | End Date & Time<br>**12.01.2021, 11.00 AM** |
| 5. | Date and time of online Technical bid opening | 12.01.2021, 11.30 AM | |
| 6. | Date of opening of Price Bid | To be informed to the qualified bidders | |

The bid document with all information relating to the bidding process including cost of bid document, EMDs, Prequalification criteria and terms & conditions are available in the websites: www.osmcl.nic.in and https://tendersodisha.gov.in. The Authority reserves the right to accept / reject any part thereof or all the bids without assigning any reason thereof.

OIPR-10112/11/0038/2021 **Sd./- Managing Director, OSMC Ltd., Odisha**



**GOVERNMENT OF ODISHA** No. O-697

**OFFICE OF THE SUPERINTENDING ENGINEER, RURAL WORKS CIRCLE, BOLANGIR**

**e-Procurement Notice for PMGSY Phase - III (Batch-I) Works (2020-21)**

| | | | |
|---|---|---|---|
| 1. | Name of Work | : | Construction of Road & CD Works under PMGSY Programme |
| 2. | Total No. of Packages | : | 28 (Twenty Eight) Packages |
| 3. | Approximate Estiamted Cost varies from | : | Rs.146.75 lakhs to Rs.813.37 lakhs |
| 4. | Period of Completion | : | 12 Calendar months for works above Rs.5.00 Cr & 11 Calendar months for works below Rs.5.00 Cr. upto Rs.3.00 Cr. and 9 Calendar months for works below Rs.3.00 Cr. as specified in DTCN |
| 5. | Mode of Submission of Tender | : | Tender should be submitted online in **www.pmgsytenders.gov.in** |
| 6. | Other details are as follow | | |

| Procurement Officer | Bid Identification No. | No. of Packages | Availability of tender Online for bidding From | To |
|---|---|---|---|---|
| 1 | 2 | 3 | 4 | 5 |
| Superintending Engineer, Rural Works Circle, Bolangir | PMGSY Online-BLGR-08/2020-21 | 28 Nos. | 11.12.2020 11.00 A.M. | 31.12.2020 upto 5.00 P.M. |

- Further details can be seen from the website **www.pmgsytenders.gov.in**
- Any Corrigednum/Addendum will be displayed in the above e-tender website only.

**OIPR-25118/11/0008/2021** **Sd./- S.K. Patro, Superintending Engineer, R.W. Circle, Bolangir**



**ଓଡ଼ିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା "AQ" ସିରିଜ୍ ଉଠାଣର ଫଳାଫଳ**

No. S-22:- ଏହାଦ୍ୱାରା ସର୍ବସାଧାରଣ ତଥା ସ୍ୱଳ୍ପ ସଞ୍ଚୟ ଜମାକାରୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ, ବିଗତ ତା୨୪.୧୧.୨୦୨୦ରିଖ ଅନୁଷ୍ଠିତ ହୋଇଥିବା ଓଡ଼ିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା "AQ" ସିରିଜ୍ ଉଠାଣର ପୁରସ୍କାର ବିଜେତା କୁପନ ନମ୍ବର ତଥା ପୁରସ୍କାର ରାଶି ପାଇବା ପାଇଁ ଆବେଦନ କରିବା ସମ୍ପର୍କିତ ବିସ୍ତୃତ ବିବରଣୀ ଓଡ଼ିଶା ସରକାରଙ୍କର ୱେବ୍‌ସାଇଟ୍ www.finance.odisha.gov.in ଏବଂ www.assaodisha.nic.inରେ ଉପଲବ୍ଧ ।

ଏହି ଉଠାଣର ଜିଲ୍ଲାୱାରି ଫଳାଫଳ ସମ୍ପୃକ୍ତ ଜିଲ୍ଲାର ଜିଲ୍ଲା ସ୍ୱଳ୍ପ ସଞ୍ଚୟ ଓ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଅଧିକାରୀଙ୍କ ପାଖରେ ମଧ୍ୟ ଉପଲବ୍ଧ ।

**ବି.ଦ୍ର.: ପୁରସ୍କାର ରାଶି ପାଇବା ପାଇଁ ସମ୍ପୃକ୍ତ ଜିଲ୍ଲାପାଳଙ୍କଠାରେ ଆବେଦନ ପତ୍ର ପହଞ୍ଚିବାର ଶେଷ ତାରିଖ ୨୧.୦୨.୨୦୨୧ ।**

**ସ୍ୱଳ୍ପ ସଞ୍ଚୟ ନିର୍ଦ୍ଦେଶାଳୟ**
**ଅର୍ଥ ବିଭାଗ,**
**ଓଡ଼ିଶା ସରକାର**

OIPR-05001/11/0006/2021



**GOVERNMENT OF ODISHA** No. O-667

**OFFICE OF THE SUPERINTENDING ENGINEER, RURAL WORKS CIRCLE, BOLANGIR**

**e-Procurement Notice**

| | | | |
|---|---|---|---|
| 1. | Name of Work | : | Completion of Incomplete Road & Bridges for the year 2020-21 |
| 2. | Total No. of Work | : | 5 (Five) Road Works |
| 3. | Time for Completion | : | 9 (Nine) Calendar Months |
| 4. | Approximate Estiamted Cost varies from | : | Rs.195.50 lakhs to Rs.457.50 lakhs |
| 5. | Mode of Submission of Tender | : | Tender should be submitted online in **www.tendersodisha.gov.in** |
| 6. | Other details are as follow | | |

| Procurement Officer | Bid Identification No. | Availability of tender Online for Bidding From | To | Last date and time of seeking tender clarification | Date & time of opening of tender Technical Bid | Financial Bid |
|---|---|---|---|---|---|---|
| Superintending Engineer, R.W. Circle, Bolangir | BLGR-Online-07/2020-21 | 11.12.2020 at 11.00 A.M. | 28.12.2020 upto 5.00 P.M. | 24.12.2020 upto 1.00 P.M. | 31.12.2020 at 11.00 A.M. | The date will be intimated to the technically qualified bidders later on |

- Further details can be seen from the website **www.tendersodisha.gov.in**
- Any Corrigendum/Addendum will be displayed in the above e-tender website only.

**OIPR-25118/11/0007/2021** **Sd./- Superintending Engineer, R.W. Circle, Bolangir**



**OFFICE OF THE ENGINEER-IN-CHIEF, RURAL WATER SUPPLY & SANITATION**

**JAL "O" PARIMAL BHAWAN, UNIT-V, BHUBANESWAR-751001, ODISHA**
**Tel: 0674-2395734, FAX: 0674-2394946, e-mail: cerwssodisha@gmail.com**

**NOTICE INVITING BID**

**NATIONAL COMPETITIVE BIDDING THROUGH e-PROCUREMENT FOR EXECUTION OF RURAL PIPED WATER SUPPLY PROJECTS IN DIFFERENT DISTRICTS ON EPC CONTRACT**

**No. 8729 / Date: 04.12.2020**

**Request for Proposal (RFP)**

No. O-681: The Engineer-in-Chief, RWSS, (Water Supply) Odisha, Bhubaneswar, on behalf of the Governor of Odisha is engaged in the execution, operation & maintenance of water supply projects to the villages of different districts in the State of Odisha & as part of this endeavour, Government of Odisha has decided to undertake the work as mentioned below (the "Project") under EPC contract (Engineering, Procurement & Construction) basis & has decided to carry out the bid process for selection of the eligible Contractors to whom the projects under the package may be awarded eventually for construction as well as operation and maintenance for a period of 5 years.

| Package No. | Name of Work | Bid Identification No. | Indicative Project Cost (Rs. in Crore) | Period for Completion O&M Period | Availability of Bid document for Online Bidding From | To |
|---|---|---|---|---|---|---|
| Pkg-I | Execution of Mega PWS to **Lepripara, Tangarpali, Sundergarh, Bargaon, Subdega, Balisankara Block in Sundergarh District** including 5 years O&M on EPC contract under the package | EIC, RWSS-10/20-21 | 925.38 | 24 (Twenty four months) & 60 (Sixty Months) | 17.00 hrs. of 16.12.2020 | 17.00 hrs. of 01.01.2021 |
| Pkg-II | Execution of Mega PWS to **Bisra, Lathikata, Lahunipada & Banei in Sundergarh District (RWSS Division, Rourkela)** including 5 years O&M on EPC contract under the package | EIC, RWSS-11/20-21 | 457.38 | 24 (Twenty four months) & 60 (Sixty Months) | 17.00 hrs. of 16.12.2020 | 17.00 hrs. of 01.01.2021 |

Name & address of Officer Inviting Bid : Engineer-in-Chief, RWSS Jal "O" Parimal Bhawan, Unit - V, Bhubaneswar, Ph.: 0674-2395734/0674-2531533, e-mail: **cerwssodisha@gmail.com**

Further details can be seen from the e-procurement portal **http://tendersodisha.gov.in.**

**OIPR-25040/11/0007/2021** **Sd./- 04.12.2020, Engineer,-in-Chief, RWSS**



**SHRI JAGANNATH SANSKRIT VISHVAVIDYALAYA**
**SHRI VIHAR, PURI**

**NOTIFICATION**

**No. 2325/2020/S.J.S.V., PURI** **Date. 7.12.2020**

**PROGRAMME FOR ANNUAL SHASTRI-I (REG/BACK/IMPROVEMENT) EXAMINATION, 2020**

| Date | Day | Time | Subject | Paper |
|---|---|---|---|---|
| 23.12.2020 | Wednesday | 10.00 A.M. - 1.00 P.M. | M.I.L. (O/Sans/Hindi/Alt. Eng) | Compulsory |
| 24.12.2020 | Thursday | 10.00 A.M. - 1.00 P.M. | English | Compulsory |
| 26.12.2020 | Saturday | 10.00 A.M. - 1.00 P.M. | S.S. Vyakarana | Compulsory |
| 28.12.2020 | Monday | 10.00 A.M. - 1.00 P.M. | I.S.C. | Compulsory |
| 29.12.2020 | Tuesday | 10.00 A.M. - 1.00 P.M. | Shastriya Optional 1st Paper (Pass & Honours) | |
| 30.12.2020 | Wednesday | 10.00 A.M. - 1.00 P.M. | Shastriya Optional 2nd Paper (Pass & Honours) | |
| 31.12.2020 | Thursday | 10.00 A.M. - 1.00 P.M. | Shastriya Optional 3rd (Hons.) | |

**N.B.**

1. Examination will be conducted on conventional mode following the Standard Operating Protocol (SOP) communicated by MHRD Office Memorandum dt. 06.07.2020.
2. Any discrepancy in the programme detected afterwards may be brought to the notice of the Controller of Examinations.
3. Details of Centres as well as Colleges tagged to them will be displayed in the University website: **www.sjsv.nic.in** w.e.f. 16.12.2020 and College authorities are requested to go through it meticulously and act accordingly. No further correspondence in this regard will be made either with examination centres or colleges tagged to them.

**By order of the Vice-Chancellor**
**Sd./- D.D. Rana, Controller of Examinations**

## ସିମେଣ୍ଟ ଦୋକାନରୁ ଚୋରି ଘଟଣା: ୨ ଗିରଫ

ସୋର, (ଡି.ଏନ.ଏ)-ବାଲେଶ୍ୱର ଜିଲା ସୋର ଥାନା ଛକ ନିକଟ ହେମକ୍ରିଷ୍ଣା ଟ୍ରେଡର୍ସ ନାମକ ରଡ୍ ସିମେଣ୍ଟ ଦୋକାନରୁ ଗତ ୩ ତାରିଖରେ ୧ ଲକ୍ଷ ୬ ହଜାର ଟଙ୍କା ଚୋରି ହୋଇଥିଲା। ଏହି ଘଟଣାରେ ସୋର ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ କୁପାରି ଅଞ୍ଚଳର ରମେଶ ଭୂୟାଁ ଓ ଟିକିନା ପତି। ଉଭୟଙ୍କଠାରୁ ୪୩ ହଜାର ଟଙ୍କା ପୋଲିସ ଜବତ କରିଛି। ଏ ନେଇ ସୋର ଥାନାରେ ଏକ ମାମଲା (ନଂ. ୪୧୦/୨୦) ରୁଜୁ ହୋଇଛି।

## ସଂକ୍ଷେପରେ

### ଯୁବ ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ

**ଭଦ୍ରକ ଅଫିସ, ୯।୧୨:** ଭଦ୍ରକ ଜିଲା ଯୁବ ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ବୁଧବାର ନଳାଙ୍ଗଠାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ମୁକୁନ୍ଦଦେବ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ ଯୁବ ବିଜେଡିର ସଭାପତି ତଥା ବିଧାୟକ ବ୍ୟୋମକେଶ ରାୟ, ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ସଞ୍ଜୀବ ମଲ୍ଲିକଙ୍କ ସମେତ ଯୁବ ବିଜେଡିର ନେତାମାନେ ଯୋଗ ଦେଇଥିଲେ। ଜିଲାର ଯୁବ ବିଜେଡି ସଙ୍ଗଠନ କିପରି ଅଧିକ କ୍ରିୟାଶୀଳ ହେବ ସେ ବିଷୟରେ ଆଲୋଚନା କରାଯିବା ସହିତ ରାଜ୍ୟ ସରକାରଙ୍କ ସବୁ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରିବା ପାଇଁ ସମସ୍ତ ଯୁବ ସଙ୍ଗଠକଙ୍କୁ କୁହାଯାଇଥିଲା। ବୈଠକରେ ଜିଲାର ସବୁ ବ୍ଲକ ଓ ସହରର ଯୁବ ସଭାପତି ଓ ସମ୍ପାଦକ ଯୋଗ ଦେଇଥିଲେ। ତେବେ ଯୁବ ସଙ୍ଗଠନକୁ ଅଧିକ କ୍ରିୟାଶୀଳ ପାଇଁ ଭଦ୍ରକରୁ ପ୍ରଥମ କରି ଏହି ବୈଠକ ଆରମ୍ଭ ହୋଇଥିବା ନେତାମାନେ କହିଥିଲେ।

### ମୋ ବିଦ୍ୟାଳୟ ଅଭିଯାନ ବ୍ଲକସ୍ତରୀୟ ସମୀକ୍ଷା

**ବାହାନଗା, ୯।୧୨(ଡି.ଏନ.ଏ.):** ବାଲେଶ୍ୱର ଜିଲା ବାହାନଗାରେ ମୋ ବିଦ୍ୟାଳୟ ଅଭିଯାନର ବ୍ଲକ ସ୍ତରୀୟ ସମୀକ୍ଷା ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବୈଠକ ଆରମ୍ଭରୁ ଏନସିସି ଛାତ୍ରୀଛାତ୍ର ମାନଙ୍କ ଦ୍ୱାରା ଅତିଥି ମାନଙ୍କୁ ଗାର୍ଡ ଅଫ୍ ଅର୍ନର ଦିଆଯାଇଥିଲା। ବାହାନଗା ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ରାଧାନାଥ ରାୟଙ୍କ ପ୍ରତିମୂର୍ତ୍ତିରେ ପ୍ରଥମେ ମାଲ୍ୟାର୍ପଣ କରାଯାଇଥିଲା। ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ।ଏହି ସମିକ୍ଷା ବୈଠକରେ ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷାଧିକାରୀ ରଞ୍ଜନ କୁମାର ଗିରି ଯୋଗ ଦେଇ ବ୍ଲକରେ ଥିବା ସମସ୍ତ ବିଦ୍ୟାଳୟରେ କିପରି ମୋ ବିଦ୍ୟାଳୟ ଅଭିଯାନ ଚାଲିଛି ଓ ସରକାରଙ୍କ ନିୟମ ଅନୁଯାୟୀ ମୋ ବିଦ୍ୟାଳୟ ଅଭିଯାନ ଆକାଉଣ୍ଟରେ ଅଞ୍ଚଳର ବଦାନ୍ୟ ବ୍ୟକ୍ତି ଓ ପୁରାତନ ଛାତ୍ରୀଛାତ୍ର କେତେ ଟଙ୍କା ବିଦ୍ୟାଳୟକୁ ଦାନ କରିଲେଣି ସେ ବାବଦରେ ସମୀକ୍ଷା କରିଥିଲେ। ଏଥିରେ ଲକ୍ଷ୍ମୀକାନ୍ତ ଉପାଧ୍ୟାୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ସୀତାକାନ୍ତ ତ୍ରିପାଠୀ ସଂଯୋଜନା କରିଥିବାବେଳେ ବ୍ଲକ ଶିକ୍ଷାଧିକାରୀ (ବିଇଓ)ଶୁଭଲକ୍ଷ୍ମୀ ନାୟକ ସଭାପତିତ୍ୱ କରିଥିଲେ।

### ହରିଣ ଉଦ୍ଧାର



**ବାରିପଦା ଅଫିସ,୯।୧୨:** ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ବନଖଣ୍ଡ ଅଧୀନ ସାରସକଣା ଗ୍ରାମରୁ ବୁଧବାର ବାଟବଣା ହୋଇ ଆସିଥିବା ଏକ ହରିଣକୁ ଉଦ୍ଧାର କରାଯାଇଛି। ଶିମିଳିପାଳ ଜଙ୍ଗଲରୁ ଏହା ଖସି ଆସିଥିବା ବେଳେ ଗ୍ରାମବାସୀ ବନଖଣ୍ଡ ଅଧିକାରୀଙ୍କୁ ଅବଗତ କରାଇଥିଲେ। ବିଭାଗୀୟ କର୍ମଚାରୀ ଆସିବାରେ ବିଳମ୍ବ କରିବାରୁ ଦମକଳ ବାହିନୀ ପହଞ୍ଚି ହରିଣଟିକୁ ଉଦ୍ଧାର କରିଥିଲେ। ପରେ ବିଭାଗୀୟ ଅଧିକାରୀମାନେ ପହଞ୍ଚି ହରିଣଟିକୁ ନେଇ ଶିମିଳିପାଳ ଅଭୟାରଣ୍ୟର ଚହଲା ଅଞ୍ଚଳରେ ଛାଡ଼ି ଦେଇଥିଲେ। ହରିଣଟିର ଓଜନ ୬୦ରୁ ୭୦ କି.ଗ୍ରା ହେବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି । ତେବେ ଆଦିବାସୀ ଅଧୁଷିତ ମୟୂରଭଞ୍ଜ ଜିଲାର ଗଣପର୍ବ ମକର ପାଖେଇ ଆସୁଥିବାରୁ ବହୁ ଶିକାରୀ ଅଭୟାରଣ୍ୟରେ ପଶି ଶିକାର କରିବା ପାଇଁ ଉଦ୍ୟମ ଚଳାଇଛନ୍ତି। ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରା ନ ଗଲେ ଶିକାରୀଙ୍କ ଭୟରେ ଜଙ୍ଗଲରୁ ଜୀବଜନ୍ତୁ ଗାଁ ଓ ସହର ମୁହାଁ ହେବେ ବୋଲି ସ୍ଥାନୀୟ ଅଞ୍ଚଳବାସୀ ପ୍ରକାଶ କରିଛନ୍ତି ।

# ୩ ସରକାରୀ ଦପ୍ତରରେ ନାହାନ୍ତି ଅଧିକାରୀ

■ ପ୍ରଶାସନିକ ଅଚଳାବସ୍ଥା
■ ଲୋକେ ହଇରାଣ

**ବାସୁଦେବପୁର, ୯।୧୨(ଡି.ଏନ.ଏ.)**

ଭଦ୍ରକ ଜିଲାର ବାସୁଦେବପୁର ଏକ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ। ଗତ କିଛି ମାସ ଧରି ଏହି ବ୍ଲକରେ କେତେକ ସରକାରୀ କାର୍ଯ୍ୟାଳୟରେ ପ୍ରଶାସନିକ ଅଚଳାବସ୍ଥା ଦେଖାଦେଇଛି। ପ୍ରମୁଖ ସରକାରୀ ଦପ୍ତରରେ ମୁଖ୍ୟ ଅଧିକାରୀ ପଦବୀ ଖାଲି ପଡ଼ିଥିବାରୁ ସରକାରୀ ଯୋଜନା ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁ ନ ଥିବା ଅଭିଯୋଗ ହେଉଛି। ୩ ପ୍ରମୁଖ ସରକାରୀ କାର୍ଯ୍ୟାଳୟରେ ଏଭଳି ସମସ୍ୟାକୁ ନେଇ ଜନଅସନ୍ତୋଷ ଦେଖାଦେଇଛି।

ସୂଚନା ଅନୁଯାୟୀ, ବାସୁଦେବପୁରର ସବ୍‌ରେଜିଷ୍ଟ୍ରର କାର୍ଯ୍ୟାଳୟରେ ଗତ ୧ ବର୍ଷ ଧରି କେହି ସ୍ଥାୟୀ ଅଧିକାରୀ ନ ଥିବାରୁ ଅତିରିକ୍ତ ତହସିଲଦାର ଏହି ପଦବୀର ଅତିରିକ୍ତ ଭାର ଗ୍ରହଣ କରିଛନ୍ତି। ଏହି କାର୍ଯ୍ୟାଳୟରେ ଜମି କିଣାବିକା ଓ ବିବାହ ରେଜିଷ୍ଟ୍ରେଶନ କାର୍ଯ୍ୟ ହେଉଥିବା ବେଳେ ସ୍ଥାୟୀ ଅଧିକାରୀ ନ ଥିବାରୁ ଜମି କିଣାବିକା ଠିକ୍ ସମୟରେ ହୋଇପାରୁ ନାହିଁ। ଲୋକେ ଅସୁବିଧାରେ ପଡ଼ି ଜମି କ୍ରୟ ବିକ୍ରୟ ଜନିତ ସମସ୍ୟା ଭୋଗୁଛନ୍ତି। ସେହିପରି ୫ ମାସ ଧରି ସିଡିପିଓ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀ ମଧ୍ୟ ଖାଲି ପଡ଼ିଛି। ସିଡିପିଓଙ୍କ କାର୍ଯ୍ୟଭାର ବିଡିଓଙ୍କୁ ଅତିରିକ୍ତ ଦାୟିତ୍ୱ ଭାବେ ପ୍ରଦାନ କରାଯାଇଛି। ସିଡିପିଓଙ୍କ କାର୍ଯ୍ୟାଳୟ ଅଧୀନରେ ଆସୁଥିବା ଅଙ୍ଗନୱାଡି କେନ୍ଦ୍ରକୁ ତଦାରଖ ସହିତ ବିଭିନ୍ନ ଯୋଜନାର ଅନୁଧ୍ୟାନ କରିବା ବିଡିଓଙ୍କ ପାଇଁ ସମୟ ସାପେକ୍ଷ ହେଉଛି। ଫଳରେ ଠିକ୍ ଭାବେ ବ୍ଲକରେ ଏହି ଦାୟିତ୍ୱ ତୁଲା ଯାଇପାରୁ ନାହିଁ। ଗତ କିଛିଦିନ ଧରି ବାସୁଦେବପୁର ଥାନାର ଆଇଆଇସି ପଦବୀ ଫାଙ୍କା ପଡ଼ିଥିବା ବେଳେ ଥାନାର ଜଣେ ବରିଷ୍ଠ ସବ୍‌ଇନ୍ସପେକ୍ଟରଙ୍କୁ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ସ୍ଥାୟୀ ଆଇଆଇସି ନ ଥିବାରୁ ଏଠାରେ ଥାନା ପରିଚାଳନା ଓ ଲୋକଙ୍କୁ ଠିକ୍ ଭାବେ ନ୍ୟାୟ ମଧ୍ୟ ମିଳୁପାରୁ ନାହିଁ। ଆଇନଶୃଙ୍ଖଳା ଦିନକୁ ଦିନ ବିଗୁଡୁଥିବା ବେଳେ ଏ ନେଇ ଜନ ଅସନ୍ତୋଷ ମଧ୍ୟ ବଢ଼ିବାରେ ଲାଗିଛି। ଏହାଛଡ଼ା ବିଭିନ୍ନ ବିଭାଗ ତଥା କାର୍ଯ୍ୟାଳୟରେ ଆବଶ୍ୟକ କର୍ମଚାରୀ ନ ଥିବା ଯୋଗୁ ଲୋକେ ନାନା ଅସୁବିଧା ଓ ଆର୍ଥିକ କ୍ଷତିରେ ପଡୁଛନ୍ତି। ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି। ସିଡିପିଓଙ୍କ ଅତିରିକ୍ତ ଦାୟିତ୍ୱ ନେଇଥିବା ବିଡିଓ ପ୍ରଣବ କୁମାର ବେହେରାଙ୍କୁ ପଚାରିବାରୁ ପ୍ରଶାସନର ନିର୍ଦ୍ଦେଶ କ୍ରମେ ଏହି ଦାୟିତ୍ୱ ଗ୍ରହଣ କରିଛନ୍ତି। ଦୁଇଟି ପଦବୀର ସମସ୍ତ କାର୍ଯ୍ୟ ଠିକ୍ ଭାବେ ତୁଲାଇବା ପାଇଁ ଚେଷ୍ଟା କରୁଥିବା କହିଛନ୍ତି।

# ଡଗରସାହି ଲେଭଲ୍‌କ୍ରସିଂରେ ଫ୍ଲାଏଓଭର ଦାବି



ଷ୍ଟେଶନ ମ୍ୟାନେଜରଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

**ଭଦ୍ରକ ଅଫିସ, ୯।୧୨**

ଭଦ୍ରକ ଜିଲା ଚରମ୍ପା ଡଗରସାହି ଲେଭଲ କ୍ରସିଂ ୧୧୮ ନିକଟରେ ଫ୍ଲାଏଓଭର ବ୍ରିଜ୍ ନିର୍ମାଣ ପାଇଁ ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ବୁଧବାର ସନ୍ଧ୍ୟାରେ ଷ୍ଟେଶନ ମ୍ୟାନେଜରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ପୂର୍ବତନ ବିଧାୟକ ନରେନ ପଲେଇଙ୍କ ନେତୃତ୍ୱରେ ଅରୁଣ କୁମାର ମଜୁମ୍‌ଦାର, କଲ୍ଲୋଳ କୁମାର ଲେଙ୍କା, ଦେବେନ୍ଦ୍ର କୁମାର ମହାନ୍ତି, ପୂର୍ବତନ କାଉନସିଲର ଉର୍ମିଳା ଚୌଧୁରୀ, କୈଳାସ ଚନ୍ଦ୍ର ପଣ୍ଡା, ନୃସିଂହ ଚନ୍ଦ୍ର ନାୟକଙ୍କ ସମେତ ଶତାଧିକ ସ୍ଥାନୀୟ ଯୁବକ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ। ଏହି ଲେଭଲ କ୍ରସିଂଠାରେ ପ୍ରାୟ ସମୟ ଟ୍ରେନ୍ ଗେଟ୍ ପଡ଼ି ରହିଥାଏ। ଫଳରେ ଜରୁରିକାଳୀନ ସେବା ଆମ୍ବୁଲାନ୍ସ, ଅଗ୍ନିଶମ ଓ ଅନ୍ୟ ଯାତ୍ରୀବାହୀ ଗାଡ଼ି ଅଟକି ରହେ। ଏଣୁ ଏଠାରେ ଫ୍ଲାଏଓଭର ନିର୍ମାଣ ପାଇଁ ଦାବି କରାଯାଇଛି। ସ୍ମାରକପତ୍ରର ନକଲ ଖୋର୍ଦ୍ଧା ରେଲୱେ ମ୍ୟାନେଜର, ଦିଲ୍ଲୀ ରେଲୱେ ବୋର୍ଡ, ଜିଲାପାଳ ଓ ଏସ୍‌ପିଙ୍କୁ ପ୍ରଦାନ କରାଯାଇଥିବା ସୂଚନା ଦିଆଯାଇଛି।

# ହାତୀ ଉପଦ୍ରବରେ ଚାଷୀ ଅତିଷ୍ଠ



ବନବିଭାଗ କର୍ମଚାରୀମାନେ କ୍ଷୟକ୍ଷତି ବୁଲି ଦେଖୁଛନ୍ତି।

**ବାରିପଦା ଅଫିସ,୯।୧୨**

ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ଅଧୀନ ଜଟିଆଶୋଳ ଅଞ୍ଚଳରେ ଝାଡ଼ଖଣ୍ଡୀ ହାତୀପଲ ଉତ୍ପାତ ଚଳାଇଛନ୍ତି। ମଙ୍ଗଳବାର ବିଳମ୍ବିତ ରାତିରେ ସେମାନେ ଏକର ଏକର ଧାନ କ୍ଷେତରେ ପଶି ଫସଲ ଖାଇବା ସହ ମାଡ଼ିଦଳି ନଷ୍ଟ କରିଛନ୍ତି। ଏହି ପଲରେ ୪ଟି ଛୁଆ ହାତୀ ସହ ୩୦ରୁ ଊର୍ଦ୍ଧ୍ୱ ହାତୀ ରହିଛନ୍ତି। ସେମାନେ ଧାନକ୍ଷେତକୁ ଛାଡ଼ି କୁଆଡ଼େ ଯାଉନାହାନ୍ତି। ଏହାକୁ ନେଇ ଚାଷୀକୂଳ ହତାଶ ହେବା ସହ ଅତିଷ୍ଠ ହୋଇ ପଡ଼ିଛନ୍ତି। କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଯୋଗାଇ ଦେବା ପାଇଁ ସ୍ଥାନୀୟ ସରପଞ୍ଚ ବନବିଭାଗ ନିକଟରେ ଦାବି ଜଣାଇଛନ୍ତି। ଖବରପାଇ ବାଙ୍ଗିରିପୋଷି ଫରେଷ୍ଟର ଅଙ୍କୁର ମହାଳିକ ପହଞ୍ଚି ହାତୀପଲଙ୍କ ଗତିବିଧି ଉପରେ ନଜର ରଖିଛନ୍ତି।

## ବିଜେଡିର ମିଶ୍ରଣ ସମାବେଶ

**ରାଇରଙ୍ଗପୁର,୯।୧୨(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବହଳଦା ପୂର୍ତ୍ତ ବିଭାଗ ଡ଼ାକବଙ୍ଗଳାଠାରେ ବିଜେଡିର କର୍ମୀ ସମାବେଶ ଓ ମିଶ୍ରଣ ପର୍ବ ରବିବାର ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ରାଜ୍ୟ ସଙ୍ଗଠନ ସମ୍ପାଦକ ବିଧାୟକ ପ୍ରଣବ ପ୍ରକାଶ ଦାସ, ରାଜ୍ୟ ଯୁବ ସଙ୍ଗଠନ ସଭାପତି ବ୍ୟୋମକେଶ ରାୟ, ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି, ରାଜ୍ୟସଭା ସଦସ୍ୟା ମମତା ମହାନ୍ତ, ବିଧାୟକ ରାଜ କିଶୋର ଦାସ, ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀ ଦଳୀୟ ପର୍ଯ୍ୟବେକ୍ଷକ ମୁକ୍ତିକାନ୍ତ ମଣ୍ଡଳ, ମୟୂରଭଞ୍ଜ ଜିଲା-୨ର ଦଳୀୟ ସଭାପତି କାଶୀନାଥ ହେମ୍ବ୍ରମ, ଯୁବ ସଙ୍ଗଠନର ସମ୍ପାଦକ ଅଭିଷେକ ପଟ୍ଟନାୟକଙ୍କ ସମେତ ଦଳୀୟ କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଯାମଦା, ବହଳଦା ଓ ତିରିଂ ବ୍ଲକ ଅଞ୍ଚଳର ଶତାଧିକ ଭାଜପା ଓ ଜେଏମ୍‌ଏମ୍ ଦଳର ନେତା ବିଜେଡିରେ ଯୋଗ ସାମିଲ ହୋଇଥିଲେ। ରାଇରଙ୍ଗପୁର ସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ଦଳୀୟ ନେତା ଓ କର୍ମୀ ମାଲ୍ୟାର୍ପଣ କରିଥିଲେ।

# ଶ୍ମଶାନ ଗୃହ ନିର୍ମାଣ ଦାବି

**ବୈଶିଙ୍ଗା,୯।୧୨(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ଅନ୍ତର୍ଗତ ବୈଶିଙ୍ଗାଠାରେ ଶ୍ମଶାନ ଗୃହ ନ ଥିବାରୁ ଶବଦାହ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ବ୍ଲକ ଅଞ୍ଚଳର କେନ୍ଦ୍ରସ୍ଥଳରେ ଅବସ୍ଥିତ ବୈଶିଙ୍ଗା ଓ କେନ୍ଦୁଆ ଗ୍ରାମ ପଞ୍ଚାୟତ ସାମାଜିକ, ଆର୍ଥିକ ଓ ଭୌଗଳିକ ଦୃଷ୍ଟିକୋଣରୁ ବହୁ ଗୁରୁତ୍ୱ ବହନ କରେ। ତେବେ ଶବ ସଂସ୍କାର ନିମନ୍ତେ ଏହି ଦୁଇଟି ପଞ୍ଚାୟତର ବୈଶିଙ୍ଗା, କେନ୍ଦୁଆ,ରଙ୍ଗାମାଟିଆ, କୁଆଶୋଳ ଆଦି ଗ୍ରାମର ପ୍ରାୟ ୫ହଜାରରୁ ଅଧିକ ଜନ ସାଧାରଣ ୧୮ ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏକ ଜଙ୍ଗଲ ମଧ୍ୟରେ ବହୁ ଦିନ ହେଲା ଶବ ସଂସ୍କାର କାର୍ଯ୍ୟ କରି ଆସୁଛନ୍ତି। ମାତ୍ର ଶୀତ କାକର ତଥା ଝଡ଼ ବର୍ଷା ସମୟରେ ଏଠାରେ ମୁଣ୍ଡ ଗୁଞ୍ଜିବାକୁ କୌଣସି ସୁବିଧା ନ ଥିବାରୁ ମୃତକଙ୍କ ପରିବାର ବର୍ଗ ନାନା ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ଏପରିକି ପ୍ରାକୃତିକ ଦୁର୍ବିପାକ ସମୟରେ ଶବ ସତ୍କାର କରିବା କଷ୍ଟକର ହୋଇ ପଡୁଥିବା ବୈଶିଙ୍ଗା ଗ୍ରାମ କମିଟିର ସଭାପତି ଅଞ୍ଜନ କୁମାର ପଣ୍ଡାଙ୍କ ସମେତ ସୁବାସ ଚନ୍ଦ୍ର ପଣ୍ଡା, ପଙ୍କଜ କୁମାର ପଣ୍ଡା, ସରୋଜ କୁମାର ପୋଥାଳ, କେନ୍ଦୁଆ ଗ୍ରାମର ସୀତାନାଥ ବେହେରା, ଅଜିତ କୁମାର ପତି, ରଙ୍ଗାମାଟିଆ ଗ୍ରାମର ରଘୁନାଥ ଦାଶ, ସୃଷ୍ଟିଧର ଦାସ ପ୍ରମୁଖ କହିଛନ୍ତି। ପୂର୍ବରୁ ଏ ସମ୍ପର୍କରେ ବାରମ୍ବାର ବୈଶିଙ୍ଗା ପଞ୍ଚାୟତର ସରପଞ୍ଚ, ନିର୍ବାହୀ ଅଧିକାରୀ, ବ୍ଲକ ଅଧକ୍ଷ ଓ ବେତନଟୀ ବିଡ଼ିଓଙ୍କ ସମେତ ସ୍ଥାନୀୟ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଶ୍ମଶାନସ୍ଥଳରେ ଶବଦାହ ଗୃହ ଓ ପାନୀୟ ଜଳର ବ୍ୟବସ୍ଥା କରାଯାଇ ପାରିନାହିଁ। ପ୍ରଶାସନ ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

# ଶିକ୍ଷଣ ଭିତ୍ତିକ କର୍ମଶାଳା

**ବାରିପଦା ଅଫିସ,୯।୧୨**

ମୟୂରଭଞ୍ଜ ଜିଲା ଏସ୍‌ଏସ୍‌ଡି ବିଭାଗ ଅଧୀନରେ ଥିବା ଆଶ୍ରମ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ସପ୍ତାହବ୍ୟାପି ଶିକ୍ଷଣ ଭିତ୍ତିକ କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି । ଶିକ୍ଷା ଅଧିକାର ଆଇନ ଓ ଶିକ୍ଷଣ ଭିତ୍ତିକ ଶ୍ରେଣୀ କୋଠରୀ ଶୀର୍ଷକ ଏହି କର୍ମଶାଳା ବାରିପଦା ଡିଆଇଇଟିଠାରେ ଚାଲିଥିଲା। ଅଭିଜ୍ଞ ପ୍ରଶିକ୍ଷକଗଣ ଯୋଗଦେଇ ଚତୁର୍ଥରୁ ଅଷ୍ଟମ ଶ୍ରେଣୀ ପାଠ୍ୟକ୍ରମର ଓଡ଼ିଆ ଇଂରାଜୀ, ଗଣିତ, ସାଧାରଣ ବିଜ୍ଞାନ ଓ ସାମାଜିକ ବିଜ୍ଞାନ ବିଷୟକୁ ଅଧିକ ସୁଗମ ଓ ସରଳ କରି ପିଲାଙ୍କୁ ଉପସ୍ଥାପନା କରିବା ସହିତ ଆଗ୍ରହ ପ୍ରକାଶ ପାଇଁ ପ୍ରଶିକ୍ଷଣ ଦେଇଥିଲେ। ଏଥି ସହିତ ଲେସନ ନୋଟ୍, ଲେସନ ପ୍ଲାନ, ଟିଏଲଏମ ନିର୍ମାଣ ଓ ହାର୍ଡ ସ୍କୋର୍ଟ ଉପରେ ମଧ୍ୟ ପ୍ରଶିକ୍ଷଣ ଦିଆଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଭାଗୀୟ ଜିଲା ସମୂହ ଶିକ୍ଷା ମଙ୍ଗଳାଧିଶ ଚନ୍ଦ୍ରଭାନୁ ମହାପାତ୍ର, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ବିଦ୍ୟାଧର ଜେନା ଓ କେଶବ ଚନ୍ଦ୍ର ସାହୁ ଯୋଗଦେଇଥିଲେ। ଜିଲା ଶିକ୍ଷା ନିରୀକ୍ଷକ କମଳାକାନ୍ତ ପ୍ରହରାଜ କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସୁଜିତ ହୋତା, ରଶ୍ମିତା ଜେନା, ଇତିଶ୍ରୀ ସାସମଲ, ପ୍ରଦୀପ ପାତ୍ର ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମେତ ରତ୍ନା ବାନାର୍ଜୀ, ନାରାୟଣ କିଙ୍କରଦତ୍ତ, ସନ୍ତୋଷ କୁମାର ସାହୁ ଓ ହରେନ୍ଦ୍ର ମହାନ୍ତ ପ୍ରମୁଖ ପ୍ରଶିକ୍ଷିକା ଓ ପ୍ରଶିକ୍ଷକ ଭାବେ କର୍ମଶାଳାରେ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ।

## 'ମୋ ସ୍କୁଲ ଅଭିଯାନ'

**ଜଳେଶ୍ୱର,୯।୧୨(ସ୍ୱ.ପ୍ର)**

ସରକାରୀ ବିଦ୍ୟାଳୟକୁ ସର୍ବାଙ୍ଗ ସୁନ୍ଦର କରିବା ଲାଗି ସରକାର ଏବେ 'ମୋ ସ୍କୁଲ ଅଭିଯାନ' ଆରମ୍ଭ କରିଛନ୍ତି। ଏଥିରେ ପୁରାତନ ଛାତ୍ରୀଛାତ୍ରଙ୍କୁ ସାମିଲ କରିବା ଓ ଅଭିଭାବକମାନଙ୍କୁ ସଂଶ୍ଳିଷ୍ଟ କରିବାଲାଗି ଏହା ଏକ ପ୍ରୟାସ କରାଯାଉଥିବା ଜଣାଯାଇଛି । ବୁଧବାର ହାତୀଗଡ଼ ପ୍ରାଥମିକ ବିଦ୍ୟାଳୟରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଏଥିରେ ରାଇବଣିଆ, ଖୁଆଡ଼ ଓ ଗୋପାଳପୁର କ୍ଲଷ୍ଟରର ସମସ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ହାଇସ୍କୁଲର ପ୍ରଧାନଶିକ୍ଷକମାନଙ୍କୁ ନେଇ ଉକ୍ତ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଥିଲା। ହାତୀଗଡ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାମକୃଷ୍ଣ ଦତ୍ତ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଜଳେଶ୍ୱର ବିଇଓ ବିରଞ୍ଚନ ଦାସଙ୍କ ସହିତ ଏବିଇଓ ସୁଶାନ୍ତ ଜେନା ଏବଂ ଅଜୟ ଜେନା, ଏମ୍‌ଆଇଏସ୍ ସଂଯୋଜକ ଅନିମେଷ ସ୍ୱାଇଁ, ସିଆର୍‌ସିସି ନିବେଦିତା ନାୟକ, ରଞ୍ଜନ ବେହେରା, ଦୀନକୃଷ୍ଣ ପାତ୍ର ଓ ହରେନ୍ଦ୍ର ମହନ୍ତ ପ୍ରମୁଖ ଯୋଗଦେଇ ଅନ୍‌ଲାଇନ୍ କ୍ଲାସ, ନ୍ୟୁଟ୍ରିସନାଲ ଗାର୍ଡେନ୍ ଓ ବିଦ୍ୟାଳୟକୁ ଆକର୍ଷଣୀୟ କରିବାକୁ ପରାମର୍ଶ ଦେଇଥିଲେ।

# କ୍ଷୁଦ୍ର ପ୍ରଦର୍ଶନୀ-୨୦୨୦ ଉଦ୍‌ଘାଟିତ

**କେନ୍ଦୁଝର, ୯।୧୨(ଡି.ଏନ୍.ଏ.)**



ମେଳାରେ ବୁଲି ଅତିଥିମାନେ ସାମଗ୍ରୀ ଦେଖୁଛନ୍ତି।

କେନ୍ଦୁଝର ଜିଲା ସଦର ମହକୁମାସ୍ଥିତ ପ୍ରେମଲଳିତା କଳାଭବନ ପଡିଆରେ କ୍ଷୁଦ୍ର ପ୍ରଦର୍ଶନୀ - ୨୦୨୦ ବୁଧବାର ସନ୍ଧ୍ୟାରେ ଜିଲା ପରିଷଦ ଅଧକ୍ଷା କମଳିନୀ ପାତ୍ରଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଅନ୍ୟତମ ଅତିଥି ଭାବେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଡ. ଉଦ୍ଧବ ଚରଣ ମାଝୀ ଏବଂ ଜିଲା ନଗର ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଘାଷିରାମ ମୁର୍ମୁ ଯୋଗ ଦେଇଥିଲେ। ଓରମାସ୍ ତରଫରୁ ଡିସେମ୍ବର ୯ରୁ ୨୨ ତାରିଖ ପର୍ଯ୍ୟନ୍ତ ଏହି ପ୍ରଦର୍ଶନୀ ଆୟୋଜିତ ହେବ। ଏହି ମେଳାରେ କେନ୍ଦୁଝର ଜିଲାର ଶିଳ୍ପୀମାନଙ୍କର ଉତ୍ପାଦିତ ସାମଗ୍ରୀ ବିକ୍ରି ହେଉଛି। ଜିଲାର ୧୬ଟି ଷ୍ଟଲରେ ସ୍ୱୟଂ ସହାୟକ ଗୋଷ୍ଠୀ, ଶିଳ୍ପୀ, କାରିଗରମାନେ ମେଳାରେ ଅଂଶଗ୍ରହଣ କରିଥିବା ଓରମାସର ଜଏଣ୍ଟ ସିଇଓ ସପନ ଗୋସ୍ୱାମୀ ପ୍ରକାଶ କରିଛନ୍ତି। ଏହି ମେଳାରେ ଏକ ଫୁଡ ଷ୍ଟଲ ସହ କୋଭିଡ କିଓସ୍କ ରହିଛି।

# ଉଦଳାରେ ଖୋଲିଲା ବିଜେଡି କାର୍ଯ୍ୟାଳୟ

**ଉଦଳା,୯।୧୨(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ଉଦଳା ନିର୍ବାଚନମଣ୍ଡଳୀସ୍ତରୀୟ ବିଜୁ ଜନତା ଦଳର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଜିଲା ସଭାପତି ତଥା ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି ଏହି ନୂତନ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ୍‌ଙ୍କ ଅଧ୍ୟକ୍ଷତାରେ ଏକ ସଭା ଆୟୋଜନ କରାଯାଇଥିଲା। ଏଥିରେ ମନ୍ତ୍ରୀ ମାରାଣ୍ଡି, ରାଜ୍ୟସଭା ସଦସ୍ୟା ମମତା ମହାନ୍ତ, ମୋରଡ଼ା ବିଧାୟକ ରାଜକିଶୋର ଦାସ, ଉଦଳା ନିର୍ବାଚନମଣ୍ଡଳୀର ବିଜେଡି ପର୍ଯ୍ୟବେକ୍ଷକ ତଥା ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ଦେବାଶିଷ ମାରାଣ୍ଡି, କୃଷି ଏବଂ ଶିଳ୍ପ ନିଗମର ଅଧକ୍ଷ ଦେବାଶିଷ ମହାନ୍ତି, ଦଳର ରାଜ୍ୟ ମୁଖପାତ୍ର ପ୍ରିୟବ୍ରତ ମାଝୀ, ରାଜ୍ୟ ସମ୍ପାଦକ ସୁବ୍ରମଣ୍ୟମ ମହାନ୍ତି, ପୂର୍ବତନ ସାରସକଣା ବିଧାୟକ ଭାଦବ ହାଁସଦା, ଜିଲା ଜୀବନବିନ୍ଦୁ ସଂଯୋଜକ ଜିତେନ୍ଦ୍ର ମହାନ୍ତି, ଜିଲା ଯୁବ ସଭାପତି ଅରୁଣ ବାରାଡ଼, ଜିଲା ଛାତ୍ର ସଭାପତି ସୁନିଲ ନାୟକ, ରାଜ୍ୟ ଆଦିବାସୀ ସେଲ୍ ସମ୍ପାଦକ ଚକ୍ରଧର ହେମ୍ବ୍ରମ୍ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଭାଜପାର ସକ୍ରିୟ କର୍ମୀ ସିଦ୍ଧାର୍ଥ ମଲ୍ଲିକ ଏବଂ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁରେଶ୍ୱର ମହାନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱକୁ ସମର୍ଥନ କରି ଦଳରେ ସଦସ୍ୟତା ଗ୍ରହଣ କରିଥିଲେ ।



ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟନ କରୁଛନ୍ତି।

# ସମୀକ୍ଷା ବୈଠକରେ ବିଦ୍ୟୁତ୍, ପାନୀୟଜଳକୁ ଗୁରୁତ୍ୱ

**ଭୋଗରାଇ,୯।୧୨(ଡି.ଏନ.ଏ.)**



ସମୀକ୍ଷା ବୈଠକରେ ବିଧାୟକଙ୍କ ସହିତ ବିଭାଗୀୟ ଅଧିକାରୀ।

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକରେ ୮୦ ପ୍ରତିଶତ ଉନ୍ନୟନ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ୨୦ ପ୍ରତିଶତ କାର୍ଯ୍ୟ ବିଭିନ୍ନ ସମସ୍ୟା ଯୋଗୁ ହୋଇପାରି ନ ଥିବା ବୁଧବାର ବ୍ଲକ ପରିସର ସମ୍ମିଳନୀ କକ୍ଷରେ ସମୀକ୍ଷା ବୈଠକରେ ମତପ୍ରକାଶ ପାଇଛି। ଭୋଗରାଇ ବିଧାୟକ ତଥା ଜିଲା ଯୋଜନା ବୋର୍ଡର ଅଧକ୍ଷ ଅନନ୍ତ ଦାସ ବିଦ୍ୟୁତ୍ ଓ ପାନୀୟ ଜଳ ଉପରେ ଗୁରୁତ୍ୱ ଦେଇଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ସହ ଅସମ୍ପୂର୍ଣ୍ଣ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଭୋଗରାଇ ଅଞ୍ଚଳର ଜଳ ଓ ବିଦ୍ୟୁତ୍ ସମସ୍ୟା ନେଇ ପଞ୍ଚାୟତ ଜନପ୍ରତିନିଧିମାନଙ୍କଠାରୁ ଅଭିଯୋଗ ଶୁଣିବା ସହିତ ସରପଞ୍ଚ, ୱାର୍ଡ଼ମେମ୍ବର ଓ ଲୋକଙ୍କ ସୁଚିନ୍ତିତ ମତକୁ ଗୁରୁତ୍ୱ ସହକାରେ କାର୍ଯ୍ୟ କରିବାକୁ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଭୋଗରାଇରେ ଅଗଭୀର ନଳକୂପରୁ ଫ୍ଲୋରାଇଡ୍ ମିଶ୍ରିତ ପାଣି ପିଇ ବହୁ ଲୋକ ପେଟଜନିତ ରୋଗରେ ପଡୁଥିବା ଓ ଦାନ୍ତ ଖାଇଯାଉଥିବାରୁ କଟକ, ଭୁବନେଶ୍ୱର ଦୌଡ଼ି ନୟାନ୍ତ ହେଉଛନ୍ତି। ସୁବର୍ଣ୍ଣରେଖା ନଦୀର ପାଣିକୁ ବିଶୁଦ୍ଧ ପାଣିରେ ପରିଣତ କରିବା ପାଇଁ ପ୍ରଥମେ ୭୬ କୋଟି ଓ ଦ୍ୱିତୀୟ ପର୍ଯ୍ୟାୟରେ ୨ ଶହ କୋଟିର ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାକୁ ଯାଉଛି ବୋଲି ବିଧାୟକ ପ୍ରକାଶ କରିଛନ୍ତି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଭୋଗରାଇର ସମସ୍ତ ଗ୍ରାମକୁ ପାନୀୟ ଜଳ ଯୋଗାଇ ଦିଆଯିବା ପାଇଁ ଗାଁ ଗଣ୍ଡାରେ ପାଇପ୍ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ରହିଥିବା ବିଭାଗୀୟ ଅଧିକାରୀମାନେ କହିଥିଲେ। ଭୋଗରାଇ-ସାନତେଘରୀଠାରେ ବିଦ୍ୟୁତ୍ ଗ୍ରୀଡ୍ ସ୍ଥାପନ ହୋଇଥିଲେ ମଧ୍ୟ ଘନ ଘନ ବିଦ୍ୟୁତ୍ କାଟ୍‌କୁ ବନ୍ଦ କରି ୨୪ ଘଣ୍ଟିଆ ବିଦ୍ୟୁତ୍ ସରବରାହ ଯୋଗାଇ ଦେବା ଏବଂ ବିଦ୍ୟୁତ୍ ବିଲ୍‌ର ସଂଶୋଧନ ଓ ଉଜ୍ଜ୍ୱଳା ଯୋଜନାରେ ଠିକାଦାରଙ୍କ ମନମୁଖି କାର୍ଯ୍ୟର ତଦନ୍ତ କରାଯାଉ ବୋଲି ସମିତି ସଦସ୍ୟ ସନ୍ତୋଷ କୁମାର ଜେନା ଦାବି ଉପସ୍ଥାପନ କରିଥିଲେ। ଅପରପକ୍ଷେ ପୂର୍ବତନ ଜିଲା ପରିଷଦ ସଦସ୍ୟ ହେମନ୍ତ କୁମାର ବେହେରା ଆରୁହାବୃତ୍ତିଠାରେ ମେଗା ପାନୀୟଜଳ ପ୍ରକଳ୍ପଭୂତକୋଠିରେ ପରିଣତ ହୋଇଥିବା ବେଳେ ବିଭାଗୀୟ ଅଧିକାରୀମାନେ ଲୋକମତ ଶୁଣୁ ନ ଥିବାର ଅଭିଯୋଗ କରିଥିଲେ। ବିଡିଓ ସତ୍ୟଜିତ୍ ରାଉତ, ବ୍ଲକ ଚେୟାରମ୍ୟାନ ମଞ୍ଜୁରାଣୀ ବେହେରା, ଭାଇସଚେୟାରମ୍ୟାନ ଦୀପକ କୁମାର ଦାସ ପ୍ରମୁଖ ସମୀକ୍ଷା ବୈଠକରେ ଉପସ୍ଥିତ ଥିଲେ।

### ପଥର ବୋଝେଇ ଡମ୍ଫରରୁ ଲକ୍ଷାଧିକ ଜରିମାନା

ସୋର, (ଡି.ଏନ.ଏ)- ବାଲେଶ୍ୱର ଜିଲା ସୋର ତହସିଲ ପକ୍ଷରୁ ବୁଧବାର ମଧ୍ୟାହ୍ନରେ ସୋର ମଙ୍ଗଳପୁର ରାସ୍ତା ଦହିପୁର ଛକରେ ଚଢ଼ାଉ କରାଯାଇ ବେଆଇନ ପଥର ପରିବହନ କରୁଥିବା ୬ଟି ଡମ୍ଫରରୁ ୧ ଲକ୍ଷ ୮୪ ହଜାର ୬୮୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଏବେ କେତେଜଣ ଡମ୍ଫର ମାଲିକ ଓ ଖାଦାନ ମାଲିକ ସରକାରୀ ନିୟମକୁ ବେଖାତିର୍ କରି ପାହାଡ଼ ବ୍ଲାଷ୍ଟିଙ୍ଗ୍, ପଥର ପରିବହନ ଆଦି କରୁଥିବା ସୂଚନା ମିଳିଥିବା ବେଳେ ଆଗାମୀ ଦିନରେ ଚଢ଼ାଉ ଜୋରଦାର କରାଯିବ ବୋଲି ତହସିଲଦାର ଅଶୋକ ଦାସ କହିଛନ୍ତି।

## ସଂକ୍ଷେପରେ

### ନାଏବ ସରପଞ୍ଚଙ୍କୁ ସରପଞ୍ଚ ଦାୟିତ୍ୱ

ଖଇରା,୯।୧୨(ଡି.ଏନ.ଏ.): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ସାରଡାଙ୍ଗ ପଞ୍ଚାୟତର ନାଏବ ସରପଞ୍ଚ ରଞ୍ଜୁଲତା ବେହେରାଙ୍କୁ ସରପଞ୍ଚ ଦାୟିତ୍ୱ ପ୍ରଦାନ କରାଯାଇଛି। ଖଇରା ବିଡିଓଙ୍କ ପତ୍ର ସଂଖ୍ୟା ୫୮୭୦ତା୧/୧୨/୨୦୨୦ରିଖରେ ଏହି ବିଷୟ ଉଲ୍ଲେଖ କରାଯାଇଛି। ଏହାର ନକଲ ବାଲେଶ୍ୱର ଜିଲାପାଳ, ଉପଜିଲାପାଳ, ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ପ୍ରଦାନ କରାଯାଇଛି। ଚିଠି ପାଇବା ପରେ ନାଏବ ସରପଞ୍ଚ ରଞ୍ଜୁଲତା ସୋମବାର ସରପଞ୍ଚ ଦାୟିତ୍ୱ ଗ୍ରହଣ କରିଛନ୍ତି। ସାରଡାଙ୍ଗ ସରପଞ୍ଚ ହରିହର କୁଣ୍ଡୁ ନଭେମ୍ବର ୨୫ ତାରିଖରେ ହୃଦଘାତରେ ପ୍ରାଣ ହରାଇବା ପରେ ଏହି ସ୍ଥାନ ଖାଲି ପଡିଥିଲା।

### ଟ୍ରକ୍ ଚାପାରେ ଯୁବକ ମୃତ

ଢେଙ୍କିକୋଟ, ୯।୧୨(ଡି.ଏନ.ଏ.): କେନ୍ଦୁଝର ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ଜାତୀୟ ରାଜପଥ ୨୦ନଂ ଚାନ୍ଦପଶି ଛକଠାରେ ଗତ ମଙ୍ଗଳବାର ସନ୍ଧ୍ୟା ୬ଟା ବେଳେ ଏକ ଅଜଣା ଟ୍ରକ ଚାପାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମୟୂରଭଞ୍ଜ ଜିଲା ଯଶିପୁର ଥାନା ଅନ୍ତର୍ଗତ ମଉଦି ଗ୍ରାମର ସଞ୍ଜୟ ନାଏକ (୨୫)। ସଞ୍ଜୟ ପାଟଣା ଥାନା ଅନ୍ତର୍ଗତ ମୁସପଡା ଗ୍ରାମର ଜଣେ ବନ୍ଧୁ ଘରକୁ ଆସିଥିଲା। ସେ ସନ୍ଧ୍ୟାରେ ବାଇକ୍ ଯୋଗେ ଫେରିବାବେଳେ ବାଇକ୍‌ରୁ ପଡିଯିବାରୁ ଏକ ଅଜଣା ଟ୍ରକ ତାଙ୍କୁ ଚାପି ଦେଇଥିଲା। ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ଢେଙ୍କିକୋଟ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ଏନେଇ ଘଟଗାଁ ଥାନାରେ ଏକ ଦୁର୍ଘଟଣାଜନିତ ମାମଲା (ନଂ.୧୫୮/୨୦) ରୁଜୁ ହୋଇଛି।

### ଖୋଲିଲା ଧାନ ମଣ୍ଡି

ତେଲକୋଇ, ୯।୧୨(ଡି.ଏନ.ଏ.): କେନ୍ଦୁଝର ଜିଲା ତେଲକୋଇ ବ୍ଲକ ତେଲକୋଇ ସମବାୟ ସମିତି ଠାରେ ବୁଧବାର ଧାନ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ସମବାୟ ସମିତି ଠାରେ ସ୍ଥାନୀୟ ତହସିଲଦାର ଅଶ୍ୱିନୀ କୁମାର ନାୟକ, ବିଡିଓ ଦିଲୀପ କୁମାର ବାଡ଼ା, ବ୍ଲକ ଯୋଗାଣ ଅଧିକାରୀ ଲକ୍ଷ୍ମଣ ମାଝୀ, ଜିଲା ଏଆରସିଏସ ପୁରୁଷୋତ୍ତମ ପାତ୍ର ଓ ଚାଷୀ କମିଟି ଉପସ୍ଥିତ ରହି ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ସମିତିରେ ୧୧ପଞ୍ଚାୟତର ୧୧୫୦ଜଣ ଚାଷୀ ନାମ ପଞ୍ଜୀକୃତ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ୧୦ହଜାର କୁଇଣ୍ଟାଲ ଧାନ କ୍ରୟ କରାଯିବ ବୋଲି ଧାର୍ଯ୍ୟ ହୋଇଛି। ଏଠାରେ ଦୁଇଟି ସେଣ୍ଟରରେ ଧାନ କ୍ରୟ କରାଯିବ। ତେଲକୋଇ ସମବାୟ ସମିତି ଠାରେ ସୋମବାର ଓ ବୁଧବାର, ଛାମୁଣ୍ଡା ଠାରେ ଶୁକ୍ରବାର ଓ ଶନିବାର ଧାନ କ୍ରୟ କରାଯିବ ବୋଲି ଏମ୍‌ଡି କେଶବ ଚନ୍ଦ୍ର ସାହୁ ପ୍ରକାଶ କରିଛନ୍ତି। କରୋନା କଟକଣା ଯୋଗୁ ଧାନ ବିକ୍ରୟ ସମୟରେ ସାନିଟାଇଜ ବ୍ୟବସ୍ଥା, ସାମାଜିକ ଦୂରତ୍ୱ ରକ୍ଷା, ମାସ୍କ ପିନ୍ଧିବା ସହ ଅଯଥା ଗହଳି ନ କରିବା ଉପରେ ଅଧିକାରୀ ମାନେ ଗୁରୁତ୍ୱ ଦେଇଥିଲେ।

### ୪ ବଖରା ଜଳିଗଲା

ଭଣ୍ଡାରିପୋଖରୀ, ୯।୧୨ (ଡି.ଏନ.ଏ): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବଜାର ପାର୍ଶ୍ୱ ଦକ୍ଷିଣବାଡ଼ ଗ୍ରାମରେ ମଙ୍ଗଳବାର ରାତିରେ ଅଗ୍ନିକାଣ୍ଡ ଘଟି ୪ ବଖରା ଜଳି ଯାଇଛି। ଗ୍ରାମର ରଞ୍ଜନ ଜେନାଙ୍କ ଗୁହାଳେ ମଶା ପାଇଁ ଦିଆଯାଇଥିବା ଧୂଆଁରୁ ନିଆଁ ଲାଗି ତାଙ୍କ ଅନ୍ୟ ଘରକୁ ବ୍ୟାପି ଯାଇଥିବା ଜଣାପଡ଼ିଛି। ଭଣ୍ଡାରିପୋଖରୀ ଦମକଳ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ଘରର ଆସବାବପତ୍ର ଓ ଅନ୍ୟାନ୍ୟ ସାମଗ୍ରୀ ପୋଡ଼ି ନଷ୍ଟ ହୋଇଯାଇଛି।

### ଟ୍ରାକ୍ଟର ଧକ୍କାରେ ମହିଳା ମୃତ

ସଜନାଗଡ଼,୯।୧୨(ଡି.ଏନ.ଏ.): ବାଲେଶ୍ୱର ଜିଲା ନୀଳଗିରି ଥାନା ଅଞ୍ଚଳରେ ଟ୍ରାକ୍ଟର ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ମହିଷାପଟା ଗ୍ରାମର ବିରେନ୍ଦ୍ର ସିଂଙ୍କ ସ୍ତ୍ରୀ ସୁମତୀ। ଚଣ୍ଡିପୁର ଗ୍ରାମ ନିକଟସ୍ଥ କରଞ୍ଜିଆ ଛକ ନିକଟରେ ବିଲରୁ କାମ ସାରି ଘରକୁ ଫେରୁଥିବା ବେଳେ ଟ୍ରାକ୍ଟର ତାଙ୍କୁ ଧକ୍କା ଦେଇଥିଲା। ସେ ତଳେ ପଡ଼ିଯିବାରୁ ଟ୍ରାକ୍ଟର ଚକା ତାଙ୍କ ଉପରେ ଚଢ଼ି ଯାଇଥିଲା। ଘଟଣାସ୍ଥଳରେ ସୁମତୀ ପ୍ରାଣ ହରାଇଥିଲେ। ନୀଳଗିରି ଥାନା ସବଇନ୍ସପେକ୍ଟର ଗଣେଶ ତ୍ରିପାଠୀ ଘଟଣାର ତଦନ୍ତ କରୁଛନ୍ତି। ଏନେଇ ଥାନାରେ ଏକ ମାମଲା (ନଂ.୪୦୦/୨୦) ରୁଜୁ ହୋଇଛି।

# ଚାଷଜମିରେ ହାତୀ ଉତ୍ପାତ

- ଗ୍ରାମବାସୀ ଭୟଭୀତ
- ଘଉଡ଼ାଇବାରେ ବନବିଭାଗ ନାକେଦମ୍
- ରାତି ତମାମ୍ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ



ରୂପ୍‌ସା,୯।୧୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ରୂପ୍‌ସା ଥାନା ଗଡ଼ପଦା ଓ ରାଉତପଡ଼ା ପଞ୍ଚାୟତ ଅନ୍ତର୍ଗତ ଓଡ଼ିଆଶାସନ, କୁଳ ବାରମାଣିଆ, ଭରଡ଼ାପାଳ ଆଦି ମୌଜାରେ ଶିମିଳିପାଳରୁ ୭ଜଣିଆ ହାତୀପଲ ଆସି ନଦୀ ପାଖ ଜଙ୍ଗଲ ଭିତରେ ରହିଥିବା ବନବିଭାଗ ପକ୍ଷରୁ ସୂଚନା ମିଳିଛି। ମଙ୍ଗଳବାର ଓ ବୁଧବାର ୨ଦିନ ଧରି ଏକ ଦନ୍ତା ହାତୀ ଚାଷ ଜମିରେ ବୁଲୁଥିବା ଦେଖି ଗାଁ ଲୋକେ ବନବିଭାଗକୁ ଖବର ଦେଇଥିଲେ। ନୀଳଗିରି ଫରେଷ୍ଟରଙ୍କ ସମେତ ବିଭାଗୀୟ କର୍ମଚାରୀ ପହଞ୍ଚି ଗାଁ ଲୋକଙ୍କ ସହ ହାତୀଟିକୁ ଘଉଡ଼ାଇବାରେ ବିଫଳ ହୋଇଥିଲେ। ଅପରପକ୍ଷରେ ରୂପ୍‌ସା ବିଦ୍ୟୁତ୍ ସେକ୍‌ସନ ହାତୀ ଉପଦ୍ରବ ରୋକିବା ପାଇଁ ସମ୍ପୂର୍ଣ୍ଣ ରୂପ୍‌ସା ଅଞ୍ଚଳକୁ ରାତି ତମାମ୍ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିବାରୁ ଗ୍ରାମବାସୀ ଏକପ୍ରକାର ଭୟଭୀତ ଅବସ୍ଥାରେ ରହିଥିଲେ। ରବିବାର ପୁଣି ଏହି ଦନ୍ତା ହାତୀକୁ ଲୋକେ ଦେଖିଥିଲେ। ବନବିଭାଗ କର୍ମଚାରୀ ପହଞ୍ଚିଥିଲେ ହେଁ କୂଳଗାଁ ଭିତରକୁ ପଶିବାକୁ ହାତୀଟି ଉଦ୍ୟମ କରୁଥିବା ବେଳେ ଗାଁ ଲୋକେ ଘଉଡ଼ାଇଥିଲେ। ବାଉଁଶ ନଦୀ ପାଖ ଜଙ୍ଗଲରେ ଅପରାହ୍ନରେ ଅନ୍ୟ ୨ଟି ହାତୀ ବୁଲୁଥିବା ଦେଖିବାକୁ ମିଳିଥିଲା। ତେବେ ଶିମିଳିପାଳରୁ ୭ଟି ହାତୀ ମୟୂରଭଞ୍ଜ ସୀମା ଦେଇ ପ୍ରବେଶ କରି ଏହି ଅଞ୍ଚଳରେ ୫୦ରୁ ଉର୍ଦ୍ଧ୍ୱ ଏକର ପାଚିଲା ଧାନକ୍ଷେତ ନଷ୍ଟ କରିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।

ସୂଚନାଯୋଗ୍ୟ, ନଭେମ୍ବର ୨୮ତାରିଖ ରାତିରେ ୪୦ରୁ ଉର୍ଦ୍ଧ୍ୱ ହାତୀ ଗଡ଼ପଦା ପଞ୍ଚାୟତ ଅନ୍ତର୍ଗତ ଲଛମନଖୁଣ୍ଟା, ପଶ୍ଚିମସିମୁଳିଆ, ଜହଡା ଓ ଓଡ଼ିଆଶାସନ ମୌଜାରେ ପଶି ୫୦ ଏକରରୁ ଉର୍ଦ୍ଧ୍ୱ ଧାନ, ଆଖୁ, କଦଳୀ ଫସଲ ନଷ୍ଟ କରିଥିଲେ। ତହିଁ ପରଦିନ ଗ୍ରାମବାସୀ ଏହି ହାତୀପଲକୁ ମୟୂରଭଞ୍ଜ ସୀମା ଭିତରକୁ ଘଉଡ଼ାଇବାକୁ ସମର୍ଥ ହୋଇଥିଲେ।

# ସରପଞ୍ଚଙ୍କ ବିରୋଧରେ ଅନାସ୍ଥାପ୍ରସ୍ତାବ ଗୃହୀତ

ଭୋଗରାଇ,୯।୧୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ କଖଡ଼ା ପଞ୍ଚାୟତର ସରପଞ୍ଚଙ୍କ ବିରୋଧରେ ବୁଧବାର ଅନାସ୍ଥା ପ୍ରସ୍ତାବ ଗୃହୀତ ହୋଇଛି। ପଞ୍ଚାୟତ କାର୍ଯ୍ୟାଳୟଠାରେ ଉପଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଭୋଗରାଇ ତହସିଲଦାର କମଳାକାନ୍ତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏହି ଅନାସ୍ଥା ପ୍ରସ୍ତାବ ଆଗତ ହୋଇଥିଲା। ସରପଞ୍ଚ ଗଣେଶ ଚନ୍ଦ୍ର ଘଡ଼ାଇ ଅନୁପସ୍ଥିତ ରହିଥିବା ବେଳେ ତାଙ୍କ ସମର୍ଥିତ ୩ ୱାର୍ଡମେମ୍ବର ମଧ୍ୟ ଅନୁପସ୍ଥିତ ଥିଲେ। ଅନ୍ୟ ୯ଜଣ ୱାର୍ଡମେମ୍ବର ଉପସ୍ଥିତ ରହି ଅନାସ୍ଥା ପ୍ରସ୍ତାବକୁ ସମର୍ଥନ କରିଥିବାବେଳେ ନାଏବ ସରପଞ୍ଚ ପୁଷ୍ପାଞ୍ଜଳି ମହାନ୍ତିଙ୍କୁ ସରପଞ୍ଚ ପଦବୀରେ ଅବସ୍ଥାପିତ କରାଯାଇଥିବା ସୂଚନା ମିଳିଛି।ସୂଚନାଯୋଗ୍ୟ ଯେ, ଏହି ପଞ୍ଚାୟତର ସରପଞ୍ଚଙ୍କ ମନମୁଖୀ କାର୍ଯ୍ୟ ଓ ଉନ୍ନୟନ ଯୋଜନାରେ ବ୍ୟାପକ ଅର୍ଥ ତୋଷରପାତ ଅଭିଯୋଗ ଆଣି ୯ଜଣ ୱାର୍ଡ ସଦସ୍ୟା ଓ ସଦସ୍ୟମାନେ ଅନାସ୍ଥା ପ୍ରସ୍ତାବ ଆଗତ ପାଇଁ ୨୦୧୮ରୁ ଉଦ୍ୟମ ଜାରି ରଖିଥିଲେ। ଅନାସ୍ଥା ପ୍ରସ୍ତାବ ଗୃହୀତ ପରେ ଏହି ରିପୋର୍ଟକୁ ଜିଲାପାଳଙ୍କ ପାଖକୁ ପଠାଇ ଦିଆଯାଇଥିବା ତହସିଲଦାର ସୂଚନା ଦେଇଥିଲେ।

# ଡିଭାଇଡର୍ ଭାଙ୍ଗି ହେଉଛି କୃତ୍ରିମ ଗଳାବାଟ

କେନ୍ଦୁଝର, ୯।୧୨(ଡି.ଏନ୍.ଏ.)

କେନ୍ଦୁଝର ଜିଲା ଦେଇ ଯାଇଥିବା ଜାତୀୟ ରାଜପଥ ୨୦ ଅନେକ ସ୍ଥାନରେ ଡିଭାଇଡର୍ ଭଙ୍ଗା ଯାଇ କରାଯାଇଥିବା ଗଳାବାଟ ଦୁର୍ଘଟଣା ବୃଦ୍ଧିର କାରଣ ବୋଲି କୁହାଯାଉଛି। ଏହି ଗଳାବାଟ ଗୁଡିକ ଜାଣିଶୁଣି କରାଯାଇଥିବା ଦେଖିବାକୁ ମିଳୁଛି। ଜାତୀୟ ରାଜପଥ ୨୦ରେ ଏବେ ଶହଶହ ଲୁହାପଥର ବୋଝେଇ ଭାରିଯାନ ଚଳାଚଳ କରୁଛି। ତେଣୁ ସେହି ସ୍ଥାନଗୁଡ଼ିକରେ ଦୁର୍ଘଟଣା ଘଟିବା ଆଶଙ୍କା ପ୍ରକାଶ କରାଯାଉଛି। ବାଲିଆଗୋଡାଠାରୁ ରିମୁଳି ପର୍ଯ୍ୟନ୍ତ ଏଭଳି ଅନେକ ସ୍ଥାନରେ ଡିଭାଇଡର ଗୁଡିକୁ ଭାଙ୍ଗି ଦେଇ ଗଳାବାଟ କରାଯାଇଛି। ରାସ୍ତାର ଗୋଟିଏ ପାଖରୁ ଅନ୍ୟପାଖକୁ ସହଜରେ ଯିବା ପାଇଁ ଏହି ଗଳାବାଟ ତିଆରି ହୋଇଛି। ଗଳାବାଟ ଗୁଡିକରେ କେବଳ ଛୋଟ ଗାଡି, ବାଇକ ଯାଉ ନାହାନ୍ତି ବଡବଡ ଟ୍ରକ ମଧ୍ୟ ଯାଉଥିବା ଦେଖାଯାଉଛି। ଯାହାକି ବାଟୋଇ ଓ ଠିକ ବାଟରେ ଯାଉଥିବା ଗାଡିମୋଟର ଗୁଡିକ ପାଇଁ ବିପଦ ସୃଷ୍ଟି କରୁଛି। ଗୋଟିଏ ପାଖରୁ ଅନ୍ୟ ପାଖରେ ଥିବା ପେଟ୍ରୋଲ ପମ୍ପ, ଟାୟାର ଦୋକାନ, ଢାବା, ଚା' ଦୋକାନ ପ୍ରଭୃତିକୁ ବୁଲା ବାଟରେ ନ ଯାଇ ସହଜରେ ଯିବା ପ୍ରୟାସ କରି ବେଳେବେଳେ ଦୁର୍ଘଟଣାକୁ ଆମନ୍ତ୍ରଣ କରାଯାଉଛି। ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏଭଳି କୃତ୍ରିମ ଗଳାବାଟ ଗୁଡିକୁ ବନ୍ଦ କରିବାକୁ ରାସ୍ତାରେ ଯାତାୟତ କରୁଥିବା ପଥଚାରୀମାନଙ୍କ ତରଫରୁ ଦାବି ହେଉଛି।

# 'ସବୁ ବ୍ଲକ, ଜିଲା ମୁଖ୍ୟାଳୟ ସାମ୍ନାରେ ହେବ ଆନ୍ଦୋଳନ'




ଖବରଦାତା ସମ୍ମିଳନୀରେ ଉପସ୍ଥିତ ଭାଜପା ନେତାମାନେ।

ଭଦ୍ରକ ଅଫିସ, ୯।୧୨

ଭଦ୍ରକ ଜିଲାରେ ସମସ୍ତ ପ୍ରକାର ଭିତ୍ତିଭୂମି ଥିବା ସତ୍ତ୍ୱେ ସରକାର ଏଠାରେ ମେଡିକାଲ କଲେଜ ପ୍ରତିଷ୍ଠା କରିପାରି ନ ଥିବା ଭାଜପା ଜିଲା କାର୍ଯ୍ୟାଳୟରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ କୁହାଯାଇଛି। ଜିଲା ସଭାପତି ହେମନ୍ତ କୁମାର ପାଢ଼ୀ ନେତୃତ୍ୱ ନେଇଥିଲେ। ମେଡିକାଲ କଲେଜ ସ୍ଥାପନ ସମ୍ପର୍କରେ ଦଳ ପକ୍ଷରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କଠାରୁ ଆରମ୍ଭ କରି ତତ୍କାଳୀନ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଦାବି ଜଣାଇ ଦିଆଯାଇଥିଲା। ସେମାନେ ମଧ୍ୟ ଏ ସମ୍ପର୍କରେ ରାଜ୍ୟ ସରକାରଙ୍କୁ ଚିଠି ଲେଖିଥିଲେ। ଏସବୁ ସତ୍ତ୍ୱେ ରାଜ୍ୟ ସରକାର ଭଦ୍ରକରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଉଦ୍ୟମ କରୁ ନ ଥିବାରୁ ଏହାର ପ୍ରତିବାଦରେ ଆସନ୍ତା ୧୪ ତାରିଖରେ ଦଳ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଓ ୧୫ରେ ସମସ୍ତ ବ୍ଲକ ମୁଖ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରାଯିବ ବୋଲି ଭାଜପା ନେତାମାନେ ସୂଚନା ଦେଇଛନ୍ତି। ବିରୋଧୀ ଦଳ ଉପନେତା ତଥା ବିଧାୟକ ବିଷ୍ଣୁ ସେଠୀ, ଡ. ପ୍ରଦୀପ ନାୟକ, ପୂର୍ବତନ ଜିଲା ସଭାପତି ବଦ୍ରିନାରାୟଣ ଧଳ, ବରିଷ୍ଠ ଭାଜପା ନେତା ଶ୍ରୀହର୍ଷ ସ୍ୱାଇଁ, ଜିଲାର ୩୨ ମଣ୍ଡଳ ସଭାପତି ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

# ନାବାଳିକା ଉଦ୍ଧାର, ଯୁବକ ଗିରଫ

ସଜନାଗଡ଼,୯।୧୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରି ଥାନା ଅଞ୍ଚଳରୁ ଅପହୃତ ଜଣେ ନାବାଳିକାଙ୍କୁ ପୋଲିସ ଉଦ୍ଧାର କରିବା ସହ ଅପହର୍ତ୍ତା ଯୁବକଙ୍କୁ ଗିରଫ କରିଛି। ସୂଚନା ଅନୁସାରେ ନୀଳଗିରି ବ୍ଲକ ତେଲିପାଳ ନୂଆସାହି ଅଞ୍ଚଳର ଜଣେ ଯୁବକ ସଜନାଗଡ଼ ଅଞ୍ଚଳର ଜଣେ ନାବାଳିକାଙ୍କୁ ଭଲ ପାଇ କେଉଁଆଡ଼େ ନେଇଯାଇଥିଲେ। ଉଭୟ ୧ମାସ ହେଲା ଫେରାର ହୋଇଯାଇଥିବା ବେଳେ ନାବାଳିକାଙ୍କ ପରିବାର ଲୋକେ ଏନେଇ ଥାନାରେ ଅଭିଯୋଗ କରିଥିଲେ। ନୀଳଗିରି ଥାନା ସବ୍‌ଇନ୍ସପେକ୍ଟର ସସ୍ମିତା ମଲ୍ଲିକ ସମ୍ପୃକ୍ତ ଯୁବକଙ୍କୁ ନରଣପୁର ଅଞ୍ଚଳରୁ ଗିରଫ କରିଥିବା ବେଳେ ନାବାଳିକାଙ୍କୁ ବରହମପୁର ଅଞ୍ଚଳରୁ ଉଦ୍ଧାର କରିଛନ୍ତି। ନୀଳଗିରି ମେଡିକାଲରେ ଉଭୟଙ୍କର ଡାକ୍ତରୀ ମାଇନା କରାଯାଇଛି। ଏନେଇ ପୋକ୍‌ସୋ ଆକ୍ଟରେ ଏକ ମାମଲା (ନଂ.୩୮୦/୨୦) ରୁଜୁ ହୋଇଛି। ଗୁରୁବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ସୂଚନା ଦେଇଛନ୍ତି ।

# ପଟ୍ଟା ସଂଶୋଧନ କାର୍ଯ୍ୟରେ ପରିବର୍ତ୍ତନ ଦାବି



ଚକବନ୍ଦୀ ଡେପୁଟି ଡାଇରେକ୍ଟରଙ୍କୁ ଦାବିପତ୍ର ଦିଆଯାଉଛି।

ବାଲେଶ୍ୱର ଅଫିସ,୯।୧୨

ବାଲେଶ୍ୱର ଜିଲା ବସ୍ତା ତହସିଲ ଅନ୍ତର୍ଗତ ଅମର୍ଦ୍ଦାରୋଡ଼ ଆର୍‌ଆଇ ଅଫିସ୍ ଅଧୀନ ନଟାକଟା ପଞ୍ଚାୟତରେ ଚକବନ୍ଦୀ ପକ୍ଷରୁ ପଟ୍ଟା ସଂଶୋଧନ କାର୍ଯ୍ୟ ଚାଲୁଅଛି। ମାତ୍ର ଏହାକୁ ପରିବର୍ତ୍ତନ କରିବା ପାଇଁ ବୁଧବାର ଉକ୍ତ ଅଞ୍ଚଳର ଚାଷୀମାନେ ଦାବି କରି ଚକବନ୍ଦୀ ଡେପୁଟି ଡାଇରେକ୍ଟର ବାଲେଶ୍ୱରଙ୍କୁ ଲିଖିତ ଦାବି ଜଣାଇଛନ୍ତି।

ଅଭିଯୋଗକ୍ରମେ ଦୀର୍ଘଦିନ ଧରି ଚକବନ୍ଦୀ ଦ୍ୱାରା '୧୩-୧' ଧାରା ଅନୁସାରେ ଜମି ପଟ୍ଟାର ସଂଶୋଧନ କାର୍ଯ୍ୟ ହୋଇଆସୁଥିବାରୁ ୯୦ବର୍ଷ ତଳର ଜମିର ମାଲିକାନା ସତ୍ତ୍ୱ ଚାଲି ଯାଉଛି। ଫଳରେ ବହୁ ଲୋକ ମରିହଜି ଯିବା କାରଣରୁ ସେମାନଙ୍କର ଉତ୍ତରାଧିକାରୀମାନେ ଚାଷ ଜମିର ମାଲିକାନା ବା ପଟ୍ଟା ପାଇବାରୁ ବଞ୍ଚିତ ହେଉଛନ୍ତି। ଏଥିପାଇଁ ଚାଷୀ ତଥା ଜମି ମାଲିକମାନେ ବହୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷରେ ଜମିର ପଟ୍ଟା ମୃତକଙ୍କ ନାମରେ ଥିବାର ତାଙ୍କର ଉତ୍ତରାଧିକାରୀ ନା ସରକାରୀ ସାହାଯ୍ୟ ସହଯୋଗ କିମ୍ବା କୃଷିର ଉନ୍ନତି ପାଇଁ ଲୋନ୍‌ର ସହାୟତା ମଧ୍ୟ ପାଇପାରୁ ନାହାନ୍ତି। ସେଥିପାଇଁ ଚକବନ୍ଦୀ ପକ୍ଷରୁ ସଂଶୋଧନ କାର୍ଯ୍ୟ '୧୩-୪' ଧାରା ଅନୁସାରେ କରାଯିବା ସଙ୍ଗେ ସଙ୍ଗେ (୨) ମାଲିକାନା ପରିବର୍ତ୍ତନ କରାଯାଉ। ଏଥିସହିତ ଚାଷୀମାନଙ୍କ ସହିତ ପରାମର୍ଶ କରାଯିବା ଅଭିଯୋଗ ଆସିଛି। ଦାବିପତ୍ର ପ୍ରଦାନ ସମୟରେ ବେଣୁଧର ଚନ୍ଦ, ରଘୁନାଥ ଚନ୍ଦ, ବସନ୍ତ ପାତ୍ର, ରାମଚନ୍ଦ୍ର ପାତ୍ର, ଚନ୍ଦନ ସାହୁ, ପ୍ରଶାନ୍ତ ସାହୁ, ଭୀମ ଚରଣ ଭଦ୍ର, ବେଣୁଧର ବାରିକ, ପ୍ରଭାକର ଧଳ, ଉମାକାନ୍ତ ଗିରି ପ୍ରମୁଖ ଉପସ୍ଥିତ ଥିଲେ।

# ଘରେ ପଶି ସୁନାଗହଣା, ଟଙ୍କା ଲୁଟ୍ ମାମଲା: ୨ ଗିରଫ



ଗିରଫ ୨ ଅଭିଯୁକ୍ତ

ରୂପ୍‌ସା,୯।୧୨(ଡି.ଏନ.ଏ.)

ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ଶ୍ରୀରାମପୁର ଗ୍ରାମର ୨ଜଣ ବ୍ୟକ୍ତିଙ୍କ ଘରେ ପଶି ସୁନାଗହଣା, ଟଙ୍କା, ମୋବାଇଲ, ଇନଭର୍ଟର ଆଦି ସାମଗ୍ରୀ ଲୁଟ୍ ମାମଲାରେ ତଦନ୍ତ ଅଧିକାରୀ ବସ୍ତା ଥାନା ଏଏସ୍‌ଆଇ ଚିତ୍ତରଞ୍ଜନ ମହାନ୍ତି ଚଢ଼ାଉ କରି ବୁଧବାର ୨ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି। ଗିରଫ ଅଭିଯୁକ୍ତ ହେଲେ ବସ୍ତା ଥାନା ଉଇଟିକିରି ଗ୍ରାମର ବଣ୍ଟି ଓରଫ ସ୍ୱାଭିମାନ ସାଗର ଜ୍ୟୋତି ଜେନା ଓ ବଡ଼ା ଗ୍ରାମର ବୁଲବୁଲ ଓରଫ ପଦ୍ମଲୋଚନ ଜେନା। ବହୁ ଅପରାଧିକ ମାମଲାରେ ଅଭିଯୁକ୍ତମାନେ ସମ୍ପୃକ୍ତ ଥିବାରୁ ପୋଲିସ ପକ୍ଷରୁ ଅଧିକ ପଚରାଉଚରା ଜାରି ରହିଛି।

ପ୍ରକାଶ ଯେ, ଶ୍ରୀରାମପୁର ଗ୍ରାମର ଲମ୍ବୋଦର ଶତପଥିଙ୍କ ଘରେ ପଶି ୩ଜଣ ଅଭିଯୁକ୍ତ ଇନଭର୍ଟର, ମେଶିନ, ଏଲ୍‌ଇଡି ସମେତ ୫୦ହଜାର ଟଙ୍କା ଲୁଟ୍ କରିଥିବା ଅଭିଯୋଗ କ୍ରମେ ଗତ ଅକ୍ଟୋବର ୨୯ ତାରିଖରେ ଏକ ମାମଲା (ନଂ. ୨୫୪/୨୦) ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଥିଲା। ସେହିପରି ରାଜଶ୍ରୀ ସାହୁଙ୍କ ବାପ ଘରେ ଦିନ ଦ୍ୱିପ୍ରହର ସମୟରେ ଘରେ ତାଲା ଭାଙ୍ଗି ୨ଜଣ ଅଭିଯୁକ୍ତ ଲକ୍ଷାଧିକ ଟଙ୍କାର ସୁନାଗହଣା, ମୋବାଇଲ, ନଗଦ ଟଙ୍କା ଚୋରି କରିଥିବା ଅଭିଯୋଗ ମୁତାବକ ଗତ ନଭେମ୍ବର ୨୨ ତାରିଖରେ ପୋଲିସ ଏକ ମାମଲା (ନଂ. ୨୭୧ଖ/୨୦) ରୁଜୁ କରିଥିଲା। ଉଭୟ ଲୁଟ୍ ଘଟଣାରେ ସମ୍ପୃକ୍ତ ସେହି ଗ୍ରାମର ବିଦୁଆ ଓରଫ ଶଶୀକାନ୍ତ ଗୋଛାୟତକୁ ଗିରଫ କରି ପୋଲିସ ନଭେମ୍ବର ୨୭ ତାରିଖରେ କୋର୍ଟ ଚାଲାଣ କରିଥିଲା। ଗିରଫ ଅଭିଯୁକ୍ତ ବୁଲବୁଲଠାରୁ ଚୋରି ଇନଭର୍ଟର ଓ ମେଶିନ୍ ଜବତ ହୋଇଥିବା ବେଳେ ବଣ୍ଟି ଠାରୁ ଲେମ୍ବୁ ଗଛ ମୂଳରେ ପୋତା ହୋଇ ରହିଥିବା ଏକ ଡବାରୁ ଏକ ସୁନା ଲକେଟ୍, ସୁନା କାନଫୁଲ, ରୁପା ପାଉଁଜି ଓ ଗୋଡ଼ମୁଦି ଆଦି ଜବତ ହୋଇଛି।

# ୩୩ କେ.ଭି.ବିଦ୍ୟୁତ୍ ଆଘାତରେ ଜୀବନଗଲା

ରାଇରଙ୍ଗପୁର,୯।୧୨(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଧୀନ ହାଟବାଦଡ଼ା ଗ୍ରାମ ୨୨୦ ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଟେଷ୍ଟ କାମ କରୁଥିବା ଜଣେ ଯୁବକଙ୍କ ବୁଧବାର ୩୩ କେ.ଭି.ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ଆହାରବନ୍ଧ ଗ୍ରାମର ବିଜୟ କୁମାର ମହାକୁଡ଼। ଟେଷ୍ଟ କାମ କରୁଥିବା ବେଳେ ହାତରେ ଧରିଥିବା ଏକ ବାଉଁଶ ୩୩ କେ.ଭି. ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲା। ଫଳରେ ସେ ଗୁରୁତର ହୋଇପଡ଼ିଥିଲେ। ଚିକିତ୍ସା ପାଇଁ ତାଙ୍କୁ ରାଇରଙ୍ଗପୁର ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୩୩/୨୦) ରୁଜୁ ହୋଇଛି।

# ଭଲିବଲ ଟୁର୍ନାମେଣ୍ଟ: କୁଳିଙ୍ଗା ଟିମ୍ ଚାମ୍ପିୟନ

ବାହାନଗା, ୯।୧୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ରେମୁଣା ବ୍ଲକ ଶ୍ରୀଜଙ୍ଗ ଗ୍ରାମର ଥିବା ମା' ଯୋଗେଶ୍ୱରୀ ଭଲିବଲ ଟୁର୍ନାମେଣ୍ଟ କ୍ଲବ ତରଫରୁ ଏକ ଦିବସୀୟ ଟୁର୍ନାମେଣ୍ଟ ଗ୍ରାମର କାଛି ପଡିଆଠାରେ ଅନୁଷ୍ଠିତ ହୋଇଯାଇଛି। ଖେଳରେ ୬ଟି ଦଳ ଭାଗ ନେଇଥିଲେ। ଫାଇନାଲ ଖେଳ ଶ୍ରୀଜଙ୍ଗ ଗ୍ରାମର ମା' ଯୋଗେଶ୍ୱରୀ ଭଲିବଲ ଟିମ୍ ସହିତ କୁଳିଙ୍ଗା ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରୀଜଙ୍ଗର ମା' ଯୋଗେଶ୍ୱରୀ ଟିମ୍‌କୁ ରସାଳପୁରସ୍ଥିତ କୁଳିଙ୍ଗା ଟିମ୍ ୨-୧ ପଏଣ୍ଟରେ ହରାଇ ଚାମ୍ପିୟନ ହୋଇଛି। ମ୍ୟାଚକୁ ଶ୍ରୀଜଙ୍ଗ ସରପଞ୍ଚ କାର୍ତ୍ତିକେଶ୍ୱର ବାରିକ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ପ୍ରକାଶ ରଥ, ରବି ନାରାୟଣ ବାରିକ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ରେଫରି ଭାବେ ଶରତ କୁମାର ପରିଡା, ଲକ୍ଷ୍ମଣ କୁମାର ମଲ୍ଲିକ କାର୍ଯ୍ୟ ସମ୍ପାଦନା କରିଥିଲେ। ଅତିଥିମାନେ ଚାମ୍ପିୟନ କୁଳିଙ୍ଗା ଟିମ୍‌କୁ ଏକ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରିଥିଲେ। ରନର୍ସଅପ୍ ଦଳ ଶ୍ରୀଜଙ୍ଗର ମା' ଯୋଗେଶ୍ୱରୀ ଟିମ୍‌କୁ ୬ ଶହ ଟଙ୍କା ଓ ରନର୍ସ ଟ୍ରଫି ପ୍ରଦାନ କରାଯାଇଥିଲା।



ଉଦ୍‌ଘାଟନୀ ମ୍ୟାଚରେ ଉଭୟ ଦଳର ଖେଳାଳି।

# ଭଉଣୀ କାନ୍ଧରେ ଭାଇର ବୋଝ

## ନା ଅଛି ଘର, ନା ମିଳୁଛି ଭତ୍ତା



ଭଙ୍ଗାଘର ସମ୍ମୁଖରେ ବସିଥିବା ଅସହାୟ ଆଲୋକ ମୁଣ୍ଡା ।

ଚମ୍ପୁଆ, ୯।୧୨(ଡି.ଏନ.ଏ.)

ଗରିବ ଆଉ କେହି ରହିବେ ନାହିଁ। ଅସହାୟଙ୍କଠାରୁ ଆରମ୍ଭ କରି ବିଧବା, ଭିନ୍ନକ୍ଷମ ଏପରିକ ବୃଦ୍ଧ ମାନଙ୍କ ପାଇଁ ସରକାର ଅନେକ ଯୋଜନା କରିଛନ୍ତି। ମାତ୍ର ଏହାର ବିପରିତ ପ୍ରତିଫଳନ ଦେଖିବାକୁ ମିଳିଛି କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ ରଜିଆ ପଞ୍ଚାୟତର ଆଲୋକ ମୁଣ୍ଡାଙ୍କ କ୍ଷେତ୍ରରେ। ଅବିବାହିତ ଭଉଣୀ ନିରାସଙ୍କ କାନ୍ଧରେ ବୋଝ ପାଲଟିଛନ୍ତି ଆଲୋକ। ବାରଦୁଆରେ କାମ କରି ୫୦ ବର୍ଷିୟ ନିରାସ ଆଣୁଥିବା ଅର୍ଥରେ ଦୁଇ ପ୍ରାଣିଙ୍କ ପେଟ ପୁରୁ ନ ଥିବା ବେଳେ ସ୍ଥାନୀୟ ଖାଉଟି ମାନେ ଡିଲର ପାଖରେ ଛାଡିଯାଇଥିବା କିଛି ଚାଉଳ ଏହି ଭାଇଭଉଣୀଙ୍କ ଦାନା ସାଜିଥାଏ। ଆଜକୁ ୫ବର୍ଷ ହେବ ଯୁବା ବୟସରେ ଶାରୀରିକ ଅସୁସ୍ଥତା ହେତୁ କାମଦାମ କରି ନ ପାରି ଘରେ ପଡିରହିଲେ ଆଲୋକ। ଅର୍ଥ ଅଭାବ ହେତୁ ଚିକିତ୍ସା ହୋଇପାରିଲା ନାହିଁ। ଧୀରେ ଧୀରେ ଆଲୋକଙ୍କ ଅଣ୍ଟା ନଇଁପଡିଲା। ଶେଷରେ ଚାଲିବା ତାଙ୍କ ପାଇଁ ଅସମ୍ଭବ ହୋଇ ପଡିବାରୁ ଭଉଣୀ ନିରାସ ହିଁ ତାଙ୍କ ସାହାରା ପାଲଟିଗଲା। ସକାଳ ହେଲେ ନିରାସ ଆଲୋକଙ୍କୁ ଘରୁ ଟେକିଟେକି ବାହାରକୁ ବାହାର କରି ନିତ୍ୟ କର୍ମ ଶେଷ କରାଇବା ପରେ ଦୁଇ ମୁଠା ଖାଦ୍ୟ ଦେଇ କାମକୁ ଚାଲିଯାଉଥିବା ବେଳେ କାମରୁ ଅପରାହ୍ନରେ ଫେରି ଘରକୁ ନେଇଥାଏ। କାଁ ଭାଁ ପାଖଲୋକ ଆଲୋକଙ୍କୁ ସହାୟତା ମଧ୍ୟ କରନ୍ତି। ଘର ନ ଥିବା ବେଳେ ଝାଟିମାଟି ଘର ଖଣ୍ଡିଏ ଉପରେ ପୁରୁଣା ଟିଣ ପକାଯାଇ ଛପର ଉଡିବା ଭୟରେ କାଠ ଓ ପଥର ଲଦାହୋଇଛି। ଆଜି ପର୍ଯ୍ୟନ୍ତ ଆଲୋକଙ୍କ ନାଁରେ ଭତ୍ତା, ଆବାସ ଓ ଖାଉଟି ସୁରକ୍ଷା କାର୍ଡ ନାହିଁ। ଏନେଇ ସ୍ଥାନୀୟ ସରପଞ୍ଚ ଜୟକିଶରୀ ନାଏକଙ୍କୁ ପଚାରିବାରୁ ମୁଁ ଏବିଷୟରେ ଅବଗତ ନ ଥିଲି ଆପଣଙ୍କ ଠାରୁ ଜାଣିବାକୁ ପାଇଲି ବୋଲି କହିଛନ୍ତି। ସେହିପରି ଚମ୍ପୁଆ ବିଡିଓ ନୁପୁର ଚାନ୍ଦଗୋଟିଆ କହିଛନ୍ତି ତୁରନ୍ତ ପଦକ୍ଷେପ ନିଆଯିବ।

## ସଂକ୍ଷେପରେ

### ଭିଜିଲାନ୍ସ ସ୍କାନର୍‌ରେ ଇଓ

**ବରଗଡ଼ ଅଫିସ/ପଦ୍ମପୁର, ୯।୧୨:** ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଦହିତା ଗ୍ରାମପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ (ଇଓ) ପୁରନ୍ଦର ସାହୁଙ୍କ ବାସଭବନରେ ବୁଧବାର ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କାର୍ଯ୍ୟନିର୍ବାହୀ ଅଧିକାରୀ ସାହୁଙ୍କ ପଦ୍ମପୁରସ୍ଥିତ ବାସଭବନ ଏବଂ ଦହିତା ପଞ୍ଚାୟତ ଅଫିସରେ ଥିବା ତାଙ୍କ ଚାମ୍ବରରେ ଏକକାଳୀନ ଭିଜିଲାନ୍ସର ୨ଟି ଟିମ୍ ଚଢ଼ାଉ କରିଥିଲେ। ବର୍ତ୍ତମାନ ସୁଦ୍ଧା ୮୭ ଲକ୍ଷ ଟଙ୍କାର ସମ୍ପତ୍ତି ଠାବ ହୋଇଛି। ବରଗଡ଼ ଭିଜିଲାନ୍ସ ଡିଏସ୍‌ପି ପରମେଶ୍ୱର କିଷାନ, ସମ୍ବଲପୁର ଭିଜିଲାନ୍ସ ଡିଏସ୍‌ପି ଦାଶରଥି ସେଠୀ, ଇନ୍ସପେକ୍ଟର ପୁନୀତାପ୍ରଭା ବାଗେ ପ୍ରମୁଖ ଚଢ଼ାଉରେ ସାମିଲ ହୋଇଥିଲେ।

### ବାଇକ୍ ଦୁର୍ଘଟଣାରେ ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର

**ଗୋପାଳପୁର,୯।୧୨:** ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ଚଟି ଛକ ଡିଭାଇଡରକୁ ଏକ ବାଇକ୍ ଧକ୍କା ଦେବାରୁ ବୁଧବାର ସ୍ୱାମୀଙ୍କ ମୃତ୍ୟୁ ଘଟିଥିବା ବେଳେ ସ୍ତ୍ରୀ ଗୁରୁତର ହୋଇଛନ୍ତି। ମୃତକ ହେଲେ ଶ୍ରୀକାକୁଳମ ଜିଲାର କୋଟାପାଲି ଗ୍ରାମର ଏସ୍.ରାମନା ମୂର୍ତ୍ତି (୫୨) ଓ ଗୁରୁତର ଆହତ ସ୍ତ୍ରୀ ଏସ୍ ଦାଲାମା। ରାମନା ମୂର୍ତ୍ତି ରେଲ୍‌ୱେର ଟେଲିକମ୍‌ରେ ଖଲାସି ରୂପେ ବ୍ରହ୍ମପୁରରେ କାର୍ଯ୍ୟ କରୁଥିଲେ। ଦୁଇଦିନ ତଳେ ସେ ଗ୍ରାମକୁ ଯାଇଥିଲେ। ବୁଧବାର ସକାଳେ ରାମନା ଓ ସ୍ତ୍ରୀ ଦାଲାମା ବାଇକ୍‌ରେ ବ୍ରହ୍ମପୁର ଅଭିମୁଖେ ଯାଉଥିବା ବେଳେ ଗାଡ଼ି ଭାରସାମ୍ୟ ହରାଇ ଡିଭାଇଡର୍‌କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଓ ପୋଲିସ ଉଭୟ ଗୁରୁତରଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ରାମନାଙ୍କୁ ମୃତ ଘୋଷଣା କରିଥିଲେ। ଦାଲାମାଙ୍କ ଅବସ୍ଥା ଗୁରୁତର ହେବାରୁ ବିଶାଖପାଟଣା ସ୍ଥାନାନ୍ତର କରାଯାଇଛି। ଏ ନେଇ ପୋଲିସ ନଂ. ୩୬୦/୨୦ରେ ମାମଲା ରୁଜୁ କରି ଦୁର୍ଘଟଣାଗ୍ରସ୍ତ ବାଇକ୍ ଜବତ କରିଛି। ଗୁରୁବାର ମୃତଦେହକୁ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି।

### ଜିଏସ୍‌ଟି ଠକେଇ: ବ୍ୟବସାୟୀଙ୍କ ଘରେ ଲଟକା ଜାରି

**କୁଆଁରମୁଣ୍ଡା,୯।୧୨(ଡି.ଏନ୍.ଏ.):** ବିପୁଳ ପରିମାଣର ଦ୍ରବ୍ୟ ଓ ସେବା କର (ଜିଏସ୍‌ଟି) ଫାଙ୍କି ଅଭିଯୋଗରେ ରାଉରକେଲା ଜିଏସ୍‌ଟି ବିଭାଗ ପକ୍ଷରୁ କୋଏଲ ନଗର ଅଞ୍ଚଳର ଜଣେ ବ୍ୟବସାୟୀଙ୍କୁ ବିଭାଗୀୟ କାର୍ଯ୍ୟାଳୟରେ ବ୍ୟବସାୟର ସମସ୍ତ କାଗଜପତ୍ର ଧରି ହାଜର ହେବାକୁ ବାରମ୍ବାର ନୋଟିସ୍ ଦିଆଯାଇଥିଲା। ହେଲେ ସେ ଏହାକୁ ପ୍ରାୟ ବେଖାତିର କରି ଚାଲୁଥିଲେ। ଉକ୍ତ ନୋଟିସକୁ ମଧ୍ୟ ଗ୍ରହଣ କରୁ ନ ଥିଲେ। ଫଳରେ ବାଧ୍ୟହୋଇ ୭ତାରିଖ ତାଙ୍କ ଘର ଆଗରେ ବିଭାଗ ପକ୍ଷରୁ ନୋଟିସ୍‌କୁ ଲଟକା ଜାରି କରାଯାଇଛି। ଏହାକୁ ଅବମାନନା କଲେ ତାଙ୍କୁ ଗିରଫ କରିବା ପାଇଁ ଜିଏସ୍‌ଟି ବିଭାଗ ପକ୍ଷରୁ ଖୁବ୍‌ଶୀଘ୍ର ଆବଶ୍ୟକୀୟ ବ୍ୟବସ୍ଥା କରାଯିବ ବୋଲି ମଧ୍ୟ ଉକ୍ତ ନୋଟିସ୍‌ରେ ଦର୍ଶାଯାଇଛି। ସୂଚନାଯୋଗ୍ୟ, ବ୍ୟବସାୟୀଙ୍କ ଦ୍ୱାରା ପରିଚାଳିତ ଏମ/ଏସ.ନାୟକ ଏଣ୍ଟରପ୍ରାଇଜେସ୍ ଗତ ଏପ୍ରିଲଠାରୁ ନଭେମ୍ବର ୩୦ ପର୍ଯ୍ୟନ୍ତ କରିଥିବା ବ୍ୟବସାୟରେ ଜିଏସ୍‌ଟି ଅର୍ଥରେ ବହୁ ପରିମାଣର ଠକେଇ କରିଥିବା ଜିଏସ୍‌ଟି ବିଭାଗର ନଜରକୁ ଆସିଛି।

### ନନ୍ଦନକାନନରେ ଶମ୍ବର ମୃତ

**ବାରଙ୍ଗ,୯।୧୨(ଡି.ଏନ୍.ଏ.):** ପ୍ରାଣୀଉଦ୍ୟାନ ନନ୍ଦନକାନନରେ ବୁଧବାର ୩୯ନଂ ଏନ୍‌କ୍ଲୋଜରରେ ରହୁଥିବା ୯ବର୍ଷର ଏକ ମାଈ ଶମ୍ବର ମୃତ୍ୟୁବରଣ କରିଛି। ଏନ୍‌କ୍ଲୋଜରରେ ମଙ୍ଗଳବାର ଅନ୍ୟ ସମ୍ବର ସହ ମାଡଗୋଳ ଘଟିବା ଯୋଗୁ ଏହି ମାଈ ଶମ୍ବରଟି ଅସୁସ୍ଥ ହୋଇପଡ଼ିଥିଲା। କର୍ମଚାରୀମାନଙ୍କଠାରୁ ଖବରପାଇ ନନ୍ଦନକାନନର ଡାକ୍ତରମାନେ ଏନ୍‌କ୍ଲୋଜରକୁ ଯାଇ ଶମ୍ବରଟିର ଚିକିତ୍ସା କରିଥିଲେ। କିନ୍ତୁ ବୁଧବାର ସକାଳେ ଏନ୍‌କ୍ଲୋଜର ସଫା କରିବାକୁ କର୍ମଚାରୀମାନେ ଯାଇଥିବାବେଳେ ଶମ୍ବରଟି ମରିପଡ଼ିଥିବାର ଦେଖିବାକୁ ପାଇଥିଲେ। ଶମ୍ବରଟିର ମୃତ୍ୟୁପରେ ଏମାନଙ୍କ ସଂଖ୍ୟା ହ୍ରାସ ପାଇ ୪ ଅଣ୍ଡିରା, ୫ ମାଈ ଓ ୩ଟି ଛୁଆର ଲିଙ୍ଗ ନିରୂପଣ ହୋଇପାରି ନାହିଁ।

# ୧୨ରେ ଶ୍ରୀମନ୍ଦିର ଖୋଲିବା ନିଷ୍ପତ୍ତି

**ପୁରୀ ଅଫିସ,୯।୧୨**

ଶ୍ରୀମନ୍ଦିର ଦ୍ୱାର କେବେ ଖୋଲିବ ତାହାକୁ ଉତ୍କଣ୍ଠାର ସହିତ ସମସ୍ତେ ଚାହିଁବସିଛନ୍ତି। ରାଜ୍ୟବାସୀଙ୍କ ଭାବାବେଗ ସହିତ ଜଡ଼ିତ ଏହି ପ୍ରସଙ୍ଗ ବର୍ତ୍ତମାନର ସବୁଠୁ ଗୁରୁତ୍ୱପୂର୍ଣ୍ଣ ପାଲଟିଛି। କାରଣ କରୋନା କଟକଣା ପାଇଁ ଦୀର୍ଘ ୯ମାସ ହେଲା ମହାପ୍ରଭୁଙ୍କ ଦର୍ଶନ ବନ୍ଦ ରହିଛି। ତେବେ ଖୁବ୍‌ଶୀଘ୍ର ଏହି ପ୍ରତୀକ୍ଷାର ଅନ୍ତ ଘଟିବ। ଚଳିତ ଡିସେମ୍ବର ମାସରେ ଶ୍ରଦ୍ଧାଳୁମାନେ ଦାରୁଦିଅଁଙ୍କ ଆଖି ସହ ଆଖି ମିଳାଇ ପାରନ୍ତି। ବୁଧବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏ ନେଇ ଆଲୋଚନା ହୋଇଛି।

ସୂଚନାଯୋଗ୍ୟ, ପୂର୍ବରୁ ଡିସେମ୍ବର ତୃତୀୟ ସପ୍ତାହରେ ଶ୍ରୀମନ୍ଦିର ଖୋଲିବା ଲାଗି ଆଲୋଚନା ହୋଇଥିଲା। ତେବେ ମନ୍ଦିର ଖୋଲାଗଲେ କ'ଣ ସବୁ କଟକଣା ରହିବ ଓ କେମିତି ବ୍ୟବସ୍ଥା କରାଯିବ ସେ ସଂକ୍ରାନ୍ତରେ ବୁଧବାର ବୈଠକରେ ମୁଖ୍ୟ ପ୍ରଶାସକ କ୍ରିଷନ କୁମାର ମନ୍ଦିର ପରିଚାଳନା କମିଟିରେ ଥିବା ସେବାୟତମାନଙ୍କ ମତାମତ ନେଇଛନ୍ତି। ବୈଠକରେ ଏସ୍‌ପି କନ୍‌ୱର ବିଶାଲ ସିଂ ଉପସ୍ଥିତ ରହି କୋଭିଡ୍ କଟକଣା ମାନି ଭକ୍ତ କିପରି ସୁବିଧାରେ ଦାରୁଦିଅଁଙ୍କ ଦର୍ଶନ କରିପାରିବେ ତାହା ଉପରେ ଆଲୋଚନା



କରିଥିଲେ। ତେବେ ଜିଲାପାଳ ବଲୱନ୍ତ ସିଂ କୌଣସି କାର୍ଯ୍ୟବ୍ୟସ୍ତତା କାରଣରୁ ବୈଠକରେ ଅନୁପସ୍ଥିତ ଥିଲେ। ତେଣୁ ଚୂଡ଼ାନ୍ତ ନିଷ୍ପତ୍ତି ହୋଇପାରିନାହିଁ। ଏହି ବୈଠକରେ ଉପସ୍ଥିତ ଜଣେ ସେବାୟତ ନିଜ ନାମକୁ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ଡିସେମ୍ବରରେ ଶ୍ରୀମନ୍ଦିର ଖୋଲିବା ଉପରେ ଆଲୋଚନା କରାଯାଇଛି। ଏ ନେଇ ଏକ ପ୍ରକାର ଚୂଡ଼ାନ୍ତ ହୋଇସାରିଛି। ତେବେ ଶନିବାର ଛତିଶା ନିଯୋଗ ବୈଠକ ବସିବ। ଏହି ବୈଠକରେ ଚୂଡ଼ାନ୍ତ ନିଷ୍ପତ୍ତି ହେବ। ମନ୍ଦିର କେବେଠୁ ଖୋଲିବ ଓ କେତେ ଲୋକ ଆସିବେ ଆଦି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯିବ। ସମସ୍ତ ନିଯୋଗ ସମ୍ପାଦକଙ୍କ ଠାରୁ ମତ ନିଆଯିବ। ଏଥିସହ ପୁଷମାସ ପହିଲି ଭୋଗ ନୀତି ନିର୍ଘଣ୍ଟ ଉପରେ ମଧ୍ୟ ନିଷ୍ପତ୍ତି ହେବ।

# କାର୍ଯ୍ୟକାରୀ ହେଉନି ହାଇକୋର୍ଟଙ୍କ ରାୟ

**କଟକ ସଦର, ୯।୧୨(ଡି.ଏନ୍.ଏ.)**

### ଗାଡ଼ି ପୁନଃ ପଞ୍ଜୀକରଣ ମାମଲା



ଠିକ୍ ସମୟରେ ଦୁଇ ଚକିଆ ଗାଡିର ପୁନଃ ପଞ୍ଜୀକରଣ କରିପାରି ନ ଥିବା ମାଲିକମାନଙ୍କ ସପକ୍ଷରେ ଓଡ଼ିଶା ହାଇକୋର୍ଟ ଗତ ମାର୍ଚ୍ଚରେ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଥିଲେ। ପୁନଃ ପଞ୍ଜୀକରଣରେ ବିଳମ୍ବ ପାଇଁ ମାସିକ ୩୦୦ ଟଙ୍କା ଜରିମାନା ଛାଡ କରିବା ପାଇଁ ଓଡ଼ିଶା ପରିବହନ ପ୍ରାଧିକରଣ ଓ କଟକ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟଙ୍କ ରାୟ ବଳରେ ମାମଲାର ଆବେଦନକାରୀ ବିନା ଜରିମାନାରେ ନିଜ ଗାଡି ପୁନଃ ପଞ୍ଜୀକରଣର ସୁଯୋଗ ପାଇଲେ। ଇତିମଧ୍ୟରେ ରାୟ ପ୍ରକାଶର ୯ ମାସ ବିତିଯାଇଥିଲେ ସୁଦ୍ଧା ଏହି ସୁବିଧା ଅନ୍ୟ ଗାଡିମାଲିକଙ୍କ ପାଇଁ କାର୍ଯ୍ୟକାରୀ କରିବାକୁ ନେଇ ରାଜ୍ୟ ପରିବହନ ବିଭାଗ ସମ୍ପୂର୍ଣ୍ଣ ନୀରବ ରହିଛି ବୋଲି କଟକ ସଦର ବ୍ଲକ ଅଧୀନ ଆୟଡପୁର ପଞ୍ଚାୟତର ସମିତିସଭ୍ୟ ଗୋକୁଳ ଚନ୍ଦ୍ର ପ୍ରଧାନ କହିଛନ୍ତି। କାରଣ ଏହି ପଞ୍ଚାୟତରେ ଜଣେ ୨ ଚକିଆ ଗାଡି ମାଲିକ ହାଇକୋର୍ଟରେ ଡବ୍ଲ୍ୟୁପି(ସି)୮୨୨୨/୨୦ରେ ଜନସ୍ୱାର୍ଥ ମାମଲା କରି ଜରିମାନା ଛାଡ ପାଇଛନ୍ତି।

ସରକାରୀ ନିୟମ ମୁତାବକ ଗାଡି ପଞ୍ଜୀକରଣର ଅବଧି ପୂରଣ ହେବା ଦିନଠାରୁ ପୁନଃ ପଞ୍ଜୀକରଣ ତାରିଖ ମଧ୍ୟରେ ବିଳମ୍ବଜନିତ କାରଣ ପାଇଁ ମାସିକ ୩୦୦ ଟଙ୍କା ଜରିମାନା ଗାଡି ମାଲିକଙ୍କୁ ଦେବାକୁ ପଡେ। ୨ ଚକିଆ ଗାଡି ପଞ୍ଜୀକରଣବେଳେ ଗୋଟିଏ ଥର ଟ୍ୟାକ୍ସ ନିଆଯାଉଛି। ତେଣୁ ପଞ୍ଜୀକରଣର ଅବଧି ପୂରିଲେ ମଧ୍ୟ ଅଧିକାଂଶ ମାଲିକ ଅଜ୍ଞତାବଶତଃ ଜାଣିପାରିନାହାନ୍ତି। ରାଜ୍ୟ ପରିବହନ ବିଭାଗ ଶୀଘ୍ର କୋର୍ଟଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରଧାନ ଦାବି କରିଛନ୍ତି।

# 'ମନ୍ତ୍ରୀ, ନେତାଙ୍କୁ ତଦନ୍ତ ପରିସରକୁ ନିଆଯାଉ'




ଭାଜପା ନେତାମାନେ ଭାଇରାଲ ଫଟୋ ପ୍ରଦର୍ଶନ କରୁଛନ୍ତି।

**ରାୟଗଡ଼ା ଅଫିସ,୯।୧୨**

### ରାୟଗଡ଼ାରୁ ରତ୍ନପଥର ଜବତ ଘଟଣା
- ବିଜେଡି ଲିଙ୍କ୍ ନେଇ ତେଜୁଛି ବିରୋଧୀ ରାଜନୀତି
- ଜିଲାରୁ ରତ୍ନପଥର ଚାଲାଣ ହେଉଛି: ଭାଜପା

ରାୟଗଡ଼ା ସହରରୁ ସୋମବାର ଓଡ଼ିଶା କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ୍ ଟିମ୍ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ରତ୍ନପଥର ଜବତ କରିବା ସହ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରାଯାଉଥିବା ରାୟଗଡ଼ା ଏସ୍‌ପି ସୂଚନା ଦେଇଥିଲେ। ତେବେ ଏହି ଘଟଣା ଜିଲାରେ ଚର୍ଚ୍ଚାର ବିଷୟ ପାଲଟିଛି। ଘଟଣାରେ ବିଜେଡିର ସମ୍ପୃକ୍ତି ନେଇ ବିରୋଧୀଙ୍କ ରାଜନୀତି ଆରମ୍ଭ ହୋଇଛି। ଏହାକୁ ନେଇ ବିରୋଧୀ କଂଗ୍ରେସ ପକ୍ଷରୁ ମଙ୍ଗଳବାର ଖବରଦତା ସମ୍ମିଳନୀ ମାଧ୍ୟମରେ ଶାସକ ଦଳକୁ ଟାର୍ଗେଟ କରାଯାଇଥିଲା। ବୁଧବାର ରାୟଗଡ଼ା ଜିଲା ଭାଜପା ମଧ୍ୟ ସମାନ ଅଭିଯୋଗ ଆଣିଛି।

ରତ୍ନପଥର ଚାଲାଣ ଘଟଣାରେ ଧରାପଡ଼ିଥିବା ଜିତେନ୍ଦ୍ର କୁମାର ବେହେରାଙ୍କ ସହ ବିଜେଡିର ଅନେକ ମନ୍ତ୍ରୀ ଏବଂ ନେତାଙ୍କ ଘନିଷ୍ଠତା ରହିଥିବା ଏବଂ ରତ୍ନପଥର ଚାଲାଣ ଘଟଣାରେ ବିଜେଡିର ଲିଙ୍କ୍ ନେଇ ଦଳ ଖବରଦାତା ସମ୍ମିଳନୀ ମାଧ୍ୟମରେ ଅଭିଯୋଗ ଆଣିଛି। ସମ୍ମିଳନୀରେ ବିଷମକଟକ ବିଧାୟକ ପ୍ରାର୍ଥୀ ତଥା ପୂର୍ବତନ ଜିଲା ଭାଜପା ସଭାପତି ଶିବଶଙ୍କର ଉଲାକା, ରାୟଗଡ଼ା ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ବସନ୍ତ ଉଲାକା, ଭାଜପା ନଗର ସଭାପତି ଶ୍ୟାମ କୁମାର ଦାଶ ଉପସ୍ଥିତ ରହି ଶାସକ ଦଳର ଇଙ୍ଗିତରେ ମାଫିଆରାଜ ଚାଲିଛି ବୋଲି ଅଭିଯୋଗ କରିଛନ୍ତି। ଏଥିସହ ଏହି ମାମଲାରେ ସରକାର ଶାସକ ଦଳର ମନ୍ତ୍ରୀ ଏବଂ ନେତାଙ୍କୁ ସିବିଆଇ ତଦନ୍ତ ପରିସରଭୁକ୍ତ କରନ୍ତୁ ବୋଲି ଦଳ ଦାବି କରିଛି। ଏସ୍‌ଟିଏଫ୍ ହାତରେ ଧରାପଡ଼ିଥିବା ଜିତେନ୍ଦ୍ର ଆଦିବାସୀ କଲ୍ୟାଣ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କ ପଲିଟିକାଲ ସେକ୍ରେଟାରି। ତେଣୁ ପ୍ରକୃତ ତଦନ୍ତ କରାଗଲେ ସତ ପଦାକୁ ଆସିବ। ତେଣୁ ଏହି ଘଟଣାର ସିବିଆଇ ତଦନ୍ତ କରାଯାଉ ବୋଲି ଦଳ ଦାବି କରିଛି। ଚାଲାଣ ହେଉଥିବା ରତ୍ନପଥର ବାହାର ରାଜ୍ୟର ନୁହେଁ, ଆମ ଜିଲାର ଇରୁକୁବାଡ଼ି, ବିଷମକଟକ ପାଇକ ଡାକୁଲୁଗୁଡ଼ା, ନାରାୟଣପାଟଣା ଏବଂ ଦୁର୍ଗୀ ଅଞ୍ଚଳରୁ ଚାଲାଣ କରାଯାଉଛି ବୋଲି ଭାଜପା ନେତାମାନେ ଅଭିଯୋଗ କରିଛନ୍ତି। ତେଣୁ ମନ୍ତ୍ରୀ ଜଗନ୍ନାଥ ସାରକା, ରାଜ୍ୟ ସଭା ସଦସ୍ୟ ଏନ୍. ଭାସ୍କର ରାଓ, ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ପୂର୍ବତନ ଏମ୍‌ପି ଝିନ୍ନ ହିକ୍‌କା, ଗଙ୍ଗାଧର ପୁଆଲାଙ୍କୁ ତଦନ୍ତ ପରିସରକୁ ନିଆଯାଉ ବୋଲି ଦଳ ପକ୍ଷରୁ ଦାବି ହୋଇଛି। ଏହା ନ ହେଲେ ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦିଆଯାଇଛି। ସୂଚନାଯୋଗ୍ୟ, ସୋମବାର ରତ୍ନପଥର ଜବତ ଘଟଣାରେ ଜିତେନ୍ଦ୍ରଙ୍କୁ ପୋଲିସ ଉଠାଇନେବା ପରେ ବିଜେଡିର କେତେଜଣ ମନ୍ତ୍ରୀ ଓ ବିଧାୟକଙ୍କ ସହ ଜିତେନ୍ଦ୍ରଙ୍କ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା।

# ସିଲ୍ ହେଲା ୩୧ କ୍ରଶର

**ଧର୍ମଶାଳା,୯।୧୨(ଡି.ଏନ୍.ଏ.)**

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଧୀନରେ ଥିବା ବେଆଇନ କ୍ରଶର ଉଚ୍ଛେଦ ପ୍ରକ୍ରିୟା ଜାରି ରହିଛି। ବୁଧବାର ୫ମ ଦିନରେ ତହସିଲ ଅନ୍ତର୍ଗତ ଆରୁହା, ସାରୋଇ ଓ ଅକରାବାଦ ମୌଜାରେ ଥିବା ୩୧ କ୍ରଶରକୁ ସିଲ କରାଯାଇଛି। ପରିବେଶ ମଞ୍ଜୁରୀ ପାଇଁ ଆବେଦନ କରିଥିବା କ୍ରଶରଗୁଡିକୁ କେବଳ ସିଲ୍ କରାଯାଉଥିବା ବେଳେ ଅନ୍ୟ ବେଆଇନ କ୍ରଶରଗୁଡ଼ିକୁ ଜେସିବି ମେଶିନରେ ଭଙ୍ଗା ଯାଉଥିଲା। ତେବେ ଲଗାତାର ୩ ଦିନ ବ୍ୟାପୀ ଭଙ୍ଗା ପ୍ରକ୍ରିୟା ଜାରି ରହିଥିବା ବେଳେ ସୋମବାରଠାରୁ ସେହି ପ୍ରକ୍ରିୟାକୁ ବନ୍ଦ କରି ଦିଆଯାଇଛି। ଏହାକୁ ନେଇ ପ୍ରଶାସନର ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆରମ୍ଭରୁ ପ୍ରଶାସନ ପକ୍ଷରୁ ନିଆଯାଉଥିବା ପଦକ୍ଷେପରେ ଏବେ ଶିଥିଳତା ଆସିଛି। ପୂର୍ବରୁ ଲଗାତାର ୩ ଦିନ ଧରି ପ୍ରଶାସନ ପକ୍ଷରୁ କ୍ରଶରଭଙ୍ଗାଯିବା ସହ ସିଲ ପ୍ରକ୍ରିୟା ଜାରି ରହିଥିଲା। ସୋମବାରରୁ ପ୍ରଶାସନ ପକ୍ଷରୁ କ୍ରଶରମାଲିଙ୍କ ପ୍ରତି କୋହଳ ମନୋଭାବ ପୋଷଣ କରାଯାଉଥିବା ଅଭିଯୋଗ ହୋଇଛି। ପରିବେଶ ମଞ୍ଜୁରୀ ଲାଗି ଆବେଦନ କରିଥିବା ୩୧ କ୍ରଶରକୁ ବୁଧବାର ସିଲ୍ କରାଯାଇଛି। ଏହି ପ୍ରକ୍ରିୟାରେ ପ୍ରଶାସନ ପକ୍ଷରୁ ତହସିଲଦାର ପ୍ରଶାନ୍ତ କୁମାର ସାମନ୍ତରାୟ, ଅତିରିକ୍ତ ତହସିଲଦାର ଦେବୀପ୍ରସନ୍ନ ମହାନ୍ତି,ରାଜସ୍ୱ ନିରୀକ୍ଷକ ଚନ୍ଦନ କୁମାର ସାହୁ, ଥାନାଧିକାରୀ ସରୋଜ ସାହୁ, ନେସ୍କୋ ସହକାରୀ ଯନ୍ତ୍ରୀ ଶ୍ରୀମଦ୍ ଭାନୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଆଇନ ଶୃଙ୍ଖଳାକୁ ନଜରରେ ରଖି ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଗୁରୁବାର ମଧ୍ୟ ଏହି ପ୍ରକ୍ରିୟା ଜାରି ରହିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ପ୍ରାଣୀଧନ ଅଧିକାରୀ ଗିରଫ

**ଭୁବନେଶ୍ୱର,୯।୧୨(ବ୍ୟୁରୋ)/ ପିପିଲି (ସ୍ୱ.ପ୍ର)**

### ଲାଞ୍ଚ ନେବାବେଳେ ରାସ୍ତାରୁ ଧରିଲା ଭିଜିଲାନ୍ସ



ଡା. ସୁରେଶ ଚନ୍ଦ୍ର ବେହେରା

ଲାଞ୍ଚ ନେଉଥିବାବେଳେ ପୁରୀ ଜିଲା ପିପିଲି ବ୍ଲକ୍‌ର ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସୁରେଶ ଚନ୍ଦ୍ର ବେହେରା ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ବୁଧବାର ସନ୍ଧ୍ୟା ୬ଟାରେ ବାଲକାଟୀ ନିକଟ ସରଦେଈପୁର ରାସ୍ତାରୁ ଭୁବନେଶ୍ୱର ଭିଜିଲାନ୍ସ ଟିମ୍ ତାଙ୍କୁ ଗିରଫ କରିବା ସହ ତାଙ୍କଠାରୁ ୨୫ଶହ ଲାଞ୍ଚ ଟଙ୍କା ଜବତ କରିଛି। ଏଥିସହ ବାଲକାଟୀସ୍ଥିତ ତାଙ୍କ ବାସଭବନରେ ଚଢ଼ାଉ କରାଯାଇଛି। ଗୁରୁବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ମିଳିଥିବା ସୂଚନାନୁସାରେ, ଉକ୍ତ ବ୍ଲକ୍‌ର ଭାସ୍କର ଖଟୋଇଙ୍କ ପୁଅ ପ୍ରତାପ ଚନ୍ଦ୍ର ଖଟୋଇଙ୍କର କୁକୁଡ଼ା ଫାର୍ମଟି ଫନୀ ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିଲା। କ୍ଷତିପୂରଣ ବାବଦକୁ ସରକାରଙ୍କ ପକ୍ଷରୁ ମିଳିବାକୁ ଥିବା ୭୦ହଜାର ଟଙ୍କା ପ୍ରଦାନ କରିବାକୁ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ବେହେରା ଲାଞ୍ଚ ଦାବି କରିଥିଲେ। ଏ ସଂକ୍ରାନ୍ତରେ ପ୍ରତାପ ଭୁବନେଶ୍ୱର ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଯୋଜନାନୁସାରେ, ସରଦେଈପୁର ରାସ୍ତାର ଏକ ଅନ୍ଧାରିଆ ସ୍ଥାନରେ ପ୍ରତାପଙ୍କଠାରୁ ଡା. ବେହେରା କେମିକାଲ ବୋଳା ହୋଇଥିବା ୨୫ଶହ ଟଙ୍କା ନେଇ ପକେଟରେ ରଖିଥିଲେ। ଏହି ସମୟରେ ସେଠାରେ ଛକି ରହିଥିବା ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲା। ଡା. ବେହେରାଙ୍କ ଡାହାଣ ହାତ ଓ ଟି-ଶାର୍ଟ ପକେଟରୁ କେମିକାଲ ବାହାରିଥିଲା। ଭିଜିଲାନ୍ସ ଅତିରିକ୍ତ ଏସ୍‌ପି ଅକ୍ଷୟ କୁମାର ମିଶ୍ରଙ୍କ ନେତୃତ୍ୱରେ ହୋଇଥିବା ଏହି ଚଢ଼ାଉରେ ଇନ୍ସପେକ୍ଟର ସରିତା ତ୍ରିପାଠୀ ଓ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ।

# ମାଲ୍‌ବୋଝେଇ ଟ୍ରକ୍ ଜଳିଗଲା

**ବଲାଙ୍ଗୀର ଅଫିସ, ୯।୧୨**

- ଥିଲା ୧୫ ଲକ୍ଷ ଟଙ୍କାର ଡାଲି ଜାତୀୟ ସାମଗ୍ରୀ
- ବର୍ତ୍ତିଲେ ଡ୍ରାଇଭର, ହେଲପର

ବଲାଙ୍ଗୀର-ବରଗଡ ୨୬ ନମ୍ବର ଜାତୀୟ ରାଜପଥର ଖମାରମୁଣ୍ଡା ନିକଟରେ ବୁଧବାର ପୂର୍ବାହ୍ନରେ ଏକ ମାଲ ବୋଝେଇ ୧୦ ଚକିଆ ଟ୍ରକ(ସିଜି୦୪ଜେବି୨୬୪୯) ନିଆଁ ଲାଗି ଜଳି ଯାଇଛି। ରାୟପୁରରୁ ଡାଲି ଜାତୀୟ ସାମଗ୍ରୀ ନେଇ ବଲାଙ୍ଗୀର ଆସୁଥିବା ଏହି ଟ୍ରକ୍‌ର ଚକ ଫାଟି ଯିବାପରେ ଡିଜେଲ ଟାଙ୍କିରେ ନିଆଁ ଲାଗି ଜଳି ଯାଇଥିବା ଅଗ୍ନିଶମ ବିଭାଗ ସୂତ୍ରରୁ କୁହାଯାଇଛି। ବଲାଙ୍ଗୀର ଅଗ୍ନିଶମ ବିଭାଗର ୨ଟି ୟୁନିଟ୍ ଓ ଲୋଇସିଂହା ଅଗ୍ନିଶମ ୟୁନିଟ୍ ନିଆଁକୁ ଆୟତ୍ତ କରିଥିଲେ। ଏହି ଦୁର୍ଘଟଣାରେ ଟ୍ରକ୍ ଡ୍ରାଇଭର ଓ ହେଲପର ବର୍ତ୍ତି ଯାଇଥିବାବେଳେ ସେହି ସମୟରେ ରାସ୍ତାରେ ବାଇକ୍‌ରେ ଯାଉଥିବା ବଲାଙ୍ଗୀର ସହରର ରାକେଶ ସୁନା ଓ ଜରୁନ୍ ମୁଣ୍ଡା ଆହତ ହୋଇଥିଲେ। ସେମାନଙ୍କୁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ବଲାଙ୍ଗୀର ଗାନ୍ଧୀନଗରପଡାର କ୍ରିଷ୍ଣା ମହତୋଙ୍କ ୧୦ଚକିଆ ଟ୍ରକ୍ ଛତିଶଗଡ ରାୟପୁରରୁ ପ୍ରାୟ ୧୫ ଲକ୍ଷ ଟଙ୍କାର ଡାଲି ଓ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ଧରି ବଲାଙ୍ଗୀର ଆସୁଥିବାବେଳେ ଖମାରମୁଣ୍ଡା ନିକଟରେ ହଠାତ ନିଆଁ ଲାଗି ଯାଇଥିଲା। ନିଆଁ ଲାଗି ଯିବା ପରେ ଡ୍ରାଇଭର ଓ ହେଲପର ଡିଆଁ ମାରିଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀ ନିଆଁକୁ ଆୟତ୍ତ କଲାବେଳକୁ ଟ୍ରକ୍‌ର ଅଧିକାଂଶ ଅଂଶ ଓ କିଛି ଖାଦ୍ୟ ସାମଗ୍ରୀ ଜଳିଯାଇଥିଲା। ଅର୍ଦ୍ଧାଧିକ ଖାଦ୍ୟ ସାମଗ୍ରୀକୁ ନିଆଁରୁ ରକ୍ଷା କରାଯାଇଥିବା ଅଗ୍ନିଶମ ଅଧିକାରୀ ପଞ୍ଚାନନ ବେହେରା ସୂଚନା ଦେଇଛନ୍ତି। ତେବେ ଉକ୍ତ ଟ୍ରକ୍‌ରେ ଓଭରଲୋଡିଂ ରହିଥିଲା ନାଁ ନାହିଁ ଓ କିଭଳି ପରିସ୍ଥିତିରେ ଜାତୀୟ ରାଜପଥରେ ଦୁର୍ଘଟଣା ଘଟିଲା ସେ ନେଇ ପୋଲିସ ଲିଖିତଭାବେ ଜଣାଇଲା ପରେ ଅଧିକ ତଦନ୍ତ କରାଯିବ ବୋଲି ବଲାଙ୍ଗୀର ଆରଟିଓ ପ୍ରଣୟ କୁମାର ମିଶ୍ର କହିଛନ୍ତି।



ନିଆଁ ଲାଗିଯିବା ପରେ ମାଲବୋଝେଇ ଟ୍ରକ୍‌ଟି ଜଳିଯାଉଛି।

# 'ପାଇକ ବିଦ୍ରୋହ'କୁ ସ୍ୱତନ୍ତ୍ର ଜୁରି ପୁରସ୍କାର

**ଭୁବନେଶ୍ୱର, ୯।୧୨(ବ୍ୟୁରୋ)**

ଅକ୍ଷୟ ପରିଜାଙ୍କ ପ୍ରଯୋଜିତ 'ପାଇକ ବିଦ୍ରୋହ' ଆଉ ଏକ ସଫଳତା ହାସଲ କରିଛି। ୯ମ ମୁମ୍ବାଇ ଅନ୍ତର୍ଜାତୀୟ କ୍ଷୁଦ୍ର ଚଳଚ୍ଚିତ୍ର ମହୋତ୍ସବରେ ଏହାକୁ 'ସ୍ୱତନ୍ତ୍ର ଜୁରି ପୁରସ୍କାର' ମିଳିଛି। ଭାରତୀୟ ପ୍ରଥମ ମୁକ୍ତି ସଂଗ୍ରାମର ମାନ୍ୟତା ଲାଭ କରିଥିବା ୧୮୧୭ର ପାଇକ ବିଦ୍ରୋହ ଉପରେ ଏହା ଆଧାରିତ। ପାଇକ ବିଦ୍ରୋହର କାହାଣୀକୁ ଏହି ଐତିହାସିକ ଚଳଚ୍ଚିତ୍ରରେ ଚମତ୍କାର ରୂପ ଦିଆଯାଇଛି। ମନୋଜ ମିଶ୍ର ଜୟୀ ରାଜଗୁରୁ ଓ ସମରେଶ ରାଉତରାୟ ବକ୍ସି




ଜଗବନ୍ଧୁ ଭୂମିକାରେ ଅଭିନୟ କରିଛନ୍ତି। ଅନ୍ୟାନ୍ୟ ଚରିତ୍ରରେ ଶକ୍ତି ବରାଳ, ପ୍ରିୟ ମିଶ୍ର, ସନ୍ତୋଷ ମିଶ୍ର, ଗୋପାଳ ବିଶ୍ୱାଳ, ଶରତ ସମ୍ରାଟ, ନିରଞ୍ଜନ, ଆଲୋକ ବିଶ୍ୱାଳ, ସାଣ୍ଡ୍ରୋ ପୁଲିଓ, ଲୁସିଓ ଅଭିନୟ କରିଛନ୍ତି। ନିଶ୍ଚୟ ରାଉତ ଓ ଅନୁଜ ତ୍ୟାଗୀ ନିର୍ଦ୍ଦେଶନା ଦେଇଥିବାବେଳେ କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପ ରଚନା କରିଛନ୍ତି ବିଶିଷ୍ଟ ସାହିତ୍ୟିକ, ସ୍ତମ୍ଭକାର ତଥା ଚିନ୍ତକ ହରପ୍ରସାଦ ଦାସ। ଐତିହାସିକ ପୃଷ୍ଠଭୂମିରେ ନିର୍ମିତ ଏହି ଚଳଚ୍ଚିତ୍ର ପାଇଁ ପୋଷାକ ଡିଜାଇନ୍ କରିଛନ୍ତି ସହ ପ୍ରଯୋଜିକା ବର୍ଣ୍ଣାଳୀ ରଥ। ପୂର୍ବରୁ ଏହା ଶ୍ରେଷ୍ଠ ନିର୍ଦ୍ଦେଶକ, ଶ୍ରେଷ୍ଠ ଚିତ୍ରୋତ୍ତଳନ, ଶ୍ରେଷ୍ଠ ସମ୍ପାଦନା ଓ ଶ୍ରେଷ୍ଠ ଚଳଚ୍ଚିତ୍ର (ଜୁରି) ଆଦି ୪ଟି ବିଭାଗରେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ହାସଲ କରିଥିଲା।

# ରାସ୍ତାରେ ଉଲଗ୍ନ କରି ଉଠବସ

**ଉଦଳା,୯।୧୨(ଡି.ଏନ.ଏ.)**

- ଭିଡିଓ ଭାଇରାଲ, ଅଭିଯୁକ୍ତ ଗିରଫ
- ଦୁଇ ପୋଲିସ କର୍ମଚାରୀ ନିଲମ୍ବିତ

ବିଚ୍ ରାସ୍ତାରେ ଯୁବକଙ୍କୁ ମାଡ଼। ତାହା ପୁଣି ରାଜ୍ୟ ରାଜପଥରେ ଶତାଧିକ ଲୋକଙ୍କ ସମ୍ମୁଖରେ। ଉଦଳା ଥାନା ପୋଲିସ୍ ଘଟଣାସ୍ଥଳରେ ଉପସ୍ଥିତ ଥାଇ ମଧ୍ୟ ନୀରବଦ୍ରଷ୍ଟା ସାଜିଥିଲା। ଆଇନକୁ ହାତକୁ ନେଇ ଜଣେ ଯୁବକଙ୍କୁ ଉଲଗ୍ନ କରି କାନ ଧରାଇ ଉଠ୍‌ବସ କରାଯିବା ଘଟଣା ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ମୟୂରଭଞ୍ଜ ଏସ୍‌ପି ପରମାର ସ୍ମିଥ ପୁରୁଷୋତ୍ତମ ଦାସ ଦ୍ରୁତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ସେଠାରେ ଉପସ୍ଥିତ ଥିବା ଦୁଇ ପୋଲିସ କର୍ମଚାରୀଙ୍କୁ ସେ ନିଲମ୍ବନ କରିଛନ୍ତି। ନିଲମ୍ବିତ ଦୁଇ ପୋଲିସ କର୍ମଚାରୀ ହେଲେ ସି.ଏସ.ଆଇ. ବିଜୟ କୁମାର ମୁର୍ମୁ ଓ ଡ୍ରାଇଭର ଚନ୍ଦ୍ରକାନ୍ତ ପଣ୍ଡା। ମାଡ଼ ମାରିଥିବା ଯୁବକ ଉଦୟ କରଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏନେଇ ଥାନାରେ ଏକ ମାମଲା(ନଂ.୩୧୨/୨୦) ରୁଜୁ ହୋଇଛି।

ସୂଚନା ଅନୁଯାୟୀ, ଖୋର୍ଦ୍ଧା ଜିଲା ବାଣପୁର ଅଞ୍ଚଳର ଜଣେ ଯୁବକ ବାଲେଶ୍ୱରର ଏକ କମ୍ପାନୀରେ କାର୍ଯ୍ୟ କରନ୍ତି। ମଙ୍ଗଳବାର ସେ କୌଣସି କାମରେ ଉଦଳା ଆସିଥିବା ବେଳେ ତାଙ୍କର ଜଣେ ଝିଅ ସାଙ୍ଗଙ୍କୁ ଦେଖା କରିଥିଲେ। ସମ୍ପୃକ୍ତା ଝିଅଙ୍କୁ ଉଦଳା ଅଞ୍ଚଳର ଉଦୟ କର ଦୀର୍ଘ ଦିନ ହେବ ହଇରାଣ ହରକତ କରି ଆସୁଥିଲେ। ମଙ୍ଗଳବାର ବାଣପୁର ଅଞ୍ଚଳର ଯୁବକ ଜଣକ ଝିଅ ସାଙ୍ଗଙ୍କ ସହ ଏକ ଫଟୋ ଉଠାଇ ଉଦୟ କରଙ୍କ ମୋବାଇଲକୁ ପଠାଇଥିଲେ। ସନ୍ଧ୍ୟାରେ ବାଣପୁର ଅଞ୍ଚଳର ଯୁବକ ଉଦଳା ହାଇସ୍କୁଲ ଛକ ନିକଟରେ ଥିବା ଏକ ଚା ଦୋକାନରେ ଛିଡ଼ା ହୋଇଥିବା ବେଳେ ହଠାତ୍ ଉଦୟ ସେଠାରେ ପହଞ୍ଚି ତାଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ବାଣପୁର ଅଞ୍ଚଳର ଯୁବକ ସେଠାରୁ ଖସି ପଳାଇଯାଇ ନିକଟସ୍ଥ ଏକ ଲଜ୍‌ରେ ରହିଥିଲେ। ପରେ ସେ ବାଲେଶ୍ୱର ବାହାରି ଯିବାକୁ ଚେଷ୍ଟା କରୁଥିଲା ବେଳେ ଉଦୟ ସେଠାରେ ପହଞ୍ଚି ତାଙ୍କୁ ରାଜ୍ୟ ରାଜପଥକୁ ଘୋଷାରି ଆଣିଥିଲେ। ରାସ୍ତା ମଝିରେ ଉଲଗ୍ନ କରି କାନ ଧରି ଉଠ୍‌ବସ କରାଇଥିଲେ। ଏହି ସମୟରେ ଉଦଳା ପୋଲିସ ସେଠାରେ ପହଞ୍ଚିଥିଲେ ମଧ୍ୟ କିଛି ପଦକ୍ଷେପ ଗ୍ରହଣ କରି ନ ଥିଲା। ଦୀର୍ଘ ସମୟ ଏପରି ଚାଲିବା ପରେ ଶେଷରେ ବାଧ୍ୟ ହୋଇ ପୋଲିସ ବାଣପୁର ଅଞ୍ଚଳର ଯୁବକଙ୍କୁ ଥାନାକୁ ନେଇଯାଇଥିଲା। ପରେ ମାଡ଼ ମାରିଥିବା ଉଦୟ ମଧ୍ୟ ଥାନାରେ ପହଞ୍ଚିଥିଲେ। ରାତି ୧୦ଟାରେ ଉଭୟ ପକ୍ଷଙ୍କ ମଧ୍ୟରେ ଘଟଣାର ସମାଧାନ ହେବାରୁ ପୋଲିସ ବାଣପୁର ଅଞ୍ଚଳର ଯୁବକଙ୍କୁ ଛାଡ଼ି ଦେଇଥିଲା।

ଏନେଇ ମାଡ଼ ଖାଇଥିବା ଯୁବକଙ୍କୁ ପଚାରିବାରୁ ସେ କୌଣସି ଭୁଲ୍ କରି ନ ଥିବାବେଳେ ହଠାତ୍ ତାଙ୍କୁ ଉଲଗ୍ନ କରି ଉଠ୍‌ବସ କରାଇବା ଦ୍ୱାରା ତାଙ୍କର ସମ୍ମାନ ହାନି ହୋଇଥିବା କହିଛନ୍ତି। ଏ ସଂକ୍ରାନ୍ତରେ ଉଦଳା ଥାନା ଆଇଆଇସି ମୁକ୍ତିକାନ୍ତ କୁଲୁଙ୍କୁ ପଚାରିବାରୁ ମୁଁ ବ୍ୟସ୍ତ ଅଛି, ଉକ୍ତ ଘଟଣା ବାବଦରେ କିଛି କହିପାରିବି ନାହିଁ ବୋଲି କହିଥିଲେ।

-ନୂଆ ସିନେମା

# ଗୁରୁଦେବ

ଚଳିତବର୍ଷର ନୂଆ ଓଡ଼ିଆ ସିନେମା ତାଲିକାରେ ଆଉ ଏକ ଶୀର୍ଷକ ଯୋଡ଼ି ହୋଇଛି। ତାହା ହେଲା 'ଗୁରୁଦେବ'। ଏହାର ଭାଇ-ଭାଇ ସମ୍ପର୍କକୁ ନେଇ ରଚିତ କାହାଣୀରେ କେବଳ ଆକ୍ସନ ନୁହେଁ, ଇମୋଶନ, ଫ୍ୟାମିଲି ଡ୍ରାମା ମଧ୍ୟ ରହିଛି। ତା'ସହ ଏହି ଫିଲ୍ମରୁ ଦର୍ଶକ ସ୍ପେଶାଲ ଚାର୍ମ ପାଇବେ ବୋଲି ଆଶା ରଖିଛନ୍ତି ଏହାର ପ୍ରଯୋଜକ ସତ୍ୟଜିତ ତ୍ରିପାଠୀ। ପ୍ରଥମ ଥର ପାଇଁ ସେ ପ୍ରଯୋଜନା କ୍ଷେତ୍ରରେ ପାଦ ଦେଉଛନ୍ତି। ଏସ୍.ଡି. ଫିଲ୍ମସ ବ୍ୟାନରରେ ଏହାର ପ୍ରାରମ୍ଭିକ କାମ ଚାଲୁ ରହିଛି। ଏହାର ନିର୍ଦ୍ଦେଶନା ଭାର ସମ୍ଭାଳୁଛନ୍ତି ସରୋଜ କାନ୍ତ। ସଂଳାପ ରଚନା କରିଛନ୍ତି ମନୋରଞ୍ଜନ ଦାସ। ସିନେମାଟୋଗ୍ରାଫି ଦାୟିତ୍ୱ ତୁଲାଇବେ ଧୀରେନ୍ ସାହୁ। ଏହି ଫିଲ୍ମର ନାୟକ ସାଜୁଛନ୍ତି ଥିଏଟର ଅଭିନେତା ଦେବାନନ୍ଦ। ''ହର ସାର୍ (ହର ପଟ୍ଟନାୟକ) ହେଉଛନ୍ତି ମୋ



ପିୟାଲୀ-ଦେବାନନ୍ଦ

ଆକ୍ଟିଂ ଗୁରୁ। ତାଙ୍କ ପାଖରୁ ମୁଁ ଅଭିନୟ ବିଷୟରେ ଅନେକ କିଛି ଶିଖିଛି। ଏହି ଫିଲ୍ମରେ ମୋତେ ଯେଉଁ ଭୂମିକାଟି ମିଳିଛି ତାହା ମୋ ପାଇଁ ଏକ ଚ୍ୟାଲେଞ୍ଜ ଏବଂ ଏହାକୁ ତୁଲାଇବାକୁ ମୁଁ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିନେଇଛି ବୋଲି କହନ୍ତି ଦେବାନନ୍ଦ।'' ତାଙ୍କ ସହ ନାୟିକା ଭୂମିକାରେ ଅବତୀର୍ଣ୍ଣ ହେଉଛନ୍ତି ପିୟାଲି। ଏହି ଫିଲ୍ମରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଉଛନ୍ତି ବିଭୂତି ଭୂଷଣ ଗଡ଼ନାୟକ। ଅନ୍ୟପକ୍ଷରେ ଏଥିରେ ଶିବ ଏବଂ ମନୋଜ ମିଶ୍ରଙ୍କୁ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ। ଫିଲ୍ମଟିରେ ଶୁଟିଂ ଖୁବ୍ ଶୀଘ୍ର ଆରମ୍ଭ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

# ଅତୀତରୁ..

- ଶଶୀରେଖା ଫିଲ୍ମସ, କଟକ ବ୍ୟାନରରେ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ସିନେମା 'ଚିହ୍ନା ଅଚିହ୍ନା'। କୁମାର ଆନନ୍ଦଙ୍କ ନିର୍ଦ୍ଦେଶନାରେ ଏହାର ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ ଉତ୍ତମ ମହାନ୍ତି, ମହାଶ୍ୱେତା ରାୟ, କାଶୀ ରଥ ଏବଂ ସୁଜାତା ଆନନ୍ଦ। ଶ୍ରୋତାଦୃତ ଗୀତଗୁଡିକୁ ସ୍ୱର ଦେଇଥିଲେ ବାସୁଦେବ ରଥ।
- ଓଡ଼ିଆ ଚଳଚ୍ଚିତ୍ର 'ବାଟ ଅବାଟ'ର ନାୟକ ଭୂମିକାରେ ଅଭିନୟ କରିଥିଲେ ଅଜିତ ଦାସ। ଚିତ୍ରଟିର ନିର୍ଦ୍ଦେଶନା ଦେଇଥିଲେ ବୃନ୍ଦାବନ ଜେନା। ସଙ୍ଗୀତ ଦାୟିତ୍ୱ ତୁଲାଇଥିଲେ ଭୁବନ-ହରି।
- ଜୟଦୁର୍ଗା ଫିଲ୍ମସ ବ୍ୟାନରରେ ଏବଂ ଜଟାଧାରୀ ମିଶ୍ରଙ୍କ ପ୍ରଯୋଜନାରେ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ସିନେମା 'ଜୟ ମା ମଙ୍ଗଳା'। ଅକ୍ଷୟ ମହାନ୍ତି (କାଶ୍ୟପ)ଙ୍କ ନିର୍ଦ୍ଦେଶନାରେ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ପ୍ରସନ୍ନ ମିଶ୍ର ଏବଂ ଦୀପା ସାହୁ।
- ଓଡ଼ିଆ ଚଳଚ୍ଚିତ୍ର 'ତପସ୍ୟା'ର ପ୍ରଯୋଜନା କରିଥିଲେ କବିରାଜ ବିଶ୍ୱନାଥ ମିଶ୍ର। ନିର୍ଦ୍ଦେଶନା ଦେଇଥିଲେ ନଗେନ ରାୟ। ଗୀତଗୁଡ଼ିକୁ ସ୍ୱର ସଂଯୋଜନା କରିଥିଲେ ପ୍ରଫୁଲ୍ଲ କର। ଶରତ ପୂଜାରୀ, ଅନୀତା ଦାସ, ଉତ୍ତମ ମହାନ୍ତି ଏବଂ ଦୀପା ସାହୁଙ୍କୁ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିଥିଲା।



## ଆଶାରେ ପୃଥ୍ୱୀରାଜ

ପିଲାଟି ଦିନରୁ ତାଙ୍କୁ ଅଭିନୟ ନିଶା ଘାରିଥିଲା। ଆଉ ଏବେ ସେ ନିଜକୁ ଜଣେ ଆଗଧାଡ଼ିର ଥିଏଟର ଅଭିନେତା ଭାବରେ ପରିଚିତ କରାଇପାରିଛନ୍ତି। ସେ ହେଲେ ପୃଥ୍ୱୀରାଜ ଆଚାର୍ଯ୍ୟ। ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଅନ୍ତର୍ଗତ ବଳରାମପୁର ଗ୍ରାମରେ ଜନ୍ମିତ (ପିତା-ପବିତ୍ର ଆଚାର୍ଯ୍ୟ, ମାତା-ପୁଷ୍ପାଞ୍ଜଳି ଆଚାର୍ଯ୍ୟ) ଏହି ଅଭିନେତା ନିଜ ସ୍ୱପ୍ନକୁ ସାକାର କରିବା ପାଇଁ ଯୋଗ ଦିଅନ୍ତି ନାଟ୍ୟାନୁଷ୍ଠାନ 'ଅଜିତ'ରେ। ତାଙ୍କ ଅଭିନୀତ ଥିଏଟର ନାଟକ ମଧ୍ୟରେ ରହିଛି, ମାଣିକ ଯୋଡ଼ି, ବୁଢ଼ା ଶଙ୍ଖାରୀ, ପ୍ରତିଭା, ଜୟଦେବ ଗୀତଗୋବିନ୍ଦ, ରେବତୀ, ନାକଟା ଚିତ୍ରକର ପରି ଏକ ସଂସ୍କୃତ ନାଟକ ସହ ୫୦ରୁ ଅଧିକ ନାଟକ। ସେ ଖଳ ଚରିତ୍ରରେ ଅବତୀର୍ଣ୍ଣ ହୋଇ ସାଉଁଟିଛନ୍ତି ଅନେକ ସଫଳତା। ''ଖଳ ଭୂମିକା ବ୍ୟତୀତ ଯେ କୌଣସି ରୋଲ୍‌ରେ ଆକ୍ଟିଂ କରିପାରିବି। ଓଡ଼ିଆ ସିନେମା 'ଜୋର୍ କା ଝଟକା' ଏବଂ 'ଇନ୍ଦ୍ରଜାଲ'ରେ ଅଭିନୟ କରିସାରିଛି। ଏକ ବଡ଼ ବ୍ରେକ୍ ମିଳିଲେ ତାହା ମୋ କ୍ୟାରିୟର ପାଇଁ ଶୁଭପ୍ରଦ ସାବ୍ୟସ୍ତ ହେବ । ମୋ କ୍ୟାରିୟରକୁ ଆଗେଇନେବା ପଛରେ ମୋ ବାପା-ମା ଏବଂ ଅଜିତ ସାର୍‌ଙ୍କ ଭୂମିକାକୁ ମୁଁ କଦାପି ଭୁଲି ପାରିବି ନାହିଁ ବୋଲି କହନ୍ତି ପୃଥ୍ୱୀରାଜ।''

## ହ୍ୟାଟ୍ରିକ୍ ଅପେକ୍ଷାରେ ରମେଶ



ପ୍ରଯୋଜକ ରମେଶ ବାରିକ ଏକାଥରେ ହ୍ୟାଟ୍ରିକ ମାରିବାକୁ ଯାଉଛନ୍ତି। ଗୋଟିଏ ସିନେମା 'ଇନ୍ଦ୍ରଜାଲ' ରିଲିଜ ଅପେକ୍ଷାରେ ଥିବା ବେଳେ ସଞ୍ଜୟ ନାୟକଙ୍କ ନିର୍ଦ୍ଦେଶନାରେ ଆଉ ଦୁଇଟି ସିନେମା 'ସବୁ ଏ ଲଭ ପାଇଁ' ଏବଂ 'ଆଉ ଗୋଟେ ଲଭ୍ ଷ୍ଟୋରି'ର ଶୁଟିଂ ଶେଷ ହୋଇଛି। ଏ ସମ୍ପର୍କରେ ରମେଶ କହନ୍ତି, 'ସିନେମାଟିଏ ନିର୍ମାଣ କରିବା ବଡ଼ କଥା ନୁହେଁ। ଭଲ ଚଳଚ୍ଚିତ୍ରଟିଏ ପ୍ରସ୍ତୁତ କରିପାରିଲେ ତାହା ନିଶ୍ଚୟ ଦର୍ଶକଙ୍କ ମନକୁ ଛୁଇଁବ ଏବଂ ତା'ଉପରେ ଅଧିକ ଗୁରୁତ୍ୱ ଦେଇଥାଏ। କାହାଣୀ ଅନୁସାରେ କଳାକାର ଚୟନ, ପିକ୍ଚରାଇଜେଶନ ଏବଂ ସଙ୍ଗୀତ-ଏହି ତିନୋଟି ଜିନିଷକୁ ପ୍ରାଥମିକତା ଦେଲେ ଜଣେ ଭଲ ସିନେମାଟିଏ ନିର୍ମାଣ କରିପାରିବ। ଏଣିକି ମୋ ସିନେମାରେ ମୁଁ ନୂଆ ମୁହଁକୁ ଅଧିକ ସୁଯୋଗ ଦେବି ।' 'ସବୁ ଏ ଲଭ୍ ପାଇଁ' ସିନେମାର ଲିଡ୍ ରୋଲ୍‌ରେ ହରିହର ଦାଶ ଏବଂ ନବାଗତା ସ୍ଥିତପ୍ରଜ୍ଞା ଅଭିନୟ କରୁଥିବା ବେଳେ ଜ୍ୟୋତି ନାୟକ ଏବଂ ଭୂମିକା ଦାଶଙ୍କୁ ନେଇ 'ଆଉ ଗୋଟେ ଲଭ୍ ଷ୍ଟୋରି'ର ଶୁଟିଂ ଶେଷ ହୋଇଛି।

## କଥା ରଖିଲେ କରୀନା

ସତରେ ନାୟିକା ହେବ ଏମିତି। କୋଭିଡ୍ ପୂର୍ବରୁ କରୀନା ଯେଉଁ କଥା ଦେଇଥିଲେ ତାହାକୁ ନିକଟରେ ପୂରଣ କରିଛନ୍ତି। କଥା କ'ଣ କି ସେ ଏବେ ନିର୍ମାଣାଧୀନ ସିନେମା 'ଲାଲ୍ ସିଂ ଚଡ଼୍ଢା'ରେ ଅଭିନୟ କରୁଛନ୍ତି। କୋଭିଡ୍ ପୂର୍ବରୁ ସେ ଏହି ଫିଲ୍ମର ସମସ୍ତ ସଦସ୍ୟଙ୍କୁ ଡିନର୍‌ରେ ଆପ୍ୟାୟିତ କରିବେ ବୋଲି କହିଥିଲେ। ନିକଟରେ ସେ ଏହାକୁ ପୂରଣ କରିଛନ୍ତି। 'ମୁଁ ସବୁବେଳେ ମୋ କଥା ଉପରେ ଗୁରୁତ୍ୱ ଦେଇଥାଏ। ଏବେ ତ କରୋନାର ପ୍ରକୋପ କମିନାହିଁ। ତଥାପି ଏହାର ଗାଇଡ୍ ଲାଇନ୍ ପାଳନ କରି ମୁଁ ଏହି ଫିଲ୍ମର ସମସ୍ତ ସଦସ୍ୟଙ୍କ ପାଇଁ ଡିନର ଆୟୋଜନ କରିଥିଲି। ଏହି ଫିଲ୍ମରେ ମୋତେ ଯେଉଁ ଭୂମିକା ମିଳିଛି ତାହା ମୋ କ୍ୟାରିୟର ପାଇଁ ଏକ ମାଇଲଷ୍ଟୋନ୍ ସଦୃଶ। ପୁଣି ଆମୀର ଖାଁଙ୍କ ପରି ଅଭିନେତାଙ୍କ ସହ ଅଭିନୟ କରିବାର ମଜା ନିଆରା। ଏହି ଫିଲ୍ମର ଉପସ୍ଥାପନା ଯେମିତି ହୋଇଛି ତାହା ହିଟ୍ ହେବ ବୋଲି ଆଶା ରଖିଛି ବୋଲି କହନ୍ତି କରୀନା।'



# ଗୁରୁ ଖୋଜୁଛନ୍ତି କିଆରା



କିଆରା ଆଡୱାନୀ ଏବେ ଗୁରୁ ଖୋଜୁଛନ୍ତି। ପୁଣି କ'ଣ ପାଇଁ ଜାଣନ୍ତି ? କମେଡି ଶିଖିବାକୁ। କାରଣ ନିକଟରେ ସେ ଏକ କମେଡିଭିତ୍ତିକ ଫିଲ୍ମ ସାଇନ୍ କରିଛନ୍ତି, ଯାହାର ଶୁଟିଂ ଆସନ୍ତା ଜାନୁୟାରୀରୁ ଆରମ୍ଭ ହେବ। ସେପଟେ 'ଭୁଲ ଭୁଲେୟା-୨'ର ଶୁଟିଂ ଚାଲିଛି। ଏ ସମ୍ପର୍କରେ କିଆରା କହନ୍ତି, 'କମେଡି ଭୂମିକା ତୁଲାଇବା ସହଜ ନୁହେଁ। ଏବେ କମେଡି ଫିଲ୍ମ ଦେଖିବା ଆରମ୍ଭ କରିଛି। ହେଲେ କମେଡି ବିଷୟରେ ଆହୁରି ଜାଣିବାର ଅଛି। ତେଣୁ ଏ ନେଇ ଗୁରୁ ସନ୍ଧାନରେ ରହିଛି। ଏ ନେଇ ମୋତେ ସହଯୋଗର ହାତ ବଢ଼ାଇଛନ୍ତି 'ଭୁଲ ଭୁଲେୟାଁ-୨'ର ନିର୍ଦ୍ଦେଶକ ଆନୀସ ବାଜ୍‌ମୀ।' 'ଭୁଲ ଭୁଲେୟା-୨'ର ଅବଶିଷ୍ଟ ଶୁଟିଂ ଏହି ମାସ ଶେଷ ସପ୍ତାହରୁ ଆରମ୍ଭ ହେବ ଏବଂ ଆସନ୍ତା ବର୍ଷ ଫେବୃୟାରୀ ସୁଦ୍ଧା ଶୁଟିଂ ଶେଷ ହେବ ବୋଲି ସୂଚନା ଦେଇଛନ୍ତି ନିର୍ଦ୍ଦେଶକ। ସୂଚନାଯୋଗ୍ୟ ୨୦୦୭ରେ ପ୍ରିୟଦର୍ଶନଙ୍କ ନିର୍ଦ୍ଦେଶନାରେ ନିର୍ମିତ 'ଭୁଲ ଭୁଲେୟା' (ଅକ୍ଷୟ କୁମାର, ବିଦ୍ୟା ବଲାନ୍) ହିଟ୍ ହୋଇଥିଲା।

# ତାପସୀଙ୍କ ପ୍ରଶଂସାରେ ଦୀପିକା

ଦୀପିକା ପାଦୁକୋନ୍ ଏବେ ତାପସୀ ପାନ୍ନୁଙ୍କ ପ୍ରଶଂସାରେ ଶତମୁଖ। ତାଙ୍କ ଅଭିନୀତ 'ଥାପ୍ପଡ' ଦେଖିବା ପରେ ଦୀପିକାଙ୍କ ଖୁସି କହିଲେ ନ ସରେ। ସେତିକି ନୁହେଁ, ତାଙ୍କ ସହ ଅଭିନୟ କରିବାକୁ ସୁଯୋଗ ମିଳିଲେ ମନା କରିବି ନାହିଁ ବୋଲି କହିବୁଲୁଛନ୍ତି। ଏ ବିଷୟରେ ଦୀପିକା କହନ୍ତି, 'ତାପସୀଙ୍କଠାରେ ଅଭିନୟ ଦକ୍ଷତା ଭରି ରହିଛି। 'ଥାପ୍ପଡ' ଦେଖିବା ପରେ ମୁଁ କେତେ ଖୁସି ହୋଇଥିଲି ତାହା ମୁଁ ବର୍ଣ୍ଣନା କରିପାରିବି ନାହିଁ। ଯେ କୌଣସି ଭୂମିକା ହେଉ ତାହାକୁ ତୁଲାଇବାରେ ସେ ବେଶ୍ ପାରଙ୍ଗମ।' ସେପଟେ ଦୀପିକାଙ୍କୁ ପ୍ରଶଂସା କରିବାକୁ ତାପସୀ ଭୁଲି ନାହାନ୍ତି। 'ଦୀପିକାଙ୍କ ନିକଟରୁ ଅନେକ କିଛି ଶିଖିବାର ଅଛି। ତାଙ୍କ ଅଭିନୀତ 'ଛପାକ୍'କୁ ମୁଁ ଅନେକ ଥର ଦେଖିଛି। ଏହାସହ କେତୋଟି ସିନେମାର ତାଙ୍କର ଆକ୍ଟିଂ ମୋତେ ବେଶ୍ ପ୍ରଭାବିତ କରିଛି ବୋଲି କହନ୍ତି ତାପସୀ।



ଅଭୁଲା ସ୍ମୃତି

# କୋଭିଡ୍ ସମୟକୁ ଭୁଲିପାରିବି ନାହିଁ

**ଓଡ଼ିଆ ଥିଏଟର ଜଗତର ଆଗଧାଡ଼ିର ନାଟ୍ୟକାର, ନିର୍ଦ୍ଦେଶକ ପ୍ରଦୀପ ବିଶ୍ୱାଳ କୋଭିଡ୍ ସମୟର ନିଜ ଅନୁଭୂତିକୁ ନେଇ ଯାହା କହନ୍ତି...**

ସେଦିନ ଥିଲା ମାର୍ଚ୍ଚ ୨୩। ଏହି ମାସ ୭ରେ ମୋ ନାଟ୍ୟାନୁଷ୍ଠାନ 'ଶ୍ୱେତପଦ୍ମା'ର ଏକ ପୁରୁଣା ନାଟକ 'ଅବ୍ୟକ୍ତ ଯନ୍ତ୍ରଣା' ଭଞ୍ଜ କଳାମଣ୍ଡପରେ ମଞ୍ଚସ୍ଥ ହେବାରେ ଥାଏ। ସେପଟେ ପ୍ରସନ୍ନ ଭାଇଙ୍କ ତାଗିଦ୍ 'ମୋ ନାଟକ ଦେଖିବାକୁ ଆସିବୁ।' ତେଣୁ ରିହର୍ସାଲ ଅଳ୍ପରେ ଶେଷକରି ମୋ କଳାକାରଙ୍କ ସହ ନାଟକ ଦେଖିବାକୁ ଗଲି। ତା'ପରେ ଆସିଗଲା କୋଭିଡ୍ ମହାମାରୀ। ଗତ କେତେ ମାସ ଧରି ଏହାର ପ୍ରଭାବ ମୋତେ କେତେ ପ୍ରଭାବିତ କରିଛି ତାହା ବର୍ଣ୍ଣନା କରିପାରିବି ନାହିଁ। ହେଲେ ସେପରି ଏକ ଘଡ଼ିସନ୍ଧି ସମୟ ଭିତରେ ନୂଆ ନାଟକ ରଚନା କରିବାକୁ ମୋତେ କୋଭିଡ୍ ଯେମିତି ପ୍ରେରଣା ଯୋଗାଇଥିଲା। ମୋ ନାଟ୍ୟାନୁଷ୍ଠାନ 'ଶ୍ୱେତପଦ୍ମା'ର ଜନ୍ମଦିନ ଅବସରରେ ଏକ ନାଟକ ପ୍ରସ୍ତୁତିରେ ଲାଗିଥିଲି। ରାତିରେ ଆଖିକୁ ନିଦ ନ ଥାଏ। ନିଜର ଅସନ୍ତୁଳିତ ମାନସିକତାକୁ ବାଲାନ୍ସ କରି ନାଟକ ଲେଖୁଥାଏ। ନିଜ ମନର ଚିନ୍ତନ ଆଉ ଭାବନା ଶକ୍ତିକୁ ପୁନର୍ଜୀବିତ କରି ନାଟକ ଲେଖିବାରୁ ବିରତ ହେଲି ନାହିଁ। ଘରେ ସମସ୍ତେ ଶୋଇଯିବା ପରେ ମୁଁ ବସିପଡ଼େ ନାଟକ ଲେଖିବାକୁ। ଅସମ୍ପୂର୍ଣ୍ଣ ନାଟକ 'ସ୍ମୃତି ତମେ ମୋ ଅବୁଝା ମନର'କୁ ଶେଷ କଲି। ତା' ସହ



ଏକ ଭିନ୍ନ କାହାଣୀକୁ ଆଧାର କରି ନୂଆ ନାଟକ 'ନୂଆ ସକାଳ' ମଧ୍ୟ ଲେଖିସାରିଛି। ସେପଟେ କରୋନାର ଯନ୍ତ୍ରଣାକୁ ଅନୁଭବ କରୁଥିଲେ ମଧ୍ୟ ନାଟକ ରଚନା ମୋ ମନକୁ ବେଶ୍ ପୁଲକିତ କରିଦେଉଥାଏ। ଏହି କୋଭିଡ୍ ମୋତେ ଦୃଢ଼ମନା ହୋଇ ନାଟକ ରଚନା କରିବାକୁ ବେଶ୍ ଅନୁପ୍ରାଣିତ କରିଛି। ଯାହାହେଉ ନାଟଘର 'ଶ୍ୱେତପଦ୍ମା'ର ଜନ୍ମଦିନରେ ପରିବେଷିତ ହେବାକୁ ଥିବା ଦୁଇଟି ନାଟକ ଶେଷ କରିଛି ତାହା ମୋ ପାଇଁ ବଡ଼ କଥା। କେବଳ ସେତିକି ନୁହେଁ, ରାଉରକେଲା 'ସ୍ପନ୍ଦନ' ନାଟ୍ୟ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ହେବାକୁ ଥିବା ମୁକ୍ତାକାଶ ରଙ୍ଗମଞ୍ଚରେ ବଡ଼ ପରଦାରେ ପ୍ରଦର୍ଶିତ ହେବାକୁ ଥିବା କ୍ଷୁଦ୍ର ନାଟକ 'ଥିଏଟର ଦ ଅରିଜିନ୍ ଅଫ୍ ଲାଇଫ ଲାଇନ୍' ମଧ୍ୟ ରଚନା କରିଛି। ଏହାବ୍ୟତୀତ ଆଠଟି ଓଡ଼ିଆ ଗଳ୍ପ ସହିତ ଗୋଟିଏ ଗଳ୍ପ 'ଜୀବନ ତ ଏଇମିତି'ର ଅଡିଓ ମୋ ଶ୍ୱେତପଦ୍ମା ଥିଏଟର ପରିବାରର ୟୁଟ୍ୟୁବ ଚ୍ୟାନେଲ୍‌ରେ ରିଲିଜ୍ ହୋଇସାରିଛି। ଅସଲ କଥା ହେଲା କରୋନା ରୂପକ ମହାମାରୀ ସମଗ୍ର ବିଶ୍ୱକୁ ଗ୍ରାସ କରିସାରିଥିବା ବେଳେ ମୋର ଭାବନା ଆଉ କଲମ ମୁନକୁ ଅଟକାଇ ପାରିନାହିଁ। ଏବେ ଆମ ପୁରୁଣା ଦିନ ଗାଁ ସଂସ୍କୃତି, ପରମ୍ପରା ଆଉ ଚାଲିଚଳଣିକୁ ମୋ କଲମ ମୁନରେ ନାଟ୍ୟରୂପ ଦେବାକୁ ଯୋଜନା କରିଛି।

# ମଣିଷକୁ ଭଲପାଇବାରେ ମୁଁ ତୃପ୍ତି ପାଏ...

ସୃଜନ-ଆଳାପ



ଅଚ୍ୟୁତାନନ୍ଦ ପତି

**ଅଚ୍ୟୁତାନନ୍ଦ ପତିଙ୍କ ଜନ୍ମ ୨୬ ଜୁନ୍ ୧୯୨୭ରେ, ଯାଜପୁର ଜିଲାର ନରହରିପୁର ଗାଁରେ। 'ଅଶୁଭ ପୁତ୍ରର କାହାଣୀ' ଗଳ୍ପ ପାଇଁ ବହୁଜନବିଦିତ ଏହି ବର୍ଷୀୟାନ୍ କଥାକାରଙ୍କର ଏଯାବତ୍ ମୋଟ ୧୨ଖଣ୍ଡ ଗଳ୍ପଗ୍ରନ୍ଥ ପ୍ରକାଶିତ, ଯହିଁରେ ପ୍ରମୁଖ 'ଅଶୁଭ ପୁତ୍ରର କାହାଣୀ' (୧୯୭୩), 'ଉଗ୍ରସେନ ଉବାଚ' (୧୯୭୬), 'ସ୍ୱାମୀ ଓ ସନ୍ନ୍ୟାସୀ' (୧୯୮୧), 'ଚାରି ସଙ୍ଗାତ କଥା' (୧୯୮୩) ଓ 'ତା'ରୁ ଚୈତନ୍ୟ ପର୍ଯ୍ୟନ୍ତ' (୨୦୦୮)। ତାଙ୍କର ପ୍ରଥମ ଗଳ୍ପଗ୍ରନ୍ଥ 'କାହାଣୀ ନୁହେଁ କାବ୍ୟ' ପ୍ରକାଶ ପାଇଥିଲା ୧୯୫୧ରେ। ଓଡ଼ିଆ କଥା ସାହିତ୍ୟକୁ ନିଜର ଅମୂଲ୍ୟ ଅବଦାନ ପାଇଁ ତାଙ୍କୁ ମିଳିଛି 'ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର' (୧୯୮୩), 'ଝଙ୍କାର ପୁରସ୍କାର' (୧୯୮୪), 'ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର' (୨୦୦୨) ଓ 'ଶାରଳା ପୁରସ୍କାର' (୨୦୦୮) ସମେତ ବହୁ ପୁରସ୍କାର। ତାଙ୍କଠୁଁ କବି ରମେଶ ପତିଙ୍କ ଦ୍ୱାରା ଗୃହୀତ ଏଇ ସାକ୍ଷାତ୍‌କାରଟି...**

**ପ୍ର:** ଆପଣଙ୍କ କାଳଜୟୀ ସୃଷ୍ଟିଗୁଡ଼ିକ ମୁଖ୍ୟତଃ ମାନବବାଦୀ ଚିନ୍ତାଧାରାକୁ ନେଇ ଗତିଶୀଳ। କହିବେ କି ଏପରି ସୃଷ୍ଟିର ଅନ୍ତରାଳରେ କି ରହସ୍ୟ ଲୁକ୍କାୟିତ ?

**ଉ:** ମଣିଷକୁ ଭଲପାଇବା ଓ ମଣିଷ ପ୍ରତି ସମ୍ବେଦନଶୀଳ ହେବାରେ ମୁଁ ଅନେକ ତୃପ୍ତି ପାଏ। ବିଶେଷତଃ ସମାଜ ବର୍ଜିତ ଅପାଂକ୍ତେୟଙ୍କ ଜୀବନ ଭିତରୁ ସେମାନଙ୍କ ମଣିଷପଣିଆକୁ ପରିପ୍ରକାଶ କରିବା ପାଇଁ ମୁଁ ସର୍ବଦା ଚେଷ୍ଟା କରିଆସିଛି।

**ପ୍ର:** ମାନବେତର ଗଳ୍ପର ପ୍ରମୁଖ ସ୍ରଷ୍ଟା ଭାବରେ ଆପଣ ଓଡ଼ିଆ ଗଳ୍ପ ସାହିତ୍ୟକୁ ବିଶ୍ୱ ଦରବାରରେ ପହଞ୍ଚାଇଛନ୍ତି। କହିବେ କି ପଶୁପକ୍ଷୀଙ୍କୁ ନେଇ ଏତେ ସଫଳ ଗଳ୍ପ ଲେଖିଲେ କେମିତି ?

**ଉ:** ମଣିଷଙ୍କ ପରି ପଶୁପକ୍ଷୀଙ୍କର ଦ୍ୱୈତ ଚେହେରା ନାହିଁ। ସେମାନଙ୍କ ଭିତର ଓ ବାହାର ସମାନ। ଭିତରେ ରାଗିଲେ ବାହାରେ ରାଗିବେ। ଭିତରେ ଖୁସିହେଲେ ବାହାରେ ବି ଖୁସିହେବେ। ଏଣୁ ସାରା ଜୀବନ ସେମାନଙ୍କୁ ସ୍ୱତନ୍ତ୍ର ବୋଲି ଭାବିଛି।

**ପ୍ର:** ପ୍ରକୃତି ଯଥା ଗଛଲତାଙ୍କ ଉପରେ ଗଳ୍ପ ଲେଖିବାର ନେପଥ୍ୟରେ ଆପଣଙ୍କର କି ଚିନ୍ତନ ରହିଛି ?

**ଉ:** ଗଛଲତାଙ୍କୁ ମୁଁ ମୋର ପରମ ବନ୍ଧୁ ବୋଲି ଭାବେ। ସେମାନେ ମଣିଷ ବନ୍ଧୁମାନଙ୍କ ପରି ପ୍ରୌଢ଼ି ଦେଖାଇ ବା ସ୍ୱାର୍ଥକୈନ୍ଦ୍ରିକ ଛଳନାମୟ ବକ୍ତବ୍ୟ ଦେଇ ମତେ ପ୍ରତାରିତ କରନ୍ତି ନାହିଁ। ମୁଁ ଅନୁଭବ କରେ, ମୁଁ ହସିଲା ବେଳେ ସେମାନେ ହସନ୍ତି ଆଉ ମୁଁ କାନ୍ଦିଲା ବେଳେ ସେମାନେ କାନ୍ଦନ୍ତି।

**ପ୍ର:** ବହୁ ଚର୍ଚ୍ଚିତ 'ବରକନ୍ୟା' ଗଳ୍ପ ମାଧ୍ୟମରେ ଆପଣ ସମାଜକୁ କି ସଂଦେଶ ଦେବାକୁ ଚାହିଁଛନ୍ତି ?

**ଉ:** ସାଧାରଣ କ୍ଷେତ୍ରରେ ଜଣେ ତା'ର ସନ୍ତାନ ପାଇଁ ସବୁ ତ୍ୟାଗ କରିସାରିଲା ପରେ ମଧ ତା'ଠାରୁ କାଂକ୍ଷିତ ବ୍ୟବହାର ପାଇପାରୁ ନାହିଁ। କିନ୍ତୁ ପଦ୍ମନାଭ ନାମକ ଲୋକଟି ଗୋଟିଏ ବରଗଛ ଲଗାଇ ତା' ପ୍ରତି ପିତୃତ୍ୱର ସ୍ନେହ ଦେଇ ସେହି ଗଛଠାରୁ ସନ୍ତାନର ସୁଖ ପାଇ ପାରିଛି।

**ପ୍ର:** 'ମାଙ୍କଡ଼' ଚରିତ୍ରକୁ କେନ୍ଦ୍ର କରି ରାମଦାସ ଗଳ୍ପ ସୃଷ୍ଟିର ଅନ୍ତରାଳରେ କିଛି ବାସ୍ତବ ଅନୁଭୂତି ଅଛି କି ?

**ଉ:** ମୋର ପ୍ରତିଟି ଗଳ୍ପ ପଛରେ ନିଜସ୍ୱ ଅନୁଭୂତି ରହିଛି। ଏହି ଗଳ୍ପରେ ରାମଦାସ ଓ ଚମ୍ପାକଳି ଦୁଇଟି ମାଙ୍କଡ଼ ଚରିତ୍ର। ମାଙ୍କଡ଼ନଚାବାଲାଟି ତା' ଜୀବନର କାହାଣୀକୁ ଏହି ମାଙ୍କଡ଼ ଦୁଇଟି ମାଧ୍ୟମରେ ରୂପାୟିତ କରିଛି। ମାଙ୍କଡ଼ନଚାବାଲାଟିର ନାଁ ରାମଦାସ ଓ ତା' ସ୍ତ୍ରୀର ନାମ ମଧ ଥିଲା ଚମ୍ପାକଳି। ଚମ୍ପାକଳି ମରିଗଲା ପରେ ଚମ୍ପାକଳି ସହିତ ତା' ଜୀବନର ମଧୁର ମୁହୂର୍ତ୍ତଗୁଡ଼ିକୁ ଏହି ମାଙ୍କଡ଼ ରାମଦାସ ଓ ମାଙ୍କଡ଼ୀ ଚମ୍ପାକଳି ମାଧ୍ୟମରେ ରୂପ ଦେଇ ସେ ତା'ର ଅବଶିଷ୍ଟ ଜୀବନକୁ ଉପଭୋଗ କରିଛି। ଶେଷରେ ମାଙ୍କଡ଼ୀ ଚମ୍ପାକଳି ରାମଦାସକୁ ଛାଡ଼ି ଦେଇଛି। ସ୍ତ୍ରୀର ମୃତ୍ୟୁ ପରେ ତା'ର ବିରହ ବେଦନାକୁ ସେ ମାଙ୍କଡ଼ଠାରେ ନିରୀକ୍ଷଣ କରି ଅଭିଭୂତ ହେଇପଡ଼ିଛି।

**ପ୍ର:** ଅବହେଳିତ ଜୀବନକୁ ନେଇ ସୃଷ୍ଟି ହୋଇଥିବା 'ଡାଆଣୀ' ଗଳ୍ପର ପୂର୍ବାନୁଭୂତି କ'ଣ କୁହନ୍ତୁ ?

**ଉ:** ଏକ କୁରୂପା ନାରୀକୁ ଘୃଣା କରି ଡାଆଣୀ ଆଖ୍ୟା ଦେଇ, ଅବହେଳା ଓ ଅତ୍ୟାଚାର ବର୍ଷା କରାଯାଇଛି। ଫଳରେ ସେ ଦୁନିଆକୁ ଘୃଣା କରି ଶିଖିଛି। ସନ୍ତାନବତୀ ହେବାପରେ ସେ ଦୁନିଆକୁ ଯେତେବେଳେ ଭଲ ପାଇବାକୁ ବସିଛି, ପରିସ୍ଥିତିରେ ପଡ଼ି ମୃତ୍ୟୁବରଣ କରିଛି। ଯେଉଁ ନାରୀ ଚରିତ୍ରକୁ ଆଖି ଆଗରେ ରଖି ମୁଁ ଗଳ୍ପ ଲେଖିଛି, ତା'ର ପ୍ରକୃତ ନାମ ପ୍ରକାଶ କରିବାକୁ ଚାହେଁନା। କାରଣ ତା' ପ୍ରତି ମୋର ଦରଦ ମୂଳରୁ ଶେଷ ପର୍ଯ୍ୟନ୍ତ ଥିଲା।

**ପ୍ର:** ଆପଣଙ୍କ ବହୁଚର୍ଚ୍ଚିତ ପ୍ରତୀକଧର୍ମୀ ଗଳ୍ପ 'ଅଶୁଭ ପୁତ୍ରର କାହାଣୀ'ର ମୁଖ୍ୟ ଚରିତ୍ର ପେଚା ଛୁଆଟି ମା'ର ବାରଣ ସତ୍ତ୍ୱେ ଦିନର ଆଲୋକ ଦେଖିବାକୁ ଅଣ୍ଟା ଭିଡ଼ି ବାହାରିଥିଲା। କିନ୍ତୁ ଶେଷରେ ମୃତ୍ୟୁର ଶିକାର ହେଲା। ଏହି ଗଳ୍ପରେ ଆପଣ ସମାଜକୁ କି ବାର୍ତ୍ତା ଦେବାକୁ ଚାହିଁଛନ୍ତି ?

**ଉ:** ପେଚା ଛୁଆଟି ଆଲୋକର ସନ୍ଧାନରେ ଦୁନିଆକୁ ବାହାରି ପଡ଼ିଛି ଏବଂ ବହୁ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହୋଇ ଶେଷରେ ମୃତ୍ୟୁବରଣ କରିଛି। ମଲା ପୂର୍ବରୁ ସେ ତା' ମା'କୁ କହିଯାଇଛି, ତା'ର ଆଉ ଭାଇ ଆସିଲେ ତାକୁ କହିବ ଯେ, "ତା' ଭାଇ ଆଲୋକ ରାଜ୍ୟ ଜୟ କରିବା ପାଇଁ ମରିଛି। ବିଦ୍ରୋହ କେବେ କ୍ଷାନ୍ତ ବା କ୍ଳାନ୍ତ ହେବାର ନୁହେଁ।" କ୍ରମାଗତ ବିଦ୍ରୋହ ମାଧ୍ୟମରେ ନିଜର ଲକ୍ଷ୍ୟ ହାସଲ କରାଯାଇପାରିବ। ଏହାହିଁ ଗଳ୍ପ ମାଧ୍ୟମରେ ମୁଁ ସୂଚନା ଦେଇଛି।

**ପ୍ର:** ତା'ହେଲେ ବିଦ୍ରୋହର ଶେଷ ପରିଣତି କ'ଣ ମୃତ୍ୟୁ ?

**ଉ:** ବିଦ୍ରୋହରେ ମୃତ୍ୟୁ ଆସିପାରେ, କିନ୍ତୁ ସେହି ମୃତ୍ୟୁରେ ବିଦ୍ରୋହ ଶେଷ ହୁଏନା। ଶେଷ ସଫଳତା ପାଇଁ ହୁଏତ ଏକାଧିକ ମୃତ୍ୟୁର ଆବଶ୍ୟକତା ପଡ଼ିପାରେ।

ମୋ: ୮୭୬୩୮୨୨୦୪୪

## କବିତା

### ବିଡ଼ମ୍ବନା

**ଦୁର୍ଗାଚରଣ ଷଡ଼ଙ୍ଗୀ**

ଯେଉଁ ଜୀବନଟିକୁ ନେଇ
ବଞ୍ଚିବାର ଥିଲା
ବଞ୍ଚିପାରିଲି ନାହିଁ ସେ ଜୀବନ !
ଅସୀମ ଉତ୍କଣ୍ଠା-ଆବେଗରେ
ଜଡ଼ସଡ଼ ମନ
ତଟୁ ଘୋଡ଼ା ପରି ମତେ
ଝପଟାଇ ନେଲା
ସେଇ ତିମିର ତୀର୍ଥକୁ
ଯେଉଁଠି ଖାଲି
ବିରାମହୀନ ଶୋଷ
ଆହରଣ ବିପୁଳ ଉପଲବ୍ଧି
ଦେହ ଦେଉଳର ଅବିଚାରିତ ଅର୍ଗଳି
ଡେଇଁ ଡେଇଁ ମତେ
ଅଥୟ ଉନ୍ମନା କଲା ନିଶିଦିନ।

ଯେଉଁ ଜୀବନଟିକୁ ନେଇ
ବଞ୍ଚିବାର ଥିଲା
ବଞ୍ଚିପାରିଲି ନାହିଁ ସେ ଜୀବନ।

ମୋ' ଜନ୍ମଜାତକର ସଂଜ୍ଞା ସବୁ,
ଦିନେ ଭୁଲିଗଲି
ଠିକଣା ବି ଭୁଲିଗଲି ସେ ମହାଜନର
ସନାତନର ଆପ୍ତବାକ୍ୟ ଯେତେ
ମିଳେଇଗଲେ ଶୂନ୍ୟ ମଣ୍ଡଳରେ
ପଞ୍ଚଭୂତର ସ୍ତୋତ୍ର-ଶ୍ଳୋକ
ସବୁକୁ ଭୁଲିଲି
ଏବେ ମରଣ ହେବକି ବୋଲି
ସଂଜୀବନୀର ମନ୍ତ୍ର ପଢୁଛି
ଶୋଇ ଶୋଇ
ନିତି ରାତି ଶେଯରେ।

ବାରମ୍ବାର ଗହନ ତରୁଡାଳରୁ
ମୁଁ ଓହଳି ଆସୁଛି
ବଣମଣିଷ ଭଳି
ସ୍ୱଚ୍ଛ ନଈଧାରରୁ ଜଳ ଦର୍ପଣରେ
ନିରେଖି ଦେଖୁଛି ମୋ'
କୁତ୍ସିତ କଦାକାର ମୁହଁକୁ
ସନ୍ତର୍ପଣରେ
ଚମକି ପଡୁଛି, ବିଷାଦିତ
ମୁହଁଟିକୁ ଦେଖି
ଲେଉଟି ଯାଉଛି ପୃଷ୍ଠା ପରେ
ପୃଷ୍ଠାର ଅତୀତ
ଶୈଶବରୁ ଜରା
ଜରାରୁ ମରଣ
ଏ କ'ଣ ମୁଁ କି ସିଏ !

ଯିଏ ଦିନେ ସନ୍‌ସନି ବାଉଳା
ପବନ ପରି
କାହା କାହା ପଣତରେ
ଲୁଚୁଥିଲା, ହାୟ !

ଯେଉଁ ଜୀବନ ଧରି ଏତେ ଉଲ୍ଲାସ
ଏତେ ପୁଲକ ପାଇଲି
ବଞ୍ଚିପାରିଲି ନାହିଁ ସେ ଜୀବନ।
କିଏ ଜାଣେ
ମୋର ଆଉ ଜନ୍ମ ଅଛି କି ନା ଆଗକୁ
ମିଳିବ ସ୍ୱର୍ଗ
କି ରଉରବ ନର୍କ
ତା' ବି ଜାଣେନା।
ଯେଉଁ ଜୀବନଟିକୁ ନେଇ
ବଞ୍ଚିବାର ଥିଲା
ବଞ୍ଚିପାରିଲି କି ସେ ଜୀବନ ?

ମୋ: ୯୪୩୮୫୩୫୫୭୭

## କାଳକାଳକୁ



**"କବି ସେଇ ଲୋକ,
ଯିଏ ସର୍ବଦା ପିଲାଙ୍କ ଆଖିରେ
ପୃଥିବୀକୁ ଦେଖେ।"**

**ଆଲ୍‌ଫୋସ୍ ଡୁଡେ**

**ଆଲ୍‌ଫୋସ୍ ଡୁଡେ** (Alphonse Daudet)ଙ୍କ ଜନ୍ମ ୧୩ ମେ ୧୮୪୦ରେ ଫ୍ରାନ୍‌ସର ନିମେସ୍‌ରେ ଏବଂ ପରଲୋକ ୧୬ ଡିସେମ୍ବର ୧୮୯୭ରେ ପ୍ୟାରିସ୍‌ଠାରେ। ଲେଖକଙ୍କର ସର୍ବାଧିକ ଖ୍ୟାତି ଅର୍ଜନ କରିଥିବା ଉପନ୍ୟାସ ଦୁଇଟି ହେଲା- "Fromont and Risler"(୧୮୭୪) ଓ "Letters from My Mill"(୧୮୬୯)। ଡୁଡେ ଉପନ୍ୟାସ ବ୍ୟତୀତ ଉନ୍ନତମାନର ବହୁ ଗଳ୍ପ, କବିତା ଓ ନାଟକ ରଚନା କରି ଫରାସୀ ସାହିତ୍ୟକୁ ସମୃଦ୍ଧ କରିଛନ୍ତି।

## ପୁସ୍ତକ ପରିଚୟ

### ବୈଦିକ ବନ୍ଦନ



**ଲେଖକ:** ଇଂ. ବ୍ରଜବନ୍ଧୁ ପଣ୍ଡା
**ପ୍ରକାଶକ:** ତୀରତରଙ୍ଗ ପ୍ରକାଶନୀ, ଭୁବନେଶ୍ୱର-୨୪
**ପ୍ରଥମ ପ୍ରକାଶ:** ୨୦୧୯,
**ମୂଲ୍ୟ:** ଟ.୪୦୦/-

ବେଦର ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଗୁଡ଼ିକୁ ଚୟନ କରି ତା'ର ସମୁଚିତ ବ୍ୟାଖ୍ୟା ଆଲୋଚ୍ୟ ଗ୍ରନ୍ଥର ଉଦ୍ଦେଶ୍ୟ। ଉଲ୍ଲେଖ କରାଯାଇଥିବା ମନ୍ତ୍ର କେଉଁ ବେଦର ଓ ତା'ର ସଂଖ୍ୟା କେତେ, ଅର୍ଥ କ'ଣ ଏବଂ ତାହା ଗ୍ରନ୍ଥର କେଉଁ ପୃଷ୍ଠାରେ ଅଛି, ତା'ର ଶୃଙ୍ଖଳିତ ସୂଚନା ସୂଚୀପତ୍ରରେ ପ୍ରଦାନ କରାଯାଇଛି। 'ଅଭିମତ'ରେ ପ୍ରଫେସର ରାଧାମାଧବ ଦାଶ କହିଛନ୍ତି- "ଶ୍ରୀଯୁକ୍ତ ପଣ୍ଡା ଚୟନ କରିଥିବା ମନ୍ତ୍ରଗୁଡ଼ିକୁ ସାମାନ୍ୟ ବିଶେଷ ଅର୍ଥରେ ଅତ୍ୟନ୍ତ ବିହ୍ୱଳିତ ଓ ଭାବଗମ୍ଭୀର ଭାଷାରେ ଆଲୋଚନା କରିବା ସହିତ ସେଗୁଡ଼ିକର ଅତି ବ୍ୟାପକ ମହତ୍ତ୍ୱନିଚୟକୁ ପାଠକ ସମ୍ମୁଖରେ ପ୍ରଭାବୀ ଶୈଳୀରେ ଉପସ୍ଥାପନ କରିଛନ୍ତି।" ଜୀବନର ସମସ୍ତ କ୍ଷଣ କିପରି ମନ୍ତ୍ରମୟ ଗ୍ରନ୍ଥଟି ପାଠକଲେ ବୁଝିହୁଏ। ଗ୍ରନ୍ଥରେ ଚାରି ବେଦର ପ୍ରାୟ ୨୦ ହଜାର ମନ୍ତ୍ର ମଧ୍ୟରୁ ଅତ୍ୟନ୍ତ ପ୍ରାସଙ୍ଗିକ ଓ ଉପାଦେୟ ମନ୍ତ୍ର ଚୟିତ ହୋଇଛି। ଏସବୁ ପରମାତ୍ମାଙ୍କର ସ୍ତୁତିମୂଳକ ହୋଇଥିବାରୁ ଗ୍ରନ୍ଥର ନାମକରଣ 'ବୈଦିକ ବନ୍ଦନ' ଯଥାର୍ଥ ମନେହୁଏ। ବେଦାନୁଗାମୀ ଓ ସାଧାରଣଙ୍କ ପାଇଁ ଗ୍ରନ୍ଥଟି ଉପଯୋଗୀ ସାବ୍ୟସ୍ତ ହେବ ବୋଲି ଆଶା।

### ଶ୍ରେଷ୍ଠ ଷାଠିଏ



**ଗାଳ୍ପିକ:** ବିଜୟ ନାୟକ
**ପ୍ରକାଶକ:** ବିଦ୍ୟାପୁରୀ, କଟକ-୨
**ପ୍ରଥମ ପ୍ରକାଶ:** ୨୦୨୦,
**ମୂଲ୍ୟ:** ଟ.୩୪୦/-

ଗାଳ୍ପିକଙ୍କ ଷାଠିଏ-ପୂର୍ତ୍ତି ଅବକାଶରେ ତିନି ଦଶନ୍ଧି ଧରି ସେ ଲେଖିଥିବା ଗଳ୍ପଗୁଡ଼ିକରୁ ଷାଠିଏଟି ଗଳ୍ପ ଚୟିତ ହୋଇ ସ୍ଥାନିତ ଏଇ ସଂକଳନଟିରେ। 'ମଲାଟଲେଖ'ରେ ପ୍ରତିଭା ରାୟ, ବିଭୂତି ପଟ୍ଟନାୟକ, ରାମଚନ୍ଦ୍ର ବେହେରା, ତରୁଣକାନ୍ତି ମିଶ୍ର ଓ ଦାଶ ବେନହୁରଙ୍କ ମନ୍ତବ୍ୟ ରହିଛି, ଯାହା ବହି ଭିତରକୁ 'ତୋରଣ'ଟିଏ ପରି କାର୍ଯ୍ୟକରେ। ପ୍ରତିଭା ରାୟ ଲେଖିଛନ୍ତି: "ବିଜୟଙ୍କ ଗଳ୍ପରେ ଚରିତ୍ରମାନେ ଗଳ୍ପ ଖୋଜନ୍ତି ନା ଗଳ୍ପ ଚରିତ୍ରମାନଙ୍କୁ ଖୋଜିଥାଏ, ତାହା ଆକଳନ କରିବା ସମ୍ଭବ ହୁଏ ନାହିଁ। ଏହା ଗାଳ୍ପିକଙ୍କର ନିଖୁଣ ପର୍ଯ୍ୟବେକ୍ଷଣର ପରିଚୟ ଦିଏ।" ରାମଚନ୍ଦ୍ର ବେହେରା ବହିରେ ଥିବା ଗଳ୍ପଗୁଡ଼ିକର 'ଉପସ୍ଥାପନା ଓ ଗଢ଼ଣ ଶିଳ୍ପରେ ବିସ୍ମୟକର ନୂତନତା' ଲକ୍ଷ୍ୟ କରିଛନ୍ତି। ବିଜୟଙ୍କ ଗଳ୍ପ ସମ୍ପର୍କରେ ଏପରି ମନ୍ତବ୍ୟ କଦାପି ଅନୁଚିତ ପ୍ରଶସ୍ତି ଯେ ନୁହେଁ, ଏକଥା ଦୃଢ଼ତାର ସହ କୁହାଯାଇପାରେ। ଗ୍ରନ୍ଥସ୍ଥ ଗଳ୍ପଗୁଡ଼ିକ ପାଠିକାପାଠକଙ୍କ ଜୀବନ ପାଇଁ ନାନା କାରଣରୁ ଯେ ଅନୁସାରୀ ସାବ୍ୟସ୍ତ ହେବ- ଏଥିରେ ସନ୍ଦେହ ନାହିଁ। ୪୫୦ ପୃଷ୍ଠାର ଏହି ନାତିଦୀର୍ଘ ପୁସ୍ତକଟିର ବହୁଳ ପ୍ରସାର ଆଶା କରାଯାଏ।

## ଦାଢ଼ି ମାହାତ୍ମ୍ୟ

ରମ୍ୟ ରଚନା

**ରାଧାଶ୍ୟାମ ରାଉଳ**



ଜୀବନର ସକଳ ବାଧାବିଘ୍ନକୁ ପ୍ରତିହତ କରିବାକୁ ହେଲେ ମୁଖମଣ୍ଡଳରେ ଦାଢ଼ି ବଢ଼େଇବା ନିତାନ୍ତ ଜରୁରୀ। ବ୍ୟକ୍ତିର ବ୍ୟକ୍ତିତ୍ୱ, ପରିଚୟ ଆଉ ଦୃଢ଼ତା ଉନ୍ନତ କିସମର ଦାଢ଼ିରୁ ହିଁ ବାରି ହୋଇପଡ଼େ। ଇତିହାସରେ ରାଣା ପ୍ରତାପଙ୍କ ଦାଢ଼ି ତାଙ୍କର ବଳିଷ୍ଠ ବ୍ୟକ୍ତିତ୍ୱ ଆଉ ଦୃଢ଼ତାର ସୂଚନା ଦେଉଥିଲା।

ନିଜର ଆଳସ୍ୟ ଗୁଣ ଯୋଗୁଁ ଅନେକେ ଦାଢ଼ି ବଢ଼େଇଥାନ୍ତି। ଆମର ଜଣେ ସାହିତ୍ୟିକ ବନ୍ଧୁ ନିଜର ବଢ଼ନ୍ତା ଦାଢ଼ିକୁ କାଟିବା ପାଇଁ ଆଦୌ ମଙ୍ଗନ୍ତି ନାହିଁ। ତାଙ୍କର ବିଚାର ହେଲା, "ଦାଢ଼ି କଟାରେ ଅଯଥା ସମୟ ନଷ୍ଟ ହୁଏ। ତା'ଛଡ଼ା ଦାଢ଼ି ବଢ଼ିଲେ ମୋ' ପତ୍ନୀଙ୍କର କୌଣସି ଆପତ୍ତି ନାହିଁ। ଏଣୁ ଦାଢ଼ି ଜାଗାରେ ଦାଢ଼ି ଅଛି, କ୍ଷତି କ'ଣ ?" ଅବଶ୍ୟ ସାହିତ୍ୟିକ ବନ୍ଧୁଙ୍କର ଇତସ୍ତତଃ ବିକ୍ଷିପ୍ତ ଦାଢ଼ି ସମ୍ପର୍କରେ ତାଙ୍କ ପତ୍ନୀଙ୍କର କ୍ରିୟା ପ୍ରତିକ୍ରିୟା ଆମ୍ଭକୁ ମାଲୁମ୍ ନାହିଁ। ଏ ସମ୍ବନ୍ଧୀୟ ତଥ୍ୟ ମଧ ଆମ୍ଭର ହସ୍ତଗତ ହୋଇନାହିଁ।

ଅନେକ ପତ୍ନୀ ନିଜ ନିଜର ପତି ଦେବତାମାନଙ୍କ ଦାଢ଼ିରେ ବେଶ୍ ସନ୍ତୁଷ୍ଟ। ଏ ନେଇ ସେମାନଙ୍କର କୌଣସି ପ୍ରକାର ବାରଣ ନ ଥାଏ। ଜଣେ ମଉନାବତୀ ପତ୍ନୀ ମନ୍ଦମନ୍ଦ ହସି କହିଲେ, "ଇସ୍ସା, ମୋ' ପତିଙ୍କ ଦାଢ଼ିକୁ ମୁଁ ଭଲପାଇବି ନାହିଁ ତ ଆଉ କିଏ ଭଲପାଇବ ? ଦାଢ଼ିଥିବା ହେତୁ ସେ ଭେରିଭେରି ରୋମାଣ୍ଟିକ୍ ! ତାଙ୍କ (ପତିଙ୍କ) ଓଠରେ ଚୁମ୍ବନ ଦେବାକୁ ଗଲେ ମୁଁ ଅନୁଭବ କରେ ସତେ ଯେମିତି ଛୋଟ ଜଙ୍ଗଲଟିକୁ ଅତିକ୍ରମ କରି ଏକ ସୁନ୍ଦର ପିକ୍‌ନିକ୍ ସ୍ପଟ୍‌ରେ ମୁଁ ପହଞ୍ଚି ଯାଇଛି !"

ପ୍ରେମରେ ଧୋକା ଖାଇ ଅନେକେ ଦାଢ଼ି ବଢ଼େଇଥାନ୍ତି। ସମାଜ ଆଖିରେ ଏମାନେ ହେଲେ ଦେବଦାସ ! ଏମାନଙ୍କର ପ୍ରେମ ବ୍ୟାପାର ଅତ୍ୟନ୍ତ ଦୁର୍ଭାଗ୍ୟପୂର୍ଣ୍ଣ ତଥା ହୃଦୟବିଦାରକ। ପ୍ରେମିକାମାନେ ଏମାନଙ୍କୁ ନିରାଶ କରିଥାନ୍ତି। ଅତଏବ ଦାଢ଼ି ଦ୍ୱାରା ହିଁ ଏମାନଙ୍କର ପ୍ରଚଣ୍ଡ ହତାଶା ଓ ଅସମ୍ଭବ ଅବସାଦ ପ୍ରତିଫଳିତ ହୋଇଥାଏ।

କେହିକେହି ଅନ୍ୟମାନଙ୍କଠାରୁ ନିଜକୁ ଯଥାସମ୍ଭବ ଦୂରେଇ ରଖିବା ପାଇଁ ଦାଢ଼ି ବଢ଼ାନ୍ତି। ଏମାନେ ବାହୁସ୍ଫୋଟ ମାରି କହନ୍ତି, "ହଁ ମ, ଆମ ଦାଢ଼ି ଆମର। ଉତ୍ତରାଧିକାର ସୂତ୍ରରେ ଆମେ ଏହା ହାସଲ କରିଛୁ ଆମର ଗରିମା ବୃଦ୍ଧି ପାଇଁ।"

ଦପ୍ତରରେ ଜଣେ ଦାଢ଼ିଆ ପଦାଧିକାରୀ ଦମ୍ଭର ସହ କହିଲେ, "ଆଜକୁ କୋଡ଼ିଏ ବର୍ଷ ହେବ ମୁଁ ନିୟମିତ ଦାଢ଼ି ରଖି ଆସୁଅଛି। ଏନେଇ ଅନ୍ୟମାନଙ୍କର ପସନ୍ଦ, ନାପସନ୍ଦକୁ ମୁଁ ବିଲ୍‌କୁଲ୍ ଖାତିର କରେ ନାହିଁ। ମୁଁ ଦାଢ଼ି ରଖି ଆସୁଛି, କାରଣ ଦାଢ଼ି ମୋର ବଳିଷ୍ଠ ବ୍ୟକ୍ତିତ୍ୱର ନିଦର୍ଶନ !" ଶେଷକୁ ଆମ୍ଭର ଜଣେ ବନ୍ଧୁ କୌତୁକରେ କହିଲେ, "ପୁରୁଷମାନେ ହିଁ ଦାଢ଼ି ସମ୍ପତ୍ତିର ଅସଲ ଦାବିଦାର। ନାରୀମାନେ ଶତଚେଷ୍ଟା କରି କ'ଣ ଏ ମହାର୍ଘ ସମ୍ପତ୍ତିକୁ ଅର୍ଜିପାରିବେ ?"

ଏମନ୍ତ ଏମନ୍ତ ଦାଢ଼ିର ମାହାତ୍ମ୍ୟ ବଖାଣି ବସିଲେ ବିରାଟ ପୋଥି ଲେଖା ହୋଇଯିବ। ଆମ୍ଭର ଉଦ୍ଦେଶ୍ୟ ବିନ୍ଦୁରେ ସିନ୍ଧୁ ଦର୍ଶନ ! ଦାଢ଼ି ଅଛି ଯାହାର କି ଆନନ୍ଦ ତାହାର। ସେଇ ସିନା ଯୁବତୀମାନଙ୍କର ସପନ-ସୌଦାଗର ! ହାଃ ହାଃ ହାଃ।

**ମୋ: ୯୪୩୭୦୯୦୯୮୫**

## ବାପା

ଗଳ୍ପ

**ବିପ୍ଳବ**

ଟାଳି ନ ଥିବା ଡିଙ୍କିଶାଳରେ ଉପରକୁ ଅନେଇ ଶୋଇଛନ୍ତି ବାପା। ପୁଷମାସର କଅଁଳ ଖରା ତାଙ୍କ ପାଇଁ କୋଟିନିଧି ପାଇବା ପରି। ବଳଦକୁ କୁଣ୍ଡାତୋରାଣି ଦେଇ ମୁଁ କୁଣ୍ଡ ମୂଳରେ ହାତ ଧୋଇହେଉଛି। ପାଣି ଚବଚବ ଶୁଣି ମୋ' ଆଡ଼କୁ କଡ଼ ଲେଉଟେଇ ଅନେଇଲେ। ବାଁ ହାତକୁ ସାମାନ୍ୟ ଉଠେଇ ମୋତେ ହାତରେ ଠାରିଲେ।

ମୁଁ ପାଖକୁ ଗଲି।

ମୋ' କାନ ପାଖକୁ ପାଟି ନେଇ ଫୁସ୍‌ଫୁସ୍ କରି ପ୍ରଶ୍ନ କଲେ 'ବୋହୂ କୁଆଡ଼େ ଯାଇଛି ?'

- 'ରୋଷେଇ କରୁଛି ପା'- ମୁଁ ଧୀର ଗଳାରେ କହିଲି।

- "ଜମିଜମା, ଗାଈଗୋରୁ, ପିଲାଙ୍କ କଥା ବୁଝୁଛୁ ଏକୁଟିଆ। ସେଥିରେ ପୁଣି ମୁଁ ତତେ ଛନ୍ଦୁଛି। ଡାକ୍ତରଙ୍କୁ କହି ବଟିକାଟେ ଆଣନ୍ତୁନି।"

- "କ'ଣ ପାଇଁ ?"

- "ଏ ପାପୀ ଜୀବନରୁ ଉଦ୍ଧାର ପାଇଯାଆନ୍ତି।"

ଛାତି ଭିତରେ ନିଆଁ ଦଲକାଏ ଖସିଲା ପରି ଲାଗିଲା। କ'ଣ ଆଜି ହେଇଛି ବାପାଙ୍କର ? ଜୀବନ ପ୍ରତି ଏତେ ବିତୃଷ୍ଣା ! ଏତେ ଆକୁଳତା ! ତାଙ୍କୁ ତ କେବେ ଅବହେଳା କରାଯାଇନି। ମନ ଆନ୍ଦୋଳିତ ହେଇଗଲା। ଏମିତି କ'ଣ ପାଇଁ କହିଲେ ଆଜି ! ପୁଷମାସ ଧାନକଟାକୁ ଏକୁଟିଆ ଲୋକ। ବୁଝିହେଉନି ବେଳେବେଳେ ତାଙ୍କ କଥା। ଜେମା ଆଉ କିଛି କହିଛି କି ବାପାଙ୍କୁ ନା ବୋଉ କଥା ମନେପଡୁଛି ? ମୁଁ କିଛି ଉପସଂହାରରେ ପହଞ୍ଚି ପାରୁ ନ ଥିଲି।

- "ଏମିତି କ'ଣ ପାଇଁ କହୁଛ ? କ'ଣ ହେଇଛି ଆଜି ?"

- "ଦେଖୁନୁ କେତେ କଷ୍ଟ ପାଉଛୁ ତୁ, କେତେ କଷ୍ଟ ପାଉଛି ବୋହୂ ?"

- ଠିକ୍ ଅଛି। ତମେ ଆଗ କୁହତ ତମ ବାପା ପାଇଁ କୋଉଠୁ ଏ ବଟିକା ଆଣିଥିଲ ? ମୋତେ ଆଉ ଖୋଜିବାକୁ ପଡ଼ିବନି। ସିଧା ଆଣି ପକେଇ ଆସିବି।"

- "ପାଗଳାଟା ନା କ'ଣ ? ମୁଁ କ'ଣ ମୋ' ବାପାକୁ ଦେଉଥିଲି ଯେ ତତେ କହିବି ?"

- "ତା'ହେଲେ ମୁଁ ମୋ' ବାପାଙ୍କୁ କାହିଁକି ଦେବି ?"

ବାପା ଟିକିଏ ହସିଲେ। ଆଉ ଗମ୍ଭୀର ବି ହେଇଗଲେ। ଆଖିରୁ ଲୁହ ଟୋପାଟିଏ ଗଡ଼ିପଡ଼ିଲା ପରି ଦିଶିଲା।

- "ବେଳେବେଳେ ଜାଣିପାରୁନି। ଲୁଗାରେପଟାରେ ହଗିମୂତି ପକାଉଚି। ଶୀତରାତିରେ ତମକୁ ହଇରାଣ ହରକତ କରୁଚି।"

- "ତମର ମନେପଡୁଛି ନା, ତମେ ଆଉ ବୋଉ ମୋତେ ନେଇ ଝାମୁଯାତ୍ରା ଦେଖେଇବାକୁ ଯାଜପୁର ଯାଇଥିଲ। ବୋଉ ମୋତେ କାଖେଇ ବାଙ୍କ ସଡ଼କଯାଏଁ ଯାଇଥିଲା, ତା'ପରେ ତମେ ମୋତେ ତମ ବେକରେ ଦି'ପଟକୁ ଗୋଡ଼କରି ବସେଇ ଦେଲ। ମୁଁ ତମ ଚୁଟିକି ଜାବିକି ଧରି ବସିଥିଲି। ଆଉ ରଣଶଙ୍ଖ ପାଖାପାଖି ତମ ଉପରେ ଏକ କରି ଦେଇଥିଲି।"

ବାପା ହସିଲେ। ମୁଁ ବି ହସିଲି। ଦୁଃଖରେ କି ସୁଖରେ କେଜାଣି ! ବାପାଙ୍କ ପେଯୁଆ ଆଖି ଯୋଡ଼ିକରେ ସ୍ୱପ୍ନ ଭର୍ତ୍ତି ହେଇଗଲା ଯେମିତି।

ମୋ' ଆଡ଼କୁ ଅନେଇ କହିଲେ- "ଆରେ ତୁ ତ ବକଟେନାକୁ ହେଇଥିଲୁ, ତୋର ମନେଅଛି ଏ କଥା ?"

- "ବୋଉ ମୋତେ କହିଥିଲା ପା ! ଖାଲି କ'ଣ ଥରେ କେତେଥର ଏମିତି।" ହାଃ...ହାଃ... ମୁଁ କୁଣ୍ଢେଇ ହସିବାକୁ ଚେଷ୍ଟା କଲି।

ବାପା ମୋ' ପାଟିରେ ହାତ ଦେଇ କହିଲେ- "ଚୁପ୍, ଧୀରେଧୀରେ ହସ। ବୋହୂ ଶୁଣିବ, ସେ ଘରେ ଅଛି। ଏ କଥା ଜାଣିଲେ ତତେ ଇଙ୍ଗିତ କରିବ। ତା'ର ତୋର କଳି ଲାଗିଲେ ତତେ ଚିଡ଼େଇବ। ହାଃ...ହାଃ...

- "ଜେମା ତମର କିଛି ଅସୁବିଧା କରୁଛି କି ?" ମୁଁ ପଚାରିଲି।

- ନା' ମ ! ପରଝିଅଟା। କେତେ ମୋ' ଗୁହମୂତ କରିବ। ବେଳେବେଳେ ଦିକ୍‌ଦାର ହେଇ ପିଲାଙ୍କୁ ମାରୁଛି। ଭିତରେ ଭିତରେ ଗାରୁଗାରୁ ହଉଛି।

- "ଆଚ୍ଛା ! ବୋଉ କ'ଣ ପରଝିଅ ନ ଥିଲା ? ସେ କ'ଣ ତମର ସବୁ କାମ କରୁ ନ ଥିଲା ! ତମ ଉପରେ ଚିଡୁ ନ ଥିଲା ! ଜେମା ପୁଣି ମଣିଷ ନା ଦେବତା ? କଷ୍ଟ ହେଲେ ସିଏ ତା'ର ଚିଡ଼ିଚିଡ଼ି ହେବ। ହଉ। ତମକୁ ତ କିଛି କହୁନି। ତମେ ଯଦି ବୋଉକୁ କିଛି କହୁ ନ ଥିଲ, ଜେମାକୁ କ'ଣ ପାଇଁ କହୁଛ ?"

- ତା' ବି ଠିକ୍। ହେଲେ ମୁଁ ବି ମଣିଷଟାଏ। କୋଉ ଦେବତା ହେଇଛି ଯେ ! ବେଳେବେଳେ ତାକୁ ବି ଦି'ପଦ କଡ଼ା କି ଶୁଣେଇଦିଏ। ସିଏ ବି ରାଗେ।

- ତା' ହେଲେ ତ ସୁଜ ପଡ଼ିଗଲା।

- କ'ଣ କରିବି ? ବେଳେବେଳେ ଅସହ୍ୟ ହେଉଛି କଷ୍ଟ। କାଣ୍ଡଜ୍ଞାନ ଭୁଲି ଦି'ପଦ ଶୁଣେଇ ଦେଉଛି। ଏଇ ମଣିଷ ଦିନେ ଛାତିଏ ଉଞ୍ଚା ବଳଦକୁ ହଳ କରୁଥିଲା। କୁଇଣ୍ଟାଲିଆ ଅଖା ଧାନ ସୋଲ ଗୋଛାଏ ପରି ଯାଉଥିଲା। ଜଙ୍ଗଲରୁ କେତେ ସେଣି, ଓରା ବୁହାଇ ଆଣୁଥିଲା। ଢିଙ୍କିରେ ଧାନ କୁଟି ତୋ' ବୋଉ ଆଉ ମୁଁ ତମକୁ ମଣିଷ କରିଛୁ। ଆଜି ହାତ ଉଠେଇବାକୁ ବଳ ପାଉନି। ଭାବିଲେ ଦେହ ସହୁନିରେ ! ଦହଗଞ୍ଜ ଲାଗୁଛି ଜୀବନ।



- ଆମେ ସମସ୍ତେ ଦିନେ ମରିଯିବା। କିଏ ଅଳ୍ପ କଷ୍ଟ ପାଇ କିଏ ବେଶି। ତମେ ତ ମୋତେ ବୁଝେଉଥିଲ। ଏ ନିୟମ ଖାଲି ତମ ପାଇଁ ନୁହେଁ, ମୋ' ପାଇଁ ନୁହେଁ, ସାରା ସଂସାର ପାଇଁ। ମୋ' କଥା ଶୁଣି ବାପା ମୁହଁରେ ପାଣିଗାମୁଛା ପକେଇ କଡ଼ ଲେଉଟେଇ ଦେଲେ। ମୁଁ ପଛକୁ ବୁଲି ଅନାଏ ତ ଜେମା ଠିଆ ହେଇଛି ଅଣ୍ଟାରେ ହାତ ଦେଇ।

- "ବାପା ପୁଅଙ୍କର କି ପ୍ରବଚନ ଚାଲିଛି ଶୁଣେ ? ଗାଧେଇବ କେତେବେଳେ, ଖାଇବ କେତେବେଳେ ? ମୁଁ ପୁଣି ଖାଇବି କେତେବେଳେ ? ତମ ବାପାଙ୍କୁ ଦେଖ କିଛି ନ ଜାଣିଲା ପରି ମୁହଁରେ ଲୁଗା ପକେଇ ଶୋଇପଡ଼ିଲେ। ସଦାବେଳେ ଶୋଧୁଛନ୍ତି ରାଣ୍ଡିଛୁଆ।"

ବାପାଙ୍କ ମୁହଁରୁ ମୁଁ ପାଣି ଗାମୁଛା କାଢ଼ିଦେଲି।

- "ବାପା, ଇଏ କି କଥା ? ତମେ କ'ଣ ଖାଲି ମୋ' ବାପା, ଜେମାର ବାପା ନୁହଁ ?"

ବାପା ମୁରୁକି ହସିଲେ।

- "କୋଉଦିନ ତା' ମା'କୁ ବାହାହେଇଛ କହ ତ ?"

ଜେମା ମୁରୁକି ହସି ରୋଷେଇ ଘରକୁ ପଶିଗଲା।

ପାଟିରେ ଲୁଗା ବିଣ୍ଡା ମାଡ଼ି ଆମେ ବାପ ପୁଅ ହସିଲୁ।

- "ଉଠ୍ ବେ କେତେ ହସୁଛୁ। ଚାଲେ ଗାଧେଇ ପଡ଼ିବା। ତା' ଖାଇବା ଉଚ୍ଛୁର ହେଲାଣି। ରାଗିଲେ ଛୁଆକୁ ମାରିବ। ନ ହେଲେ ଚୁଲିଝିଙ୍କା ଭାଙ୍ଗିଦବ ଫୁଙ୍କନଳୀରେ ବାଡ଼େଇକି।"

ବାପା ଖୁସି ଜଣା ପଡୁଥିଲେ।

ତାଙ୍କୁ ଉଠେଇବା ପାଇଁ ମୁଁ ହାତ ବଢ଼େଇଲି। ସେ ଛିଞ୍ଚାଡ଼ି ଦେଲେ ମୋ' ହାତ।

- "ମୁଁ ଏତେ ରୋଗଣା ହେଇଯାଇନି ମ ! ନିଜେ ଉଠିପାରିବି।"

ସତକୁସତ ଠେଙ୍ଗାରେ ଭରାଦେଇ ନିଜେ ଉଠିପଡ଼ିଲେ। ତିନି ଚାରିଦିନ ହେବ ଔଷଧପତ୍ର ଖାଇ ଉଠି ପାରୁ ନ ଥିଲେ। ଏବେ କେମିତି ଉଠି ପଡ଼ିଲେ !

ବୁଢ଼ା ବୟସରେ ମଣିଷ ଖୋଜେ ଟିକିଏ ଭଲପାଇବା, ଦି'ପଦ କଥା, ଟିକେ ହସଖୁସି ! ନା ଆଉ କ'ଣ ! ମୁଁ କିଛି ଭାବିପାରୁ ନ ଥିଲି।

ବାପା ଚାଲୁଥିଲେ ପହୁଣ୍ଡ ପକେଇ ନଇଁନଇଁ। ମୁଁ ଅପଲକ ନୟନରେ ଚାହିଁ ରହିଥିଲି ତାଙ୍କ ବାଟକୁ।

- ମକୁନ୍ଦପୁର, ବାଙ୍କୀ



ସଲମାନ ଖାନ ତାଙ୍କ ନୂଆ ଫିଲ୍ମ 'ଅନ୍ତିମ' ପାଇଁ ସୁଟିଂ ଆରମ୍ଭ କରିଦେଇଛନ୍ତି। ମହେଶ ମଞ୍ଜରେକରଙ୍କ ଏହି ଚଳଚ୍ଚିତ୍ରରେ ସଲମାନଙ୍କ ନୂଆ ଲୁକ୍ ସାମ୍ନାକୁ ଆସିଛି। ଫିଲ୍ମର ଅନ୍ୟତମ ପ୍ରମୁଖ କଳାକାର ଆୟୁଷ ଶର୍ମା ଏକ ଭିଡିଓ ଇନଷ୍ଟାଗ୍ରାମରେ ଶେୟାର କରିଛନ୍ତି। ଏଥିରେ ଆୟୁଷ ଜଣେ କୁଖ୍ୟାତ ଗ୍ୟାଙ୍ଗଷ୍ଟାର ରୋଲରେ ଥିବାବେଳେ ପୋଲିସ ଭୂମିକାରେ ସଲମାନଙ୍କୁ ଦର୍ଶକେ ଦେଖିବାକୁ ପାଇବେ। ସଲମାନ ପଞ୍ଜାବୀ ପଗଡି ପିନ୍ଧି ଚାଲୁଥିବାର ଦେଖିବାକୁ ମିଳିଛି।



# ଚାଇନା ଇଚ୍ଛାରେ ବଦଳିବ ପାଣିପାଗ

**ପ୍ରକୃତି ସର୍ବଶକ୍ତିମାନ। ବର୍ଷ ବର୍ଷ ଧରି ମଣିଷ ଏହାକୁ ଆୟତ୍ତରେ ରଖିବାକୁ ବୃଥା ଚେଷ୍ଟା ଜାରି ରଖିଛି। ପରିବେଶ ଉପରେ ଅଯଥା ହସ୍ତକ୍ଷେପର କୁପରିଣାମ ବୁମେରାଂ ସାବ୍ୟସ୍ତ ହେବ, ଏକଥା ଜାଣି ମଧ୍ୟ ଏଭଳି କାର୍ଯ୍ୟରୁ ବିରତ ହେଉନି ମଣିଷ। ବିସ୍ତାରବାଦୀ ନୀତି ଏବଂ ଏକଚ୍ଛତ୍ରବାଦ ମନୋଭାବ ପାଇଁ ଅପଯଶ ମୁଣ୍ଡାଇଥିବା ଚାଇନା ଉତ୍ତର ପୂର୍ବ ଭାରତର ଜଳବାୟୁ ବଦଳାଇବାକୁ ରଣନୀତି ପ୍ରସ୍ତୁତ କରୁଛି। ବରଫାବୃତ୍ତ ଭୂଖଣ୍ଡ 'ଲଦାଖ'ର ଥଣ୍ଡା ଜଳବାୟୁକୁ ନିୟନ୍ତ୍ରଣ କରାଯାଇପାରିଲେ ଭାରତର ଗତିରୋଧ ସମ୍ଭବ ବୋଲି ବେଜିଂ ଭାବୁଛି। ଏଥିଲାଗି ନିକଟ ଭବିଷ୍ୟତରେ 'ୱେଦର ମୋଡିଫିକେଶନ ସିଷ୍ଟମ' ଆଣିବାକୁ ଯୋଜନା କରୁଛି ଡ୍ରାଗନ୍।**

## ଯୁଦ୍ଧ ରଣନୀତି ପାଇଁ 'ୱେଦର ମୋଡିଫିକେଶନ ସିଷ୍ଟମ'



**ନୂଆଦିଲ୍ଲୀ:** ଗଲୱାନ ସଂଘର୍ଷ ପରେ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍ଏସି)ରେ ବୃଦ୍ଧି ପାଇଛି ଉତ୍ତେଜନା। ଭାରତ ଏବଂ ପ୍ରତିପକ୍ଷ ଚାଇନା ସାମରିକ ଶକ୍ତି ବଢ଼ାଇବାରେ ଲାଗିଥିବାବେଳେ ଅଶାନ୍ତ ହୋଇଉଠିଛି ଉପତ୍ୟକା ଅଞ୍ଚଳ। ସୈନ୍ୟଙ୍କ ପକ୍ଷେ ଅସହ୍ୟ ଥଣ୍ଡା ସହିବା କାଠିକର ପାଠ ହେଉଥିଲେ ବି ଏଲ୍ଏସିରୁ ପଛକୁ ଘୁଞ୍ଚିବାକୁ ଚାହୁଁନି ଚାଇନା। ଓଲଟି ବୈଷୟିକ ଜ୍ଞାନକୌଶଳକୁ ଉପଯୋଗ କରି ଜଳବାୟୁ ବଦଳାଇବାକୁ କୁଟନୀତି ପ୍ରସ୍ତୁତ କରୁଛି। ଏହା ସଫଳ ହେଲେ ଖୁବ୍ କମ୍ ସମୟରେ ଚାଇନା ନିଜ ସୀମା ବାହାରେ ବିସ୍ତୀର୍ଣ୍ଣ ଭୂଖଣ୍ଡରେ ପ୍ରଭାବ ବିସ୍ତାର କରିପାରିବ।

ଜଳବାୟୁ ଉପରେ ବିଜୟୀ ହେବା ଚାଇନାର ଦୀର୍ଘଦିନର ଅଭିଳାଷ। 'ୱେଦର ମୋଡିଫିକେଶନ ସିଷ୍ଟମ' ମାଧ୍ୟମରେ ୫୦.୫ଲକ୍ଷ ବର୍ଗ କିଲୋମିଟର ପରିମିତ ଅଞ୍ଚଳକୁ ନିୟନ୍ତ୍ରଣ କରିବା ଏହାର ଲକ୍ଷ୍ୟ, ଯାହା ଭାରତ କ୍ଷେତ୍ରଫଳର ହାରାହାରି ଦେଢ଼ଗୁଣ। ଏହି ପ୍ରକଳ୍ପ ଲାଗି ୨୦୧୨ରୁ ୨୦୧୭ ମଧ୍ୟରେ ପାଖାପାଖି ୯୮୯ କୋଟି ଟଙ୍କା ବ୍ୟୟ କରାଯାଇଥିବା ଚାଇନା ଷ୍ଟେଟ୍ କାଉନ୍ସିଲ ପକ୍ଷରୁ ଏକ ରିପୋର୍ଟରେ କୁହାଯାଇଛି। ତେବେ ଏହାକୁ ନେଇ ବିଶ୍ୱର ବିଭିନ୍ନ ଦେଶର ବିଶେଷଜ୍ଞ ଏବେଠୁ ଚିନ୍ତା ବ୍ୟକ୍ତ କରିଛନ୍ତି। ସବୁବେଳେ ଅନ୍ୟର ଅନିଷ୍ଟ ଚିନ୍ତା କରୁଥିବା ଚାଇନା ଏହାକୁ ଅନ୍ୟ ଦେଶ ବିରୋଧରେ ଅସ୍ତ୍ର ଭାବେ ବ୍ୟବହାର କରିବା ଆଶଙ୍କା ବେଶି। ବିଶେଷ କରି ଲଦାଖରେ ଜଳବାୟୁ ପରିବର୍ତ୍ତନ କରି ଅଧିକ ଥଣ୍ଡା ବା ଗରମ ପରିବେଶ ସୃଷ୍ଟି କରିବ। ଏବେ ଉକ୍ତ ଅଞ୍ଚଳର ତାପମାତ୍ରା ବିୟୁକ୍ତ ୪୦ ଯାଏ ଖସୁଛି। ତଥାପି ଭାରତୀୟ ସୈନ୍ୟମାନେ ପ୍ରତିକୂଳ ପରିବେଶରେ ସୀମାନ୍ତକୁ ସୁରକ୍ଷା ଦେଇ ଆସୁଛନ୍ତି। ଏଥିଲାଗି ଶୀତ ପୂର୍ବରୁ କୋଟି କୋଟି ଟଙ୍କା ବ୍ୟୟ କରି ପ୍ରସ୍ତୁତି କରାଯାଉଛି। ହେଲେ ଚାଇନା ନିଜର କୁବୁଦ୍ଧି ଖଟାଇ ଯଦି ତାପମାତ୍ରା ଆହୁରି କମାଇ ଦିଏ ତେବେ ଭାରତୀୟ ସେନାର ସମସ୍ୟା ବଢ଼ିବ।

ମଣିପାଲ ଏକାଡେମୀର ସହକାରୀ ପ୍ରଫେସର ଧନଶ୍ରୀ ଜୟରାମ କହିଛନ୍ତି, ବିନା ନିୟମରେ ଜିଓଇଞ୍ଜିନିୟରିଂର ଏଭଳି ପ୍ରୟୋଗ ଭାରତ ଏବଂ ଚାଇନା ମଧ୍ୟରେ ଉତ୍ତେଜନା ବଢ଼ାଇବ। ଚାଇନା ନିଜ ଦେଶରେ ଜଳବାୟୁ ବଦଳାଇବାକୁ ଉଦ୍ୟମ କଲେ ଏହାର ପ୍ରଭାବ ସିଧାସଳଖ ଭାରତ ଉପରେ ପଡ଼ିବ। ମୌସୁମୀର ଗତିପଥରେ ସାମାନ୍ୟତମ ପରିବର୍ତ୍ତନ ବଡ଼ ବିପଦ ଡାକି ଆଣିବ। ଅତ୍ୟଧିକ ବର୍ଷା ରୋକିବା ଲାଗି ଜଳବାୟୁ ସହିତ ଖେଳିଲେ ଇକୋ ସିଷ୍ଟମ ଉପରେ ଏହାର ପ୍ରଭାବ ପଡ଼ିବ। ସେହିପରି ନ୍ୟାଶନାଲ ତାଇୱାନ ୟୁନିଭର୍ସିଟିର ଗବେଷକମାନେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇଛନ୍ତି। ସେମାନଙ୍କ ମତରେ ଏହି ପ୍ରକଳ୍ପ ଦ୍ୱାରା ଚାଇନା ପଡ଼ୋଶୀ ଦେଶରୁ ବର୍ଷା ଚୋରି କରି ନେଇଯିବ। ଫଳରେ ଅନେକ ଗ୍ରାମ ମରୁଡ଼ିଗ୍ରସ୍ତ ହୋଇପାରେ।

### ବେଜିଂ ଅଲିମ୍ପିକ୍‌ରୁ ଝଲକ୍

'ୱେଦର ମୋଡିଫିକେଶନ ସିଷ୍ଟମ' ଭଳି ଏକ ଅନିସନ୍ଧିତ୍ସୁ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ବିଶ୍ୱବାସୀଙ୍କୁ ଭିନ୍ନ ତର୍କ ଦେଇଥିଲା ଚାଇନା। ସେତେବେଳେ କୁହାଯାଇଥିଲା, ଜଳକ୍ଳିଷ୍ଟ ଗ୍ରାମ ଏବଂ ବନ୍ୟା ପ୍ରଭାବିତ ଅଞ୍ଚଳ ଲାଗି ଏହି ପ୍ରକଳ୍ପ ଆଶୀର୍ବାଦ ସାବ୍ୟସ୍ତ ହେବ। ଏହାକୁ ପ୍ରୟୋଗ କରି ପ୍ରାଣୀଧନ, ଫସଲ ଏବଂ ଧନଜୀବନର ସୁରକ୍ଷା କରାଯାଇପାରିବ। ୨୦୦୮ରେ ବେଜିଂ ଅଲିମ୍ପିକ୍ ସମୟରେ 'ୱେଦର ମୋଡିଫିକେଶନ ସିଷ୍ଟମ'ର ସଫଳ ପ୍ରୟୋଗ କରାଯାଇଥିଲା। ଏକ ମ୍ୟାଚ୍‌କୁ ବର୍ଷା ଧୋଇନେବାର ଆଶଙ୍କା ଦେଖାଦେବାରୁ ତୁରନ୍ତ ଆକାଶକୁ ୧୦୦୦ରୁ ଊର୍ଦ୍ଧ୍ୱ ରକେଟ ମାଡ଼ କରାଯାଇଥିଲା। 'କ୍ଲାଉଡ୍ ସିଡିଂ'ର ନାମରେ ପରିଚିତ ଏହି କୌଶଳର ପ୍ରୟୋଗ ଅନ୍ୟ ଦେଶରେ ମଧ୍ୟ ହୋଇସାରିଛି। ରକେଟ୍‌ରେ ସିଲ୍‌ଭର ଆୟୋଡାଇଡ୍, କ୍ଲୋରାଇଡ୍ ଭର୍ତ୍ତି କରି ଆକାଶକୁ ଛଡ଼ାଯାଇଥାଏ। ଏହି ଦୁଇ ରାସାୟନିକ ପ୍ରତିକ୍ରିୟା ପରେ ଆକାଶରେ ବାଦଲ ଜମାଟ ବାନ୍ଧିଯାଏ। ଜୋର୍‌ରେ ବର୍ଷା ହୁଏ ଏବଂ କିଛି ସମୟ ପରେ ଆକାଶ ଫର୍ଚ୍ଚା ହୋଇଯାଏ। ହେଲେ ଚାଇନା ପକ୍ଷରୁ ଏଭଳି ଟେକ୍‌ନିକ୍‌ର ତ୍ରୁଟିପୂର୍ଣ୍ଣ ପ୍ରୟୋଗ କରାଯିବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ।

## ଗୁଡ଼ି ଉଡ଼ାଇ ୩୦ ଫୁଟରୁ ଖସି ପଡ଼ିଲେ ନାବାଳକ

**ଜାକର୍ତ୍ତା:** ଇଣ୍ଡୋନେସିଆରେ ଜଣେ ନାବାଳକ ଗୁଡ଼ି ସାହାଯ୍ୟରେ ଆକାଶରେ ଉଡୁଥିବାବେଳେ ୩୦ ଫୁଟ ଉଚ୍ଚରୁ ଖସିପଡ଼ି ଆହତ ହୋଇଛି। ୧୨ ବର୍ଷର ନାବାଳକ 'ଡ୍ରାଗନ କାଇଟ' ଉଡ଼ାଉଥିଲେ। ଏହା ତାଙ୍କଠାରୁ ତିନି ଗୁଣ ବଡ଼ ଥିବାରୁ ସେ ଗୁଡ଼ି ସହ ଆକାଶରେ ଉଡୁଥିଲେ। ହେଲେ ଭାରସାମ୍ୟ ହରାଇ ସେ ତଳକୁ ଖସିପଡ଼ିଥିଲେ। ଏହାର ଭିଡିଓ ସୋସିଆଲ ମିଡିଆରେ ଏବେ ଭାଇରାଲ ହେବାରେ ଲାଗିଛି। ଖସି ପଡିବା ପରେ ତାଙ୍କୁ ସାହାଯ୍ୟ କରିବା ପାଇଁ ଲୋକେ ରୁଣ୍ଡ ହୋଇଯାଇଥିଲେ। ଡିସେମ୍ବର ପ୍ରଥମ ସପ୍ତାହରେ ପ୍ରିଙ୍ଗସେୱୁ ରେଜେନ୍ସି ହାଇସ୍କୁଲରେ ଏହି ଘଟଣା ଘଟିଛି। ଶିଶୁ ସୁରକ୍ଷା ଏଜେନ୍ସି କହିଛି, ଉକ୍ତ ନାବାଳକଙ୍କ ଶରୀରରେ ୬ଟି ସ୍ଥାନରେ ହାଡ଼ ଭାଙ୍ଗିଛି। ତାଙ୍କର ଦୁଇଟି ଅପରେଶନ ମଧ୍ୟ କରାଯିବ।

ଧରିତ୍ରୀର ସ୍ୱନକ୍ଷତ୍ର ଦିବସ ଅବସରରେ ଡେରାବିଶର ପ୍ରାଚୀନ ଐତିହ୍ୟ ଓ ସଂସ୍କୃତିକୁ ପୁନଃ ଉଜ୍ଜୀବିତ କରିବା ପାଇଁ ଆସନ୍ତୁ ସଂକଳ୍ପ ନେବା।
ପ୍ରାଧ୍ୟାପକ ଡକ୍ଟର ଦେବବ୍ରତ ନାୟକ
ଅଧ୍ୟକ୍ଷ, ଡେରାବିଶ ମହାବିଦ୍ୟାଳୟ

ଧରିତ୍ରୀର ସ୍ୱନକ୍ଷତ୍ର ଦିବସ ଅବସରରେ ଡେରାବିଶ ବ୍ଲକ କୁରୁଜଙ୍ଗା ପଞ୍ଚାୟତର ସମସ୍ତ ମାଆ, ଭାଇ, ଭଉଣୀଙ୍କ ସୁଖ ସମୃଦ୍ଧି କାମନା କରୁଛି।
ଚନ୍ଦ୍ରକାନ୍ତ ପ୍ରଧାନ
ସରପଞ୍ଚ, କୁରୁଜଙ୍ଗା ଗ୍ରାମ ପଞ୍ଚାୟତ
ଡେରାବିଶ

ଧରିତ୍ରୀର ସ୍ୱନକ୍ଷତ୍ର ଦିବସ ଅବସରରେ ଧରିତ୍ରୀ ପରିବାରର ସମସ୍ତ ସଦସ୍ୟଙ୍କୁ ଅଭିନନ୍ଦନ ଜଣାଉଛି। ଡେରାବିଶ ବ୍ଲକ କପାଳେଶ୍ୱର ପ୍ରାଥମିକ କୃଷି ସମବାୟ ସମିତିର ସମସ୍ତ ସଦସ୍ୟ ଓ ଚାଷୀଭାଇଙ୍କୁ ଅଭିନନ୍ଦନ ଜଣାଉଛି।
ମୃତ୍ୟୁଞ୍ଜୟ ଦାଶ
ସମ୍ପାଦକ, କପାଳେଶ୍ୱର ପ୍ରାଥମିକ କୃଷି ସମବାୟ ସମିତି, ମୁଣ୍ଡାଳୋ, ହରିଅଙ୍କ, ଡେରାବିଶ

## ଚର୍ଚ୍ଚାରେ ଆସ୍‌କାଙ୍କ ଯୋଗାସନ



**ନୂଆଦିଲ୍ଲୀ:** ଟେଲିଭିଜନ ଅଭିନେତ୍ରୀ ଆସ୍‌କା ଗୋରାଡିଆଙ୍କ ବଡି ଫ୍ଲେକ୍ସିବିଲିଟି ସବୁବେଳେ ଚର୍ଚ୍ଚାରେ। ଯେତେ କଷ୍ଟ ଆସନ ହେଲେ ମଧ୍ୟ ସେ ତାକୁ ଅତି ସହଜରେ କରିଦିଅନ୍ତି। ତାଙ୍କୁ ଦେଖିଲେ ସମସ୍ତେ ଆଶ୍ଚର୍ଯ୍ୟ ମଧ୍ୟ ହୋଇଯାଆନ୍ତି। ତେବେ ଆସ୍‌କା ନିକଟରେ ତାଙ୍କ ସ୍ୱାମୀ ବ୍ରେଣ୍ଟ ଗୋବଲଙ୍କ ସହ ବିଭିନ୍ନ ଯୋଗାସନ କରିଥିବାର ଫଟୋ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ତାଙ୍କର ଏହି ଫଟୋଗୁଡ଼ିକ ଭାଇରାଲ ହେବାରେ ଲାଗିଛି। ଏହାସହିତ ଆସ୍‌କା ସମୁଦ୍ର କୂଳରେ ବିକିନି ପିନ୍ଧି ଇନ୍‌ଷ୍ଟାରେ ଫଟୋ ପୋଷ୍ଟ କରିଛନ୍ତି। ତାଙ୍କର ବୋଲ୍ଡ ଅନ୍ଦାଜ୍ ଲୁକ୍ସ ଫ୍ୟାନ୍‌ମାନଙ୍କ ହୃଦୟ ଚୋରି କରିନେଇଛି। ଫଟୋରେ କେତେବେଳେ ଏକୁଟିଆ ତ ଆଉ କେତେବେଳେ ସ୍ୱାମୀଙ୍କ ସହିତ ବିଭିନ୍ନ ପୋଜ୍‌ରେ ନଜର ଆସିଛନ୍ତି। କପଲ୍ ଭାବେ ଯୋଗାସନ କରୁଥିବା ଫଟୋକୁ ଫ୍ୟାନ୍‌ମାନେ ଅଧିକ ପସନ୍ଦ କରିଛନ୍ତି। ଫ୍ୟାନ୍‌ମାନେ ଆସ୍‌କାଙ୍କ ଫିଟ୍‌ନେସ୍‌ର ରାଜ୍ କମେଣ୍ଟ କରି ପଚାରିଛନ୍ତି। ଟେଲି ଧାରାବାହିକ 'କୁସୁମ'ରୁ ଆସ୍କା ନିଜର କ୍ୟାରିୟର ଆରମ୍ଭ କରିଥିଲେ। ୨୦୧୨ରେ ବିଗ୍‌ବାସ୍‌ରେ ସେ ପ୍ରତିଯୋଗିତା କରିଥିବାବେଳେ 'ନାଗିନ'ରେ ମଧ୍ୟ ନଜର ଆସିଥିଲେ।

## ପାହାଡ଼ି ଆଳୁ ଚାହିଦା ବଢୁଛି



**ହମୀରପୁର:** ରୋଷେଇ ଘରର ରାଜା ଆଳୁ। ଧନିକ ଶ୍ରେଣୀଠୁ ଆରମ୍ଭ କରି ଗରିବ ଯାଏ ସମସ୍ତଙ୍କ ପସନ୍ଦ ଏଥିରୁ ପ୍ରସ୍ତୁତ ଖାଦ୍ୟ। ହେଲେ ଗତ ଦୁଇମାସ ହେଲା ଚାହିଦା ଅନୁଯାୟୀ ଉତ୍ପାଦନ ନ ଥିବାରୁ ଆକାଶଛୁଆଁ ହୋଇଛି ଆଳୁ ଦର। କେବଳ ଚଳିତ ବର୍ଷ ନୁହେଁ, ଲଗାତର କିଛି ବର୍ଷ ହେଲା ଋତୁକାଳୀନ ଆଳୁ ସଙ୍କଟ ଦେଖାଯାଉଛି। ଏହି ସମସ୍ୟାର ସମାଧାନର ବାଟ ଖୋଜି ବାହାର କରିଛି ହିମାଚଳପ୍ରଦେଶ କୃଷି ବିଭାଗ। ରାଜ୍ୟର ଲାହୋଲ ସ୍ପିତି ଅଞ୍ଚଳରେ ଚାଷ କରାଯାଉଥିବା ପାହାଡ଼ିଆ ଆଳୁର ଖାସ୍ ଚାହିଦା ରହିଛି। 'କୁଫରି ଜ୍ୟୋତି' କିସମର ଏହି ଆଳୁ ନିର୍ଦ୍ଦିଷ୍ଟ କେତେକ ଅଞ୍ଚଳରେ ଉତ୍ପାଦନ ହେଉଛି। ନିକଟରେ ଭବିଷ୍ୟତରେ ଏହାକୁ ହମୀରପୁରର ସମତଳ ଭୂଭାଗରେ ଫଳାଇବାକୁ ଯୋଜନା କରାଯାଉଛି। ନିକଟରେ ଚାଷୀଙ୍କୁ ୨୦୦ କୁଇଣ୍ଟାଲ ବିହନ ଯୋଗାଇ ଦିଆଯାଇଛି। ୮୫ରୁ ୯୦ ଦିନ ମଧ୍ୟରେ ଉତ୍ପାଦନକ୍ଷମ ଏହି ଆଳୁ କମ୍ ପାଣି ଆବଶ୍ୟକ କରିଥାଏ। ସେହିପରି ଏକ ହେକ୍ଟରରୁ ୨୦୦ରୁ ୨୫୦ କୁଇଣ୍ଟାଲ ଯାଏ ଉତ୍ପାଦନ ହୋଇଥାଏ। ତେଣୁ ହମୀରପୁର ଅଞ୍ଚଳରେ କମ୍ ଜଳସେଚନରେ ଭଲ ଆଳୁ ଚାଷ ହୋଇପାରିବ ବୋଲି ଆଶା ପ୍ରକାଶ ପାଇଛି। ସବ୍‌ସିଡି ବ୍ୟବସ୍ଥା ଥିବାରୁ ଚାଷୀମାନେ ଏହାକୁ ନେଇ ଉତ୍ସାହିତ ଥିବା ହମୀରପୁର ଜିଲା କୃଷି ଉପନିର୍ଦ୍ଦେଶକ ଜିତ ସିଂ କହିଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ଏହା ସଫଳ ହେଲେ ଅନ୍ୟ ସ୍ଥାନରେ ଏହାକୁ ଚାଷ କରାଯିବ। ଅଧିକ ରପ୍ତାନି ନ ହେଲେ ବି ଆଞ୍ଚଳିକସ୍ତରରେ ଏହି ଆଳୁ ଚାହିଦା ମେଣ୍ଟାଇପାରିବ ବୋଲି ସେ କହିଛନ୍ତି।

ASHRAYA CHARITABLE TRUST
ଧରିତ୍ରୀର ସ୍ୱନକ୍ଷତ୍ର ଦିବସ ଅବସରରେ ଧରିତ୍ରୀ ପରିବାରର ସମସ୍ତ ସଦସ୍ୟଙ୍କୁ ଅଭିନନ୍ଦନ ଜଣାଉଛି। ମାନବ ସେବାକୁ ମାଧବ ସେବା ଭାବେ ନିଜର ବ୍ରତ ଭାବି ସମାଜର ଦୁସ୍ଥ ଓ ଅସହାୟ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ଆଗେଇ ଆସିବାକୁ ନିବେଦନ କରୁଛି।
ବନଜା ମହାନ୍ତି
ଟ୍ରଷ୍ଟି, ଆଶ୍ରୟ ଚାରିଟେବୁଲ ଟ୍ରଷ୍ଟ

CLASSIFIED DISPLAY
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

## ବିଶ୍ୱର ବିପଜ୍ଜନକ ରେଲୱେ ଟ୍ରାକ୍

**ନୂଆଦିଲ୍ଲୀ:** ଟ୍ରେନ୍‌ରେ ପ୍ରାୟ ସମସ୍ତେ ଯାତ୍ରା କରିଥିବେ। ହେଲେ ଦୁନିଆରେ ଏମିତି ଅନେକ ରେଲୱେ ରୁଟ୍ ରହିଛି, ଯେଉଁ ରାସ୍ତା ଦେଇ ଯିବା ସମୟରେ ଭୟରେ ନିଃଶ୍ୱାସ ଅଟକିଯାଏ।

**ଚନ୍ନାଇ-ରାମେଶ୍ୱରମ୍ ରେଲୱେ ଲାଇନ( ଭାରତ)**

ଏହି ରେଲୱେ ଟ୍ରାକ୍ ତାମିଲନାଡୁକୁ ରାମେଶ୍ୱରମ୍‌ର ପମ୍ବନ ଦ୍ୱୀପକୁ ଯୋଡ଼ିଥାଏ। ଏହି ଟ୍ରାକ୍ ଦୁନିଆର ସବୁଠାରୁ ବିପଜ୍ଜନକ ରେଲୱେ ଲାଇନ ମଧ୍ୟରେ ଅନ୍ୟତମ। ଏଠାକାର ପ୍ରମୁଖ ଆକର୍ଷଣ ହେଲା ୬୭୭୬ ଫୁଟ୍ ଲମ୍ବା ପମ୍ବନ ବ୍ରିଜ୍। ଏଠାରେ ସମୁଦ୍ର ଉପର ଦେଇ ଟ୍ରେନ୍ ଚଳାଚଳ କରିଥାଏ।

**ଏସୋମିନାମି ରେଲୱେ ଟ୍ରାକ୍(ଜାପାନ)**

ଜାପାନର ଏସୋମିନାମି ରେଲୱେ ଟ୍ରାକ୍‌ର ଲମ୍ବା ୧୭.୭ କି.ମି.। ୧୯୨୮ରେ ନିର୍ମିତ ଏହି ଟ୍ରାକ୍ ୨ ପାହାଡ଼ ମଝିରେ ରହିଛି। ତେଣୁ ଏହି ରାସ୍ତାରେ ଯାତ୍ରା କରିବା ସମୟରେ ଅନେକ ଯାତ୍ରୀ ଭୟ କରିଥାନ୍ତି।

**କୁରାଣ୍ଡା ସୈନିକ ରେଲୱେ ଟ୍ରାକ୍ (ଅଷ୍ଟ୍ରେଲିଆ)**

ଅଷ୍ଟ୍ରେଲିଆର କୁରାଣ୍ଡା ସୈନିକ ରେଲୱେ ଟ୍ରାକ୍ ନିକଟରେ ଏକ ବଡ଼ ଝରଣା ରହିଛି। ଏହି ରାସ୍ତାରେ ଟ୍ରେନ୍ ଯିବା ସମୟରେ ଯାତ୍ରୀଙ୍କୁ ଝରଣା ପାଣିରେ ଭିଜିବାକୁ ପଡ଼ିଥାଏ।

**କମ୍ବର୍ସ ଏବଂ ଟୋଲ୍‌ଟେକ୍ ରେଲୱେ ରୁଟ୍(ନ୍ୟୁ ମେକ୍ସିକୋ)**

ଏହି ରେଲୱେ ଟ୍ରାକ୍ ୧୯୮୦ରେ ନିର୍ମାଣ ହୋଇଥିଲା। ଏହାର ଉଚ୍ଚତା ଅଧିକ ହୋଇଥିବାରୁ ଯାତ୍ରୀମାନେ ଏହି ରୁଟ୍‌ରେ ଯିବା ସମୟରେ ପ୍ରାର୍ଥନା କରିଥାନ୍ତି।

**ଜର୍ଜଟାଉନ୍ ଲୁପ୍ ରେଲୱେ ରୁଟ୍ (ଆମେରିକା)**

ଆମେରିକାର କଲରାଡୋଠାରେ ଦୁଇ ପାହାଡ଼କୁ ଯୋଡ଼ିବା ପାଇଁ କରାଯାଇଛି ଜର୍ଜଟାଉନ୍‌ଲୁପ୍‌ରେଲୱେରୁଟ୍। ଏହି ଟ୍ରାକ୍ ତଳେ ୧ହଜାର ଫୁଟ୍ ଗଭୀର ଘାଇ ରହିଥିବାବେଳେ ଉପରେ ଟ୍ରେନ୍ ଚଳାଚଳ କରିଥାଏ।



ମନେ ପଡ଼ନ୍ତି

ଦ୍ୱାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ଁ ବିଶ୍ୱନାଥ ପଟ୍ଟନାୟକ
ଗୋବିନ୍ଦ ବିହାର, ୫ମ ଲାଇନ୍, ବ୍ରହ୍ମପୁର
ଆବିର୍ଭାବ : ୧୭·୦୪·୧୯୩୬
ତିରୋଧାନ : ୨୯·୧୧·୨୦୨୦
ଚାହିଁ ଚାହିଁ ୧୨ ଦିନ ବିତିଗଲା, ଆପଣଙ୍କର ଅକାଳ ବିଚ୍ଛେଦକୁ ଆମେ ତିଳେ ବି ବିଶ୍ୱାସ କରିପାରୁ ନାହୁଁ, ଆପଣଙ୍କ ପ୍ରତିଟି ମାର୍ଗଦର୍ଶନ ସଦା ସ୍ମରଣୀୟ, ଶ୍ରୀ ଜଗନ୍ନାଥଙ୍କ ପଦାରବିନ୍ଦରେ ଆପଣଙ୍କର ଆତ୍ମା ଚିର ଶାନ୍ତି ଲାଭ କରୁ। ସର୍ବମୟଙ୍କ ନିକଟରେ ଆମ୍ଭମାନଙ୍କର ଏହାହିଁ ପ୍ରାର୍ଥନା।
ଶୋକସନ୍ତପ୍ତ
ଧର୍ମପତ୍ନୀ, ପୁଅ-ବୋହୂ, ଝିଅ-ଜ୍ୱାଇଁ, ଭଣଜା, ଭାଣିଜୀ, ପୁତୁରା, ଝିଆରୀ, ନାତି, ନାତୁଣୀ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୬୬୬୫୨

ପ୍ରଥମ ଶ୍ରାଦ୍ଧବାର୍ଷିକୀ
ସ୍ୱର୍ଗତ ଇଂ. ଶୁଭକାନ୍ତ ବେହେରା
ରାଧାକୃଷ୍ଣ ବଜାର, ଢେଙ୍କାନାଳ
ଆବିର୍ଭାବ: ୦୯।୦୫।୧୯୭୨
ତିରୋଧାନ: ୨୦।୧୧।୨୦୧୯
(ପ୍ରଥମାଷ୍ଟମୀ)
ଶୁଭରେ, ଅକାଳ ମୃତ୍ୟୁରେ ପରିବାରକୁ ଶୋକସାଗରରେ ଭସାଇଦେଇ ଚାଲିଗଲୁ ଅଫେରା ରାଇଜକୁ। ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି
-:ଶୋକସନ୍ତପ୍ତ ପରିବାରବର୍ଗ :-
ଧ-୬୬୮୯୯

4G କମ୍ପାନୀ ଆବଶ୍ୟକ କରୁଛି ଗ୍ରାମ/ସହରରେ ଜମି/ଛାତ/ଚାଷଜମି 4G ଟାୱାର ସ୍ଥାପନ କରିବା ପାଇଁ।
ଅଗ୍ରିମ: 65 ଲକ୍ଷ
ଭଡ଼ା: 45 ହଜାର
ଯୋଗାଯୋଗ
9451882120

ତାନ୍ତ୍ରିକ ଶକ୍ତିର ବାଦ୍‌ଶାହା
ବାବା ମୟୁର ସାହା
ସ୍ୱତନ୍ତ୍ର ବଶୀକରଣ, ବ୍ୟବସାୟ, ପ୍ରେମ ବିବାହ, ସ୍ୱାମୀ-ସ୍ତ୍ରୀ ସମସ୍ୟା, ଶତ୍ରୁ ସମସ୍ୟା, ସ୍ୱପ୍ନରେ ଝଲିବା ଇତ୍ୟାଦି ପାଇଁ ସମସ୍ତ ସ୍ଥାନରୁ ନିରାଶରେ ଫେରିଥିଲେ ଥରେ ମାତ୍ର ସାକ୍ଷାତ କରନ୍ତୁ। ସମସ୍ତ ପ୍ରକାର ସମସ୍ୟାରୁ ମୁକ୍ତିପାଇଁ ୧୦୦% ଫଳ ମିଳିବ।
The World Mall, Nayapalli, Bhubaneswar
Ph.: 8144114249
9667766419

ଟାୱାର ବସାଇ ମାସିକ ଘରେ ବସି ଟଙ୍କା କମାନ୍ତୁ
Bansal Tower
India's No.1 Tower Co. (Govt. Approved)
ନିଜର ଖାଲି ଜମି, ଛାତ, ଚାଷଜମି, ପ୍ଲଟ୍, ଦୋକାନ, ଘର ଭଡ଼ାରେ ଦେଇ ଉଚ୍ଚ କ୍ୱାଲିଟିର 4G/5G ମଲ୍ଟିମିଡିଆ ମୋବାଇଲ ଟାୱାର ଲଗାନ୍ତୁ
ଆଡଭାନ୍ସ:90 ଲକ୍ଷ
ଭଡ଼ା: 45 ହଜାର
ଟାୱାରର ରକ୍ଷଣାବେକ୍ଷଣ ପାଇଁ 1 ଜଣଙ୍କୁ ନିୟୋଜିତ କରନ୍ତୁ
କମ୍ପାନୀ ତରଫରୁ ବୋଲେରୋ + କୋର୍ଟ ଏଗ୍ରିମେଣ୍ଟ
89011-10748
94337-13945

ALL EDITION - B/W (Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

GALLERY TOWER COMPANY
ଦ୍ୱାରା ନିଜର ଖାଲି
ଜମି / ଛାତ / କ୍ଷେତ / ପ୍ଲଟ୍
ରେ 4G/5G ମଲ୍ଟିମିଡିଆ ଟାୱାର ଲଗାନ୍ତୁ
ଅଗ୍ରିମ 60000 +
ଭଡ଼ା 45000
9485687401
8901064681

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262



ଗୋଲ ଦେବା ପରେ ମୁମ୍ବାଇ ଷ୍ଟ୍ରାଇକର ଆଡାମ ଲେ' ଫୋଣ୍ଡ୍ରେ।

# ମୁମ୍ବାଇର କ୍ରମାଗତ ଚତୁର୍ଥ ବିଜୟ

ବାମ୍ବୋଲିମ,୯।୧୨(ପି.ଟି.)

ହାଇପ୍ରୋଫାଇଲ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)ରେ ମୁମ୍ବାଇ ସିଟି ଏଫ୍‌ସି ତା'ର ପତିଆରା ଜାରି ରଖିଛି। ବୁଧବାର ଅନୁଷ୍ଠିତ ମ୍ୟାଚରେ ମୁମ୍ବାଇ ସିଟି ଏଫ୍‌ସି ୨-୧ ଗୋଲରେ ଚେନ୍ନାଇନ ଏଫ୍‌ସିକୁ ପରାସ୍ତ କରିଛି। କଡ଼ା ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚରେ ନିଜର ଦକ୍ଷତା ଅନୁରୂପ ଖେଳି ମୁମ୍ବାଇ ଟୁର୍ନାମେଣ୍ଟରେ କ୍ରମାଗତ ଚତୁର୍ଥ ବିଜୟ ହାସଲ କରିଛି। ଏହି ବିଜୟ ସହ ମୁମ୍ବାଇ ପଏଣ୍ଟ ତାଲିକାରେ ତା'ର ଶୀର୍ଷସ୍ଥାନକୁ ଆହୁରି ଦୃଢ଼ କରିଛି। ଏପର୍ଯ୍ୟନ୍ତ ମୁମ୍ବାଇ ୫ଟି ମ୍ୟାଚ ଖେଳି ୪ଟି ବିଜୟ ଓ ଗୋଟିଏ ପରାଜୟ ସହ ୧୨ ପଏଣ୍ଟ ହାସଲ କରି ତାଲିକାର ୧ ନମ୍ବର ସ୍ଥାନରେ ରହିଛି। ଅନ୍ୟପଟେ ଚେନ୍ନାଇନ ୪ଟି ମ୍ୟାଚ ଖେଳି ଗୋଟିଏ ବିଜୟ, ଗୋଟିଏ ଡ୍ର ଓ ଦୁଇଟି ପରାଜୟ ସହ ୪ ପଏଣ୍ଟ ପାଇ ତାଲିକାର ଅଷ୍ଟମ ସ୍ଥାନରେ ରହିଛି।

ସ୍ଥାନୀୟ ଜିଏମ୍‌ସି ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚରେ ଚେନ୍ନାଇନ ପ୍ରଥମାର୍ଦ୍ଧରେ ଗୋଲ ଦେଇ ପ୍ରଥମେ ଅଗ୍ରଣୀ ହାସଲ କରିଥିଲା। ୪୦ତମ ମିନିଟ୍‌ରେ ସ୍ଲୋଭାକିଆ ଫୁଟବଲର ଜାକୁବ୍ ସିଲଭରଷ୍ଟର ମୁମ୍ବାଇର ୪ଜଣ ଡିଫେଣ୍ଡରଙ୍କୁ ଚକ୍‌ମା ଦେଇ ସିଧାସଳଖ ନେଟ୍‌କୁ ମାରି ଗୋଲ ଦେଇ ଦଳକୁ ୧-୦ରେ ଅଗ୍ରଣୀ କରାଇଥିଲେ। ଏହାର ଠିକ୍ ୯ ମିନିଟ୍ ପରେ ସ୍ପେନ୍ ସେଣ୍ଟ୍ରାଲ ମିଡ୍‌ଫିଲ୍ଡର ଗୋଲ ଦେଇ ମ୍ୟାଚ୍‌କୁ ୧-୧ ସମାନ ସ୍ଥିତିକୁ ଆଣିଥିଲେ। ଏହାପରେ ମୁମ୍ବାଇ ତରଫରୁ ଇଂଲଣ୍ଡ ଷ୍ଟ୍ରାଇକର ଆଡାମ ଲେ' ଫୋଣ୍ଡ୍ରେ ୭୫ତମ ମିନିଟ୍‌ରେ ଟୁର୍ନାମେଣ୍ଟରେ ପ୍ରଥମଥର ପାଇଁ ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ଏହାପରେ ଚେନ୍ନାଇନ ଗୋଲ ପରିଶୋଧ କରିବାକୁ ପ୍ରୟାସ କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲା। ଶେଷରେ ମୁମ୍ବାଇ ବାଜି ମାରିଥିଲା। ଇଞ୍ଜୁରି ଟାଇମ ବାବଦରେ ୬ ମିନିଟ୍ ଖେଳ ହୋଇଥିଲା।

ସାରା ମ୍ୟାଚରେ ମୁମ୍ବାଇ ପ୍ରଭାବ ବିସ୍ତାର କରି ଖେଳିଥିଲା। ବଲ୍ ପଜେଶନ, ପାସ୍ ଓ ପାସ୍ ଆକ୍ୟୁରେସିରେ ମୁମ୍ବାଇ ଆଗରେ ରହିଥିଲା। ଯଦିଓ ମୁମ୍ବାଇ ଖେଳାଳିମାନେ ଅପେକ୍ଷାକୃତ ଅଧିକ ଫାଉଲ ମାରିଥିଲେ। ୟେଲୋ କାର୍ଡରେ ମଧ୍ୟ ମୁମ୍ବାଇ ଆଗୁଆ ଥିଲା। ମୁମ୍ବାଇ ଏବେ ତା'ର ପରବର୍ତ୍ତୀ ମ୍ୟାଚରେ ସୋମବାର ୧୪ ତାରିଖରେ ଜାମ୍‌ଶେଦପୁର ଏଫ୍‌ସିକୁ ଭେଟିବ। ସେହିପରି ଚେନ୍ନାଇନ ତା'ର ପରବର୍ତ୍ତୀ ମ୍ୟାଚରେ ରବିବାର ୧୩ ତାରିଖରେ ନର୍ଥଇଷ୍ଟ ୟୁନାଇଟେଡକୁ ଭେଟିବ।

ପରାଜୟ ପରେ ଚେନ୍ନାଇନ୍ କୋଚ୍ ସିସାବା ଲାସ୍‌ଜ୍‌ଲୋ ଅସନ୍ତୋଷ ଜାହିର କରିଛନ୍ତି। ଆମ ଖେଳାଳିମାନେ ଭଲ ପ୍ରଦର୍ଶନ କରିଥିଲେ। ମିଳିଥିବା କେତୋଟି ସୁଯୋଗ ସଦ୍‌ବ୍ୟବହାର କରିପାରି ନ ଥିଲୁ। ତେବେ ମୁମ୍ବାଇ ଅପେକ୍ଷାକୃତ ଅଧିକ ଭଲ ଖେଳିଥିଲା ବୋଲି ସେ ସ୍ୱୀକାର କରିଛନ୍ତି।

## ଓସିଏ ଆନ୍ତଃ ଜିଲ୍ଲା ଟି୨୦ ଲିଗ୍ ୧୪ରୁ

ଭୁବନେଶ୍ୱର, ୯।୧୨ (ସ୍ପୋର୍ଟ୍ସ ବ୍ୟୁରୋ)

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନ୍ତଃ ଜିଲ୍ଲା ସିନିୟର ପୁରୁଷ ଟି୨୦ ଲିଗ୍ ଚଳିତମାସ ୧୪ରୁ ଖେଳାଯିବ। ଏଥିରେ ୩୭ଟି ସ୍ୱୀକୃତିପ୍ରାପ୍ତ ୟୁନିଟ୍ ଭାଗ ନେବେ। ସମସ୍ତ ଦଳକୁ ୬ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ମ୍ୟାଚଗୁଡ଼ିକ ଟି୨୦ ଫର୍ମାଟ୍‌ରେ ଖେଳାଯିବ। ଏହି ଇଭେଣ୍ଟରୁ ଆଗକୁ ଅନୁଷ୍ଠିତ ହେବାକୁଥିବା ଓସିଏଲ୍ ଟି୨୦ ଲିଗ୍ ଏବଂ ସୟଦ ମୁସ୍ତାକ ଅଲି ଟି୨୦ ଚାମ୍ପିୟନଶିପ୍ ପାଇଁ ଖେଳାଳି ମନୋନୟନ ହେବେ। ମ୍ୟାଚ ଲାଗି ଭୁବନେଶ୍ୱର ଓ କଟକରେ ମୋଟ ୯ଟି ଭେନ୍ୟୁ ବଛାଯାଇଛି। ଭୁବନେଶ୍ୱରରେ ମ୍ୟାଚଗୁଡ଼ିକ କିଟ୍, ବିକାଶ ଇନଷ୍ଟିଚ୍ୟୁଟ୍ କ୍ରିକେଟ ଗ୍ରାଉଣ୍ଡ, ସେଞ୍ଚୁରିୟାନ କ୍ରିକେଟ ଗ୍ରାଉଣ୍ଡ ଏବଂ ଟାଉନ୍ କ୍ଲବ ଖେଳପଡ଼ିଆରେ ଏବଂ କଟକରେ ବାରବାଟୀ ଷ୍ଟାଡିୟମ, ଡ୍ରିମ୍ସ ଓ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ, ନିମପୁର କ୍ରିକେଟ ଗ୍ରାଉଣ୍ଡ ଏବଂ ବିଡ଼ାନାସୀ ଗ୍ରାଉଣ୍ଡରେ ହେବ। ଅଂଶଗ୍ରହଣ କରିବାକୁ ଥିବା ସମସ୍ତ ଦଳର ଖେଳାଳି ଓ ଅଫିସିଆଲଙ୍କୁ କୋଭିଡ୍ ନେଗେଟିଭ୍ ସାର୍ଟିଫିକେଟ ଦାଖଲ କରିବାକୁ ହେବ। ସମସ୍ତଙ୍କର ଦ୍ୱିତୀୟ ରାଉଣ୍ଡ କୋଭିଡ୍ ଟେଷ୍ଟ ମଧ୍ୟ କରାଯିବ।

## ପାକିସ୍ତାନ ଟୁର୍‌ରେ ଯିବ ଦକ୍ଷିଣ ଆଫ୍ରିକା

କରାଚୀ, ୯।୧୨ (ପି.ଟି.)

ଚଉଦ ବର୍ଷ ପରେ ଦକ୍ଷିଣ ଆଫ୍ରିକା ପ୍ରଥମ ଥର ପାକିସ୍ତାନ ଟୁର୍‌ରେ ଯିବ। ଏହା ଜାନୁୟାରୀରୁ ଆରମ୍ଭ ହେବ। ଏହି ଅବସରରେ ୨ଟି ଟେଷ୍ଟ ଏବଂ ୩ଟି ଅନ୍ତର୍ଜାତୀୟ ଟି୨୦ ଖେଳାଯିବ ବୋଲି ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ତରଫରୁ ବୁଧବାର ଏ ବିଷୟରେ ସୂଚନା ଦିଆଯାଇଛି। କରାଚୀ ଓ ରାୱଲପିଣ୍ଡିରେ ଦୁଇଟି ଟେଷ୍ଟ ଏବଂ ଲାହୋରଠାରେ ୩ଟି ଅନ୍ତର୍ଜାତୀୟ ଟି୨୦ ଖେଳାଯିବ। ଦକ୍ଷିଣ ଆଫ୍ରିକା ଜାନୁୟାରୀ ୧୬ରେ କରାଚୀରେ ପହଞ୍ଚିବ। କରାଚୀସ୍ଥିତ ନ୍ୟାଶନାଲ ଷ୍ଟାଡିୟମରେ ପ୍ରଥମ ଟେଷ୍ଟ ଜାନୁୟାରୀ ୨୬ରୁ ୩୦ ପର୍ଯ୍ୟନ୍ତ ଖେଳିବ। ଦ୍ୱିତୀୟ ଟେଷ୍ଟ ଖେଳିବା ପାଇଁ ଦକ୍ଷିଣ ଆଫ୍ରିକା ରାୱଲପିଣ୍ଡି ଯିବ। ଏହି ମ୍ୟାଚ ପାକିସ୍ତାନ କ୍ରିକେଟର ମୁଖ୍ୟ କାର୍ଯ୍ୟାଳୟ, ଆଇକନିକ ଗଦାଫି ଷ୍ଟାଡିୟମରେ ଫେବୃୟାରୀ ୪ରୁ ୮ ପର୍ଯ୍ୟନ୍ତ ହେବ। ଏହି ଭେନ୍ୟୁରେ ତିନୋଟିଯାକ ଅନ୍ତର୍ଜାତୀୟ ଟି୨୦ ଫେବୃୟାରୀ ୧୧, ୧୩ ଓ ୧୪ରେ ଖେଳାଯିବ। ପିସିବି କହିବା ଅନୁସାରେ ଭ୍ରମଣକାରୀ ଦଳ କରାଚୀରେ ପହଞ୍ଚିବାମାତ୍ରେ ଆଇସୋଲେଶନରେ ରହିବେ। ଏହି ସମୟ ମଧ୍ୟରେ ସେମାନଙ୍କର ଟ୍ରେନିଂ ସେସନ ହେବ ଏବଂ ଇଣ୍ଟ୍ରା-ସ୍କ୍ୱାଡ ପ୍ରାକ୍ଟିସ ମ୍ୟାଚ ଖେଳିବେ। ଏହା ପୂର୍ବରୁ ଦକ୍ଷିଣ ଆଫ୍ରିକା ୨୦୦୭ରେ ପାକିସ୍ତାନ ଟୁର୍‌ରେ ଆସିଥିଲା। ସେତେବେଳେ ସେମାନେ କରାଚୀ ଟେଷ୍ଟ ୧୬୦ରନରେ ଜିତିଥିବାବେଳେ ସିରିଜ ୧-୦ରେ ବିଜୟୀ ହୋଇଥିଲେ। ଏହା ପରେ ଦୁଇଟି ସିରିଜ ୨୦୧୦ ଓ ୨୦୧୩ରେ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ଖେଳାଯାଇଥିଲା। ୧୯୯୫ପରଠାରୁ ଦୁଇ ଦଳ ମଧ୍ୟରେ ୧୧ ଟେଷ୍ଟ ସିରିଜ ଖେଳାଯାଇଛି। ତନ୍ମଧ୍ୟରୁ ଦକ୍ଷିଣ ଆଫ୍ରିକା ୭ଟି ଏବଂ ପାକିସ୍ତାନ ୨୦୦୩ରେ ଗୋଟିଏରେ ବିଜୟ ଲାଭ କରିଥିଲା। ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗରେ ଦକ୍ଷିଣ ଆଫ୍ରିକା ବର୍ତ୍ତମାନ ୬ଷ୍ଠ ସ୍ଥାନରେ ରହିଥିବା ବେଳେ ପାକିସ୍ତାନ ୭ମରେ ରହିଛି।

## କ୍ୱାର୍ଟରରେ ରିୟଲ କଶ୍ମୀର, ୟୁନାଇଟେଡ ଏସ୍‌ସି

କୋଲକାତା,୯।୧୨(ପି.ଟି.)

ଇଣ୍ଡିଆନ ଫୁଟବଲ ଆସୋସିଏଶନ (ଆଇଏଫ୍ଏ) ଆନୁକୂଲ୍ୟରେ ଏଠାରେ ଚାଲିଥିବା ଆଇଏଫ୍ଏ ଶିଲ୍ଡର ୧୨୩ତମ ସଂସ୍କରଣରେ ବୁଧବାର ରିୟଲ କଶ୍ମୀର ଓ ୟୁନାଇଟେଡ ଏସ୍‌ସି କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ରବିବାର ୨-୧ ଗୋଲରେ ପିୟରଲେସ୍ ଏଫ୍‌ସିକୁ ହରାଇବା ପରେ ରିୟଲ କଶ୍ମୀର ୩-୦ ଗୋଲରେ ଆର୍ଯ୍ୟନ କ୍ଲବକୁ ହରାଇବା ସହିତ କ୍ୱାର୍ଟରକୁ ଉଠିଛି। ରିୟଲ କଶ୍ମୀର ତରଫରୁ ମାସନ ରବର୍ଟସନ ୭୨, ଡାନିସ ଫାରୁକ ୮୨ ଓ ଲୁକ୍‌ମ୍ୟାନ ଇଞ୍ଜୁରି ଟାଇମର ତୃତୀୟ ମିନିଟ୍‌ରେ ଗୋଲ ସ୍କୋର କରିଥିଲେ। ତେବେ ଆର୍ଯ୍ୟନ ତରଫରୁ ଗୋଟିଏ ହେଲେ ବି ଗୋଲ ସ୍କୋର କରାଯାଇପାରି ନ ଥିଲା। ସେହିପରି ୟୁନାଇଟେଡ ଏସ୍‌ସି ତା'ର ପ୍ରଥମ ମ୍ୟାଚରେ ଗୋଗୁଲମ କେରଳକୁ ହରାଇବା ପରେ ବିବିଏସ୍ ସ୍ପୋର୍ଟିଂ କ୍ଲବ୍‌କୁ ୨-୧ ଗୋଲରେ ପରାସ୍ତ କରିଛି। ସେହିପରି ବିବିଏସ୍ ବିପକ୍ଷରେ ୟୁନାଇଟେଡ ତରଫରୁ ସୌରଭ ଦାସଗୁପ୍ତା ୨୦, ଜଗନ୍ନାଥ ଓରାଓ ୩୧ତମ ମିନିଟ୍ ଗୋଲ ଦେଇଥିଲେ। ଅନ୍ୟପଟେ ବିବିଏସ୍ ତରଫରୁ ସାଫିକ୍ ଅଲି ଗେନ୍ ୪୯ତମ ମିନିଟ୍‌ରେ ଗୋଟିଏ ଗୋଲ ସ୍କୋର କରିଥିଲେ।

# ଇଷ୍ଟବେଙ୍ଗଲ-ଜାମଶେଦପୁର ମୁକାବିଲା ଆଜି

ଭାସ୍କୋ,୯।୧୨(ପି.ଟି.)

ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍) ଟୁର୍ନାମେଣ୍ଟରେ ଗୁରୁବାର ଇଷ୍ଟବେଙ୍ଗଲ ଓ ଜାମଶେଦପୁର ଏଫ୍‌ସି ପରସ୍ପରକୁ ଭେଟିବେ। ଏହି ମ୍ୟାଚ ଇଷ୍ଟ ବେଙ୍ଗଲ ପାଇଁ ବେଶ୍ ଗୁରୁତ୍ୱ ବହନ କରୁଛି। ଇଷ୍ଟବେଙ୍ଗଲ ତା'ର ପ୍ରଥମ ୩ଟି ମ୍ୟାଚରେ ପରାସ୍ତ ହୋଇଛି ଓ ପଏଣ୍ଟ ତାଲିକାରେ ଖାତା ଖୋଲି ନ ପାରି ସର୍ବନିମ୍ନ ସ୍ଥାନରେ ରହିଛି। ଫଳରେ ବେଙ୍ଗଲ କୋଚ ତଥା ଲିଭରପୁଲ ଲିଜେଣ୍ଡ ଖେଳାଳି ରୋବି ଫୋଲରଙ୍କ ପାଇଁ ଏହି ମ୍ୟାଚ ପରୀକ୍ଷା ସୃଷ୍ଟି କରିଛି। ଦଳର ନୈରାଶ୍ୟଜନକ

**ଇଣ୍ଡିଆନ ସୁପର ଲିଗ୍**

ପ୍ରଦର୍ଶନ ପାଇଁ ସେ ପ୍ରବଳ ଚାପରେ ରହିଛନ୍ତି। ଅଧିନାୟକ ତଥା ଡିଫେଣ୍ଡର ଡାନୀ ଫକ୍ସଙ୍କ ଇଞ୍ଜୁରି ପରେ ଦଳର ଦୁର୍ବଳତା ପଦାରେ ପଡିଛି। ଏହା ପୂର୍ବରୁ ବେଙ୍ଗଲ ପ୍ରଥମ ମ୍ୟାଚରେ ଏଟିକେ ମୋହନ ବାଗାନଠାରୁ ୨-୦ ଗୋଲରେ ପରାସ୍ତ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚରେ ମୁମ୍ବାଇ ସିଟିଠାରୁ ୩-୦ ଗୋଲ ଓ ତୃତୀୟ ମ୍ୟାଚରେ ନର୍ଥଇଷ୍ଟ ୟୁନାଇଟେଡଠାରୁ ୨-୦ ଗୋଲରେ ପରାସ୍ତ ହୋଇଥିଲା। ସୁଯୋଗର ସଦ୍‌ବ୍ୟବହାର ଉପରେ ବେଙ୍ଗଲ ମିଡ୍‌ଫିଲ୍ଡର ଜାକ୍ୟୁସ ମାଘୋମା ଗୁରୁତ୍ୱ ଦେଇଛନ୍ତି। ତ୍ରୁଟି ସୁଧାରି ପାରିଲେ ଆମେ ନିଶ୍ଚିତ ବିଜୟୀ ହେବୁ ବୋଲି ସେ କହିଛନ୍ତି। ବିଜୟୀ ହେବା ପାଇଁ ସବୁ ପ୍ରକାର ପ୍ରୟାସ କରିବୁ ବୋଲି କୋଚ୍ ଫୋଲର କହିଛନ୍ତି।

ଅପରପକ୍ଷରେ ଜାମେଶେଦପୁର ଏପର୍ଯ୍ୟନ୍ତ ୪ଟି ମ୍ୟାଚ୍ ଖେଳି ଗୋଟିଏ ବିଜୟ, ୨ଟି ଡ୍ର ଓ ଗୋଟିଏ ପରାଜୟ ସହ ୫ ପଏଣ୍ଟ ପାଇ ତାଲିକାର ସପ୍ତମ ସ୍ଥାନରେ ରହିଛି। ପ୍ରଥମ ମ୍ୟାଚ୍ ଜାମେଶେଦପୁର ୧-୨ ଗୋଲରେ ଚେନ୍ନାଇନ୍ ଏଫ୍‌ସିଠାରୁ ପରାସ୍ତ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚରେ ଓଡ଼ିଶା ଏଫ୍‌ସି ବିପକ୍ଷରେ ୨-୨ ଗୋଲରେ ମ୍ୟାଚ୍ ଅମୀମାଂସିତ ରଖିଥିଲା। ହାଇଦ୍ରାବାଦ ବିପକ୍ଷ ତୃତୀୟ ମ୍ୟାଚ୍‌କୁ ୧-୧ ଗୋଲରେ ଅମୀମାଂସିତ ରଖିଥିଲା। ତେବେ ଗତ ମ୍ୟାଚ ଜାମଶେଦପୁର ୨-୧ ଗୋଲରେ ଏଟିକେ ମୋହନବାଗାନକୁ ହରାଇ ପ୍ରଥମ ବିଜୟ ହାସଲ କରିଥିଲା। ଫଳରେ ଦଳର ଆତ୍ମବିଶ୍ୱାସ ଦୃଢ ରହିଛି। ତେଣୁ ଇଷ୍ଟବେଙ୍ଗଲ ବିପକ୍ଷରେ ଜାମଶେଦପୁର ଫେଭରାଇଟ୍ ବିବେଚିତ ହେଉଛି।



ଅଭ୍ୟାସ ଅବସରରେ ଇଷ୍ଟବେଙ୍ଗଲ ଖେଳାଳିମାନେ।

## ସ୍ଲୋ ବୋଲିଂ ପାଇଁ ଭାରତକୁ ଜରିମାନା

ସିଡ୍‌ନୀ, ୯।୧୨ (ପି.ଟି.)

ଏଠାରେ ମଙ୍ଗଳବାର ଖେଳାଯାଇଥିବା ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍‌ରେ ସ୍ଲୋ ଓଭର-ରେଟ୍ ବୋଲିଂ ପାଇଁ ଭାରତୀୟ କ୍ରିକେଟ ଦଳକୁ ଏହାର ମ୍ୟାଚ୍ ଫି'ର ୨୦ ପ୍ରତିଶତ ଜରିମାନା ହୋଇଛି। ବୋଲିଂ ପାଇଁ ରହିଥିବା ଟର୍ଗେଟ୍ ସମୟ ଭିତରେ ଭାରତୀୟ ଦଳ ଗୋଟିଏ ଓଭର ପଛରେ ରହିଯାଇଥିଲା। ଏହାଦ୍ୱାରା ଦଳ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଆଚରଣ ସଂହିତାର ଅନୁଚ୍ଛେଦ ୨.୨୨ର ଉଲ୍ଲଂଘନ କରିଥିଲା। ଅଧିନାୟକ ବିରାଟ କୋହଲି ଭୁଲ୍ ମାନିନେବାରୁ ଆନୁଷ୍ଠାନିକ ଶୁଣାଣିର ଆବଶ୍ୟକ ପଡ଼ି ନ ଥିଲା। ଅନ୍-ଫିଲ୍ଡ ଅମ୍ପାୟର ରଡ୍ ଟକ୍କର, ଜେରାର୍ଡ ଆବୁଡ୍, ଟିଭି ଅମ୍ପାୟର ପଲ୍ ୱିଲସନ ଏବଂ ଚତୁର୍ଥ ଅମ୍ପାୟର ସାମ୍ ନୋଗାଜସ୍କି ସ୍ଲୋ ଓଭର-ରେଟ୍ ପାଇଁ ଭାରତୀୟ ଦଳ ବିପକ୍ଷରେ ରିପୋର୍ଟ କରିଥିଲେ। ମଙ୍ଗଳବାର ଅନୁଷ୍ଠିତ ତୃତୀୟ ଅନ୍ତର୍ଜାତୀୟ ଟି୨୦ରେ ଭାରତ ୧୨ରନରେ ପରାଜିତ ହୋଇଥିଲା କିନ୍ତୁ ୩ ମ୍ୟାଚ ବିଶିଷ୍ଟ ସିରିଜ ୨-୧ରେ ଜିତିଥିଲା।

## ବଜରଙ୍ଗ, ଭାଲାରିଭାନ୍ ପୁରସ୍କୃତ



ବଜରଙ୍ଗ ପୁନିଆ



ଇଲାଭେନିଲ ଭାଲାରିଭାନ

ନୂଆଦିଲ୍ଲୀ, ୯।୧୨ (ପି.ଟି.)

ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ରେସ୍‌ଲର ବଜରଙ୍ଗ ପୁନିଆ ଓ ଶୁଟର ଇଲାଭେନିଲ ଭାଲାରିଭାନ ଏଫ୍‌ଆଇସିସିଆଇ ଇଣ୍ଡିଆ ସ୍ପୋର୍ଟ୍ସ ଆୱାର୍ଡ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। କୋଭିଡ୍ ଯୋଗୁ ଚଳିତବର୍ଷ ପୁରସ୍କାର ଉତ୍ସବ ଭର୍ଚୁଆଲି ଅନୁଷ୍ଠିତ ହୋଇଥିଲା। ୨୦୧୦-୨୦ ସିଜନରେ ଏହି ଦୁଇ ଆଥଲେଟ୍ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ଦୁହେଁ ସେମାନଙ୍କ କାଟେଗୋରିରେ ସ୍ପୋର୍ଟ୍ସ ପର୍ସନ ଅଫ୍ ଦି ଇୟର ପୁରସ୍କାର ଲାଭ କରିଛନ୍ତି। ଫ୍ରିଷ୍ଟାଇଲ ରେସ୍‌ଲର ବଜରଙ୍ଗ ବର୍ତ୍ତମାନ ଯୁକ୍ତରାଷ୍ଟ୍ର ଆମେରିକାରେ ଟ୍ରେନିଂ ନେଉଛନ୍ତି। ପୁରସ୍କାର ପାଇବା ପରେ ସେ ନିଜର ଖୁସି ବ୍ୟକ୍ତ କରିଛନ୍ତି। ପୁରସ୍କାର ପାଇ ସେ ଉତ୍ସାହିତ। ଭବିଷ୍ୟତରେ ଦେଶ ପାଇଁ ଅଧିକରୁ ଅଧିକ ପଦକ ଜିତିବା ଲାଗି ସେ ତାଙ୍କ ପ୍ରୟାସ ଜାରି ରଖିଥିବା କହିଛନ୍ତି। ଇଲାଭେନିଲ କହିଛନ୍ତି ସେ ପ୍ରଥମେ ତାଙ୍କ ପରିବାରକୁ ଧନ୍ୟବାଦ ଜଣାଇବେ। ଯେଉଁମାନେ ସବୁ ପରିସ୍ଥିତିରେ ତାଙ୍କୁ ସାଥ୍ ଦେଇଛନ୍ତି। ପୁନଶ୍ଚ ତାଙ୍କ ମେଣ୍ଟର ଗଗନ ନାରଙ୍ଗ ଏବଂ କୋଚ୍ ନେହା ଚୌହାନ ମଧ୍ୟ ତାଙ୍କ ଉପରେ ଆସ୍ଥା ରଖିଆସିଛନ୍ତି।

# ପାର୍ଥିବ ପଟେଲଙ୍କ ଅବସର

ନୂଆଦିଲ୍ଲୀ, ୯।୧୨ (ପି.ଟି.)

ଜଣାଶୁଣା ଉଇକେଟକିପର ବ୍ୟାଟ୍ସମ୍ୟାନ ପାର୍ଥିବ ପଟେଲ ବୁଧବାର କ୍ରିକେଟର ସବୁ ଫର୍ମାଟ୍‌ରୁ ଅବସର ଘୋଷଣା କରିଛନ୍ତି। ମାତ୍ର ୧୭ ବର୍ଷ ବୟସରେ ଅନ୍ୟତମ ସର୍ବକନିଷ୍ଠ କ୍ରିକେଟର ଭାବେ ଟେଷ୍ଟ ଖେଳିଥିବା ପାର୍ଥିବ ୩୬ ଜନ୍ମଦିବସ ପାଳନ କରିବାର ଠିକ୍ ୩ ମାସ ପୂର୍ବରୁ ଏହି ନିଷ୍ପତ୍ତି ନେଇଛନ୍ତି।

ଛୋଟପିଲା ଭଳି ଦେଖାଯାଉଥିବା ପାର୍ଥିବ ସୌରଭ ଗାଙ୍ଗୁଲିଙ୍କ ନେତୃତ୍ୱରେ ମାତ୍ର ୧୭ ବର୍ଷ ୧୫୩ ଦିନ ବୟସରେ ଟେଷ୍ଟ ପଦାର୍ପଣ କରିବାର ସୁଯୋଗ ହାସଲ କରିଥିଲେ। ଭାରତ ପାଇଁ ସେ ୬୫ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି। ଏଥିରେ ୨୫ ଟେଷ୍ଟ, ୩୮ ଦିନିକିଆ ଓ ଦୁଇଟି ଟି୨୦ ସାମିଲ ରହିଛି।

ଦୀର୍ଘ ୧୮ ବର୍ଷ କ୍ରିକେଟ ଖେଳିବା ପରେ ଅବସର ଘୋଷଣା କରୁଛି ବୋଲି ୩୫ ବର୍ଷୀୟ ପାର୍ଥିବ କହିଛନ୍ତି। ଏଥିପାଇଁ ସମସ୍ତଙ୍କଠାରେ ଋଣୀ ବୋଲି ସେ ନିଜ ଟୁଇଟର ଓ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଉଲ୍ଲେଖ କରିଛନ୍ତି। ବାମହାତୀ ପାର୍ଥିବ ସବୁ ଫର୍ମାଟ୍‌ରେ ୧୬୯୬ ରନ ସଂଗ୍ରହ କରିଛନ୍ତି। ଟେଷ୍ଟରେ ସେ ୬ଟି ଅର୍ଦ୍ଧଶତକ ସହ ୯୩୪ ରନ ସଂଗ୍ରହ କରିଛନ୍ତି। ଦିନିକିଆରେ ପାର୍ଥିବ ୪ଟି ଅର୍ଦ୍ଧଶତକ ସହ ୭୩୬ ରନ ସଂଗ୍ରହ କରିଛନ୍ତି। ଏଥିରେ ତାଙ୍କର ବ୍ୟକ୍ତିଗତ ସ୍କୋର ୯୫ ରହିଛି। ଟେଷ୍ଟରେ ତାଙ୍କର ୭୨ଟି ଡିସ୍‌ମିସାଲ ରହିଛି। ଏଥିରେ ୭୨ଟି କ୍ୟାଚ୍ ଓ ୧୦ଟି ଷ୍ଟମ୍ପିଂ ରହିଛି।

ଦକ୍ଷିଣ ଆଫ୍ରିକାରେ ଭାରତ- ଏ ତରଫରୁ ଖେଳିବା ପରେ ତାଙ୍କୁ ୨୦୦୨ ଇଂଲଣ୍ଡ ଗସ୍ତରେ ସାମିଲ କରାଯାଇଥିଲା। ସେତେବେଳକୁ ସେ ରଣଜୀ ଟ୍ରଫିରେ ମଧ୍ୟ ପଦାର୍ପଣ କରି ନ ଥିଲେ। ସେତେବେଳେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତାଙ୍କ ଉପରେ ବହୁତ ଭରସା ଓ ବିଶ୍ୱାସ କରିଥିଲା। ବିସିସିଆଇ ଓ ଅନ୍ୟ ଅଫିସିଆଲଙ୍କୁ ସେ କୃତଜ୍ଞତା ଜଣାଇଛନ୍ତି।

୨୦୦୪ରେ ଭାରତୀୟ ଦଳରୁ ବାଦ୍ ପଡିବା ପରେ ସେ ତାଙ୍କର ପ୍ରଥମ ରଣଜୀ ମ୍ୟାଚ୍ ଖେଳିଥିଲେ। ଅଷ୍ଟ୍ରେଲିଆ ଓ ପାକିସ୍ତାନ ଗସ୍ତରେ ଭଲ ପ୍ରଦର୍ଶନ କରି ନ ପାରିବାରୁ ତାଙ୍କୁ ଦଳରୁ ବାଦ୍ ଦିଆଯାଇଥିଲା। ଗାଙ୍ଗୁଲିଙ୍କ ସମେତ ସେ ତାଙ୍କର ସବୁ ଅଧିନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି। ମହେନ୍ଦ୍ର ସିଂ ଧୋନୀଙ୍କ ପଦାର୍ପଣ ପରେ ଅବଶ୍ୟ ସେ ଦଳ ପାଇଁ ଅଲୋଡା ହୋଇଯାଇଥିଲେ। ସେତେବେଳେ ସେ ଦ୍ୱିତୀୟ ଉଇକେଟକିପର କିମ୍ବା ବ୍ୟାଟ୍ସମ୍ୟାନ ଭାବେ କେତୋଟି ମ୍ୟାଚରେ ଖେଳିବାର ସୁଯୋଗ ହାସଲ କରିଥିଲେ। ପରେ ସେ ସୀମିତ ଓଭର କ୍ରିକେଟରେ ଓପନର ଭାବେ ଖେଳିବା ଆରମ୍ଭ କରି କିଛିଟା ସଫଳତା ପାଇଥିଲେ। ଧୋନୀ ଓ ଦୀନେଶ କାର୍ତ୍ତିକ ଆସିବା ପରେ ତାଙ୍କ କ୍ୟାରିୟର ବେଶ୍ ପ୍ରଭାବିତ ହୋଇଥିଲା।

ଘରୋଇ କ୍ରିକେଟରେ ତାଙ୍କ ପ୍ରଦର୍ଶନ ଦୃଷ୍ଟାନ୍ତମୂଳକ ଥିଲା ଓ ସେ ୧୯୪ଟି ପ୍ରଥମ ଶ୍ରେଣୀ କ୍ରିକେଟ ଖେଳିଥିଲେ ଓ ୪୩ରୁ ଊର୍ଦ୍ଧ୍ୱ ରନ ହାରରେ ୧୧, ୨୪୦ ରନ ସଂଗ୍ରହ କରିଥିଲେ। ଏଥିରେ ୨୭ଟି ଶତକ ସାମିଲ ରହିଥିଲା। ସେ ମଧ୍ୟ ୧୯୪ଟି ଲିଷ୍ଟ ଏ ଗେମ ଓ ୨୦୪ଟି ଟି୨୦ ଗେମ୍ ଖେଳିଥିଲେ। ସେ ମଧ୍ୟ ଏକାଧିକ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଦଳ ତରଫରୁ ଖେଳି ସଫଳତା ହାସଲ କରିଥିଲେ। ସେ ମୁମ୍ବାଇ ଇଣ୍ଡିଆନ୍ସ, ଚେନ୍ନାଇ ସୁପର କିଙ୍ଗ୍ସ, ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ତରଫରୁ ଖେଳିଥିଲେ। ତବେ ଏଥର ବାଙ୍ଗାଲୋର ତରଫରୁ ସେ ଗୋଟିଏ ହେଲେ ବି ମ୍ୟାଚ୍ ଖେଳିବାର ସୁଯୋଗ ପାଇ ନ ଥିଲେ। ଆଇପିଏଲ୍ ଫ୍ରାଞ୍ଚାଇଜ୍‌ଗୁଡିକୁ ମଧ୍ୟ ସେ ଧନ୍ୟବାଦ ଜଣାଇଛନ୍ତି। ବିସିସିଆଇ ସଭାପତି ଗାଙ୍ଗୁଲି ତାଙ୍କୁ ପ୍ରଶଂସା କରି ଅଭିନନ୍ଦନ ଜଣାଇଛନ୍ତି। ସେ କ୍ରିକେଟରେ ଜଣେ ବଡ଼ ଆମ୍ବାସାଡର ବୋଲି ଗାଙ୍ଗୁଲି କହିଛନ୍ତି। ଏତେଦିନ ଧରି ଦେଶ ପାଇଁ କ୍ରିକେଟ ଖେଳିଥିବାରୁ ଗର୍ବିତ ବୋଲି ପାର୍ଥିବ କହିଛନ୍ତି। ବୋର୍ଡ ସମ୍ପାଦକ ଜୟ ଶାହା, ସମ୍ପାଦକ ଅରୁଣ କୁମାର ଧୁମାଲ ମଧ୍ୟ ପାର୍ଥିବଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



### ସଂକ୍ଷେପରେ....

**ନାମ:** ପାର୍ଥିବ ପଟେଲ
**ଜନ୍ମ:** ୯ ମାର୍ଚ୍ଚ ୧୯୮୫, ଅହମ୍ମଦାବାଦ
ବୟସ: ୩୫
**ଭୂମିକା:** ଉଇକେଟକିପର, ବ୍ୟାଟ୍ସମ୍ୟାନ
**ବ୍ୟାଟିଂ:** ବାମହାତୀ
**ଟେଷ୍ଟ ମ୍ୟାଚ୍:** ୨୫
**ଦିନିକିଆ ମ୍ୟାଚ୍:** ୩୮
**ଟି୨୦ ମ୍ୟାଚ୍:** ୨
**ପ୍ରଥମ ଶ୍ରେଣୀ ମ୍ୟାଚ୍:** ୧୯୪
**ଦଳ:**
ଭାରତ, ଗୁଜରାଟ, ଚେନ୍ନାଇ ସୁପର କିଙ୍ଗ୍ସ, କୋଚି ଟସ୍କର କେରଳ, ଡେକାନ ଚାର୍ଜର୍ସ ;, ସନରାଇଜର୍ସ ହାଇଦ୍ରାବାଦ, ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର, ମୁମ୍ବାଇ ଇଣ୍ଡିଆନ୍ସ।

ଧରିତ୍ରୀ
DHARITRI



# ଅଷ୍ଟ୍ରେଲିଆ ଏ’ ଦଳରେ ଗ୍ରୀନ୍, ସ୍ୱେପସନ





କାମେରନ ଗ୍ରୀନ୍ ଓ ମିଚେଲ ସ୍ୱେପ୍ସନ।

**ସିଡ୍ନୀ, ୯।୧୨ (ପି.ଟି.)**

ସ୍ଥାନୀୟ ସିଡ୍ନୀ କ୍ରିକେଟ ଗ୍ରାଉଣ୍ଡ (ଏସ୍‌ସିଜି) ଭ୍ରମଣକାରୀ ଭାରତୀୟ ଦଳ ବିପକ୍ଷରେ ଶୁକ୍ରବାର ଖେଳାଯିବାକୁଥିବା ଦିବାରାତ୍ର ଅଭ୍ୟାସ ମ୍ୟାଚ୍ ପାଇଁ ବୁଧବାର ୧୨ଜଣିଆ ଅଷ୍ଟ୍ରେଲିଆ ଦଳ ଘୋଷଣା କରାଯାଇଛି। ବର୍ତ୍ତମାନ ଫର୍ମରେ ଥିବା ଅଲରାଉଣ୍ଡର କାମେରନ ଗ୍ରୀନ୍ ଓ ଲେଗ୍ ସ୍ପିନର ମିଚେଲ ସ୍ୱେପସନଙ୍କୁ ଏଥିରେ ସାମିଲ କରାଯାଇଛି। ଭାରତ ଏ’ ବିପକ୍ଷରେ ଅଷ୍ଟ୍ରେଲିଆ ଏ’ର ପ୍ରଥମ ଅଭ୍ୟାସ ମ୍ୟାଚରେ ୨୧ବର୍ଷୀୟ ଗ୍ରୀନ୍ ୧୨୫ରନ କରି ଅପରାଜିତ ରହିଥିଲେ। ସମ୍ପୂର୍ଣ୍ଣ ଭାରତୀୟ ଦଳ ବିପକ୍ଷ ପିଙ୍କ୍‌ବଲ୍ ଗେମ୍‌ରେ ପ୍ରଭାବୀ ପ୍ରଦର୍ଶନ ସହ ଆଗକୁ ଖେଳାଯିବାକୁଥିବା ପ୍ରଥମ ଟେଷ୍ଟ ଲାଗି ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇବା ଲାଗି ସେ ଲକ୍ଷ୍ୟ ରଖିଛନ୍ତି। ଅନ୍ୟପକ୍ଷରେ ସ୍ୱେପସନ ଭାରତ ବିପକ୍ଷ ସମସ୍ତ ତିନୋଟି ଅନ୍ତର୍ଜାତୀୟ ଟି୨୦ ଖେଳିବା ସହ ୫ ଉଇକେଟ ଅକ୍ତିଆର କରିଛନ୍ତି। ତନ୍ମଧ୍ୟରେ ଫାଇନାଲ ଗେମ୍‌ରେ ତାଙ୍କ ୩ଉଇକେଟ ସଫଳତା ରହିଛି। ଏଥିପାଇଁ ସେ ମଙ୍ଗଳବାର ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ। ଅନ୍ତର୍ଜାତୀୟ ଦିନିକିଆ ଉପଅଧିନାୟକ ଆଲେକ୍ସ କାରେଙ୍କ ନେତୃତ୍ୱାଧୀନ ଅଷ୍ଟ୍ରେଲିଆ ଏ’ ଦଳରେ ଟେଷ୍ଟ ଦଳର ସଦସ୍ୟ ଜୋ ବର୍ନ୍ସ ଓ ସିନ୍ ଆବଟଙ୍କ ବ୍ୟତୀତ ଅଲରାଉଣ୍ଡର ମୋଇସେସ୍ ହେନରିକ୍ସ ଏବଂ ପେସ୍ ବୋଲର ମାର୍କ ଷ୍ଟିକେଟି, ହ୍ୟାରି କନୱେ ଏବଂ ୱିଲ ସଦରଲାଣ୍ଡଙ୍କୁ ନିଆଯାଇଛି। ଚଳିତ ଗ୍ରୀଷ୍ମଋତୁରେ ରେଡ୍‌ବଲ୍ କ୍ରିକେଟରେ ବର୍ନ୍ସଙ୍କ ଫର୍ମ ଫେରିପାଇବା ଲାଗି ସଂଘର୍ଷ ଚଳାଇଥିଲେ। ତାଙ୍କର ଆଭରେଜ ମାତ୍ର ୮.୭୧ ରହିଥିଲା। ଚୟନକର୍ତ୍ତାମାନଙ୍କ ଦୃଷ୍ଟିଆକର୍ଷଣ କରିବା ଲାଗି ବୋଧହୁଏ ଏହା ତାଙ୍କ ପାଇଁ ଶେଷ ସୁଯୋଗ। ପ୍ରଥମ ୱାର୍ମଅପ୍ ଗେମ୍‌ରେ ବର୍ନ୍ସ ୪ ଓ ‘୦’ ସ୍କୋର କରିଥିଲେ। ଶୁକ୍ରବାର ଟେଷ୍ଟ ଆଶାୟୀ ୱିଲ ପୁକୋଭସ୍କିଙ୍କ ମୁଣ୍ଡରେ ଆଘାତ ଲାଗିବାରୁ ବର୍ନ୍ସଙ୍କୁ ଦ୍ୱିତୀୟ ୱାର୍ମଅପ୍ ପାଇଁ ଦଳରେ ସାମିଲ କରାଯାଇଛି। ସମ୍ଭବତଃ ସେ ମାର୍କସ ହାରିସ୍‌ଙ୍କ ସହ ଇନିଂସ ଓପନ କରିବେ। ମଙ୍ଗଳବାର ପ୍ରଥମ ୱାର୍ମଅପ୍ ଗେମ୍ ଡ୍ର ଭାବେ ଶେଷ ହୋଇଥିଲା। ଆଡିଲେଡ୍‌ଠାରେ ଡିସେମ୍ବର ୧୭ରୁ ପ୍ରଥମ ଦିବାରାତ୍ର ଟେଷ୍ଟ ଆରମ୍ଭ ହେବ।

**ପିଙ୍କ୍ ବଲ୍ ୱାର୍ମଅପ୍ ମ୍ୟାଚ**

**ଅଷ୍ଟ୍ରେଲିଆ ଏ’ ଦଳ**

ଜୋ ବର୍ନ୍ସ, ମାର୍କସ ହାରିସ, ମୋଇସେସ୍ ହେନରିକ୍ସ, କାମେରନ ଗ୍ରୀନ୍ ନିକ୍ ମାଡିନ୍‌ସନ, ଆଲେକ୍ସ କାରେ (ଅଧିନାୟକ, ଉଇକେଟକିପର), ବେନ୍ ମ୍ୟାକ୍‌ଡରମଟ, ସିନ୍ ଆବଟ, ୱିଲ ସଦରଲାଣ୍ଡ, ହ୍ୟାରି କନୱେ, ମିଚେଲ ସ୍ୱେପ୍‌ସନ ଓ ମାର୍କ ଷ୍ଟିକେଟି।

# ପୂର୍ବତନ କୋଚ୍ ସାବେଲାଙ୍କ ପରଲୋକ

**ବୁଏନ୍ସଏୟାର୍ସ, ୯।୧୨ (ଏପି):** ପୂର୍ବତନ ଫୁଟ୍‌ବଲ କୋଚ୍ ଆଲେଜାଣ୍ଡ୍ରୋ ସାବେଲାଙ୍କ ପରଲୋକ ହୋଇଯାଇଛି। ତାଙ୍କୁ ୬୬ ବର୍ଷ ବୟସ ହୋଇଥିଲା। ସାବେଲାଙ୍କ ତତ୍ତ୍ୱାବଧାନରେ ଆର୍ଜେଣ୍ଟିନା ୨୦୧୪ ଫିଫା ବିଶ୍ୱକପ୍‌ରେ ରନର୍ସଅପ୍ ହୋଇଥିଲା। ସେ ହୃଦ୍‌ରୋଗରେ ପୀଡ଼ିତ ହୋଇ ସ୍ଥାନୀୟ ଏକ ହସ୍ପିଟାଲରେ ରହି ଚିକିତ୍ସିତ ହେଉଥିଲେ। ପୂର୍ବତନ ଏଷ୍ଟୁଡାଏଣ୍ଟ୍ସ ଡି’ ଲା ପ୍ଲାଟା ଟିମ୍‌ର ମୁଖ୍ୟ ନଭେମ୍ବର ୨୫ରେ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ, ଯେଉଁଦିନ ଫୁଟ୍‌ବଲ କିମ୍ବଦନ୍ତୀ ଡିଏଗୋ ମାରାଡୋନା ଆରିଥମିଆରେ ପୀଡ଼ିତ ହୋଇ ପ୍ରାଣ ହରାଇଥିଲେ।



ଆଲେଜାଣ୍ଡ୍ରୋ ସାବେଲା









# ରାହୁଲ ତୃତୀୟ, ଅଷ୍ଟମରେ କୋହଲି

**ଦୁବାଇ,୯।୧୨(ପି.ଟି.):** ସଦ୍ୟ ପ୍ରକାଶିତ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଟି୨୦ ର୍ୟାଙ୍କିଂରେ ଭାରତୀୟ ଅଧିନାୟକ ବିରାଟ କୋହଲି ଗୋଟିଏ ସ୍ଥାନ ଉପରକୁ ଉଠି ବ୍ୟାଟିଂ ତାଲିକାର ଅଷ୍ଟମ ସ୍ଥାନରେ ରହିଛନ୍ତି। ସେହିପରି ଓପନର ଲୋକେଶ ରାହୁଲ ଅଷ୍ଟ୍ରେଲିଆ ବିପକ୍ଷ ଟି୨୦ ସିରିଜରେ ଦମ୍‌ଦାର ପ୍ରଦର୍ଶନ କରି ତାଲିକାର ଶ୍ରେଷ୍ଠ ୩ରେ ସ୍ଥାନ ପାଇଛନ୍ତି। ଏହି ସିରିଜରେ ଭାରତ ୨-୧ରେ ବିଜୟୀ ହୋଇଥିଲା। ୮୧୬ ପଏଣ୍ଟ ହାସଲ କରି ରାହୁଲ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଦ୍ୱିତୀୟ ସ୍ଥାନରେ ପାକିସ୍ତାନର ବାବର ଆଜମ ରହିଛନ୍ତି। ଇଂଲଣ୍ଡ ବ୍ୟାଟ୍ସମ୍ୟାନ ଡେଭିଡ ମଲାନ ୯୧୫ ପଏଣ୍ଟ ପାଇ ଶୀର୍ଷ ସ୍ଥାନରେ ରହିଛନ୍ତି। ଅଷ୍ଟ୍ରେଲିଆ ସୀମିତ ଓଭର ଅଧିନାୟକ ଆରୋନ ଫିଞ୍ଚ୍ ଚତୁର୍ଥ ସ୍ଥାନକୁ ଖସିଛନ୍ତି। ସେହିପରି ବୋଲିଂ ତାଲିକାରେ ଅଷ୍ଟ୍ରେଲିଆ ଯୁବ ଲେଗ୍ ସ୍ପିନର ଆଡାମ ଜାମ୍ପା ଦୁଇଟି ସ୍ଥାନ ଉପରକୁ ଉଠି ପଞ୍ଚମ ସ୍ଥାନରେ ରହିଛନ୍ତି। ଇଂଲଣ୍ଡର କ୍ରିସ୍ ଜୋର୍ଡାନ ଟପ୍ ୧୦ରେ ସ୍ଥାନ ପାଇଛନ୍ତି। ଆଫଗାନିସ୍ତାନର ରସିଦ ଖାଁ ଓ ମୁଜିବ- ଉର- ରହମାନ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଇଂଲଣ୍ଡ ସ୍ପିନର ଆଦିଲ ରସିଦ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଅନ୍ୟପଟେ ଅଲରାଉଣ୍ଡର ତାଲିକାରେ ଆଫଗାନିସ୍ତାନର ମହମ୍ମଦ ନବୀ ଶୀର୍ଷରେ ରହିଥିବା ବେଳେ ବାଂଲାଦେଶର ସାକିବ ଅଲ ହାସନ, ଅଷ୍ଟ୍ରେଲିଆର ଗ୍ଲେନ୍ ମ୍ୟାକ୍ସୱେଲ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି।



ଲୋକେଶ ରାହୁଲ

**ଆଇସିସି ଟି୨୦ ର୍ୟାଙ୍କିଙ୍ଗ୍**



ବିରାଟ କୋହଲି






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ